# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୪/୨୦୨୧ (୨୦ ପୃଷ୍ଠା) | Bhubaneswar, Wednesday, March 24/2021 | ★★★★★★

୪୭ଶ ଭାଗ ୧୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ନୂଆ ରେକର୍ଡ କଲେ କୃନାଲ ପାଣ୍ଡ୍ୟା**

ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ପଦାର୍ପଣ ମ୍ୟାଚରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରି କୃନାଲ ପାଣ୍ଡ୍ୟା ନୂଆ ରେକର୍ଡ କରିଛନ୍ତି।

୧୯

୧୮

**ସୈଫଙ୍କ ନୂଆ ଘରେ ସାରା**

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ବାପା ସୈଫଙ୍କ ନୂଆ ଘରେ ନଜର ଆସିଥିଲେ। ଏହି ଫଟୋ ଇନ୍ଷ୍ଟାରେ ଖୁବ୍ ଭାଇରାଲ ହୋଇଛି।



# ସରକାରୀ ସ୍କୁଲ ପିଲାଙ୍କୁ ପ୍ରୋତ୍ସାହନ

## ଡାକ୍ତରୀ, ଇଞ୍ଜିନିୟରିଂ ପଢ଼ିବାକୁ ମିଳିବ ୧୫% ସଂରକ୍ଷଣ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ଡାକ୍ତରୀ, ଇଞ୍ଜିନିୟରିଂ ଓ ବୈଷୟିକ ଶିକ୍ଷାରେ ନାମଲେଖା ପାଇଁ ସରକାରୀ ହାଇସ୍କୁଲ ପିଲାଙ୍କୁ ୧୫% ସ୍ଥାନ ସଂରକ୍ଷଣ ମିଳିବ। ଏ ନେଇ ମଙ୍ଗଳବାର ବିଧାନସଭାରେ ସର୍ବସମ୍ମତିକ୍ରମେ ସଂକଳ୍ପ ପାରିତ ହୋଇଛି। ସୋମବାର ରାଜ୍ୟ କ୍ୟାବିନେଟରେ ଏହି ପ୍ରସ୍ତାବ ଅନୁମୋଦନ ହେବା ପରେ ମୁଖ୍ୟମନ୍ତ୍ରୀ

### ବିଧାନସଭାରେ ପାରିତ ହେଲା ସଂକଳ୍ପ

ନବୀନ ପଟ୍ଟନାୟକ ମଙ୍ଗଳବାର ଏ ସମ୍ପର୍କିତ ଏକ ସଂକଳ୍ପ ବିଧାନସଭାରେ ଆଗତ କରିଥିଲେ। ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ସୁପାରିସ ଆଧାରରେ ଏହି ସଂକଳ୍ପ ବିଧାନସଭାରେ ଅଣାଯାଇଥିଲା। ସରକାରୀ ସ୍କୁଲ ପିଲାଙ୍କୁ ଡାକ୍ତରୀ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବାକୁ ପୂର୍ବରୁ ସରକାର ଘୋଷଣା କରିଥିଲେ। ଏହାକୁ କମିଟି ତର୍ଜମା କରୁଥିଲା। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସର୍ବଭାରତୀୟ ସ୍ତରରେ ☞ପୃଷ୍ଠା-୪

# ବସ୍ତି ଲୋକ ପାଇବେ ୩୦ ବର୍ଗମିଟର ଜାଗା

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ବସ୍ତିରେ ରହୁଥିବା ଲୋକମାନଙ୍କୁ ଅତିକମ୍‌ରେ ୩୦ ବର୍ଗମିଟର ଜମି ଉପରେ ଅଧିକାର ପ୍ରଦାନ କରାଯିବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶା ବସ୍ତିବାସିନ୍ଦା ଭୂମି ଅଧିକାର ଅଧିନିୟମ-୨୦୧୭ର ଧାରା(୩), ଉପଧାରା(୨), ବିଭାଗ(କ) ଅନ୍ତର୍ଗତ ପ୍ରୋଭିଜନ ୨ରେ ସଂଶୋଧନ କରିଛନ୍ତି। ଓଡ଼ିଶା ବସ୍ତିବାସିନ୍ଦାଙ୍କ ପାଇଁ ଜମି ଅଧିକାର ଅଧିନିୟମ-୨୦୧୭ ସହରାଞ୍ଚଳରେ ବସ୍ତି ବାସିନ୍ଦାମାନଙ୍କୁ ଜମି ଅଧିକାର ନ୍ୟସ୍ତ କରାଯିବା ଉଦ୍ଦେଶ୍ୟରେ ପ୍ରଣୟନ କରାଯାଇଛି। ଏହି ଅଧିନିୟମ ଅନୁଯାୟୀ ପୌରପାଳିକାଗୁଡ଼ିକରେ ବାସକରୁଥିବା ବସ୍ତିବାସିନ୍ଦାଙ୍କୁ ସର୍ବାଧିକ ୪୫ ବର୍ଗମିଟର ଏବଂ ବିଜ୍ଞପିତ ଅଞ୍ଚଳ ପରିଷଦଗୁଡ଼ିକରେ ବାସକରୁଥିବା ବସ୍ତିବାସିନ୍ଦାଙ୍କୁ ସର୍ବାଧିକ ୬୦ ବର୍ଗମିଟର ଜମି ଅଧିକାର ଦେବାର ବ୍ୟବସ୍ଥା ରହିଛି। ତେବେ କୌଣସି ବସ୍ତିବାସିନ୍ଦା ଯଦି ୩୦ ବର୍ଗମିଟରରୁ କମ୍ ଜମି ଦଖଲ କରୁଥିବେ ସେମାନେ ପ୍ରଧାନମନ୍ତ୍ରୀ ☞ପୃଷ୍ଠା-୪

### କ୍ୟାବିନେଟ୍ ନିଷ୍ପତ୍ତି

- ଗଠନ ହେବ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ
- ନୂତନ ହକି ଷ୍ଟାଡିୟମ ପାଇଁ ୩୫୬ କୋଟି
- ୧୦୦ ଆଦିବାସୀ ଭାଷା ଠିକା ଶିକ୍ଷକ ନିୟମିତ ହେଲେ
- ଖଣି ଅପରାଧ ପାଇଁ ୨ ବର୍ଷ ଜେଲ

# ପହିଲାରୁ ୪୫ରୁ ଉର୍ଦ୍ଧ୍ୱଙ୍କୁ ଟିକା

ନୂଆଦିଲ୍ଲୀ, ୨୩।୩

ଦେଶର ବିଭିନ୍ନ ରାଜ୍ୟରେ କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ଆରମ୍ଭ ହୋଇଯାଇଥିବାବେଳେ ସବୁ ବର୍ଗର ଲୋକଙ୍କ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏପ୍ରିଲ ୧ତାରୁ ୪୫ରୁ ଉର୍ଦ୍ଧ୍ୱ ବୟସର ସମସ୍ତ ବ୍ୟକ୍ତି ଟିକା ନେଇପାରିବେ ବୋଲି ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛି। ଏ ନେଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଛନ୍ତି। ଉକ୍ତ ବୟସ ବର୍ଗର ସମସ୍ତ ବ୍ୟକ୍ତି ଟିକା ପାଇଁ ନାମ ପଞ୍ଜୀକରଣ କରିପାରିବେ ଅଥବା ଟିକାକରଣ କେନ୍ଦ୍ରକୁ ଯାଇ ଭାକ୍ସିନ ନେଇପାରିବେ ବୋଲି କୁହାଯାଇଛି।

ମାର୍ଚ୍ଚ ୧ରୁ ଟିକାକରଣର ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିବା ୪୫ରୁ ୬୦ ବର୍ଷ ବୟସର ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ଭାକ୍ସିନ ଦିଆଯାଉଥିଲା। ଟିକା ନେବା ପୂର୍ବରୁ ସେମାନଙ୍କୁ ସ୍ୱାସ୍ଥ୍ୟଗତ ସମସ୍ୟାର ମେଡିକାଲ ପ୍ରମାଣପତ୍ର ଦେବାକୁ ପଡୁଥିଲା। କିନ୍ତୁ ଏବେ ୪୫ରୁ ଉର୍ଦ୍ଧ୍ୱ ବୟସର ସମସ୍ତ ବ୍ୟକ୍ତି ବିନା କୌଣସି ପ୍ରମାଣପତ୍ରରେ ☞ପୃଷ୍ଠା-୮



## ଆବଶ୍ୟକ ପଡ଼ିଲେ ଲକ୍‌ଡାଉନ

ନୂଆଦିଲ୍ଲୀ, ୨୩।୩

### କେନ୍ଦ୍ରର ଏପ୍ରିଲ ଗାଇଡ୍‌ଲାଇନ

ଦେଶରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏପ୍ରିଲ ମାସ ପାଇଁ ନୂଆ ଗାଇଡ୍‌ଲାଇନ ଜାରି କରିଛନ୍ତି। ପହିଲାରୁ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ନିୟମାବଳୀକୁ କଡାକଡ଼ି ପାଳନ କରାଯିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ନିର୍ଦ୍ଦେଶନାମା ଜାରି କରାଯାଇଛି। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କୋଭିଡ୍ ☞ପୃଷ୍ଠା-୮

## ସର୍ଭିଲାନ୍ସ, ଟେଷ୍ଟିଂ ବୃଦ୍ଧିକୁ ଗୁରୁତ୍ୱ

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

କେତେକ ରାଜ୍ୟରେ ଏବେ କରୋନା ପରିସ୍ଥିତି ଦ୍ରୁତ ଗତିରେ ବିଗିଡ଼ିବାରେ ଲାଗିଛି। ଏବେଠାରୁ ପ୍ରତିରୋଧମୂଳକ ପଦକ୍ଷେପ ନ ନିଆଗଲେ ଆମ ରାଜ୍ୟ ମଧ୍ୟ ଘୋର ବିପଦର ସମ୍ମୁଖୀନ ହେବ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। ମଙ୍ଗଳବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ କୋଭିଡ୍ ମହାମାରୀର ସମ୍ଭାବ୍ୟ ☞ପୃଷ୍ଠା-୮

ମୁଖ୍ୟମନ୍ତ୍ରୀଙ୍କ ସ୍ଥିତି ସମୀକ୍ଷା



## ବାହାଘରରେ ୨୦୦, ଶୁଦ୍ଧିକ୍ରିୟାରେ ୫୦ ଜଣଙ୍କୁ ଅନୁମତି

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

ରାଜ୍ୟରେ କରୋନା ଦ୍ୱିତୀୟ ଲହର ଆସିବା ଆଶଙ୍କା କରାଯାଉଥିବାବେଳେ ରାଜ୍ୟ ସରକାର ବାହାଘର ଓ ଶୁଦ୍ଧିକ୍ରିୟା କାର୍ଯ୍ୟ ଉପରେ କଟକଣା ଜାରି କରିଛନ୍ତି। ଏନେଇ ମଙ୍ଗଳବାର ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି)ଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ପୂର୍ବରୁ ବାହାଘରରେ ସର୍ବାଧିକ ୫୦୦ ଲୋକଙ୍କୁ ଅନୁମତି ମିଳୁଥିବାବେଳେ ଏବେ ଏହି ସଂଖ୍ୟା ୨୦୦କୁ ସୀମିତ କରି ଦିଆଯାଇଛି। ସେହିପରି ଅନ୍ତିମ ସଂସ୍କାର ଓ ଶୁଦ୍ଧିକ୍ରିୟା ସମୟରେ ୫୦୦ ଲୋକଙ୍କ ବଦଳରେ ୫୦ଜଣ ଯୋଗ ଦେଇପାରିବେ। ବାହାଘର ଓ ଶୁଦ୍ଧିକ୍ରିୟା କାର୍ଯ୍ୟରେ ମାସ୍କ ପରିଧାନ ☞ପୃଷ୍ଠା-୮

**ଆଜିର ସମ୍ପାଦକୀୟ**

କିଛି ଶିଖିଲୁ ନାହିଁ




## ସୋମନାଥ ଭାରତୀଙ୍କ ଜେଲଦଣ୍ଡ କାଏମ

ଏମ୍ସ ସିକ୍ୟୁରିଟି ଷ୍ଟାଫଙ୍କୁ ମାଡ଼ ମାରିବା ଓ ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରିବା ମାମଲାରେ ଏଏପି ବିଧାୟକ ସୋମନାଥ ଭାରତୀଙ୍କୁ ହୋଇଥିବା ଜେଲଦଣ୍ଡାଦେଶକୁ ଦିଲ୍ଲୀର ଏକ କୋର୍ଟ କାଏମ ରଖିଛନ୍ତି। ୨୦୧୬ରେ ସୋମନାଥଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଅତିରିକ୍ତ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ରବୀନ୍ଦ୍ର କୁମାର ପାଣ୍ଡେ ତାଙ୍କୁ ୨ ବର୍ଷ ଜେଲ ଦଣ୍ଡ ଶୁଣାଇଥିଲେ। ରାୟକୁ ସୋମନାଥ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶୁଣାଣି ପରେ ତାଙ୍କୁ ପୋଲିସ ହାଜତକୁ ନେଇଛି।

## ସଂକ୍ଷେପରେ

### ନୂଆ ଷ୍ଟ୍ରେନ୍‌ରେ ୭୯୫ ସଂକ୍ରମିତ

**ନୂଆଦିଲ୍ଲୀ, ୨୩।୩:** ବ୍ରିଟେନ, ଦକ୍ଷିଣ ଆଫ୍ରିକା, ବ୍ରାଜିଲରେ ଦେଖାଦେଇଥିବା କରୋନା ଷ୍ଟ୍ରେନରେ ଭାରତର ୭୯୫ ଜଣ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ମାର୍ଚ୍ଚ ୧୮ରେ ଏହି ସଂଖ୍ୟା ୪୦୦ ଥିବାବେଳେ ମାତ୍ର ୫ ଦିନ ମଧ୍ୟରେ ଏଥିରେ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇଛି। ଗତ ଗୁରୁବାରଠାରୁ ନୂଆ ଷ୍ଟ୍ରେନ୍‌ରେ ସଂକ୍ରମିତ ହୋଇଥିବା ୩୯୫ ଜଣଙ୍କ ମଧ୍ୟରୁ ୩୨୬ ଜଣ କେବଳ ପଞ୍ଜାବର ବୋଲି ଜଣାପଡିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କଠାରେ ବ୍ରିଟେନ ଭାରିଏଣ୍ଟ ଚିହ୍ନଟ ହୋଇଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଉକ୍ତ ୩ ପ୍ରକାର ଷ୍ଟ୍ରେନ୍ ଦ୍ରୁତଗତିରେ ସଂକ୍ରମଣ କରିବାରେ ସକ୍ଷମ। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୪୦ ହଜାରରୁ ଅଧିକ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେବଳ ମହାରାଷ୍ଟ୍ରରେ ୨୪,୬୪୫ ଜଣ ଆକ୍ରାନ୍ତ ହୋଇଥିବାବେଳେ ଏହା ତଳକୁ ପଞ୍ଜାବ ଓ ଗୁଜରାଟ ରହିଛି।

### ୧୪ ଆତଙ୍କବାଦୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ଢାକା, ୨୩।୩:** ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ସେଠାକାର ଏକ ଅଦାଲତ ମଙ୍ଗଳବାର ୧୪ ଆତଙ୍କବାଦୀଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଢାକାର ସ୍ପିଡି ଟ୍ରାଏଲ୍ ଟ୍ରିବ୍ୟୁନାଲ-୧ ବିଚାରପତି ଅବୁ ଜାଫର ମହମ୍ମଦ କାମରୁଜମନ ରାୟ ଶୁଣାଇବାବେଳେ ଅଦାଲତରେ ୯ ଦୋଷୀଙ୍କୁ ଜେଲରୁ ଆଣି ହାଜର କରାଯାଇଥିଲା। ଅନ୍ୟ ୫ ଜଣ ଏବେ ବି ଫେରାର ଅଛନ୍ତି। ଆତଙ୍କବାଦୀ ସଙ୍ଗଠନ ହରକତଉଲ୍ ଜିହାଦ ବାଂଲାଦେଶ ସହ ସମ୍ପୃକ୍ତ ଦୋଷୀମାନଙ୍କୁ ଗୁଳିକରି ହତ୍ୟା କରାଯିବ ନଚେତ ଫାଶୀଖୁଣ୍ଟରେ ଝୁଲାଯିବ। ୨୦୦୦ ଜୁଲାଇରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ନିଜ ନିର୍ବାଚନମଣ୍ଡଳୀ କୋଟାଲିପାରାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବା ସମୟରେ ତାଙ୍କୁ ହତ୍ୟା କରିବା ଲାଗି ଆତଙ୍କବାଦୀମାନେ ୭୬ କେ.ଜି. ଓଜନର ଏକ ବୋମା ଖଞ୍ଜିଥିଲେ। ତେବେ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର ଅବତରଣ ପୂର୍ବରୁ ସୁରକ୍ଷା ସଂସ୍ଥାଗୁଡ଼ିକ ବୋମାକୁ ଠାବ କରିପାରିଥିଲେ।

### ମିଳିଲା ଦୁଇ ନିଖୋଜ ଭଉଣୀଙ୍କ ମୃତଦେହ

**ପିଲଭିଟ୍, ୨୩।୩:** ଉତ୍ତରପ୍ରଦେଶର ପିଲଭିଟ୍ ଜିଲାରେ ନିଖୋଜ ଥିବା ୨ ଭଉଣୀଙ୍କ ମୃତଦେହ ମଙ୍ଗଳବାର ଜବତ କରାଯାଇଛି। ଜଣଙ୍କ ମୃତଶରୀର ଏକ ବିଲରେ ପଡ଼ିଥିବାବେଳେ ଅନ୍ୟଜଣଙ୍କୁ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଠାବ କରାଯାଇଥିଲା। ଉଭୟଙ୍କ ବୟସ ୧୮ ଓ ୨୦ ବର୍ଷ ହେବ। ଉତ୍ତରାଖଣ୍ଡ ଓ ନେପାଳ ସୀମା ନିକଟରେ ଥିବା ଇଟା ଭାଟିରେ ସେମାନଙ୍କ ପରିବାର କାମ କରନ୍ତି। ସୋମବାର ସନ୍ଧ୍ୟାରୁ ଦୁଇ ଭଉଣୀ ନିଖୋଜ ହୋଇଯାଇଥିଲେ। ବିଳମ୍ବିତ ରାତିରେ ଯାଏ ଘରକୁ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ସକାଳେ ଉଭୟଙ୍କ ମୃତଦେହ ଠାବ କରାଯିବା ପରେ ସୂଚନା ପାଇ ପୋଲିସ ପହଞ୍ଚିଥିଲା। ମୃତାଙ୍କ ବେକରେ ଆଘାତ ଦାଗ ରହିଛି। ଦୁଇ ଭଉଣୀ ବଳାତ୍କାରର ଶିକାର ହୋଇଥିବା ସନ୍ଦେହ କରାଯାଉଛି।

## ଏମ୍‌ପିଙ୍କୁ ଏସିଡ୍ ଆକ୍ରମଣ ଧମକ


ନବନୀତ କୌର ରାଣା

ଶିବସେନା ଏମ୍‌ପି ଅରବିନ୍ଦ ସାୱନ୍ତ ଅମରାବତୀର ସ୍ୱାଧୀନ ଏମ୍‌ପି ନବନୀତ କୌର ରାଣାଙ୍କ ଉପରେ ଏସିଡ୍ ଆକ୍ରମଣ କରାଇବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ନବନୀତ ଗତ ୨୨ରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ଜଣାଇଥିବା କହିଛନ୍ତି। ଶିବ ସେନା ବିରୋଧରେ ପାର୍ଲାମେଣ୍ଟରେ କହିଲେ ଜେଲ ପଠାଇଦେବୁ ବୋଲି ଅରବିନ୍ଦ କହିଥିବା ନବନୀତ ଅଭିଯୋଗ କରିଛନ୍ତି। ଏହା ସହ ତାଙ୍କ ନିକଟକୁ ଫୋନ୍ କଲ୍ ମାଧ୍ୟମରେ ଏସିଡ୍ ଆକ୍ରମଣ ପାଇଁ ଧମକ ମିଳୁଥିବା କହିଛନ୍ତି। ଅଭିଯୋଗକୁ ଅରବିନ୍ଦ ଖଣ୍ଡନ କରି କହିଛନ୍ତି, ୨୦୧୯ରେ ଜାତିଗତ ପ୍ରମାଣପତ୍ର ସମ୍ପର୍କିତ ଏକ ମାମଲା ନବନୀତଙ୍କ ବିରୋଧରେ ଚାଲିଥିବାରୁ ସେ ଏଭଳି କହୁଛନ୍ତି।

## ମିଥୁନଙ୍କୁ ମିଳିଲାନି ଟିକେଟ



ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ଭାଜପା ଏହାର ଶେଷ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ମଙ୍ଗଳବାର ଘୋଷଣା କରିଛି। ହେଲେ ନିକଟରେ ପଦ୍ମ ଧରିଥିବା ବଲିଉଡ୍ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ଟିକେଟ୍ ଦେଇନାହିଁ ଦଳ। ଭାଜପା ପ୍ରାର୍ଥୀ ଭାବେ ରାସ୍‌ବେହରି ଆସନରୁ ମିଥୁନ ନିର୍ବାଚନ ଲଢ଼ିବେ ବୋଲି ଚର୍ଚ୍ଚା ହେଉଥିଲା। ଏବେ ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସେହି ଆସନରୁ ଦଳ ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ସୁବ୍ରତ ଶାହାଙ୍କୁ ଟିକେଟ ଦେଇଛି। ନନ୍ଦିଗ୍ରାମରେ ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ ପାଇଁ ମିଥୁନ ଆସନ୍ତା ୩୦ ତାରିଖରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି।

# କେନ୍ଦ୍ର ଟାର୍ଗେଟରେ ମହିଳା ଭୋଟର

## ଗାଁକୁ ପାନୀୟ ଜଳ

**ପାନୀୟ ଜଳ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଜରୁରୀ। ଏହା ପ୍ରତ୍ୟେକ ନାଗରିକଙ୍କ ଏକ ମୌଳିକ ଆବଶ୍ୟକତା। ଭାରତ ବିଶ୍ୱ କ୍ଷେତ୍ରଫଳର ୧୮% ହୋଇଥିଲେ ସୁଦ୍ଧା ଦେଶର ମାତ୍ର ୪% ପାଣି ପିଇବା ଯୋଗ୍ୟ। ଭାରତର ଭୂତଳ ଜଳ ସର୍ବନିମ୍ନ ସ୍ତରକୁ ଖସିଯାଇଥିବାରୁ ଲକ୍ଷ ଲକ୍ଷ ଜୀବନ ଜୀବିକା ସଙ୍କଟରେ। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଏହାକୁ ଦୃଷ୍ଟିରେ ରଖି ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ୧୯ କୋଟି ଘରକୁ ସ୍ୱଚ୍ଛ ଜଳ ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦୈନିକ ୫୫ ଲିଟର ପାନୀୟ ଜଳ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ଜଳ ଜୀବନ ମିଶନର ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାରେ ୩.୬ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବା ପାଇଁ ଟାର୍ଗେଟ ରହିଛି। ଏଥିରୁ ୧.୯୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବା ଜଳ ଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ମାର୍ଚ୍ଚ ୧୬ରେ ରାଜ୍ୟ ସଭାରେ ସୂଚନା ଦେଇଥିଲେ। ଏହି କାମ ଠିକାରେ ଚାଲିଥିବାରୁ ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି। କାରଣ ଗ୍ରାମ୍ୟ ପାନୀୟ ଜଳ କାର୍ଯ୍ୟକ୍ରମରେ ତ୍ରୁଟି ପାଇଁ ଦୁର୍ବଳ କାର୍ଯ୍ୟାନ୍ୱୟନ ଓ ଠିକା ପରିଚାଳନାକୁ ଭାରତର ନିୟନ୍ତ୍ରକ ଓ ମହାଲେଖା ସମୀକ୍ଷକ (ସିଏଜି) ୨୦୧୮ ରିପୋର୍ଟରେ ଦାୟୀ କରିଥିଲେ। ତେଣୁ ୨୦୨୪ ସାଧାରଣ ନିର୍ବାଚନକୁ ନଜରରେ ରଖି ଆରମ୍ଭ କରାଯାଇଥିବା ଯୋଜନାର ଲକ୍ଷ୍ୟ ପୂରଣ ହୋଇ ନ ପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।**



**ନୂଆଦିଲ୍ଲୀ, ୨୩।୩**

ଗରିବମାନଙ୍କୁ ରୋଷେଇ ଗ୍ୟାସ୍, ପାଇଖାନା ଓ ବିଦ୍ୟୁତ୍ ଯୋଗାଣ ଆଦି ଉପରେ ଗୁରୁତ୍ୱ ଦେବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ବିଗତ କିଛି ବର୍ଷ ଧରି ବଢ଼ାଇବାରେ ଲାଗିଛି। ଏବେ ସେ ଗ୍ରାମାଞ୍ଚଳର ପ୍ରତ୍ୟେକ ଘରକୁ ୨୦୨୪ ସାଧାରଣ ନିର୍ବାଚନ ସୁଦ୍ଧା ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କରିବାକୁ ଚାହୁଁଛନ୍ତି। ୩.୬ ଟ୍ରିଲିୟନ୍ ଟଙ୍କା (୪୯ ବିଲିୟନ ଡଲାର)ର ଏହି କାର୍ଯ୍ୟକ୍ରମରେ ଦେଶର ଗ୍ରାମାଞ୍ଚଳରେ ଥିବା ୧୯୨ ନିୟୁତ ଘରକୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ଯାହାକି ଆମେରିକାର ମୋଟ ଘର ସଂଖ୍ୟାଠାରୁ ଅଧିକ। ବର୍ତ୍ତମାନ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୩୬% ଅର୍ଥାତ୍ ୭୦ ନିୟୁତ ଭାରତୀୟଙ୍କ ଘରେ ପାଇପ୍ ପାଣି ପହଞ୍ଚୁଛି। ତେଣୁ ଧାର୍ଯ୍ୟ ସମୟ ମଧ୍ୟରେ ଏହି ଲକ୍ଷ୍ୟ ପୂରଣ କରିବା ସହଜ ହେବ ନାହିଁ।

ଜଳ ଯୋଗାଣ ଯୋଜନା କ୍ରମଶଃ ଏକ ଜରୁରୀ ରାଜନୈତିକ ପ୍ରସଙ୍ଗ ପାଲଟିବାରେ ଲାଗିଛି। ଉପଲବ୍ଧ ଯୋଗାଣ ତୁଳନାରେ ୨୦୩୦ ସୁଦ୍ଧା ଚାହିଦା ଦୁଇଗୁଣ ହେବ ବୋଲି ସରକାରଙ୍କ ଯୋଜନା ପ୍ରଣୟନକାରୀ ସଂସ୍ଥା ଆକଳନ କରିଛି। ଏପରି ହେଲେ କୋଟି କୋଟି ଭାରତୀୟଙ୍କ ପାଇଁ ପାନୀୟ ଜଳ ନିଅଣ୍ଟ ହେବ। ଫଳରେ ଆର୍ଥିକ ବିକାଶ ବାଧାପ୍ରାପ୍ତ ହେବ। ନୀତି ଆୟୋଗର ଆର୍ଥିକ ସହାୟତାରେ ନୂଆଦିଲ୍ଲୀସ୍ଥିତ ଡାଲବର୍ଗ ଡେଭେଲପ୍‌ମେଣ୍ଟ ଆଡ୍‌ଭାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏକ ଅଧ୍ୟୟନ କରାଯାଇଥିଲା। ୨୦୧୮ ଜୁନ୍ ୧୨ରେ ପ୍ରକାଶିତ ଏହାର ରିପୋର୍ଟ ଅନୁସାରେ ଭାରତର ଭୂତଳ ଜଳ ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଏହି ସଙ୍କଟ ଫଳରେ ଲକ୍ଷ ଲକ୍ଷ ଜୀବନ ଜୀବିକା ପ୍ରତି ବିପଦ ଦେଖାଦେଇଛି।

ସମ୍ପ୍ରତି ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ଭୂତଳ ଜଳ ଉତ୍ପାଟନକାରୀ ଦେଶ। ଚାଇନା ଓ ଆମେରିକା ମିଶି ଯେତିକି ଭୂତଳ ଜଳ ବ୍ୟବହାର କରୁଛନ୍ତି ଭାରତ ମାଟି ତଳୁ ଟାଣୁଥିବା ପାଣିର ପରିମାଣ ତା'ଠୁ ଢେର ଅଧିକ। ଏହି ପରିମାଣ ବିଶ୍ୱର ଏକ-ଚତୁର୍ଥାଂଶ ବୋଲି ୱାଟର ଏଡ୍ ପକ୍ଷରୁ ହିସାବ କରାଯାଇଛି। ୨୦୦୭ରୁ ୨୦୧୭ ମଧ୍ୟରେ ଭାରତରେ ଭୂତଳ ଜଳସ୍ତର ୬୧% ହ୍ରାସ ପାଇଥିଲା ବୋଲି ଜଳସେଚନ ପରିସଂଖ୍ୟାନ ଆଧାରିତ ତଥ୍ୟର ଅବତାରଣା କରି ୨୦୧୯ ନଭେମ୍ବରରେ କେନ୍ଦ୍ର ସରକାର ପାର୍ଲାମେଣ୍ଟକୁ ଅବଗତ କରାଇଥିଲେ। ତେବେ ଆମେରିକାର ମୋଣ୍ଟପେଲିଏରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସଷ୍ଟେନେବଲ କମ୍ୟୁନିଟିଜ୍ ଆସୋସିଏଟ୍ ଡାଇରେକ୍ଟର ରୋମିତ୍ ସେନ କହିଛନ୍ତି, ଭାରତ ଏକକାଳୀନ ଜଳ ଉତ୍ସଗୁଡ଼ିକୁ ସଶକ୍ତ କରିପାରିଲେ ଗ୍ରାମାଞ୍ଚଳର ୧୯ କୋଟି ଘରକୁ ପିଇବା ପାଣି ଯୋଗାଇବା ଯୋଜନା କାମ ଦେବ। ପ୍ରକାଶ ଯେ ଅତୀତରେ ଭାରତର ଗାଁଗୁଡ଼ିକୁ ପାନୀୟ ଜଳ ଯୋଗାଣ ଉଦ୍ୟମ ବିଫଳ ହୋଇଛି। ଗ୍ରାମ୍ୟ ପାନୀୟ ଜଳ କାର୍ଯ୍ୟକ୍ରମରେ ତ୍ରୁଟି ପାଇଁ ଦୁର୍ବଳ କାର୍ଯ୍ୟାନ୍ୱୟନ ଓ ଠିକା ପରିଚାଳନାକୁ ଭାରତର ନିୟନ୍ତ୍ରକ ଓ ମହାଲେଖା ସମୀକ୍ଷକ (ସିଏଜି)ଙ୍କ ୨୦୧୮ ରିପୋର୍ଟରେ ଦାୟୀ କରାଯାଇଥିଲା। ୨୦୨୧ରେ ସରକାର ଏହି ଯୋଜନାରେ ୨୭ ବିଲିୟନ ଡଲାରର କାମ ଠିକାରେ ଦେବା ପାଇଁ ଯୋଜନା କରିଛନ୍ତି। ତେଣୁ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି।

୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ସୀମାରେ ଲକ୍ଷାଧିକ ଚାଷୀ ୪ ମାସ ହେଲା ଆନ୍ଦୋଳନ କରୁଛନ୍ତି। ମୋଦି ସରକାରଙ୍କ ଉପରେ ସେମାନଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଯୋଗୁ ଜରୁରୀ ସାମଗ୍ରୀଗୁଡ଼ିକର ମୂଲ୍ୟ ଆକାଶଛୁଆଁ ହୋଇଛି। ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରୁ ନ ଥିବାରୁ ବେକାର ସମସ୍ୟା ବଢ଼ିବାରେ ଲାଗିଛି। ମୋଦି ଓ ତାଙ୍କ ଦଳ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରାଉଛନ୍ତି ବୋଲି ଅଭିଯୋଗ ଆଣୁଥିବା ବିରୋଧୀ ଦଳଗୁଡ଼ିକ ପାଇଁ ଏସବୁ ଅସ୍ତ୍ର ପାଲଟିଛି। ଏହାସତ୍ତ୍ୱେ ପାଇପ୍ ଯୋଗେ ଜଳ ଯୋଗାଣ ଭଳି କାର୍ଯ୍ୟକ୍ରମ ଭାଜପାକୁ ଦେଶରେ ୨୦୧୪ରୁ କ୍ଷମତାରେ ରହିବା ପାଇଁ ସହାୟକ ହୋଇଛି। ମୋଦି ସରକାର କ୍ଷମତାକୁ ଆସିବା ପରଠାରୁ ମହିଳା ଭୋଟରମାନଙ୍କୁ ନଜରରେ ରଖି ଜନମଙ୍ଗଳକାରୀ ଯୋଜନାଗୁଡ଼ିକୁ ବ୍ୟବହାର କରିଛନ୍ତି। ୨୦୧୬ରେ ସରକାର ଗରିବ ପରିବାରମାନଙ୍କ ପାଇଁ ରୋଷେଇ ଇନ୍ଧନରେ ସବ୍‌ସିଡି ଦେଇଥିଲେ। ୨ ବର୍ଷ ପରେ ୨୦୧୯ ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ସର୍ବନିମ୍ନ ମଜୁରି ଏବଂ ଘରୋଇ ଶ୍ରମିକମାନଙ୍କ (ଯାହାଙ୍କ ମଧ୍ୟରୁ ଅଧିକାଂଶ ମହିଳା) ପାଇଁ ସାମାଜିକ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ। ଏହାସହ ମାତୃତ୍ୱ ଓ ଶିଶୁଯତ୍ନ ସୁବିଧା ମଧ୍ୟ ବୃଦ୍ଧି କରିଥିଲେ। ସାମାଜିକ-ରାଜନୈତିକ ଦୃଷ୍ଟିରୁ ଏଭଳି କାର୍ଯ୍ୟକ୍ରମର ଯଥାର୍ଥତା ରହିଛି। ଭାରତର ଅଧିକାଂଶ ଭାଗରେ ମହିଳାମାନେ ହିଁ ନିଜ ପରିବାର ପାଇଁ ପିଇବା ପାଣି ଆଣିଥାଆନ୍ତି। ଏହି ସ୍ଥଳେ ମୋଦି ସରକାରଙ୍କ ଜଳଯୋଗାଣ ଯୋଜନା ଏକ ମହତ୍ତ୍ୱାକାଂକ୍ଷୀ ପରିକଳ୍ପନା ବୋଲି ନୂଆଦିଲ୍ଲୀର ସେଣ୍ଟର ଫର୍ ପଲିସି ରିସର୍ଚ୍ଚ ଗବେଷକ ଆଦିତ୍ୟ ଭୋଲ କହିଛନ୍ତି।

## 'କେବଳ ମୋଦିଙ୍କ ମିଛ କାରଖାନା ରହିବ'

**କୋଲକାତା, ୨୩।୩**

### ସରକାରୀ ସଂସ୍ଥାଗୁଡ଼ିକୁ ବିକି ଦେଉଛି କେନ୍ଦ୍ର: ମମତା



କେନ୍ଦ୍ର ସରକାର ସରକାରୀ ସଂସ୍ଥାଗୁଡ଼ିକୁ ବିକି ଦେଉଛନ୍ତି। କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମିଛ କାରଖାନା' ରହିବ ବୋଲି ମଙ୍ଗଳବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ସମାଲୋଚନା କରିଛନ୍ତି। ପୁରୁଲିଆ ଜିଲାର ପାରା, କାଶୀପୁର ଓ ରଘୁନାଥପୁରରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ଭାଜପା ପଶ୍ଚିମବଙ୍ଗର ଲୋକଙ୍କ ପାଇଁ କ'ଣ ସବୁ କରିବ ସେନେଇ ବିଜ୍ଞାପନରେ ବଡ଼ ବଡ଼ ଦାବି କରୁଛି। କିନ୍ତୁ ଏହି ଦଳ ପୂର୍ବରୁ ଆସାମ ଓ ତ୍ରିପୁରା ବିଧାନସଭା ନିର୍ବାଚନ ବେଳେ ଏହାର ଇସ୍ତାହାରରେ ଯେଉଁ ପ୍ରତିଶ୍ରୁତି ଦେଇଥିଲା ସେଥିରୁ ଓହରିଯାଇଛି। ଉତ୍ତର-ପୂର୍ବର ଏହି ଦୁଇ ରାଜ୍ୟରେ ଭାଜପା ସରକାର ହଜାର ହଜାର ସରକାରୀ କର୍ମଚାରୀଙ୍କ ନିଯୁକ୍ତି ଛଡ଼ାଇନେଇଛନ୍ତି। କେନ୍ଦ୍ର ସରକାର ଜାତୀୟକରଣ ହୋଇଥିବା ସମସ୍ତ ଟେଲିକମ୍ ସଂସ୍ଥା ଓ ବ୍ୟାଙ୍କକୁ ବିକ୍ରି କରିବା ପାଇଁ ଯୋଜନା ଚଳାଇଛନ୍ତି। ସରକାରୀ ବିମାନ ଚଳାଚଳ ସଂସ୍ଥା ଏୟାର ଇଣ୍ଡିଆ, ଅନ୍ୟ ସରକାରୀ କମ୍ପାନୀ ଓ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ସଂସ୍ଥାକୁ ମଧ୍ୟ ବିକିବା ପାଇଁ ଯୋଜନା କରୁଛନ୍ତି। ଫଳରେ ହଜାର ହଜାର କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି।

## ଅମ୍ଫାନ ରିଲିଫ୍ ପାଣ୍ଠି ଆତ୍ମସାତ୍ କରିଛି ଟିଏମ୍‌ସି: ଶାହା

**ଗୋସାବା, ୨୩।୩**

ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ସରକାର ଅମ୍ଫାନ ରିଲିଫ୍ ପାଣ୍ଠିକୁ ଆତ୍ମସାତ୍ କରିଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଙ୍ଗଳବାର ଅଭିଯୋଗ ଆଣିଛନ୍ତି। ଗୋସାବାରେ ଭାଜପାର ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ଶାହା କହିଛନ୍ତି, ସାମୁଦ୍ରିକ ଝଡ଼ ଅମ୍ଫାନରେ ସୁନ୍ଦରବନ ଅଞ୍ଚଳର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏଥିପାଇଁ କେନ୍ଦ୍ର ସରକାର ଦେଇଥିବା ରିଲିଫ୍ ଅର୍ଥକୁ ଟିଏମ୍‌ସି ଆତ୍ମସାତ୍ କରିଛି। ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ଏହାର ତଦନ୍ତ ପାଇଁ କମିଟି ଗଠନ କରାଯିବ। କେନ୍ଦ୍ର ସରକାର ୧୦,୦୦୦ କୋଟି ଟଙ୍କା ରିଲିଫ୍ ପାଇଁ ପଠାଇଛନ୍ତି। ଆପଣମାନେ ଟଙ୍କାଟିଏ ହେଲେ ପାଇଛନ୍ତି କି ବୋଲି ଶାହା ପ୍ରଶ୍ନ କରିଛନ୍ତି। ପୁତୁରା (ଅଭିଷେକ ବାନାର୍ଜୀ) ଓ କମ୍ପାନୀ ଏହି ଅର୍ଥ ହଡ଼ପ କରିଥିବା ଶାହା ସମାଲୋଚନା କରିଛନ୍ତି।

## ପୋଲିସ ସମେତ ୧୦ ମୃତ

**ୱାଶିଂଟନ୍, ୨୩।୩**

ଆମେରିକାର କଲରାଡୋ ରାଜ୍ୟରେ ଆତତାୟୀଙ୍କ ଗୁଳିରେ ସୋମବାର ଜଣେ ପୋଲିସ ଅଫିସରଙ୍କ ସମେତ ମୋଟ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ବନ୍ଧୁକଧାରୀ ବୋଲ୍ଡର ସହରସ୍ଥିତ ଏକ ଗ୍ରସୋରୀ ମାର୍କେଟରେ ପଶି ଗୁଳି ଚଳାଇଥିଲେ। ପୋଲିସ ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖିଛି। କିଙ୍ଗ୍ ସୁପରମାର୍କେଟରେ ଘଟିଥିବା ଏହି ଘଟଣାର ଲାଇଭ୍ ଭିଡିଓ ସୋସିଆଲ ମିଡିଆରେ ପ୍ରତ୍ୟକ୍ଷଦର୍ଶୀମାନେ ଅପ୍‌ଲୋଡ୍ କରିଛନ୍ତି। ସ୍ଥାନୀୟ ଲୋକେ ଉକ୍ତ ମାର୍କେଟରେ ସାମଗ୍ରୀ କିଣାକିଣି କରୁଥିବାବେଳେ ଜଣେ ବନ୍ଧୁକଧାରୀ ହଠାତ୍ ସେଠାରେ ଗୁଳିଚାଳନା କରିଥିଲେ। ସେହି ସମୟରେ ପୋଲିସ ଅଫିସର ଏରିକ୍ ଟାଲି(୫୧) ପ୍ରଥମେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ଗୁଳି ବାଜି ଏରିକଙ୍କ ମୃତ୍ୟୁ ଘଟିଥିଲା। ପ୍ରାୟ ସପ୍ତାହେ ପୂର୍ବରୁ ଜର୍ଜିଆର ଆଟଲାଣ୍ଟା ଅଞ୍ଚଳରେ ହୋଇଥିବା ଗୁଳିକାଣ୍ଡରେ ୮ ଜଣଙ୍କ ମୃତ୍ୟୁ ଘଟିଥିଲା।

### କଲରାଡୋରେ ଗୁଳିକାଣ୍ଡ




## ୧୫ ଦଗ୍ଧ, ୪୦୦ ନିଖୋଜ

### ଶରଣାର୍ଥୀ ଶିବିରରେ ନିଆଁ

**କୋକ୍ସବାଜାର, ୨୩।୩**

ବାଂଲାଦେଶର କୋକ୍ସ ବାଜାରସ୍ଥିତ ରୋହିଙ୍ଗ୍ୟା ଶରଣାର୍ଥୀ ଶିବିରରେ ସୋମବାର ଭୀଷଣ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅନ୍ୟୂନ ୧୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୦୦ରୁ ଊର୍ଦ୍ଧ୍ୱ ନିଖୋଜ ହୋଇଯାଇଥିବା ଜାତିସଂଘ ଶରଣାର୍ଥୀ ସଂସ୍ଥା ୟୁଏନ୍‌ଏଚ୍‌ସିଆର୍ ପକ୍ଷରୁ କୁହାଯାଇଛି। ନିଆଁରେ ୧ ହଜାରରୁ ଅଧିକ ଘର ଜଳିପୋଡ଼ି ଛାରଖାର ହୋଇଯାଇଛି। ବାଂଲାଦେଶର ଦକ୍ଷିଣ ପୂର୍ବ ସହର କୋକ୍ସବାଜାର ଶରଣାର୍ଥୀ ଶିବିରରେ ପ୍ରାୟ ୧୧ ଲକ୍ଷ ରୋହିଙ୍ଗ୍ୟା ରହୁଥିଲେ। ବାଲୁଖାଲି ଶିବିରରେ ହଠାତ୍ ନିଆଁ ଲାଗିଥିଲା। ସେଠାରେ ୧୨୪,୦୦୦ ଶରଣାର୍ଥୀ ଥିଲେ। ଚାହୁଁ ଚାହୁଁ ଚତୁର୍ଦ୍ଦିଗକୁ ନିଆଁ ବ୍ୟାପିଯାଇଥିଲା। ଏଥିରେ ୧୫ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବାବେଳେ ୪୦୦ରୁ ଅଧିକ ଶରଣାର୍ଥୀଙ୍କ ପତ୍ତା ମିଳୁନାହିଁ। ୫୬୦ ଜଣ ଆହତ ଏବଂ ୪୫,୦୦୦ ଲୋକ ବିସ୍ଥାପିତ ହୋଇଛନ୍ତି ବୋଲି ୟୁଏନ୍‌ଏଚ୍‌ସିଆର୍‌ର ଜୋହନେସ୍ ଭନ୍ ଡେର୍ କ୍ଲାଉ ସୂଚନା ଦେଇଛନ୍ତି। ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ୍ ରେଡ୍‌କ୍ରସ୍ ଆଣ୍ଡ ରେଡ୍ କ୍ରେସ୍‌କେଣ୍ଟ ସୋସାଇଟିଜ୍‌ର ବାଂଲାଦେଶ ପ୍ରତିନିଧି ମୁଖ୍ୟ ସଞ୍ଜୀବ କାଫ୍‌ଲେ କହିଛନ୍ତି, ୧୭,୦୦୦ରୁ ଅଧିକ ଆଶ୍ରୟସ୍ଥଳ ଧ୍ୱସ୍ତ ହୋଇଯାଇଛି। ହଜାର ହଜାର ଲୋକ ବିସ୍ଥାପିତ ହୋଇଛନ୍ତି।

୩ ବର୍ଷ ପୂର୍ବେ ମ୍ୟାନ୍‌ମାରର ରାଖାଇନ୍ ଷ୍ଟେଟ୍‌ରେ ସାମରିକ ଅତ୍ୟାଚାର ସହି ନ ପାରି ଲକ୍ଷ ଲକ୍ଷ ରୋହିଙ୍ଗ୍ୟା ମୁସଲମାନ ଜୀବନ ବଞ୍ଚାଇବା ପାଇଁ ବାଂଲାଦେଶ ସମେତ ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକୁ ପଳାୟନ କରିଥିଲେ। ନିକଟରେ ବାଂଲାଦେଶ ସରକାର ସେଠାରେ ଶରଣ ନେଇଥିବା କେତେଜଣ ରୋହିଙ୍ଗ୍ୟାଙ୍କୁ ଏକ ଦ୍ୱୀପରେ ଥିବା ଶିବିରରେ ଥଇଥାନ କରିଛନ୍ତି। ସରକାରଙ୍କ ଯୁକ୍ତି ହେଉଛି ନୂଆ କ୍ୟାମ୍ପ କୋକ୍ସ ବାଜାରଠାରୁ ଅଧିକ ସୁରକ୍ଷିତ। ମାନବାଧିକାର ସଙ୍ଗଠନଗୁଡ଼ିକ ଏହି ପଦକ୍ଷେପକୁ ବିରୋଧ କରିଛନ୍ତି।

**କୋକ୍ସବାଜାର ବାଲୁଖାଲି କ୍ୟାମ୍ପ୍‌ରେ ରହୁଥିଲେ ୧୨୪,୦୦୦ ରୋହିଙ୍ଗ୍ୟା**



ରେଫ୍ୟୁଜି କ୍ୟାମ୍ପଗୁଡ଼ିକୁ ଗିଳି ଦେଇଛି ନିଆଁ। କାଠ ଓ ବାଉଁଶରେ ନିର୍ମିତ ଘରଗୁଡ଼ିକ ପାଉଁଶ ପାଲଟିଯାଇଥିବାବେଳେ ନିଆଁକୁ ଆୟତ୍ତ କରିପାରି ନ ଥିଲେ ଅଗ୍ନିଶମ ବାହିନୀ। ୬ ଘଣ୍ଟାର ଅକ୍ଲାନ୍ତ ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ହେଲେ ରାତିସାରା ଧୂଆଁ ଉଠୁଥିବା ଦେଖିବାକୁ ମିଳିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଏହାକୁ ଉକ୍ତ କ୍ୟାମ୍ପ୍‌ରେ ଲାଗିଥିବା ସବୁଠୁ ବଡ଼ ନିଆଁ ବୋଲି କୁହାଯାଉଛି। ଗତ ଜାନୁୟାରୀରେ ଘଟିଥିବା ଅଗ୍ନିକାଣ୍ଡରେ ହଜାର ହଜାର ଶରଣାର୍ଥୀ ବାସହରା ହୋଇଯାଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୪୫,୩୪,୨୧୯ | ୨୭,୩୯,୪୭୬ | ୧୦,୦୪,୬୯,୪୦୦ |
| ଭାରତ | ୧,୧୭,୨୬,୩୬୪ | ୧,୬୦,୪୨୭ | ୧,୧୧,୯୮,୫୧୫ |
| ଓଡ଼ିଶା | ୩,୩୯,୦୭୬ | ୧୯୧୯(+୫୩) | ୩,୩୬,୨୬୬ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



ବିସ୍ଫୋରଣରେ ନଷ୍ଟ ହୋଇଯାଇଥିବା ବସ୍।

# ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣ

# ୫ ଯବାନ ଶହୀଦ

**ମାଲକାନଗିରି,୨୩।୩(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲାର କନହର ଜଙ୍ଗଲ ରାସ୍ତାରେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ୍ କରି ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟାଇଛନ୍ତି। ଫଳରେ ୫ଜଣ ଯବାନ ଶହୀଦ ହେବା ସହ ୮ଜଣ ଗୁରୁତର ହୋଇଛନ୍ତି। ୨୧ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ୫ଶହୀଦ ଯବାନଙ୍କ ମଧ୍ୟରେ ଜଣେ ଗାଡ଼ିଚାଳକ ହୋଇଥିବା ବେଳେ ଅନ୍ୟ ୪ଜଣ ଡିଆର୍‌ଜି ଯବାନ ରହିଛନ୍ତି। ଖବରରୁ ପ୍ରକାଶ, ଏକ ବସ୍‌ରେ ୪୦ଜଣ ଯବାନ ମଙ୍ଗଳବାର ସକାଳେ କୋମ୍ବିଂ ଅପରେଶନରେ କନହର ଜଙ୍ଗଲକୁ ଯାଇଥିଲେ। ମଧ୍ୟାହ୍ନରେ ସେମାନେ ଫେରୁଥିବା ବେଳେ ସେମାନଙ୍କୁ ଟାର୍ଗେଟ୍ କରି ମାଓବାଦୀମାନେ ରାସ୍ତାରେ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। ଟାର୍ଗେଟ୍ ସ୍ଥାନରେ ବସ୍‌ଟି ପହଞ୍ଚିବା ପରେ ବିସ୍ଫୋରଣ ହୋଇଥିଲା। ଗୁରୁତର ଆହତ ଯବାନଙ୍କୁ ସ୍ଥାନୀୟ ନାରାୟଣପୁର ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ବିସ୍ଫୋରଣରେ ବସ୍‌ଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜୋର୍‌ଦାର କରାଯାଇଛି। ଅଞ୍ଚଳର ସମସ୍ତ ସୀମା ସିଲ୍ ହୋଇଥିବା ଡିଜି(ମାଓବାଦୀ ଅପରେଶନ) ଅଶୋକ ଜୁନେଜା ସୂଚନା ଦେଇଛନ୍ତି।

# ୨୮୩ କମ୍ପାନୀ ଦେବାଳିଆ

**ମହାମାରୀ ମାଡ଼**

**ନୂଆଦିଲ୍ଲୀ,୨୩।୩:** କରୋନା ମହାମାରୀ ନିୟନ୍ତ୍ରଣ କରିବା ଲାଗି ଗତବର୍ଷ ସରକାର ସାରା ଦେଶକୁ ଲକଡାଉନ କରିଥିଲେ। ମହାମାରୀ ପ୍ରଭାବରେ ଦେଶର ଅର୍ଥ ବ୍ୟବସ୍ଥା ସଙ୍କଟ ସ୍ଥିତିକୁ ଚାଲିଯାଇଛି। ବର୍ତ୍ତମାନ ସୁଦ୍ଧା ବଜାର ସ୍ଥିତି ଟ୍ରାକକୁ ଫେରିପାରିନାହିଁ। ଏଭଳି ସ୍ଥିତିରେ ଦେଶର ୨୮୦ରୁ ଊର୍ଦ୍ଧ୍ୱ କମ୍ପାନୀ ଦେବାଳିଆ ହୋଇଥିବା ଖବର ସାମ୍ନାକୁ ଆସିଛି। ସାରା ଦେଶରେ ରହିଥିବା ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ୍ସ(ଏନ୍‌ସିଏଲ୍‌ଟି)ଗୁଡିକରେ ମୋଟ ୨୮୩ କମ୍ପାନୀ ଦେବାଳିଆ ସମାଧାନ ଲାଗି ଆବେଦନ କରିଛନ୍ତି।

ଲୋକସଭାକୁ ଏକ ଲିଖିତ ଉତ୍ତର ଯୋଗେ କେନ୍ଦ୍ର ଅର୍ଥ ରାଷ୍ଟ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ୨୦୨୦ ଏପ୍ରିଲ ପହିଲାରୁ ୩୧ ଡିସେମ୍ବର ମଧ୍ୟରେ ମୋଟ ୭୬ କର୍ପୋରେଟ ଇନସଭଲଭେନ୍ସି ରିଜଲ୍ୟୁଶନ ପ୍ରୋସେସ( ସିଆଇଆର୍‌ପି) ସମାଧାନ କରାଯାଇଛି। ୧୨୮ ସିଆଇଆର୍‌ପିକୁ ବନ୍ଦ କରାଯାଇଛି। ମାମଲା ଉଠାଇ ନେବା, ଅପିଲ କିମ୍ବା ସମାଧାନ ଦ୍ୱାରା ଏଭଳି ହୋଇଛି। ସେହିଭଳି ୧୮୯ କମ୍ପାନୀ ଇକ୍ୟୁଡେଶନ ଗ୍ରହଣ କରିଛନ୍ତି। ସିଆଇଆର୍‌ପି ଧାରା ୭,୯ ଏବଂ ୧୦ ଅନୁସାରେ ସରକାର ଏହି ପ୍ରକ୍ରିୟାକୁ ୬ ମାସ ଲାଗି ବନ୍ଦ ରଖିଥିଲେ। ୨୦୨୦ ମାର୍ଚ୍ଚ ୨୫ ପରଠାରୁ ଏହାର ଅବଧି ଗୋଟିଏ ବର୍ଷ ମଧ୍ୟରେ ରଖିବାକୁ ନିୟମ ରହିଥିଲା। ଏହା ଦ୍ୱାରା କିଛି କମ୍ପାନୀ ଦେବାଳିଆ ପ୍ରକ୍ରିୟାକୁ ଯିବାରୁ ବର୍ତ୍ତିଯାଇଥିଲେ। ଗତ ବର୍ଷ ମାର୍ଚ୍ଚ ପୂର୍ବରୁ ଖିଲାପୀ କମ୍ପାନୀଙ୍କୁ ମହାମାରୀ ସମୟରେ ଦେବାଳିଆ ଘୋଷଣା କରାଯାଇଛି।

ଅପରପକ୍ଷରେ ବର୍ତ୍ତମାନ ଭାରତରେ କରୋନା ମହାମାରୀର ନୂଆ ମାମଲା ବଢୁଥିବା ନଜରକୁ ଆସିଛି। ବର୍ତ୍ତମାନ ସଙ୍କଟରେ ରହିଥିବା ଅର୍ଥ ବ୍ୟବସ୍ଥାକୁ ଏହା ପୁଣି ଥରେ ସଙ୍କଟ ସ୍ଥିତିକୁ ନେଇଯାଇପାରେ ବୋଲି ଆଶଙ୍କା କରାଯାଉଛି। କାରଣ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ସୁଦ୍ଧା ଟ୍ରାକକୁ ଫେରିପାରିନାହିଁ। ଗତ ବର୍ଷ ଲକଡାଉନ ଯୋଗୁ ଅନେକ ଲୋକ ନିଯୁକ୍ତି ହରାଇଛନ୍ତି। ନୂଆ ସଂକ୍ରମଣ ବଢିଲେ ବଜାରକୁ ପୁଣି ଥରେ ଟ୍ରାକକୁ ଫେରିବାରେ ଅନେକ ଅସୁବିଧା ସାମ୍ନା କରିବାକୁ ପଡିବ ବୋଲି ରିଜର୍ଭ ବ୍ୟାଙ୍କର ସଦ୍ୟତମ ମାସିକ ବୁଲେଟିନରେ କୁହାଯାଇଛି।







**ଆଜିର ମନ୍ତବ୍ୟ**

"ପେଟ୍ରୋଲ ଓ ଡିଜେଲ ଦରକୁ ଜିଏସ୍‌ଟି ଅଧୀନକୁ ଆଣିବା ଲାଗି ପରବର୍ତ୍ତୀ କାଉନ୍‌ସିଲ ବୈଠକରେ ଆଲୋଚନା କରିବା ପାଇଁ ସରକାର ପ୍ରସ୍ତୁତ।
–ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ଗାୟତ୍ରୀ
ପରିବାରବର୍ଗ


ପ୍ରତ୍ୟୁଷ
ପରିବାରବର୍ଗ


ରାଜସ୍ମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ସରକାରୀ ସ୍କୁଲ...

**ପ୍ରଥମ ପୃଷ୍ଠାରୁ...**

ନିଟ୍ ଏବଂ ଜେଇଇ ପ୍ରବେଶିକା ପରୀକ୍ଷା ପ୍ରଚଳନ ହେବା ପରେ ରାଜ୍ୟରେ ସରକାରୀ ସ୍କୁଲ ଓ କଲେଜଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କର ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇବା ପରିଲକ୍ଷିତ ହେଉଛି। ଏହି ଛାତ୍ରୀଛାତ୍ରମାନଙ୍କ ମେଧାର ଅଭାବ ଯୋଗୁ ନୁହେଁ ବରଂ ଏହିସବୁ ପରୀକ୍ଷା ପାଇଁ ଆବଶ୍ୟକ ହେଉଥିବା କୋଚିଂ ସୁବିଧା ପାଇପାରୁ ନ ଥିବାରୁ ପ୍ରବେଶିକା ପରୀକ୍ଷାରେ ଭଲ ପ୍ରଦର୍ଶନ କରିପାରୁନାହାନ୍ତି। ଏଥିପାଇଁ ଯେଉଁ ସ୍ୱତନ୍ତ୍ର ତାଲିମ ଆବଶ୍ୟକ ତାହା କେବଳ ଏହି କୋଚିଂ ସେଣ୍ଟରଗୁଡ଼ିକରେ ହିଁ ଉପଲବ୍ଧ ହୋଇଥାଏ। କୋଚିଂ ସେଣ୍ଟରଗୁଡ଼ିକ ମୁଖ୍ୟତଃ ସହରଭିତ୍ତିକ ଏବଂ ସେଠାରେ ତାଲିମ ନେବା ପାଇଁ ବିପୁଳ ପରିମାଣ ଅର୍ଥର ଆବଶ୍ୟକତା ରହିଛି। ସରକାରୀ ସ୍କୁଲ ଓ କଲେଜରେ ପଢୁଥିବା ପିଲାମାନଙ୍କ ପକ୍ଷରେ ଆର୍ଥିକ ଦୃଷ୍ଟିରୁ ଏହି ସବୁ କୋଚିଂ କେନ୍ଦ୍ରରେ ତାଲିମ ନେବା ସମ୍ଭବ ହୋଇପାରୁ ନାହିଁ। ଏହାଛଡ଼ା କୋଚିଂ ସେଣ୍ଟରଗୁଡ଼ିକଠାରୁ ଦୂରରେ ରହୁଥିବାରୁ ନିୟମିତ କୋଚିଂ ନେବା ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଏହା ଓଡ଼ିଶାର ସଂଖ୍ୟାଧିକ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ଅସମାନ ପରିସ୍ଥିତି ସୃଷ୍ଟି କରୁଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ କ୍ୟାବିନେଟ ଓଡ଼ିଶାର ସରକାରୀ ମେଡିକାଲ ଓ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ସରକାରୀ ସ୍କୁଲରେ ପଢୁଥିବା ପିଲାମାନଙ୍କ ପାଇଁ ଉପଯୁକ୍ତ ସଂଖ୍ୟକ ସ୍ଥାନ ସଂରକ୍ଷଣ ଲାଗି ସଂକଳ୍ପ ଗ୍ରହଣ କରିଛି। ଏ ସମ୍ପର୍କରେ ଆବଶ୍ୟକ ସୁପାରିସ କରିବା ପାଇଁ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରାଯାଇଥିଲା। ଏହି କମିଟି ପରିସ୍ଥିତିର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ଓ ବିଶ୍ଳେଷଣ କରିବା ପରେ କେତେକ ସୁପାରିସ କରିଛନ୍ତି।

କମିଟି ପକ୍ଷରୁ ଅନୁଧ୍ୟାନ କରି କୁହାଯାଇଛି ଯେ, ଓଡ଼ିଶାରେ ସରକାରୀ ସ୍କୁଲଗୁଡ଼ିକରେ ୮୬ ପ୍ରତିଶତ ପିଲା ପାଠ ପଢୁଥିବା ବେଳେ ରାଜ୍ୟ ମେଡିକାଲ କଲେଜରେ ୨୩ ପ୍ରତିଶତ ଏବଂ ଇଞ୍ଜିନିୟରିଂ କଲେଜରେ ୨୧ ପ୍ରତିଶତ ସିଟ୍‌ରେ ସ୍ଥାନ ପାଇବାରେ ସଫଳ ହେଉଛନ୍ତି। ଅନ୍ୟପକ୍ଷରେ ଘରୋଇ ସ୍କୁଲରେ ମାତ୍ର ୧୨ ପ୍ରତିଶତ ପିଲା ପାଠ ପଢୁଥିବା ବେଳେ ସେମାନେ ଉଭୟ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ୬୦ ପ୍ରତିଶତ ସିଟ୍ ପାଇପାରୁଛନ୍ତି। ଏହା ସ୍ପଷ୍ଟ ଯେ, କୋଚିଂ ସେଣ୍ଟରଗୁଡ଼ିକ ଜାତୀୟ ପ୍ରବେଶିକା ପରୀକ୍ଷା ସଫଳତା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ସେଠାରେ ନାମ ଲେଖାଇବା ପାଇଁ ଆର୍ଥିକ ତଥା ପାରିପାର୍ଶ୍ୱିକ ସୁବିଧା ଅଭାବରୁ ଏଭଳି ବିଷମତା ସୃଷ୍ଟି ହେଉଛି। ଏହାଦ୍ୱାରା ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ପ୍ରଭାବିତ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ କମିଟି ୩ଟି ସୁପାରିସ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଥମତଃ ରାଜ୍ୟର ସରକାରୀ ହାଇସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବା ସକାଶେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ ରହିବ। ଦ୍ୱିତୀୟତଃ ଏହି ସଂରକ୍ଷଣ ସୁବିଧା ସମସ୍ତ ସଂରକ୍ଷିତ ବର୍ଗ ତଥା ସାଧାରଣ ବର୍ଗର ପିଲାମାନଙ୍କ ସମେତ ସବୁ ସ୍ତରରେ ସମାନୁପାତିକ ଭାବେ ଲାଗୁ କରାଯିବ। ତୃତୀୟତଃ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଓଡ଼ିଶା ପ୍ରଫେସନାଲ ଏଜୁକେଶନ ଇନ୍‌ଷ୍ଟିଚ୍ୟୁଶନ୍ସ(ରେଗୁଲେଶନ ଅଫ୍ ଆଡ୍‌ମିଶନ ଆଣ୍ଡ ଫିକ୍ସେଶନ ଅଫ୍ ଫି') ଆକ୍ଟ-୨୦୦୭ର ଧାରା ୯ ଅନୁଯାୟୀ ବିଜ୍ଞପ୍ତି ଜାରି କରିପାରିବେ। ଓଡ଼ିଶାର ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ କ୍ଷମତାସମ୍ପନ୍ନ କମିଟିର ସୁପାରିସକୁ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୃହର ସଦସ୍ୟମାନଙ୍କୁ ନିବେଦନ କରିଥିଲେ। ଏହାଦ୍ୱାରା ରାଜ୍ୟର ମେଧାବୀ ଓ ବୁଦ୍ଧିମାନ ଛାତ୍ରୀଛାତ୍ର ଯେଉଁମାନଙ୍କର କୋଚିଂ ପ୍ରତିଷ୍ଠାନଗୁଡ଼ିକରେ ପଢ଼ିବା ପାଇଁ ଆର୍ଥିକ ଏବଂ ପାରିପାର୍ଶ୍ୱିକ ସୁବିଧା ନାହିଁ ସେମାନଙ୍କ ମନୋବଳ ବୃଦ୍ଧି କରିବ। ଉକ୍ତ କ୍ଷମତାସମ୍ପନ୍ନ କମିଟିର ସୁପାରିସକୁ ବିଧାନସଭାର ସଦସ୍ୟମାନଙ୍କୁ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଅନୁରୋଧ କରିଥିଲେ।

ସଂକଳ୍ପକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ସମର୍ଥନ କରିବା ସହ କହିଥିଲେ ଯେ, ସରକାରଙ୍କ ଦୀର୍ଘ ୨୨ ବର୍ଷ ପରେ ମଧ୍ୟ ସରକାରୀ ସ୍କୁଲ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ମିଳିପାରିଲା ନାହିଁ। କେବଳ ସଂକଳ୍ପ କଲେ ହେବ ନାହିଁ, ପିଲାମାନେ କିପରି ଅଧିକ ସଂଖ୍ୟାରେ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରିବେ ସେ ନେଇ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ। ବିଜେଡି ସଭ୍ୟ ଅତନୁ ସବ୍ୟସାଚୀ ନାୟକ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ସଂକଳ୍ପ ଏକ ଐତିହାସିକ ନିଷ୍ପତ୍ତି। ଏହାଦ୍ୱାର ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଭାଜପା ସଦସ୍ୟ ମୋହନ ମାଝି ଏହି ସଂକଳ୍ପକୁ ସମର୍ଥନ କରିଥିଲେ। କେବଳ ସଂକଳ୍ପ ପାରିତ କଲେ ହେବ ନାହିଁ, ସ୍କୁଲ ଭିତ୍ତିଭୂମି କିପରି ଭଲ ହେବ ସେ ନେଇ ସରକାର ବ୍ୟବସ୍ଥା କରିବା ଦରକାର ବୋଲି କହିଥିଲେ। ଶେଷରେ ସର୍ବସମ୍ମତି କ୍ରମେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ସ୍ଥାନ ସଂରକ୍ଷଣ ସଂକଳ୍ପ ବିଧାନସଭାର ଅନୁମୋଦନ ଲାଭକରିଛି।

## ବସ୍ତି ଲୋକ ପାଇବେ...

ଆବାସ ଯୋଜନା କିମ୍ବା ଅନ୍ୟ ସରକାରୀ ବାସଗୃହ ଯୋଜନାରୁ ବଞ୍ଚିତ ହେବେ। ଯଦି ତାଙ୍କ ପାଖରେ କିଛି ଖୋଲା ସ୍ଥାନ ଥିବ ତେବେ ସମ୍ପୃକ୍ତ ବସ୍ତିବାସିନ୍ଦାଙ୍କୁ ଦଖଲରେ ଥିବା ଜମି ସହ ୩୦ ବର୍ଗମିଟର ଜମି ଅଧିକାର ଦିଆଯିବ। ଏହି ପ୍ରସ୍ତାବକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଥିଲା। ମଙ୍ଗଳବାର ବିଧାନସଭାରେ ଏ ସମ୍ପର୍କରେ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଲେ ଯେ ବୈଠକରେ ମୋଟ ୧୧ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ଖଣି ପରିଚାଳନାରେ ବ୍ୟାପକ ପରିବର୍ତ୍ତନ ସହିତ ବେନିୟମ ଖଣି କାରବାରକୁ ପ୍ରତିହତ କରିବା ନିମନ୍ତେ ରାଜ୍ୟ ସରକାର ଓଡ଼ିଶା ଖଣିଜ ପଦାର୍ଥ (ଚୋରି, ଚୋରା ଚାଲାଣ ଓ ବେଆଇନ କାରବାର ଏବଂ ଦଖଲ ମହଜୁଦକରଣ, ବ୍ୟବସାୟ ଓ ପରିବହନ ନିୟନ୍ତ୍ରଣ) ନିୟମ ୨୦୦୭କୁ ସଂଶୋଧନ କରିଛନ୍ତି। ଅଧିନିୟମ ସଂଶୋଧନ ନିୟମାବଳୀ-୨୦୨୧ ଅନୁଯାୟୀ ଦଣ୍ଡ ବ୍ୟବସ୍ଥାକୁ ଅଧିକ କଠୋର କରାଯାଇଛି। ଖଣିଜନିତ ଅପରାଧ ପାଇଁ ଜେଲଦଣ୍ଡର ବ୍ୟବସ୍ଥାକୁ ୧ ବର୍ଷ ପରିବର୍ତ୍ତେ ୨ ବର୍ଷକୁ ବୃଦ୍ଧି କରାଯାଇଛି। ସେହିପରି ଜରିମାନା ରାଶିକୁ ମଧ୍ୟ ବୃଦ୍ଧି କରାଯାଇଛି। ପୂର୍ବରୁ ଅପରାଧ ପାଇଁ ଥିବା ୨୫ ହଜାର ଟଙ୍କା ଜରିମାନାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ୫୦୦ ଟଙ୍କା ଜରିମାନାକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଅନ୍‌ଲାଇନ, ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ଖଣି କାରବାରକୁ ଅଧିକ ସ୍ୱଚ୍ଛ କରାଯାଇପାରିବ। ଏଥିସହିତ ସରକାରୀ ଅର୍ଥର ବାଟମାରଣାକୁ ପ୍ରତିହତ କରିବ। ଖଣି ଓ ଇସ୍ପାତ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

ସେହିପରି ଗ୍ରୀଡ୍‌କୋକୁ ୨୦୧୯-୨୦ ପାଇଁ ଦିଆଯାଇଥିବା ୧୫୦୦ କୋଟି ଟଙ୍କା ଏବଂ ୨୦୨୦-୨୧ ପାଇଁ ଦିଆଯାଇଥିବା ୨୬୦୦ କୋଟି ଟଙ୍କାର ଗ୍ୟାରେଣ୍ଟର ଅବଧି ୨ ବର୍ଷର ମୋରାଟୋରିୟମ ସହିତ ୫ରୁ ୭ ବର୍ଷକୁ ବୃଦ୍ଧି କରାଯାଇଛି। ରାଜ୍ୟ କ୍ୟାବିନେଟରେ ଏହାକୁ ଅନୁମୋଦନ କରାଯାଇଛି। ରାଜ୍ୟ ସରକାର ରାଜ୍ୟସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବିକାଶ ପ୍ରକଳ୍ପ ଜରିଆରେ କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମି ବିକାଶ ସହିତ ଓଡ଼ିଶାରେ ୨୦୨୩ରେ ପୁରୁଷ ବିଶ୍ୱକପ୍ ହକି ଆୟୋଜନ କରିବାକୁ ଯାଉଛନ୍ତି। ଏଥିନିମନ୍ତେ ରାଉରକେଲାଠାରେ ନୂତନ ହକି ଷ୍ଟାଡିୟମ୍‌ର ନିର୍ମାଣ ପାଇଁ ୩୫୬.୩୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେଥିରୁ ୨୦୨୦-୨୧ ଆର୍ଥିକବର୍ଷରୁ ଆରମ୍ଭ କରି ୩ଟି ଆର୍ଥିକବର୍ଷରେ ୯୦ କୋଟି ଖର୍ଚ୍ଚ କରାଯିବ। ବାକି ଅର୍ଥ ବ୍ୟବସାୟ ସଂଗଠନ, ସାମାଜିକ ଉତ୍ତରଦାୟିତ୍ୱ ପାଣ୍ଠି, ଜିଲା ଖଣିଜ ଫାଉଣ୍ଡେଶନ, ସୁନ୍ଦରଗଡ଼ ଏବଂ ଓଡ଼ିଶା କ୍ରୀଡ଼ା ବିକାଶ ପାଣ୍ଠି(ଓଏସ୍‌ଡିଏଫ୍)ରୁ ଖର୍ଚ୍ଚ କରାଯିବ। ଏହି ପ୍ରକଳ୍ପ କାର୍ଯ୍ୟ ୧୬ ମାସରେ ଶେଷ ହେବ। କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ରାଜ୍ୟର ୯ଟି ଆଦିବାସୀ ବହୁଳ ଜିଲାରେ ୧୦ଟି ଆଦିବାସୀ ଭାଷାରେ ଶିକ୍ଷାଦାନ କରିବା ପାଇଁ ରାଜ୍ୟ ସରକାର ୨୦୦୮ରେ ୧୦୦ ଠିକା ଆଦିବାସୀ ଭାଷା ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିଲେ। ଏହି ପଦବୀକୁ ନିୟମିତ କରାଯାଇଛି। ଆଦିବାସୀ, ହରିଜନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ଉନ୍ନୟନ ବିଭାଗ ଦ୍ୱାରା ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି।

ବେସରକାରୀ ଡିଲରମାନଙ୍କ ଦ୍ୱାରା ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁଚାରୁରୂପେ ଚାଲୁ କରିବା ପାଇଁ ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା(ନିୟନ୍ତ୍ରଣ) ଆଦେଶ ୨୦୧୬ର ଧାରା ୪(୬)ରେ ନିର୍ଦ୍ଧାରିତ ସମୟ ସୀମାର ଅବଧି ୫ରୁ ୫ବର୍ଷ ୬ ମାସକୁ ବୃଦ୍ଧି କରାଯାଇଛି। ଏହାକୁ କ୍ୟାବିନେଟ ମୋହର ମାରିଛି।

ଓଡ଼ିଶା ଭେଷଜ ନିୟନ୍ତ୍ରାଳୟ ସେବା (ଭେଷଜ ନିୟନ୍ତ୍ରଣ ପ୍ରଶାସନ) (ନିଯୁକ୍ତି ତଥା ସେବା ସର୍ତ୍ତାବଳୀ) ନିୟମ ୨୦୨୦ ପ୍ରବର୍ତ୍ତନ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନ ସମସ୍ତ ମେଡିକାଲ ଏବଂ ପାରାମେଡିକାଲ ଅନୁଷ୍ଠାନଗୁଡ଼ିକର ପ୍ରଶାସନିକ ଓ ଶିକ୍ଷା ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ସ୍ୱତନ୍ତ୍ର ଭାବେ ଏକ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବ। ଏ ନେଇ ରାଜ୍ୟ ସରକାର ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଆଇନ ୨୦୨୧ ପ୍ରଣୟନ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି।

ରାଜ୍ୟରେ ଗୃହ ନିର୍ମାଣ ଚାହିଦା ପୂରଣ କରିବା ପାଇଁ ରାଜ୍ୟ ଗୃହ ନିର୍ମାଣ ବୋର୍ଡର ପୁନର୍ବିନ୍ୟାସ ଏବଂ ସଶକ୍ତୀକରଣ କରାଯିବ। ଏହି ଲକ୍ଷ୍ୟରେ ଓଡ଼ିଶା ହାଉସିଂ ବୋର୍ଡ ଅଧିନିୟମ ୧୯୬୮ର କେତେକ ନିୟମାବଳୀକୁ ସଂଶୋଧନ କରିବା ପାଇଁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

ବିଳମ୍ବିତ କିସ୍ତି ପ୍ରଦାନ ଯୋଗୁ ଓଡ଼ିଶା ଗୃହ ନିର୍ମାଣ ସଂସ୍ଥା ଉପରେ ଧାର୍ଯ୍ୟ ହୋଇଥିବା ୯୯୪.୫୪ ଲକ୍ଷ ଟଙ୍କାର ସୁଧ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଉପରେ ଧାର୍ଯ୍ୟ ୧୯୨୦.୮୮ ଲକ୍ଷ ଟଙ୍କାର ସୁଧ ଛାଡ଼ କରିବା ସହିତ ଉଭୟ କର୍ତ୍ତୃପକ୍ଷ ଗୃହ ହସ୍ତାନ୍ତରଣ ବା ଆବଣ୍ଟନ ସମୟରେ ବକେୟା ରହିଥିବା ୫୬୬.୫୨ ଲକ୍ଷ ଟଙ୍କା ପରିଶୋଧ କରିବା ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି।

## ଏଏସ୍‌ଆଇଙ୍କୁ ବିଧାୟକଙ୍କ ଧମକପୂର୍ଣ୍ଣ ଅଡିଓ ଭାଇରାଲ

**ଭଦ୍ରକ ଅଫିସ, ୨୩।୩**

ଭଦ୍ରକ ଜିଲା ଚାନ୍ଦବାଲି ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବ୍ୟୋମକେଶ ରାୟ ବାଁଶଡ଼ା ଥାନା ଏଏସ୍‌ଆଇ ଗୁରୁଚରଣ ବେହେରାଙ୍କୁ ବଦଳି ଧମକ ଦେବା ସମ୍ପର୍କିତ ଏକ ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିଜେଡି ବିଧାୟକ ରାୟଙ୍କ ଏଭଳି ଅଡିଓ ଭାଇରାଲକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହାକୁ ନେଇ ଜିଲା ଭାଜପା ପ୍ରତିକ୍ରିୟାଶୀଳ ହୋଇଉଠିଛି। ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସୂର୍ଯ୍ୟବଂଶୀ ସୂରଜଙ୍କ ନେତୃତ୍ୱରେ ମଙ୍ଗଳବାର ସନ୍ଧ୍ୟାରେ ଟାଉନହଲ ଛକଠାରେ ବିଧାୟକ ରାୟଙ୍କ କୁଶପୁତ୍ତଳିକା ଦାହ ସହ ସହର ପରିକ୍ରମା କରାଯାଇଥିଲା। ଭାଜପା ଜିଲା ସଭାପତି ହେମନ୍ତ କୁମାର ପାଢ଼ୀ ବିଧାୟକଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରିବା ସହ ଆଗାମୀ ଦିନରେ ଦଳ ପକ୍ଷରୁ ପ୍ରତିବାଦ କରାଯିବ ଓ ଆବଶ୍ୟକ ପଡ଼ିଲେ ଦଳ ପକ୍ଷରୁ ବିଭିନ୍ନ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। କଂଗ୍ରେସର ପୂର୍ବତନ ଜିଲା କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି କୁହନ୍ତି ଜିଲାରେ ଅପରାଧ, ନିଶା ବ୍ୟବସାୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିପାଇଁ ଶାସକ ଦଳର ରାଜନେତାମାନେ ଦାୟୀ। ଜିଲା ପୋଲିସ ରାଜନେତାଙ୍କ ଚାପରେ ରହୁଛି। ଏସଂକ୍ରାନ୍ତରେ ବିଧାୟକ ରାୟଙ୍କୁ ପଚାରିବାରୁ ତାଙ୍କ ସମ୍ପୂର୍ଣ୍ଣ ଅଡିଓକୁ କାଣ୍ଟଛାଣ୍ଟ କରାଯାଇ ତାଙ୍କୁ ବଦ୍‌ନାମ କରାଯିବା ପାଇଁ ଭାଇରାଲ୍ କରାଯାଇଛି। ସେ ସବୁବେଳେ ଗରିବ ଲୋକଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟରତ। ଏଣୁ ଏହି ଅଡିଓର ସତ୍ୟତା ନାହିଁ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**

ଆଜି ସ୍ୱଗୃହୀଚନ୍ଦ୍ର ପ୍ରଭାବରୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ଭଲ ରହିବ। ମିତ୍ରମାନେ ପ୍ରଶଂସା ଗାଇ କାମ ହାସଲ କରିପାରନ୍ତି। ସନ୍ତାନଭାବାଧିପତି ରବିଙ୍କ ହେତୁ ସନ୍ତାନଙ୍କ ବିବାହ ସକାଶେ ଚିନ୍ତା କରିପାରନ୍ତି। ଏକ ନିର୍ଦ୍ଦିଷ୍ଟ କାମ ସକାଶେ ରଖିଥିବା ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଅବହେଳାଜନିତ ଉପରିସ୍ଥ କର୍ମଚାରୀଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ**

ବିଭିନ୍ନ ପ୍ରକାରର କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ କାରଣରୁ ଉଚ୍ଚ ଆଶା ଆଶାରେ ହିଁ ରହିଯାଇପାରେ।

**ମିଥୁନ**

ସାଧାରଣ କଥାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁଁ ଚିନ୍ତା ବୃଦ୍ଧି ପାଇବ। ସଂଗଠନ, ରାଜନୀତି କିମ୍ବା ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ଯାତ୍ରା ପାଇଁ ସମସ୍ୟା ରହିବ ନାହିଁ।

**କର୍କଟ**

ଆତ୍ମୀୟଙ୍କ ସାହାଯ୍ୟରେ ସମସ୍ୟା ସମାଧାନ ହେବା କଷ୍ଟକର ହୋଇପାରେ। ପରିବାରରେ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ବୃଦ୍ଧ ମାତାପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ। ଆନୁଷ୍ଠାନିକ କାମରେ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ସିଂହ**

କର୍ମକ୍ଷେତ୍ରରେ ଫାଇଲ୍ କାମରେ ବ୍ୟସ୍ତ ରହିବେ। ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ମନ ଅଶାନ୍ତ ରହିବ। କ୍ରୀଡା,ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ନୂତନ ଗାଡି କିମ୍ବା ସୁନା ଗହଣାଦି ସାମଗ୍ରୀ କ୍ରୟ କରିପାରନ୍ତି।

**କନ୍ୟା**

ଯେତେ ଭଲ କାମ କଲେ ମଧ୍ୟ ଏଣେ ଘରୁ ତେଣେ କର୍ମ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ଆକସ୍ମିକ ଦୁର୍ବଳ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇବ। ବକେୟା ଆଦାୟକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ। ଔଷଧ, ବହିପତ୍ର, ଲୁଗାପଟା ତଥା ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା**

ଭୁଲ୍ ବୁଝାମଣାରେ ନିକଟସ୍ଥ ବ୍ୟକ୍ତି ବିଶେଷଙ୍କ ଆପଣଙ୍କ ପ୍ରତି ଥିବା ମନୋଭାବ ବଦଳିଯିବ। କଚେରି ମାମଲା କ୍ଷେତ୍ରରେ ସମସ୍ୟା ସମାଧାନ ହେବାର ସମ୍ଭାବନା ରହିଛି। ଆକସ୍ମିକ ଭାବରେ ପିଲାମାନଙ୍କ ତରଫରୁ ସମସ୍ୟା ଆସିପାରେ। କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନ ପାରେ।

**ବିଛା**

ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା କାରଣରୁ ମନୋବଳ କ୍ରମଶଃ ହ୍ରାସ ପାଇବ। ତଥାପି ଆପଣ ମନ ବୁଝିଲା ଭଳି କଥା କହି ପାଖ ପଡୋଶୀଙ୍କୁ ଆପଣେଇ ନେବେ। ସକାଳ ସମୟରେ ଶୁଣା କଥାକୁ ବିଶ୍ୱାସ କରି ଟେନସନ୍ ବଢିପାରେ। ଆଶା କରୁଥିବା ଦିଗରୁ ଆର୍ଥିକ ସହଯୋଗର ଅଭାବ ରହିବ ନାହିଁ।

**ଧନୁ**

ଆପଣଙ୍କ ପରିସ୍ଥିତି ପ୍ରତି ସହାନୁଭୂତି ଦେଖାଇ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଚେଷ୍ଟା କରୁଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବେ। ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ବିପଦ ଘଟିବାର ସମ୍ଭାବନା ନାହିଁ। ନିଜର ଭୁଲ୍‌କୁ ଆଖିବୁଜି ଦେଇ ଅନ୍ୟ ଉପରେ ଦୋଷ ଢାଳିବାର ଅପଚେଷ୍ଟା କରି ପାରନ୍ତି।

**ମକର**

ଦୀର୍ଘଦିନରୁ କୁହୁଳୁଥିବା ଅଶାନ୍ତି ହଠାତ୍ ପରିବେଶକୁ ବଦଳାଇ ଦେବ। ପାରିବାରିକ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢିପାରେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। କୌଣସି ନିକଟ ସମ୍ପର୍କୀୟମାନେ ତାହି ଟାପରା କରି ପାରନ୍ତି। ସବୁକଥା ପଛକୁ ପକାଇ ଅନ୍ୟମାନଙ୍କ ମନଧରି ଚଳିବାକୁ ବାଧ ହେବେ।

**କୁମ୍ଭ**

ଆଜିର ସକାଳୁଆ ଯାତ୍ରା ଆନନ୍ଦଦାୟକ ହେବ। ତରବରିଆ ପଦକ୍ଷେପ ନେଇ ଠିକ୍ କାମକୁ ଭୁଲ୍ କରିବେ। ମନ ଭୁଲାଣିଆ କଥା କହି ସହକର୍ମୀଙ୍କ ଦ୍ୱାରା କାମଟି କରାଇ ନେବେ। କିଣା,ବିକା କାରବାରରେ ଅପଦସ୍ଥ ହେବାର ସମ୍ଭାବନା ରହିଛି। ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ , ନଚେତ୍ କିଛି ହରାଇବାକୁ ପଡିପାରେ।

**ମୀନ**

ଆଗରୁ ଦୃଢ଼ ପ୍ରତିଶ୍ରୁତି ଦେଇଥିବା ବନ୍ଧୁ କାଳେ ସାହାଯ୍ୟ କରିବାକୁ ପଡ଼ିପାରେ, ଏହି ଚିନ୍ତାରେ ପାଖ ମାଡିବେ ନାହିଁ। କର୍ମକ୍ଷେତ୍ରରେ ଦକ୍ଷତାକୁ ନେଇ ପ୍ରତିଷ୍ଠା ଓ ପ୍ରଶଂସା ପାଇବେ। ଦାୟିତ୍ୱ ନେଇଥିବା ଲୋକଟି ଠିକ ଖବର ଦେବାରେ ହେଳା କରିପାରନ୍ତି। ଅର୍ଥ ଆଦାୟ କରିବାରେ ଅକ୍ଷମ ହେବେ।

ଆଜି ଫାଲଗୁନ ଶୁକ୍ଳ ଦଶମୀ ବୁଧବାର, ଫଗୁଦଶମୀ। ଦିବା ଘ.୧୦.୨୩ମି. ଗତେ ଏକାଦଶୀ, ଶ୍ରୀଜୀଉଙ୍କର ଚାଚେରୀ ବେଶମାର୍ଚ୍ଚ ଓ ଦୋଳଯାତ୍ରା ଆରମ୍ଭ। ୨୪ ତାରିଖ, ବିଶ୍ୱ ଯକ୍ଷ୍ମାଦିବସ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, କର୍କଟରାଶିର ଘାତବାର। ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୫୦ମି. ଗତେ ଘ.୦୭.୨୭ମି. ମଧ୍ୟେ, ଘ.୦୯.୫୨ମି. ଗତେ ଘ.୧୧.୨୮ମି. ମଧ୍ୟେ, ଘ.୦୩.୩୦ମି. ଗତେ ଘ.୦୫.୦୬ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୧.୫୩ମି. ଗତେ ଘ.୦୩.୩୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୫୩ମି. ଗତେ ଘ.୦୩.୨୩ମି. ମଧ୍ୟେ ରାହୁକାଳ।


# classifieds

**Everyday**
**0674-2580101, 2549302**




**BRIDE WANTED**

ବ୍ରାହ୍ମଣ ପୁଅ ପାଇଁ ଝିଅ ଆବଶ୍ୟକ। ବୟସ-**32**, **Private Company**ରେ ଚାକିରି କରନ୍ତି। ଯୋଗାଯୋଗ-**7847867570.** D-20291

Kaibarta Boy Age 30, Diploma Engineer Private Job, Salary 15000 Month. Bhubaneswar Resident. Contact: 8249089785. D-20300

**GROOM WANTED**

ବୟସ-34, 5'2", M.Sc, B.Ed. Government Teacher ମାସିକ ଆୟ ୪୨୦୦୦/- ଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। ଛାଡ଼ପତ୍ରପ୍ରାପ୍ତ/ ଘରଜ୍ୱାଇଁ ଚଳିବ। ଯୋଗାଯୋଗ- 6232277008. D-20317




**SALE**

**One storied house with 8400 sqft. land both side road at Mahatab road Oldtown . This plot is 13 ft. from main road @3.4 cr. Contact +917894713253.** D-20312

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

**Ready to move 2BHK, 3BHK, Apartment Hanspal, Jharpada, Nayapalli, Sum Hospital, Forestpark, duplex Hanspal, Padasahi and Patia. 8455036260.** D-20278

ଭୁବନେଶ୍ୱର ଧଉଳି ଛକ ନିକଟରେ ଘରବାରି **plot boundarywall, road, electricity** ସହିତ **NH** ଠାରୁ **500'** ଦୂରତାରେ ବିକ୍ରିହେବ। **9861428475.** D-70814

NH-16 ପିତାପଲ୍ଲୀ ରେ 750/ରେ 1200/- sqft.ରେ ପ୍ଲଟ୍ ମିଳୁଛି। 9348444368. D-70809

ସୁନ୍ଦରପଦା ଏବଂ ବାଲିଅନ୍ତାରେ **developed gharabari boundary** ଥାଇ ପ୍ଲଟ୍ କିଣନ୍ତୁ। **7008492511.** D-69388

ଭୁବନେଶ୍ୱର ପଟିଆ ରେଲଓ୍ୱେଷ୍ଟେସନ 1.k.m. ଘର କରିବା ପାଇଁ plot 1200sqft. 6,60,000/- immediate possession/ registration. 8249384685, 8249005131, 9583328312. D-70813

**Bhubaneswar AIIMS and Sum Hospital** ନିକଟରେ ଘରବାରି **plot sale. 7847882596.** D-70815

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




For Office/ Ladies Hostel/ Ladies/ Family 3000sqft. Ground floor/ Two parts Paika Nagar, near Baramunda Fire Station, Bhubaneswar. Contact: 6372772995/ 9437529141. D-20311

3BHK flat available on rent at LIC Homecare, Kolathia, Bhubaneswar, Adjoining AMRI Hospital. Contact: 9937306968. D-70230

1200sqft. fully furnished Office space having with furniture available at 2nd floor Bapuji Nagar, Bhubaneswar @ 12000/- & 1800sqft. @12000/- on sharing basis. Contact: 7008485542. D-67588




Shivam logistic packers movers. Household/ car relocation countrywide. 9777044177, 9338461133. D-20160




Get good massage for your health the best therapy. 7749997224. D-70440

Zen SPA positively health benefits with experts therapeutic genuinely massage. 7205084157. D-70560

Swarna SPA newly open positively health benefits with expert therapist. 9556978408. D-70566

New opening Saikrupa Panchakarma and Spa jointpain, fullbody massage, 8984068077. D-65914




ରୋଜଗାର ରୋଜଗାର:- **AEPS & Mobile recharge portal** ନିଅନ୍ତୁ। **Daily 1000/-** ରୁ **1500/- income** କରନ୍ତୁ। **Contact: 7852932323.** D-20271

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I, Madhusmeta Khuntia,W/o:Sudhansu Nayak R/o Sikharpur Talasahi Cuttack have changed my name from Madhusmita Surendranath Khuntia to Madhusmeta Khuntia for all future purpose. D-20313

By virtue of an affidavit before Notary Public, Bhubaneswar, I have changed my name from Ashok Acharya to Ashoak Acharya. Henceforth I shall be known as Ashoak Acharya for all purposes. D-70567

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ୟୁପିଏସ୍‌ସି ମେନ୍‌ସ୍ ପ୍ରକାଶ ପାଇଲା ମେରିଟ୍ ଲିଷ୍ଟ**

ନୂଆଦିଲ୍ଲୀ, ୨୩।୩: କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ-୨୦୨୦ ଲିଖିତ ପରୀକ୍ଷାର ମେରିଟ୍ ଲିଷ୍ଟ ମଙ୍ଗଳବାର ପ୍ରକାଶ ପାଇଛି। ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନେ ୟୁପିଏସ୍‌ସି ଅଫିସିଆଲ ୱେବସାଇଟ୍ www.upsc.gov.in କିମ୍ବା www.upsconline.in.ରୁ ସେମାନଙ୍କ ମେରିଟ୍ ଲିଷ୍ଟ ଡାଉନଲୋଡ୍ କରିପାରିବେ। ଗତ ଜାନୁୟାରୀ ୮ରୁ ୧୭ ତାରିଖ ପର୍ଯ୍ୟନ୍ତ ୟୁପିଏସ୍‌ସି ମେନ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କୁ ସାକ୍ଷାତକାର ରାଉଣ୍ଡ ପାଇଁ ଡକାଯିବ।




# ଶଙ୍ଖାମେଦୀକୁ ଗିଳିଲାଣି ପଶ୍ଚିମବଙ୍ଗ

**ପ୍ରଦୀପ ଦାସ**

ଭୋଗରାଇ, ୨୩।୩

ଓଡ଼ିଶା ସୀମାନ୍ତ ଗାଁ କୋଟିଆରେ ଆନ୍ଧ୍ରପ୍ରଦେଶ ପଞ୍ଚାୟତ ନିର୍ବାଚନ କରି ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ଏବେ ପଶ୍ଚିମବଙ୍ଗ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଶଙ୍ଖାମେଦୀ ଗାଁ ଉପରେ ଆଖି ପକାଇଛି। ପଶ୍ଚିମବଙ୍ଗ ଏହି ଗାଁକୁ ପୂର୍ବମେଦିନୀପୁର ଜିଲା ରାମନଗର ନିର୍ବାଚନମଣ୍ଡଳୀରେ ଅନ୍ତର୍ଭୁକ୍ତ କରି ନିର୍ବାଚନ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି। ଏପରିକି ଶଙ୍ଖାମେଦୀ ଗାଁର ନାମକୁ ମଧ୍ୟ ବଦଳାଇ ଶାଙ୍ଖାମୁଦୀ କରିଛି। ନିର୍ବାଚନ ଲାଗି ଗାଁରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଜୋରଦାର ଆରମ୍ଭ ହୋଇଯାଇଛି। ଗାଁସାରା ବ୍ୟାନର, ପୋଷ୍ଟରରେ ଛାଇଯାଇଛି।

ଓଡ଼ିଶାର ଶଙ୍ଖାମେଦୀ ଗାଁ ଅନଳିଆ ପଞ୍ଚାୟତ ଅଧୀନରେ ରହିଛି। ଏହାର ଲୋକସଂଖ୍ୟା ୬୫୦ରୁ ଊର୍ଦ୍ଧ୍ୱ। ସାଢ଼େ ୩ଶହରୁ ଊର୍ଦ୍ଧ୍ୱ ଭୋଟର ପଶ୍ଚିମବଙ୍ଗ ନିର୍ବାଚନରେ ସାମିଲ ହେବା ଲାଗି ସଜବାଜ ହେଉଛନ୍ତି। ସେଠାରେ ୧୯୫୪ ମସିହାରେ ଏକ ନନଫର୍ମାଲ ସ୍କୁଲ ନିର୍ମାଣ କରାଯାଇ ପାଠପଢ଼ା ଶୁଭାରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୦୮ରେ ପୂର୍ବତନ ମନ୍ତ୍ରୀ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ପ୍ରଚେଷ୍ଟାରେ ସର୍ବଶିକ୍ଷା ଅଭିଯାନରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ସେଠାରେ ଏବେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯାଉଛି। ଓଡ଼ିଶା ସରକାର ୧୯୬୨ରୁ ଉକ୍ତ ଗ୍ରାମରୁ ରାଜସ୍ୱ ଆଦାୟ ବନ୍ଦ କରିଦେଇଥିବା ବେଳେ ବିଦ୍ୟୁତ୍, ଅଙ୍ଗନୱାଡ଼ି, ରାସ୍ତା, ରାଶନକାର୍ଡ଼, ଭତ୍ତା, ପାଇଖାନା ଆଦି ସମସ୍ତ ସୁବିଧାସୁଯୋଗ ଅଦ୍ୟାବଧି ଦେଇଆସୁଛନ୍ତି। ଦୀର୍ଘବର୍ଷ ଧରି ରାଜସ୍ୱ ଗାଁ ଦାବି କରି ଆସୁଥିବା ଏହି ଗାଁ ଲୋକଙ୍କ ଗୁହାରି ବୁଝିବା ପାଇଁ କାହାର ସମୟ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜାତିଗତ ପ୍ରମାଣପତ୍ର ମିଳୁ ନ ଥିବାରୁ ଉଚ୍ଚଶିକ୍ଷା ପାଇଁ ଛାତ୍ରୀଛାତ୍ରମାନେ ହିନସ୍ତା ହେଉଥିବାର ଗ୍ରାମବାସୀ କହିଛନ୍ତି। ଅପରପକ୍ଷରେ ପଶ୍ଚିମବଙ୍ଗ ସରକାରଙ୍କଠାରୁ ଅନୁରୂପ ଭାବେ ସୁବିଧା ସୁଯୋଗ ପାଉଥିଲା ବେଳେ ପଶ୍ଚିମବଙ୍ଗ ସରକାର ୨୦୧୩


ଶଙ୍ଖାମେଦୀ ଗ୍ରାମ

### ନାଁ ବଦଳାଇ କରୁଛି ନିର୍ବାଚନ

ମସିହାଠାରୁ ଏହି ଗାଁରୁ ଖଜଣା ଆଦାୟ ବନ୍ଦ କରିଛନ୍ତି। ଗାଁର ୱାର୍ଡ଼ମେମ୍ବର ଅଜୟ ଜେନା, ବିଷ୍ଣୁପଦ ଜେନା, ସୁନୀଲ ଦଳାଇ, ସେକ୍ ଗଫୁର ପ୍ରମୁଖ ଆମେ ଓଡ଼ିଆ, ଆମ ପିତୃପୁରୁଷ ଥିଲେ ଓଡ଼ିଆ, ତେଣୁ ଆମେ ଓଡ଼ିଶାରେ ଜନ୍ମିଛୁ, ମରିବୁ ମଧ୍ୟ ଓଡ଼ିଶା ମାଟିରେ। ଏଣୁ ରାଜ୍ୟ ସରକାର ଆମକୁ ପଟ୍ଟା ଓ ଜାତିଗତ ପ୍ରମାଣପତ୍ର ଯୋଗାଇ ଦିଅନ୍ତୁ ବୋଲି ଦାବି କରିଛନ୍ତି। ନିର୍ବାଚନ ପ୍ରସଙ୍ଗରେ ରାମନଗର ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଅଖିଳ ଗିରି କୁହନ୍ତି, ଶଙ୍ଖାମେଦୀ ଗାଁର ଭୋଟରମାନେ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ନିର୍ବାଚନରେ ଅଂଶଗ୍ରହଣ କରିଥାନ୍ତି। ଏଥିରେ କୌଣସି ଆପତ୍ତି ନାହିଁ। ଭୋଗରାଇ ବିଧାୟକ ଅନନ୍ତ ଦାସ କୁହନ୍ତି, ଶଙ୍ଖାମେଦୀ ଗାଁକୁ ଓଡ଼ିଶା ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଆସୁଛନ୍ତି। ଏହି ଗାଁ ଓଡ଼ିଶାର ଥିଲା ଓ ଅଛି। ଭୋଗରାଇ ତହସିଲଦାର କମଳାକାନ୍ତ ପଣ୍ଡା ଶଙ୍ଖାମେଦୀ ଓଡ଼ିଶାର ରାଜସ୍ୱ ଗ୍ରାମ ନୁହେଁ ବୋଲି ପ୍ରକାଶ କରିଛନ୍ତି।

# ଟିଟିପିଏସ୍ ସମସ୍ତ ୟୁନିଟ୍ ବନ୍ଦ

- ଶ୍ରମିକ କାମକୁ ଆସି ନ ଥିବା କହିଲେ କର୍ତ୍ତୃପକ୍ଷ
- ଦୈନିକ ୪୬୦ ମେଗାୱାଟ୍ ବିଦ୍ୟୁତ୍ କ୍ଷତି ସହିବ ଓଡ଼ିଶା
- ପ୍ଲାଣ୍ଟ ସମ୍ପୂର୍ଣ୍ଣ ବନ୍ଦ ଆଶଙ୍କା କଲା ଶ୍ରମିକ ଏକତା ମଞ୍ଚ

**ତାଳଚେର, ୨୩।୩ (ନି.ପ୍ର.)**

ଏନ୍‌ଟିପିସି ପରିଚାଳନାଧୀନ ଅନୁଗୋଳ ଜିଲା ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)ର ସମସ୍ତ ୟୁନିଟ୍‌କୁ ସୋମବାର ରାତିରୁ ହଠାତ୍ ବନ୍ଦ ରଖାଯାଇଛି। ଫଳରେ ମଙ୍ଗଳବାର ପ୍ଲାଣ୍ଟରୁ ବିଦ୍ୟୁତ୍ ଉତ୍ପାଦନ ସମ୍ପୂର୍ଣ୍ଣଠପ୍ ହୋଇଯାଇଛି। ସୋମବାର ଶ୍ରମିକମାନେ କାମକୁ ଆସି ନ ଥିବାରୁ ୟୁନିଟ୍‌ଗୁଡ଼ିକୁ ବନ୍ଦ ରଖାଯାଇଥିବା କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଥିଲେ ମଧ୍ୟ ଶ୍ରମିକ ଏକତା ମଞ୍ଚ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଦେଶ କାର୍ଯ୍ୟକାରୀ କରି ନ ଥିବା ଏନ୍‌ଟିପିସି କର୍ତ୍ତୃପକ୍ଷ ମାର୍ଚ୍ଚ ୩୧ ପରେ ଟିଟିପିଏସ୍ ବନ୍ଦ କରିବା ନେଇ ପୂର୍ବରୁ ଯେଉଁ ଆଶଙ୍କା କରାଯାଉଥିଲା, ସପ୍ତାହେ ପୂର୍ବରୁ ସେପରି କରାଯାଇଛି ବୋଲି ଶ୍ରମିକ ଏକତା ମଞ୍ଚ ପକ୍ଷରୁ କୁହାଯାଇଛି। ଯଦି ପ୍ଲାଣ୍ଟ ଚାଲୁ କରା ନ ଯାଏ ତା'ହେଲେ ଓଡ଼ିଶାକୁ ଦୈନିକ ୪୬୦ ମେଗାୱାଟ୍ ବିଦ୍ୟୁତ୍ କ୍ଷତି ସହିବାକୁ ପଡ଼ିବ। ତେବେ ଏ ନେଇ ପ୍ରଶାସନ ନିକଟରେ କୌଣସି ସୂଚନା ନ ଥିବା ତାଳଚେରବାସୀଙ୍କୁ ଚକିତ କରିଛି।

ପ୍ରକାଶ ଯେ, ପ୍ରଦୂଷଣ ନିରାକରଣ ସମ୍ପର୍କିତ ଆଦେଶ କାର୍ଯ୍ୟକାରୀ କରି ନ ଥିବାରୁ ଓଡ଼ିଶାକୁ ୪୬୦ ମେଗାୱାଟ୍ ବିଦ୍ୟୁତ୍ ଯୋଗାଉଥିବା ଟିଟିପିଏସ୍ ୩୧ ଡିସେମ୍ବର ୨୦୨୦ ଠାରୁ ବିଦ୍ୟୁତ୍ ଉତ୍ପାଦନ କରିପାରିବ ନାହିଁ ବୋଲି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପୂର୍ବରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। କିନ୍ତୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ପ୍ଲାଣ୍ଟ ୩୧ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ଚାଲୁ ରହିବାକୁ ଅନୁମତି ଦେଇଥିବା କୁହାଯାଉଥିଲା। ଫଳରେ ଟିଟିପିଏସ୍ ଏପ୍ରିଲ ୧ ଠାରୁ ବନ୍ଦ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। କିନ୍ତୁ ଗତ ସୋମବାର ଠାରୁ ପ୍ଲାଣ୍ଟର ୟୁନିଟ୍‌ଗୁଡିକ ପର୍ଯ୍ୟାୟକ୍ରମେ ବନ୍ଦ କରାଯାଇଛି। ୬ଗୋଟି ୟୁନିଟ୍‌ରୁ ୬ ନମ୍ବର ୟୁନିଟ୍ ପୂର୍ବରୁ ବନ୍ଦ ରହିଥିବା ବେଳେ ୧ ନମ୍ବର ୟୁନିଟ୍ ସୋମବାର ଅପରାହ୍ନ ୧ଟା ୧୩, ୨ୟ ୟୁନିଟ୍ ରାତି ୧୨ଟା ୩୯, ୩ୟ ୟୁନିଟ୍ ୧୨ଟା ୧୪, ୪ର୍ଥ ୟୁନିଟ୍ ୧୨ଟା ୩୦ ଏବଂ ୫ମ ୟୁନିଟ୍ ଭୋର୍ ୫ଟା ୦୫ରେ ବନ୍ଦ ହୋଇଛି। ଫଳରେ ମଙ୍ଗଳବାର ପ୍ଲାଣ୍ଟରୁ ଆଦୌ ବିଦ୍ୟୁତ୍ ଉତ୍ପାଦନ ହୋଇନାହିଁ। ଶ୍ରମିକମାନଙ୍କ କହିବା ଅନୁଯାୟୀ, ପ୍ଲାଣ୍ଟ ବନ୍ଦ କରିବାକୁ ଯୋଜନା ହୋଇଥିବାରୁ ଗତ ୧ ମାସ ହେଲା ଟ୍ରେନ୍ ଯୋଗେ କୋଇଲା ଆସୁ ନ ଥିଲା। କନଭେୟର ବେଲ୍ଟରେ ଅଳ୍ପ କିଛି ଆସୁଥିବାରୁ ଷ୍ଟକ ଖାଲି ହୋଇଯାଇଥିଲା। ଚଳିତ ମାସର ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ପୂରଣ ହୋଇଯାଇଥିବାରୁ କର୍ତ୍ତୃପକ୍ଷ ପ୍ଲାଣ୍ଟ ବନ୍ଦ କରି ଦେଇଛନ୍ତି। କୋଇଲା ଯୋଗାଣ ନେଇ ଏବେ ସମସ୍ୟା ନ ଥିବାବେଳେ କିଭଳି ପ୍ଲାଣ୍ଟ ବନ୍ଦ କରାଗଲା ବୋଲି ଶ୍ରମିକ ଏକତା ମଞ୍ଚ ପକ୍ଷରୁ ପ୍ରଶ୍ନ କରାଯାଇଛି। ପ୍ଲାଣ୍ଟ ବନ୍ଦ ସମ୍ପର୍କରେ ଜଣାପଡ଼ିବା ପରେ ଶ୍ରମିକମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ଟିଟିପିଏସ୍ ମୁଖ୍ୟ ଫାଟକ ସମ୍ମୁଖରେ ପୋଲିସ ଓ ସିଆଇଏସ୍‌ଏଫ୍ ମୁତୟନ କରାଯାଇଛି। ଏ ସମ୍ପର୍କରେ ଗ୍ରୁପ୍ ଜେନେରାଲ ମ୍ୟାନେଜର ଡି .ଏନ. ତିୱାରୀ କହିଛନ୍ତି, ସୋମବାର ଶ୍ରମିକମାନେ କାମ ନ କରିବାରୁ କୋଇଲା ଫିଡିଙ୍ଗ ହୋଇପାରି ନ ଥିଲା ଓ ବଙ୍କର ଖାଲି ହୋଇଯାଇଥିଲା। ଫଳରେ ୟୁନିଟ୍‌ଗୁଡିକ ବନ୍ଦ ରହିଛି। ମଙ୍ଗଳବାର ସକାଳେ ଶ୍ରମିକମାନଙ୍କ ସହ ଆଲୋଚନା କରାଯାଇଛି। ସେମାନେ କାମକୁ ଆସିଲେ ୟୁନିଟ୍ ପୁଣି ଚାଲିବ। ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ କହିଛନ୍ତି, ମାର୍ଚ୍ଚ ୩୧ ପରେ ପ୍ଲାଣ୍ଟ ବନ୍ଦ ହେବ ବୋଲି ଶୁଣାଯାଉଥିଲା। କିନ୍ତୁ ମଙ୍ଗଳବାରଠାରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରଖାଯାଇଥିବା ସମ୍ପର୍କରେ ଟିଟିପିଏସ୍ ପକ୍ଷରୁ ପ୍ରଶାସନକୁ କୌଣସି ସୂଚନା ଦିଆଯାଇ ନାହିଁ।

**ଔଷଧ ଯୋଗାଣ ନିମନ୍ତେ ଆଗ୍ରହର ପରିପ୍ରକାଶ**

ସୂଚନା ସଂ. MD/CH/BBS/LP(EOI)/2021/01, ତା.17.03.2021

କେନ୍ଦ୍ରୀୟ ଚିକିତ୍ସାଳୟ, ଭୁବନେଶ୍ୱରଙ୍କ ଦୈନିକ ଆବଶ୍ୟକତା ଅନୁଯାୟୀ ଷ୍ଟକ୍‌ରେ ଉପଲବ୍ଧ ନଥିବା ଔଷଧ ଯୋଗାଣ ନିମନ୍ତେ ଭେଣ୍ଡର / ଔଷଧ ଷ୍ଟୋର ମାନଙ୍କ ଠାରୁ ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଆଗ୍ରହର ପରିପ୍ରକାଶ ଆହ୍ୱାନ କରୁଅଛି।

ଚୁକ୍ତିର ଅବଧି : ତା.21.05.2021 ଠାରୁ ତା.20.05.2023ରିଖ ପର୍ଯ୍ୟନ୍ତ।

ଆଗ୍ରହ ପରିପ୍ରକାଶ ଆବେଦନର ଅନ୍ତିମ ତାରିଖ ଓ ସମୟ : ତା 15.04.2021ରିଖ 1500 ଘଟିକା।

ନିର୍ଦ୍ଧାରିତ ଫର୍ମାଟରେ ଡାକ / କୋରିଅର ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ ଆସି ମାନୁଆଲ୍ ଆଗ୍ରହର ପରିପ୍ରକାଶକୁ ଦାଖଲ କରିବାର ଠିକଣା : ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର, ଓଡ଼ିଶା-751017।

2020-21 ବର୍ଷ ଅବଧିରେ ହୋଇଥିବା କ୍ରୟର ପରିମାଣ, ଯୋଗ୍ୟତାର ମାନଦଣ୍ଡ, ଯୋଗାଣ ସର୍ତ୍ତାବଳୀ, ଚୟନ ପ୍ରକ୍ରିୟା, ଆବେଦନ ଫର୍ମାଟ ଏବଂ ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ www.eastcoastrail.indianrailways.gov.in ପରିଦର୍ଶନ କରନ୍ତୁ।

PR-643/L/20-21 ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ଭୁବନେଶ୍ୱର

ପୂର୍ବ ତଟ ରେଳପଥ

ବିବାହ ଋତୁ ଉପଲକ୍ଷେ ଉପସ୍ଥାପନ କରୁଛୁ
New Crafts Silk India® 2021 Exhibition & Sale
ଏହାକୁ ହାତଛଡ଼ା କରନ୍ତୁ ନାହିଁ
ସିଲ୍କ ଶାଢ଼ି । ସୁଟ୍‌ସ । ଡ୍ରେସ୍ ମ୍ୟାଟେରିଆଲ୍ । ଷ୍ଟୋଲ୍ । ଓଢ଼ଣି । କୁର୍ତ୍ତା କୁର୍ତ୍ତି । ପ୍ୟୋର୍ ଓ ପ୍ରୋବେବଲ୍ ସିଲ୍କ । ଟସର ସିଲ୍କ । ଶାନ୍ତିପୁର ସିଲ୍କ
ସାରା ଭାରତରୁ ବୁଣାକାରମାନଙ୍କଠାରୁ ସିଧାସଳଖ କ୍ରୟ କରାଯାଇଥିବା ଶୁଦ୍ଧ ସିଲ୍କ ଉତ୍ପାଦ
ଦି ନ୍ୟୁ ମାରିୟନ୍
ଜନପଥ, ରାମ ମନ୍ଦିର ସମ୍ମୁଖ, ଭୁବନେଶ୍ୱର
ଅବଧି: 19ରୁ 28 ମାର୍ଚ୍ଚ, 2021
ମାତ୍ର 5 ଦିନ ବାକି
ପ୍ରଦର୍ଶିତ ଉତ୍ପାଦ - ଓଡ଼ିଶା: ସମ୍ବଲପୁରୀ ଇକ୍କାଟ ସିଲ୍କ ଶାଢ଼ି, ବିହାର: ଅର୍ଗାନିକ୍ ଟସର ସିଲ୍କ ଶାଢ଼ି, ସୁଟ୍ ଓ ଷ୍ଟୋଲ୍, ଆସାମ: ମୁଗା ଏବଂ ଏରି ସିଲ୍କ ଶାଢ଼ି, କର୍ଣ୍ଣାଟକ: କ୍ରିପ୍ ସିଲ୍କ, ଜର୍ଜେଟ୍ ସିଲ୍କ, ଅରିନି ସିଲ୍କ ଏବଂ ପ୍ରିଣ୍ଟେଡ୍ ଶାଢ଼ି, ତାମିଲନାଡୁ: କାଞ୍ଜିବରମ୍ ସିଲ୍କ ଶାଢ଼ି ଓ ଡିଜାଇନର୍ ଫ୍ୟାନ୍ସି ଶାଢ଼ି, ଆନ୍ଧ୍ରପ୍ରଦେଶ: ଧର୍ମାବରା, ଉପ୍ପଡା, ଗଡୱାଲ, ମଙ୍ଗଳଗିରି ଏବଂ ପୋଚମପାଲ୍ଲୀ ଶାଢ଼ି, ଉତ୍ତରପ୍ରଦେଶ: ମୁଲବାରୀ ସିଲ୍କ, ଜାମଦାନି, ଜମାୱାର ସିଲ୍କ ଶାଢ଼ି ଓ ଚିଫନ୍ ସିଲ୍କ, ମହାରାଷ୍ଟ୍ର: ଡିଜାଇନର୍ ଡ୍ରେସ୍ ମ୍ୟାଟେରିଆଲ୍ସ, ଛତିଶଗଡ଼: ଏକ୍ସକ୍ଲୁସିଭ୍ ର' ସିଲ୍କ ଶାଢ଼ି, କୋସା ସିଲ୍କ, ଟସର୍ ସୁଟ୍ ଏବଂ ଓଢ଼ଣି, ମଧ୍ୟପ୍ରଦେଶ: ମହେଶ୍ୱରୀ, ଚାନ୍ଦେରି ସିଲ୍କ ଶାଢ଼ି ଓ ସୁଟ୍, ପଶ୍ଚିମବଙ୍ଗ: ବାଲୁଚରୀ, ଢାକା ମାସଲି, ଗିଚା ଶାଢ଼ି, ବୁଟିକ୍ ଶାଢ଼ି, କାନ୍ଥା ଶାଢ଼ି, ଜୋରଦୋଷୀ, ଜାମ୍ମୁ ଓ କାଶ୍ମୀର: ଚିନନ୍ ସିଲ୍କ, ତାଡ୍ରୀ ସିଲ୍କ ପ୍ରିଣ୍ଟେଡ୍ ଶାଢ଼ି, ପଶ୍ମିନା ଶଲ୍ ଓ ସୁଟ୍, ରାଜସ୍ଥାନ: କୋଟା ସିଲ୍କ, ହ୍ୟାଣ୍ଡ ବ୍ଲକ୍ ପ୍ରିଣ୍ଟ ଡ୍ରେସ୍ ଓ ଶାଢ଼ି, ପଞ୍ଜାବ: ଫୁଲକାରୀ ଡ୍ରେସ୍ ଓ ଆହୁରି ଅନେକ...
WEARING FACE MASK | SOCIAL DISTANCE | THERMAL SCANNER | HAND SANITIZERS
ଏଣ୍ଟ୍ରି ଓ ପାର୍କିଂ ମାଗଣା
ଆୟୋଜକ: ଓ.ଏ. ଆଣ୍ଡ ସି.
ସବୁ କ୍ରେଡିଟ୍ ଓ ଡେବିଟ୍ କାର୍ଡ ଗ୍ରହଣୀୟ
କଲ୍: 08850902824
ସମୟ: 10.30 am - 8.30 pm
ଆର/ଓ: ବୟନଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା

**ବିଶ୍ୱ ଯକ୍ଷ୍ମା ଦିବସ, ୨୪ ମାର୍ଚ୍ଚ ୨୦୨୧**

DSPL - 269

ସମଗ୍ର ବିଶ୍ୱରେ କରୋନା ମହାମାରୀ ସାମାଜିକ, ଆର୍ଥିକ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ଆହ୍ୱାନ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ଯକ୍ଷ୍ମା ନିୟନ୍ତଣ କାର୍ଯ୍ୟକ୍ରମ ଅନେକାଂଶରେ ପ୍ରଭାବିତ ହୋଇଛି। ୨୦୨୨ ସୁଦ୍ଧା ଯକ୍ଷ୍ମା ରୋଗର ଚିହ୍ନଟ ଓ ଚିକିତ୍ସା କାର୍ଯ୍ୟକ୍ରମକୁ ବ୍ୟାପକ ଓ ସୁଦୂରପ୍ରସାରୀ କରିବା ପାଇଁ ଧାର୍ଯ୍ୟ ଲକ୍ଷର ସମୟ ଗଡିଚାଲିଛି। ତେଣୁ ଯକ୍ଷ୍ମାମୁକ୍ତ ବିଶ୍ୱ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଆମକୁ ପୂର୍ବାପେକ୍ଷା ଅଧିକ ସତର୍କ ଓ ଦାୟିତ୍ୱବାନ୍ ହେବାକୁ ପଡିବ।

୨ ସପ୍ତାହରୁ ଅଧିକ ଦିନ କାଶ, ଜ୍ୱର, ଓଜନ କମିବା କିମ୍ବା କଫରେ ରକ୍ତ ପଡିବା ଯକ୍ଷ୍ମା ରୋଗର ଲକ୍ଷଣ ହୋଇପାରେ। ପ୍ରାଥମିକ ଅବସ୍ଥାରେ ଯକ୍ଷ୍ମାରୋଗ ଫୁସଫୁସକୁ ଆକ୍ରାନ୍ତ କରିଥାଏ କିନ୍ତୁ, ପରେ ଏହା ଶରୀରର ନଖ ଓ ଚୁଟିକୁ ଛାଡି ଅନ୍ୟ ଯେକୌଣସି ଅଙ୍ଗକୁ ସଂକ୍ରମିତ କରିପାରେ।

ଡଟ୍‌ସ ପଦ୍ଧତିରେ ଚିକିତ୍ସା ଦ୍ୱାରା ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ। ଏହି ଚିକିତ୍ସା ପଦ୍ଧତିରେ ଔଷଧ ନିୟମିତ ଖାଆନ୍ତୁ। କୌଣସି ବି ଗୋଟିଏ ମାତ୍ରା ଔଷଧ ବନ୍ଦ କରନ୍ତୁ ନାହିଁ।

ନିକ୍ଷୟ ପୋଷଣ ଯୋଜନା ଅଧୀନରେ ସରକାର ପ୍ରତ୍ୟେକ ଯକ୍ଷ୍ମା ରୋଗୀଙ୍କ ପୁଷ୍ଟିକର ଖାଦ୍ୟ ପାଇଁ ଚିକିତ୍ସା ସମୟରେ ମାସକୁ ୫୦୦ଟଙ୍କା ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ଏଥି ସହିତ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଯକ୍ଷ୍ମା ରୋଗୀଙ୍କ ପାଇଁ ପରୀକ୍ଷା ଓ ଚିକିତ୍ସା ସୁବିଧା ବିନାମୂଲ୍ୟରେ ଉପଲବ୍ଧ।

THE CLOCK IS TICKING WORLD TB DAY 2021

ଅଧିକ ସୂଚନା ପାଇଁ ଜିଲ୍ଲା ଯକ୍ଷ୍ମା ଅଧିକାରୀଙ୍କ ସହିତ ପରାମର୍ଶ କରନ୍ତୁ କିମ୍ବା ନିଃଶୁଳ୍କ ନିକ୍ଷୟ ହେଲ୍ପଲାଇନ୍: ୧୮୦୦-୧୧-୬୬୬୬ ରେ ଯୋଗାଯୋଗ କରନ୍ତୁ।

ଯକ୍ଷ୍ମା ହାରିବ, ଦେଶ ଜିତିବ !

ଆସନ୍ତୁ, ଏ ସମ୍ପର୍କରେ ସଚେତନ ହେବା ସହିତ କରୋନା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ମାନି ଚଳିବା

- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
- ମାସ୍କ ସଠିକ୍ ଭାବରେ ବ୍ୟବହାର କରନ୍ତୁ
- ଶାରିରୀକ ଦୂରତା ବଜାୟ ରଖନ୍ତୁ
- ଜନଗହଳି ସ୍ଥାନଠାରୁ ଦୂରେଇ ରୁହନ୍ତୁ

VACCINE ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ।

OIPR-10003-13-0070-2021

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

********
ସାଇବର ଠକାମୀ ଘଟଣା ବର୍ତ୍ତମାନ ବଢ଼ିବାରେ ଲାଗିଛି, ନିଜର ଓଟିପି, ୟୁପିଆଇ-ପିନ, କାର୍ଡର ସୂଚନା କାହାକୁ ଜଣାନ୍ତୁ ନାହିଁ ଅନ୍ୟଥା ଆପଣଙ୍କର ଭୀଷଣ କ୍ଷତି ଘଟିପାରେ।
ଆପଣ ଶେୟାର କରିଥିବା ସୂଚନାକୁ ବ୍ୟବହାର କରି, ଠକୁଥିବା ବ୍ୟକ୍ତି ଆପଣଙ୍କର ଭର୍ଚୁଆଲ ପେମେଣ୍ଟ ଆଡ୍ରେସ (ଭିପିଏ) ବନେଇ ପାରେ ଏବଂ ଆପଣଙ୍କର ବ୍ୟାଙ୍କ ଖାତାକୁ ୟୁପିଆଇ ସହିତ ଲିଙ୍କ କରି ପାରେ।
ଏବଂ ସହଜରେ ଆପଣଙ୍କ କାର୍ଡ କିମ୍ବା ବ୍ୟାଙ୍କ ଖାତାରୁ ଟଙ୍କାପଇସା ବାହାର କରିପାରେ। ତେଣୁ ସତର୍କ ରୁହନ୍ତୁ
RBI କହେ... ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !
ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ



# କିଛି ଶିଖିଲୁ ନାହିଁ

ଭାରତରେ କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ୨୨ ମାର୍ଚ୍ଚ ୨୦୨୦ରେ ସାରା ଦେଶରେ ପ୍ରଧାନମନ୍ତ୍ରୀ ଜନତା କର୍ଫ୍ୟୁ ଘୋଷଣା କରିଥିଲେ। ସେହିଦିନ ପ୍ରଧାନମନ୍ତ୍ରୀ ଇତିହାସ ସୃଷ୍ଟି କରିବାକୁ ଯାଇ ଲୋକମାନଙ୍କୁ ଅପରାହ୍ନ ୫ଟାରେ ଥାଳି, ଘଣ୍ଟା, ତାଳି ବଜାଇବାକୁ କହିଥିଲେ। ଦେଶବ୍ୟାପୀ ବଡ଼ବଡ଼ିଆଙ୍କଠାରୁ ଆରମ୍ଭ କରି ଗଳିକନ୍ଦିରେ ରହୁଥିବା ସାଧାରଣ ଲୋକ ଏହି ନିର୍ଦ୍ଦେଶକୁ ମାନିବା ପାଇଁ ବିପୁଳ ସଂଖ୍ୟାରେ ଏକ୍‌ଜୁଟ ହୋଇଯାଇଥିଲେ। ସମଗ୍ର ପୃଥିବୀରେ ମଣିଷ-ମଣିଷ ଭିତରେ ଦୂରତା ରଖିବାର ପ୍ରୟାସ ହେଉଥିବା ବେଳେ ଭାରତବାସୀ ବିହ୍ୱଳିତ ହୋଇ ଥାଳି, ଘଣ୍ଟା ବଜାଇବା ସହିତ ଭିଡ଼ ସୃଷ୍ଟି କରିଥିଲେ। ସେତେବେଳେ ଦେଶରେ କୋଭିଡ୍ ପରୀକ୍ଷା କରିବାର ବ୍ୟବସ୍ଥା ଉଚିତ ଢଙ୍ଗରେ ଆରମ୍ଭ ହୋଇ ନ ଥିବା ସତ୍ତ୍ୱେ ୨୨ ମାର୍ଚ୍ଚ ୨୦୨୦ର ସରକାରୀ ଆକଳନରେ ସେହି ଦିନ ଦେଶରେ ୩୯୧ କରୋନା ଆକ୍ରାନ୍ତ ହୋଇଥିବା ବେଳେ ମୃତ୍ୟୁସଂଖ୍ୟା ଏକ ଅଙ୍କ ଅର୍ଥାତ୍ ୭ରେ ସୀମିତ ରହିଥିଲା। ଏହାର ଦୁଇଦିନ ପରେ ୨୪ ମାର୍ଚ୍ଚ ସନ୍ଧ୍ୟା ୮ଟା ବେଳେ ମୋଦି ହଠାତ୍ ସେହି ମଧ୍ୟରାତ୍ରିରେ ସମଗ୍ର ଦେଶରେ ଲକ୍‌ଡାଉନ୍ ହେବ ବୋଲି ଘୋଷଣା କଲେ। ରେଳସେବା ଓ ବିମାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। କିନ୍ତୁ 'ବନ୍ଦେ ଭାରତ ମିଶନ' ଜରିଆରେ ବିମାନ ପଠାଇ ବିଦେଶରେ ଅଟକି ରହିଥିବା ଲୋକଙ୍କୁ ଆଣିବା ପାଇଁ ଭାରତ ସରକାର ଲାଗିପଡ଼ିଥିଲେ। ଅନ୍ୟପକ୍ଷରେ ଭାରତ ଭିତରେ ସ୍ଥିତି ଏଭଳି ଜଟିଳ କରିଦିଆଗଲା ଯେ ଘରୋଇ ଗାଡ଼ି ଓ ମୋଟର ସାଇକେଲ କେହି ବାହାର କଲେ ପୋଲିସ ତାଙ୍କୁ ଗିରଫ କଲା। ଲକ୍‌ଡାଉନ୍‌ର ସୁଫଳ ସମ୍ପର୍କରେ କାହାରି କୌଣସି ଧାରଣା ନ ଥିଲା। ତେବେ ସମଗ୍ର ପୃଥିବୀରେ ଭାରତର ଲକ୍‌ଡାଉନ୍ ସମ୍ପର୍କରେ ଆଲୋଚନା ହେଲା ଏବଂ ତାହା ସବୁଠାରୁ କଠୋର ଥିଲା ବୋଲି ବିଦେଶୀ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା। ୨୪ ମାର୍ଚ୍ଚରେ ମୋଟ କୋଭିଡ୍ ପଜିଟିଭ୍‌ଙ୍କ ସଂଖ୍ୟା ୫୧୧ ଥିଲା ଓ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ତା'ପରେ ଭାରତରେ ଆରମ୍ଭ ହେଲା ପ୍ରବାସୀ ଶ୍ରମିକ ସମସ୍ୟା। ଆଜି ଆମେ ଯେଉଁମାନେ ନିଜ ଘରେ ରହି ବଞ୍ଚିଯାଇଛୁ, ସେଭଳି ଲୋକ କେବେହେଲେ ପ୍ରବାସୀ ଶ୍ରମିକଙ୍କ ସମସ୍ୟାକୁ ବୁଝିପାରିବେ ନାହିଁ। ଆମ କଥା ତ ଦୂରରେ, ଭାରତ ସରକାର ଏବଂ ପ୍ରାୟ ସବୁ ରାଜ୍ୟ ସରକାର ମଧ୍ୟ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ସମ୍ପର୍କରେ କୌଣସି ତଥ୍ୟ ନ ଥିଲା ବୋଲି ଲକ୍‌ଡାଉନ୍ ସମୟରେ ସ୍ପଷ୍ଟ ବୁଝାଗଲା। ସେତେବେଳର କଥା ଯେଉଁମାନେ ମନେରଖିଥିବେ ସେମାନେ ହୃଦ୍‌ବୋଧ କରୁଥିବେ ଯେ ଶ୍ରମିକଙ୍କ ଉପରେ ପ୍ରତିଶୋଧ ନେଲାଭଳି ଗୋଟିଏ ପରେ ଗୋଟିଏ ପଦକ୍ଷେପ ନିଆଯାଉଥାଏ।

୨୪ ମାର୍ଚ୍ଚ ୨୦୨୧ରେ ମୋଦିଙ୍କ ଲକ୍‌ଡାଉନ୍‌ର ବର୍ଷପୂର୍ତ୍ତି। ଆଜିର ପରିସ୍ଥିତିକୁ ଅନୁଧ୍ୟାନ କରାଯାଉ। କୁହାଯାଉଛି ପୃଥିବୀରେ ଭାରତ ଟିକା ନିର୍ମାତା ଭାବେ ଆଗଧାଡ଼ିରେ ଥିବା ଏକ ଦେଶ। ଅନେକ ଆଫ୍ରିକୀୟ ଓ ଦକ୍ଷିଣ ଆମେରିକୀୟ ଦେଶକୁ ଟିକା ପଠାଇ ଆମର ନେତାମାନେ ବାହାବା ନେବାକୁ ଚେଷ୍ଟା କରୁଛନ୍ତି। ଦେଖିବାକୁ ଗଲେ ଅଦ୍ୟାବଧି ୧୩୫ କୋଟି ଲୋକଙ୍କ ମଧ୍ୟରୁ ମାତ୍ର ୪ କୋଟି ୭୩ ଲକ୍ଷ ଲୋକଙ୍କୁ ଟିକା ଦିଆଯାଇଛି। ଅର୍ଥାତ୍ ସମୁଦାୟ ଜନସଂଖ୍ୟାର ୩ ପ୍ରତିଶତରୁ କମ୍ ଟିକା ନେଇଥିବା ସରକାରୀ ଭାବେ କୁହାଯାଇଛି। ଏହି ହାରରେ ଯଦି ଟିକାକରଣ କରାଯାଏ, ତେବେ ଭାରତର ୭୦% ଲୋକଙ୍କୁ ପ୍ରାରମ୍ଭିକ ଟିକା ଦେବାକୁ ୨.୩୬ ବର୍ଷ ଓ ଉଭୟ ଡୋଜ୍ ଦେବାକୁ ଅନ୍ୟୁନ ୧୦.୮ ବର୍ଷ ଲାଗିଯିବ।

ଏଥିସହିତ ଭାରତ ସରକାର ଆହୁରି ଅନେକ ପ୍ରତିଶ୍ରୁତିବଦ୍ଧ ହୋଇପଡୁଛନ୍ତି। ନିକଟରେ ଆମେରିକା, ଅଷ୍ଟ୍ରେଲିଆ, ଜାପାନ ସହିତ ମିଶି ଭାରତ କରିଥିବା କ୍ୱାଡ୍ ମେଣ୍ଟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଏସୀୟ ଦେଶମାନଙ୍କୁ ଭାରତ ତରଫରୁ ଟିକା ଯୋଗାଇ ଦିଆଯିବ। ସେହି ପ୍ରତିଶ୍ରୁତି ଯଦି ରକ୍ଷା କରାଯାଏ ଦେଶରେ ଆଭ୍ୟନ୍ତରୀଣ ଟିକାକରଣ କାର୍ଯ୍ୟକ୍ରମ ଆହୁରି ବିଳମ୍ବ ହେବାର ସବୁ ସମ୍ଭାବନା ରହିଛି। ଉତ୍ତରାଖଣ୍ଡର ନବାଗତ ଭାଜପା ମୁଖ୍ୟମନ୍ତ୍ରୀ ତୀରଥ ସିଂ ରାୱତ ନିକଟରେ କହିଲେ ଯେ, ୨ ଶହ ବର୍ଷ କାଳ ଭାରତକୁ ଦାସତ୍ୱ ଭିତରେ ରଖିଥିବା ଆମେରିକା ଏବେ କୋଭିଡ୍‌ରେ ଅଧିକ ଆକ୍ରାନ୍ତ ହୋଇଥିବା ବେଳେ ଭାରତ କରୋନା ମୁକାବିଲା ସଫଳତାର ସହ କରିଛି। ଏହା କହିବା ମାତ୍ରକେ ତୀରଥ ନିଜେ କୋଭିଡ୍ ଆକ୍ରାନ୍ତ ହୋଇପଡ଼ିଛନ୍ତି ବୋଲି ଗଣମାଧ୍ୟମରେ ପ୍ରଚାରିତ ହେବା ସହିତ ଆମେରିକା ସମ୍ପର୍କିତ ତାଙ୍କ ଜ୍ଞାନକୁ କୌତୂହଳରେ ପ୍ରଶ୍ନ କରାଯାଇଛି। ଗୁଜରାଟରେ ନରେନ୍ଦ୍ର ମୋଦି ଷ୍ଟାଡ଼ିୟମରେ ପ୍ରଥମ ଟି୨୦ କ୍ରିକେଟ ଆୟୋଜନ କରାଗଲା ଓ ୫୦ ହଜାର ଲୋକ ତାହାକୁ ଦେଖିଲେ। ତା'ପରେ ଗୁଜରାଟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଠାରେ ମନେପଡ଼େ ୨୦୨୦ ଲକ୍‌ଡାଉନ୍ ପୂର୍ବରୁ ସମଗ୍ର ପୃଥିବୀବ୍ୟାପୀ ବିଦେଶ ଯାତ୍ରା ବନ୍ଦ କରାଯାଇଥିବା ବେଳେ ଭାରତରେ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମକୁ ଅତି ଜୋର୍‌ସୋର୍‌ରେ ସେହି ଗୁଜରାଟରେ ହିଁ କରାଯାଇଥିଲା। ତା'ପରଠାରୁ ଗୁଜରାଟରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇଥିଲା।

ଘଣ୍ଟା ବାଡ଼େଇବା, ତାଳି ମାରିବା, ଦୀପ ଜଳାଇବା ଏବଂ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଭଳି ଜୋକରାତ୍ମକ କାର୍ଯ୍ୟକ୍ରମ ଯୋଗୁ ଭାରତ ଏବେ ତୃତୀୟ ବିଶ୍ୱ ଦେଶ ପରିବର୍ତ୍ତେ ଚତୁର୍ଥ ବିଶ୍ୱଦେଶ ସ୍ତରକୁ ଆସିଗଲାଣି। ଏଥିସହିତ ୨୮୦ରୁ ଊର୍ଦ୍ଧ୍ୱ କମ୍ପାନୀ ଏହି ବର୍ଷକ ମଧ୍ୟରେ ଦେବାଳିଆ ହୋଇଯାଇଛନ୍ତି ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏହି ତଥ୍ୟ ମଧ୍ୟ ଅସତ୍ୟ ମନେହେଉଛି। ୨୮୦ ଠାରୁ ଆହୁରି ଅନେକ ଶହ ବ୍ୟବସାୟ ବୁଡ଼ିଯାଇଥିବା ସୁନିଶ୍ଚିତ। ପେଟ୍ରୋଲ ଓ ଡିଜେଲ ଦର ବିଷୟରେ ସମସ୍ତେ ଜାଣୁଛନ୍ତି। ଏଭଳି କଳାବାଦଲ ଘୋଟିଆସୁଥିବା ବେଳେ ଆମେ ଏକ ଦେଶ ଭାବେ କେଉଁସବୁ ଶିକ୍ଷା ଗ୍ରହଣ କରି ପ୍ରତିକାର ପନ୍ଥା ବାହାର କରିଛେ ତାହାର ସମୀକ୍ଷା ହେବା ଦରକାର। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ବିଶ୍ୱବ୍ୟାପୀ ସମସ୍ତେ କରୋନା ମୁକାବିଲା ପାଇଁ ପୁନର୍ବାର ପ୍ରସ୍ତୁତ ହେଉଥିବା ବେଳେ ଭାରତ ସରକାର କୃଷକଙ୍କୁ ଦମନ ପାଇଁ କୃଷିବିଲ୍ ଓ ଗଣମାଧ୍ୟମକୁ ଦମନ ପାଇଁ ସମୟ ବ୍ୟର୍ଥ କରି ଅନେକେ କଠୋର ନିୟମାବଳୀ କଲେ।

ଦୁର୍ଦ୍ଦିନରୁ ଶିକ୍ଷା ନେଇ ଯେଉଁ ଜାତି ନିଜକୁ ସୁଦୃଢ଼ କରେ ସେଭଳି ଜାତି ଆଗାମୀ ଦିନରେ ତିଷ୍ଠିପାରିବ। ସେହି ସୁଯୋଗ ଭାରତକୁ ଆଣିଦେଲା। ଏବେ ସେହି ଦୀପ ଜଳାଇବା, ଘଣ୍ଟା ବାଡେଇବା ସହିତ ପରସ୍ପର ମଧ୍ୟରେ ଦ୍ୱେଷ ଏବଂ ସନ୍ଦେହ ସୃଷ୍ଟି କରିଚାଲିଲେ ଦେଶ ତଳିତଳାନ୍ତ ହୋଇଯିବ। ଆଜି ଯେତେବେଳେ କରୋନା ପୁନର୍ବାର ବିଶ୍ୱ ଏବଂ ଭାରତରେ ମୁଣ୍ଡ ଟେକିଲାଣି ସେତେବେଳେ ଆମ ସମସ୍ତଙ୍କୁ ପ୍ରତ୍ୟେକ ପଡ଼ୋଶୀର ସାହାଯ୍ୟ ଏବଂ ସହାନୁଭୂତି ଲୋଡ଼ିବାକୁ ହେବ। ସେଭଳି ବାତାବରଣ ସୃଷ୍ଟିକରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 4 | | 9 | | 8 | | | 7 | | | 2 | | E | 6 |
| | | C | | | B | | | | 8 | 1 | 4 | | | |
| 9 | | | | C | | | 4 | B | | | E | | | |
| B | E | | | 1 | | 6 | | | | 0 | | | D | |
| | | | | | | | 5 | | | 7 | C | 9 | | |
| | 2 | 1 | B | E | | 9 | | | 4 | | | | A | |
| | | | 1 | | 4 | 3 | | | | | A | | | |
| | | | | | 6 | | A | | | | | | 9 | |
| | | | 2 | | | | C | | 0 | E | | 6 | | B |
| | | 8 | | | A | | B | 0 | | D | 5 | E | | |
| C | | | | | | | 0 | | 3 | 2 | | | | A |
| | B | | | 7 | C | A | | 4 | 6 | | 9 | | 8 | |
| 3 | 0 | | E | | | | | D | | | | | | |
| | 6 | | 4 | D | 1 | | 3 | 5 | | | | B | | |
| 4 | | 5 | | 3 | | C | | 2 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 1 | C | B | 5 | E | 3 | 7 | 8 | 9 | 4 | 0 | 2 | 6 | A |
| 9 | 8 | 4 | A | 1 | 7 | 0 | 2 | E | 3 | 6 | C | 5 | B | D |
| 2 | A | 3 | 9 | 0 | 6 | D | 1 | 4 | B | 7 | 5 | E | C | 8 |
| 6 | B | E | 4 | C | 3 | 5 | 9 | A | D | 2 | 8 | 7 | 1 | 0 |
| 5 | 7 | 0 | 8 | 2 | D | B | C | 6 | E | 1 | A | 3 | 9 | 4 |
| B | E | A | 1 | 6 | 9 | C | D | 5 | 4 | 8 | 7 | 0 | 2 | 3 |
| 0 | C | 6 | 3 | D | B | 4 | 8 | 7 | 1 | E | 2 | 9 | A | 5 |
| 4 | 3 | 8 | 0 | E | A | 2 | B | 9 | C | 5 | D | 1 | 7 | 6 |
| 1 | 5 | D | 7 | 8 | 2 | A | E | 3 | 6 | 0 | 9 | C | 4 | B |
| 7 | 2 | 9 | 5 | 4 | C | 1 | 6 | 0 | A | 3 | B | D | 8 | E |
| 8 | D | 1 | 2 | 3 | 0 | 6 | A | B | 7 | 9 | E | 4 | 5 | C |
| C | 4 | 5 | E | B | 8 | 7 | 0 | 1 | 2 | D | 6 | A | 3 | 9 |
| E | 0 | 2 | 6 | 9 | 1 | 8 | 3 | C | 5 | A | 4 | B | D | 7 |
| A | 6 | B | D | 7 | 5 | 9 | 4 | 2 | 0 | C | 3 | 8 | E | 1 |
| 3 | 9 | 7 | C | A | 4 | E | 5 | D | 8 | B | 1 | 6 | 0 | 2 |

ଗତକାଲିର ଉତ୍ତର

# ବିଶ୍ୱର ନିଷ୍ପେଷିତ ଜନଗୋଷ୍ଠୀ



ନାରାୟଣ ପଣ୍ଡା

ବିଶ୍ୱରେ ଏବେ ବି କିଛି ମଣିଷ ବିଭିନ୍ନ ଦେଶରେ ଧର୍ମ, ବର୍ଣ୍ଣ ଜାତିକୁ ନେଇ ନିଷ୍ପେଷିତ ଅଛନ୍ତି। ତାହା ହିନ୍ଦୁ ପ୍ରଧାନ ଦେଶ ଭାରତ ହେଉ କିମ୍ବା ବର୍ଣ୍ଣ ବୈଷମ୍ୟର ରଙ୍ଗରେ ରଙ୍ଗାୟିତ ଆମେରିକା ହେଉ ଅବା ମୁସଲିମ୍ ବହୁଳ ୟେମେନ ଓ ବୁଦ୍ଧପୂଜିତ ଜାପାନ। ଏ ସମସ୍ତ ଅଞ୍ଚଳରେ କିଛି ମଣିଷମାନଙ୍କୁ ମଣିଷ ଜାତିର ନିମ୍ନତମ ସୋପାନରେ ରଖାଯାଇ ସେମାନଙ୍କୁ ଶାରୀରିକ, ମାନସିକ ଓ ମନସ୍ତାତ୍ତ୍ୱିକ ନିପୀଡ଼ନ କରାଯାଉଛି। ଛିନ୍ନ କରାଯାଉଛି ମଣିଷରୂପେ ତାଙ୍କର ବଞ୍ଚିବାର ଅଧିକାର। ୟେମେନରେ ଏମିତି କିଛି ଲୋକ ଅଛନ୍ତି, ମୁଖ୍ୟ ସ୍ରୋତରେ ମିଶିବା ପାଇଁ ସେମାନଙ୍କ ସ୍ୱପ୍ନ ଏବେ ବି ବହୁତ ଦୂରରେ। କଳା ଚମଡ଼ାର ଆଖଡମ୍ ସଂପ୍ରଦାୟ ସେଠାରେ ଶତାବ୍ଦୀ ଶତାବ୍ଦୀ ଧରି ଚିରନ୍ତନ ପକ୍ଷପାତିତା ଓ ସାଂସ୍କୃତିକ ନିର୍ଯାତନାର ଶିକାର ହେଉଛନ୍ତି। ସେ ମାଟିରେ ଇସ୍‌ଲାମ ପ୍ରବେଶ ପୂର୍ବରୁ ୧୪ଶ ଖ୍ରୀଷ୍ଟାବ୍ଦ ବେଳକୁ ଲୋହିତ ସାଗର ଅତିକ୍ରମ କରି ସେମାନେ ୟେମେନରେ ଆସି ବାସ କରୁଥିଲେ। ସେମାନେ ଆଜି ୟେମେନରେ ସଂଖ୍ୟାଲଘୁ ଓ ଦଳିତ। ସେ ଦେଶର ୨.୯୨ କୋଟି ଲୋକ ସଂଖ୍ୟାରେ ସେମାନଙ୍କ ସଂଖ୍ୟା ୧.୫ ନିୟୁତ। ଜାତିବାଦର ପଦାନୁକ୍ରମରେ ଏହି କୃଷ୍ଣକାୟ ସମୁଦାୟ ସେଠାକାର ସମାଜରେ ଆଜି ଅଦରକାରୀ। ୟେମେନୀୟମାନେ ଜାତିଗତ ଉତ୍କର୍ଷତାକୁ ନେଇ ସେମାନଙ୍କୁ ଆଜି ବି ଅପମାନିତ କରି ଏକଘରିଆ ରଖିଛନ୍ତି। ସାଧାରଣ ଶ୍ମଶାନରେ ସେମାନଙ୍କୁ ସମାଧି ନେବାକୁ ଦିଆଯାଏ ନାହିଁ। ସହରଠାରୁ ଦୂର ବସ୍ତି ଅଞ୍ଚଳରେ ଏକବଖୁରିଆ କୁଡ଼ିଆରେ ସେମାନେ ସାତ ଆଠ ଜଣ ବାସ କରନ୍ତି। ସେମାନେ ସର୍ବତ୍ର ଘୃଣାର ପାତ୍ର। ସେମାନେ ଉତ୍କଟ ଦାରିଦ୍ର୍ୟ ଓ ହୀନମନ୍ୟତା ମଧ୍ୟରେ ବାସ କରିବାକୁ ବାଧ୍ୟ ହେଉଛନ୍ତି। ମୌଳିକ ଶିକ୍ଷା ଆହରଣ କରିବା ପାଇଁ ୟେମେନ ସରକାର ସମସ୍ତଙ୍କୁ ବିନା ପକ୍ଷପାତିତାରେ ଆଇନ ନିର୍ମାଣ କରିଥିଲେ ମଧ୍ୟ ଏହାର କାର୍ଯ୍ୟାନ୍ୱୟନ ଦାୟିତ୍ୱରେ ଥିବା ଅଧିକାରୀ ସମ୍ପୃକ୍ତ ସମ୍ପ୍ରଦାୟଙ୍କ ପ୍ରତି ଘୃଣା ମନୋଭାବ ଯୋଗୁ ଅସ୍ୱୀକାର କରିଥାନ୍ତି। ବିଶ୍ୱରେ ଏହି ଆଖଡମ୍ ଜାତି ସର୍ବାପେକ୍ଷା ଅଧିକ ନିର୍ଯାତିତ ଓ ବର୍ଣ୍ଣ ବୈଷମ୍ୟର ଶିକାର। ଆଖଡମ୍‌ମାନଙ୍କ ସମ୍ପର୍କରେ କୁହାଯାଏ ଯଦି କୌଣସି ଖାଦ୍ୟ ପାତ୍ରକୁ କୁକୁରଟିଏ ସ୍ପର୍ଶ କରେ ତାହାକୁ ଧୁଆଯାଇ ବ୍ୟବହାର କରାଯାଇପାରେ କିନ୍ତୁ ପାତ୍ରକୁ ଯଦି ଆଖଡମ୍ ସ୍ପର୍ଶ କରନ୍ତି ତାହାକୁ ଭାଙ୍ଗି ଦେବାକୁ ହୁଏ। ଏବେ ବି ଏମାନେ ନିଜର ଅଧିକାର ପାଇଁ ସଂଘର୍ଷରତ।

ଜାପାନର ବୁରାକୁମିନ- ଜାପାନୀ ଭାଷାରେ କ୍ଷୁଦ୍ର ଗ୍ରାମର ଲୋକ ସେଠାରେ ସଂଖ୍ୟାଲଘୁ ସମ୍ପ୍ରଦାୟ। ସେମାନଙ୍କ ରହୁଥିବା ଗ୍ରାମକୁ ଘେଟୋଜ କୁହାଯାଏ। ସମାଜରେ ସେମାନେ ପକ୍ଷପାତ ଓ ବାସନ୍ଦର ଶିକାର ହୋଇଥାନ୍ତି। ଜାପାନ ଆଇନରେ ୧୮୬୮ରୁ ଏହା ଉଚ୍ଛେଦ ହୋଇଥିଲେ ମଧ୍ୟ ଆଜି ବି ସେମାନେ ଅପବାଦ ଓ କଳଙ୍କର ବୋଝ ମୁଣ୍ଡାଇ ଚାଲୁଛନ୍ତି। ଦେଶର ମୁଖ୍ୟ ସ୍ରୋତରେ ମିଶିବା ପାଇଁ ସେମାନଙ୍କ ସଂଗ୍ରାମ ଅବ୍ୟାହତ ରହିଛି । ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ଜୀବନର ଉତ୍ଥାନ ପତନର କଠିନ ସୋପାନ ଅତିକ୍ରମ କରି ସଫଳତାର ଶୀର୍ଷରେ ଅବଶ୍ୟ ପହଞ୍ଚିଛନ୍ତି। କିନ୍ତୁ ଏବେ ବି ସେମାନଙ୍କ ସଂଖ୍ୟାର ସିଂହଭାଗ ଘାତକ, କଂସେଇ, କଂସେଇଖାନାର ଶ୍ରମିକ ଓ ଚମଡ଼ା କଷ କରିବା କାର୍ଯ୍ୟରେ ନିୟୋଜିତ ରହି ଜୀବିକା ନିର୍ବାହ କରନ୍ତି। ଜିଚିରୋ ମାଟ୍ସୁଗୋଟାଙ୍କୁ ଜାପାନର ବୁରାକୀ ମୁକ୍ତି ଆନ୍ଦୋଳନର ପିତା କୁହାଯାଏ। ବୁରାକୁମିନ ପୃଷ୍ଠଭୂମିରୁ ଆସିଥିବା ହିରମୁ ନୋନାକା ନିଜର ଚେଷ୍ଟା, ସଂଘର୍ଷ ଓ ଅଧ୍ୟବସାୟ ଦ୍ୱାରା ଜାପାନର କ୍ୟାବିନେଟ୍ ସେକ୍ରେଟାରୀ, ପ୍ରତିନିଧି ସଭାର ସଦସ୍ୟ ଓ ଗୃହମନ୍ତ୍ରୀ ହୋଇପାରିଥିଲେ।

ଏକବିଂଶ ଶତାବ୍ଦୀରେ ମଧ୍ୟ ଆମେରିକାରେ କିଭଳି ବର୍ଣ୍ଣ ବୈଷମ୍ୟ ରହିଛି ୨୦୨୦ ମେ ମାସରେ ପୋଲିସ ହେପାଜତରେ ଜଣେ ଅଶ୍ୱେତ ଜର୍ଜ ଫ୍ଲଏଡଙ୍କ ମୃତ୍ୟୁ ଘଟଣା ଏହାର ସାକ୍ଷୀ। ଟାକ୍ସ ଠକେଇଜନିତ ଏକ ଘଟଣାରେ ପୋଲିସର ଜଣେ ପୂର୍ବତନ ଅଧିକାରୀ ଡେରେକ ଚାଉଭିନ ଫ୍ଲଏଡଙ୍କ ବେକକୁ ନିଷ୍ଠୁରଭାବେ ପ୍ରାୟ ୯ ମିନିଟ ଆଣ୍ଠୁରେ ଚାପି ଧରିଥିଲେ। ସେ ସାହାଯ୍ୟ ପାଇଁ ଚିତ୍କାର କରୁଥିଲେ ହେଁ ପୋଲିସ ତାଙ୍କ କଥା ଶୁଣି ନ ଥିଲା। ଏହାପରେ ତାଙ୍କର ମୃତ୍ୟୁ ଘଟିଥିଲା। ଫ୍ଲଏଡ ଜଣେ ଅଶ୍ୱେତ ହୋଇଥିବାରୁ ପୋଲିସ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ସହ ସମଗ୍ର ଆମେରିକାରେ ବିକ୍ଷୋଭ ହୋଇଥିଲା। ଜାତିଗତ ଭେଦଭାବ ବିରୋଧରେ ବ୍ଲାକ୍ ଲାଇଭ୍ସ ମେଟର ନାମରେ ଆନ୍ଦୋଳନ ସମଗ୍ର ବିଶ୍ୱକୁ ବ୍ୟାପିଯାଇଥିଲା। ଏଥିରେ ଚାଉଭିନଙ୍କ ସମେତ ତିନି ପୋଲିସ ଅଧିକାରୀଙ୍କ ଉପରେ ହତ୍ୟା ଅଭିଯୋଗ ଆରୋପିତ ହୋଇଛି। ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି ଦେଶର ପ୍ରଚଳିତ ଆଇନ ଅନୁସାରେ ଅତି ବେଶିରେ ୬୫ ବର୍ଷ ପର୍ଯ୍ୟନ୍ତ ସେ ଜେଲ ଦଣ୍ଡ ଭୋଗିପାରନ୍ତି। ଉଲ୍ଲେଖଯୋଗ୍ୟ ସମ୍ପ୍ରତି ଏକ ଚୁକ୍ତି ଅନୁସାରେ ସମ୍ପୃକ୍ତ କର୍ତ୍ତୃପକ୍ଷ ଫ୍ଲଏଡଙ୍କ ପରିବାରକୁ ୨୭ ମିଲିୟନ ଡଲାର ବା ୧୯୬.୨୦୦ କୋଟି ଟଙ୍କା କ୍ଷତିପୂରଣ ସ୍ୱରୂପ ଦେବାପାଇଁ ସ୍ଥିର ହୋଇଛି । ଆମେରିକାରେ କଳା ଗୋରା ଭେଦଭାବ ଦୀର୍ଘ ବର୍ଷ ଧରି ଚାଲିଛି। ଏହି ଭେଦଭାବ ବିଲୋପ କରିବା ପାଇଁ ଅତୀତରେ ଆମେରିକାର କିମ୍ବଦନ୍ତୀ କୃଷ୍ଣକାୟ ସପକ୍ଷବାଦୀ ସଂଗ୍ରାମୀ ମାର୍ଟିନ ଲୁଥର କିଙ୍ଗ ଜୁନିୟର ତାଙ୍କର ୩୭ ବର୍ଷ ଜୀବନକାଳ ମଧ୍ୟରେ ୨୦ ଥର ଜେଲ ଯିବା ସହିତ ୪ଥର ମାଡଖାଇ ଶେଷରେ ମେମଫିସଠାରେ ଆତତାୟୀଙ୍କ ନିର୍ମମ ଗୁଳିରେ ଶହୀଦ ହୋଇଥିଲେ । ସମୟର ପରିବର୍ତ୍ତନ ହୋଇଛି। କଳା ଲୋକ ଆମେରିକାର ରାଷ୍ଟ୍ରପତି ପଦବୀ ମଣ୍ଡନ କରିଛନ୍ତି। ସମ୍ପ୍ରତି ଜଣେ ମୂଳ ଭାରତୀୟ ମହିଳା ଆମେରିକାର ଉପରାଷ୍ଟ୍ରପତି ଅଛନ୍ତି। ଶ୍ୱେତାଙ୍ଗମାନଙ୍କର ମାନସିକତାରେ ତଥାପି ପରିବର୍ତ୍ତନ ହୋଇ ନାହିଁ। କଳା ଲୋକଙ୍କ ପ୍ରତି ଆମେରିକୀୟ ଶ୍ୱେତାଙ୍ଗଙ୍କ ମନରେ ଅସରନ୍ତି ଘୃଣା।

ପଶ୍ଚିମ ଫ୍ରାନ୍ସ ଓ ଉତ୍ତର ସ୍ପେନରେ କାଗୋଟ ନାମକ ଏକ ପ୍ରାଚୀନ ସମ୍ପ୍ରଦାୟ ସେଠାରେ ଅସ୍ପୃଶ୍ୟତାର ଶରବ୍ୟ ହେଉଛନ୍ତି। ଦିନ ଥିଲା ତାଙ୍କ ପାଇଁ ସ୍ୱତନ୍ତ୍ର ନିବାସସ୍ଥଳ ଥିଲା। ସାମାଜିକ ଓ ରାଜନୈତିକ ଅଧିକାରରୁ ସେମାନେ ବଞ୍ଚିତ ହେଉଥିଲେ। ସେମାନେ ଅଣକାଗୋଟମାନଙ୍କୁ ବିବାହ କରିପାରୁ ନ ଥିଲେ। ସାଧାରଣ ଗାଧୁଆ ସ୍ଥଳରେ ସ୍ନାନ କରିପାରୁ ନ ଥିଲେ। ରାତ୍ରି ଉତ୍ସବ ପାଳନ କରିପାରୁ ନ ଥିଲେ କିମ୍ବା ଖାଦ୍ୟ ଓ ମଦ୍ୟ ବିକ୍ରି କରିବାର ଅଧିକାର ସେମାନଙ୍କର ନ ଥିଲା। ସେମାନେ ଚର୍ଚ୍ଚରେ ସଂକୀର୍ଣ୍ଣ ଓ ଅନୁଚ୍ଚ ପାର୍ଶ୍ୱ ଦରଜାଦେଇ ମୁଣ୍ଡ ନୁଆଁଇ ପ୍ରବେଶ କରିବାକୁ ବାଧ୍ୟ ହେଉଥିଲେ। ଆଧୁନିକତାରେ ତାଳ ଦେଇ ସେମାନଙ୍କ ଅବସ୍ଥାରେ ସମ୍ପ୍ରତି କିଛିଟା ପରିବର୍ତ୍ତନ ପରିଦୃଶ୍ୟ ହେଉଥିଲେ ମଧ୍ୟ ଅନେକ କାଗୋଟଙ୍କର ସ୍ଥିତି ମଧ୍ୟ ପୂର୍ବବତ୍ ରହିଛି। ସେହିପରି ନାଇଜେରିଆର ଓହୁହୁ ସମ୍ପ୍ରଦାୟ ସେଠାରେ 'ଘୃଣ୍ୟ ଓ ଅସ୍ପୃଶ୍ୟ' ରୂପେ ଯୁଗ ଯୁଗ ଧରି ରହିଆସିଛନ୍ତି। ବୋଝ ଓ ଟୋକେଇ ବୁଣିବା, କଂସେଇଖାନାରେ କାମ କରିବା, ଚମଡ଼ା ଧୋଇବା ସେମାନଙ୍କର ବୃତ୍ତି। ଉଚ୍ଚସ୍ତରୀୟ ବ୍ୟକ୍ତିମାନେ ସେମାନଙ୍କୁ ଘୃଣା ହିଁ କରିଥାନ୍ତି। କୋରିଆରେ ବାଏକ ଜିଓଙ୍ଗ ସମ୍ପ୍ରଦାୟ ନୀଚ, ପ୍ରଦୂଷିତ ଓ ଅସ୍ପୃଶ୍ୟ। ଏଠାରେ ଜାତି ବିଭାଗରେ ସମ୍ଭ୍ରାନ୍ତ, ମଧ୍ୟସ୍ଥିତ ଓ ସାଧାରଣ ବର୍ଗର ନିମ୍ନରେ ବାଏକ ଜିଓଙ୍ଗ ଚତୁର୍ଥ ବର୍ଗର। ଭାରତରେ ଆଇନ ପ୍ରଣୟନଦ୍ୱାରା ଅସ୍ପୃଶ୍ୟତା ଉଚ୍ଛେଦ କରାଯାଇଛି। ଅତୀତରେ ବୈଦିକ ଯୁଗରୁ ଏଠାରେ କଠୋର ବର୍ଣ୍ଣାଶ୍ରମ ବ୍ୟବସ୍ଥା ଥିଲା। ଚତୁର୍ଥ ବର୍ଗର ଲୋକମାନେ ଅକଳନ ଘୃଣା ଓ ଦ୍ୱେଷର ଶରବ୍ୟ ହେଉଥିଲେ। ବିଡ଼ମ୍ବନାର ବିଷୟ, ଆଜି ବି ଭାରତର ଗ୍ରାମାଞ୍ଚଳରେ କିଛି ସମ୍ପ୍ରଦାୟ ଉଚ୍ଚ ବର୍ଗଙ୍କ ଦ୍ୱାରା ଶୋଷିତ ଓ ଘୃଣିତ ହେଉଛନ୍ତି। ପ୍ରକୃତରେ ବେଦ କୌଣସି ଜାତି ସୃଷ୍ଟି କରିନାହିଁ। ବ୍ୟକ୍ତିର କର୍ମର ଆଧାରରେ ହିଁ ତାହାର ବର୍ଣ୍ଣ ନିରୂପିତ ହୋଇଥାଏ। ମାନବତା ମନ୍ତ୍ରକୁ ଛାଡ଼ି ଲୋକମାନେ ଦଳୀୟ ଓ ସାମ୍ପ୍ରଦାୟିକ ବିଚାରରେ ଉନ୍ମତ୍ତ ହେଲେ ମନୁଷ୍ୟର ସଂଗଠନ ବହୁଧା ବିଭକ୍ତ ହୁଏ। ବହୁଦଳ, ସଂଘ, ସମ୍ପ୍ରଦାୟ ଗଠିତ ହୋଇ ବିଚାର ଭିନ୍ନ ଭିନ୍ନ ହୁଏ। ମନୁଷ୍ୟ ମନୁଷ୍ୟ ମଧ୍ୟରେ ଭେଦଭାବ ସୃଷ୍ଟି ହୁଏ। ଦଳ ଦଳ ମନୁଷ୍ୟ ଭିନ୍ନ ଭିନ୍ନ ଶିବିରେ ଗଡ଼ନ୍ତି। ତେଣୁ ଈଶ୍ୱର କହୁଛନ୍ତି,- ମୁଁ ତୁମମାନଙ୍କ ପାଇଁ ସମାନ ସୁଯୋଗ ଅର୍ପଣ କରୁଛି। ତୁମମାନଙ୍କ ସଂକଳ୍ପ ଶକ୍ତି ସମାନ ହେଉ। ତୁମମାନଙ୍କ ହୃଦୟ ଓ ମନ ସମାନ ହେଉ। ଏହାଦ୍ୱାରା ତୁମର ବଳ ଓ ସାମର୍ଥ୍ୟ ଉତ୍ତମ ଭାବରେ ପ୍ରକାଶିତ ହୋଇ ରାଷ୍ଟ୍ରର ହିତ ପାଇଁ ଉପଯୋଗ ହେବ। ଉକ୍ତ ବୈଦିକ ବାଣୀ ଅନୁସରଣ କରାଗଲେ ଦେଶ ସୁଖଶାନ୍ତିରେ ଉଲ୍ଲସି ଉଠିବ। ପରିତାପର ବିଷୟ, ଆଜି ବି ଭାରତର ଗ୍ରାମାଞ୍ଚଳର ମନ୍ଦିର ଦ୍ୱାର ଅନେକଙ୍କ ପାଇଁ ନିଷିଦ୍ଧ ରହିଛି। ଏହା ଅତ୍ୟନ୍ତ ଅମାନବୀୟ ଓ ଯୁଗ ବିରୋଧୀ। ନିର୍ବାଚନ ସମୟରେ ଆମର ନମସ୍ୟ ରାଜନେତାଗଣ ସ୍ୱ-ବାଜି କରି ଅଚ୍ଛବଙ୍କ ଘରେ ପ୍ରାୟୋଜିତ ଭୋଜନ କରିଥାନ୍ତି। ଏଥିରେ କୌଣସି ଲାଭ ହୁଏ ନାହିଁ। ରାଜନେତାମାନଙ୍କର ବିଭିନ୍ନ ଅଞ୍ଚଳ ଗସ୍ତ ସମୟରେ ଏହି ବର୍ଗର ଲୋକମାନଙ୍କୁ ନେଇ ଯଦି ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହନ୍ତା ଦେଶର ଅସ୍ପୃଶ୍ୟତା ସମସ୍ୟା ଅଚିରେ ବି ଦୂରିତ ହୁଅନ୍ତା। ଏଥିପାଇଁ ନୀତି ପ୍ରସ୍ତୁତ ହେବା ସହିତ ତଦନୁଯାୟୀ ମାନସିକତା ପ୍ରସ୍ତୁତ ହେବା ଦରକାର।

ମୋ.- ୯୪୩୭୦୧୧୮୯୬୨

# ଜଳୁଛି ଜଙ୍ଗଲ



ରାଧାମୋହନ ମହାପାତ୍ର

କଥାରେ ଅଛି, ଘରପୋଡ଼ିଠାରୁ ବିପତ୍ତି ନାହିଁ। କିନ୍ତୁ ଘରପୋଡ଼ିଠାରୁ ଜଙ୍ଗଲ ପୋଡ଼ି ଆହୁରି ମାରାତ୍ମକ। ଘରଟିଏ ପୋଡ଼ିଗଲେ ମାସେ, ଦୁଇମାସ, ଛ'ମାସ କିମ୍ବା ବର୍ଷକ ଭିତରେ ନୂଆ ଘରଟିଏ ତିଆରି କରିହେବ। କିନ୍ତୁ ଜଙ୍ଗଲରେ ନିଆଁ ଲାଗି ଗଛ ଗୁଳ୍ମାଦି ନଷ୍ଟ ହୋଇଗଲେ, ସେମିତି ସବୁଜ ସୁନ୍ଦର ଜଙ୍ଗଲଟିଏ ସୃଷ୍ଟି କରିବା ପାଇଁ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଲାଗିଯାଇପାରେ। ଘରପୋଡ଼ି ବା କୋଠାବାଡ଼ି ପୋଡ଼ିକୁ ଅଗ୍ନି ନିର୍ବାପକ ସଂସ୍ଥା ଦ୍ୱାରା ଲିଭାଯାଇପାରେ। କିନ୍ତୁ ଜଙ୍ଗଲରେ ଥରେ ନିଆଁ ଲାଗିଲେ ତାକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼େ, ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ହୋଇଯାଏ ; ଧନ ଜୀବନ ହାନି ସହ ପଶୁପକ୍ଷୀ, କୀଟପତଙ୍ଗଙ୍କର ପ୍ରାଣହାନି ହୁଏ। ମୋଟାମୋଟି କହିବାକୁ ହେଲେ ବନାଗ୍ନି ଦ୍ୱାରା ଉଦ୍ଭିଦ ଜଗତ, ପ୍ରାଣୀ ଜଗତ, ଜୈବ ବିବିଧତା ଓ ପାରିବେଶିକ ପରିସଂସ୍ଥା ନଷ୍ଟ ହୋଇଯାଏ। ଏଇ କେତେବର୍ଷ ହେଲା ଭାରତ ସରକାରଙ୍କର ବନ ସର୍ବେକ୍ଷଣ ସଂସ୍ଥା (ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ) 'ମୋର୍ଡିସ୍' ସାଟେଲାଇଟରୁ ସିଧାସଳଖ ବିଭିନ୍ନ ରାଜ୍ୟର ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ନିକଟକୁ ଏବଂ ରେଜିଷ୍ଟ୍ରି ହୋଇଥିବା କ୍ଷେତ୍ର ୟୁନିଟର ମୋବାଇଲକୁ ଜିପିଏସ୍ ମାଧ୍ୟମରେ ସୂଚିତ କରାଯାଉଛି, ଜଙ୍ଗଲର କେଉଁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିଆଁ ଲାଗିଛି ଯଦ୍ଦ୍ୱାରା ପ୍ରଶାସନ ଅବଗତ ହୋଇପାରୁଛି।

ସାଧାରଣତଃ ଶୀତ ଋତୁର ଶେଷଆଡ଼କୁ ଜଙ୍ଗଲରେ ବଡ଼ ବଡ଼ ଗଛରୁ ପତ୍ର ଝଡ଼ିବା ଆରମ୍ଭ କରେ ଏବଂ ଗଛମୂଳରେ ଝଡ଼ାପତ୍ର, ଶୁଖିଲା ଡାଳ ଗଦାହୋଇ ଶୁଷ୍କ ପରିବେଶ ସୃଷ୍ଟି କରେ। ବାରୁଦରେ ନିଆଁ ଲାଗିଲା ଭଳି ସାମାନ୍ୟ ଅଗ୍ନି ସ୍ଫୁଲିଙ୍ଗ ସମଗ୍ର ଜଙ୍ଗଲକୁ ଧ୍ୱଂସ ସ୍ତୂପରେ ପରିଣତ କରିଦିଏ। ସାଧାରଣତଃ ଓଡ଼ିଶା ଜଙ୍ଗଲରେ ଫେବୃୟାରୀରୁ ମେ ମାସ ପର୍ଯ୍ୟନ୍ତ ନିଆଁ ଲାଗିଥାଏ। ଚଳିତବର୍ଷ ମାର୍ଚ୍ଚ ପ୍ରାରମ୍ଭରୁ ନିଆଁ ଅଣାୟତ୍ତ କଲାଣି। ଜଳୁଛି ଜଙ୍ଗଲ। ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ରାଜ୍ୟ ତମାମ ଜଙ୍ଗଲ ଜଳୁଛି। ଜଙ୍ଗଲ ନିଆଁରେ ଦେଶରେ ସବୁଠୁ ଆଗରେ ରହିଛି ଓଡ଼ିଶା। ଏଇ ମାର୍ଚ୍ଚ ସପ୍ତାହେ ଭିତରେ ଦିନକରେ ଦେଶରେ ୫୮୬ଟି ବଡ଼ ବଡ଼ ଅଗ୍ନିକାଣ୍ଡ ମଧ୍ୟରୁ ଓଡ଼ିଶାରେ ୨୧୪ ସ୍ଥାନରେ ଅଗ୍ନିକାଣ୍ଡ ଘଟିଛି। ୨୦୨୦-୨୧ରେ ଦେଶରେ ଯେତିକି ସ୍ଥାନରେ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଛି, ସେଥିରେ ଓଡ଼ିଶା ହିଁ ଶୀର୍ଷରେ ଅଛି, ଯାହା କି ଚିନ୍ତାଜନକ। ୨୦୨୦-୨୧ରେ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ସର୍ବାଧିକ ୧୦,୬୦୦ ସ୍ଥାନରେ ନିଆଁ ଲାଗିଛି। ଓଡ଼ିଶା ତଳକୁ ରହିଛି ମଧ୍ୟପ୍ରଦେଶ। ସେଠାରେ ୬୦୯୮ ଅଗ୍ନିକାଣ୍ଡ ଘଟିଛି ଜଙ୍ଗଲରେ। ୨୭୫୦ ବର୍ଗ କିଲୋମିଟର ପରିମିତ ଏସିଆ ମହାଦେଶର ୨ୟ ବୃହତ୍ ଜୈବମଣ୍ଡଳ, ଶିମିଳିପାଳରେ ବର୍ତ୍ତମାନ ମାର୍ଚ୍ଚ ୧ରୁ ୧୦ ମଧ୍ୟରେ ୯୧୮ଟି ସ୍ଥାନରେ ନିଆଁ ଲାଗିଛି। ଉଭୟ ମୟୂରଭଞ୍ଜ ଓ କେନ୍ଦୁଝର ପଟୁ ଗ୍ରାସିଛି ନିଆଁ। କେନ୍ଦୁଝରର ଗଡୁଆଁ ବିଟ୍‌ରେ ଶିମିଳିପାଳ ଅଭୟାରଣ୍ୟ ତଥା ଜାତୀୟ ଉଦ୍ୟାନ ଜଳୁଥିଲାବେଳେ ମୟୂରଭଞ୍ଜର ନିଗିର୍ଧାର ଉଦାର ବିଟ୍‌ରେ ନିଆଁ ଲାଗିଲା। ଏହି ସପ୍ତାହ ଭିତରେ ପିଠାବଟା ବିଟ୍, ବେତନଟୀର ବାଦମପୁର ବିଟ୍‌ରେ ନିଆଁ ଲାଗିରହିଛି। ବାଲେଶ୍ୱରର କୁଲଡିହା ଅଭୟାରଣ୍ୟରେ ମଧ୍ୟ ନିଆଁ ଲାଗିଛି।

ବେଳକୁ ବେଳ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟଣା ବଢ଼ି ବଢ଼ି ଚାଲିଛି। ଗତ ଫେବୃୟାରୀ ୨୪ରୁ ମାର୍ଚ୍ଚ ୭ ତାରିଖ ମଧ୍ୟରେ ଉପଲବ୍ଧ ତଥ୍ୟ ମୁତାବକ ରାଜ୍ୟର ବିଭିନ୍ନ ଜଙ୍ଗଲରେ ୯୩୭୬ଟି ବଡ଼ ଅଗ୍ନିକାଣ୍ଡ ଘଟିଛି। ଶହ ଶହ ହେକ୍ଟର ପୋଡ଼ି ଧ୍ୱଂସ ପାଉଥିଲା ବେଳେ, ବହୁ ସଂଖ୍ୟାରେ ବଣ୍ୟପ୍ରାଣୀ ପୋଡ଼ିହୋଇ ମରୁଛନ୍ତି। ନିଆଁ ଦାଉରେ ଅନେକ ଜନ୍ତୁ ଗାଁ ମୁହାଁ ହେଉଛନ୍ତି ଏବଂ କେତେ ଗାଁ ଲୋକଙ୍କ ଦ୍ୱାରା ବଧ ହେଉଛନ୍ତି। ମୂଲ୍ୟବାନ ଗଛ, ଔଷଧୀୟ ଗଛଲତା, ଗୁଳ୍ମ ଜଳି ପୋଡ଼ି ପାଉଁଶ ହୋଇଯାଉଛି। ଅନେକ ପ୍ରାଣୀ ଜଳି ଯାଇଥିବାର ମୋ ନଜରକୁ ଆସିଛି (ପୃ୮୭, 'ମିଷ୍ଟର ଖରସେଲ')। ମୋ ଅନୁଭୂତିରେ ଅଗ୍ନିର ସବୁଠାରୁ ଭୟାନକ ଦୃଶ୍ୟ ହେଉଛି ବରଗଡ଼ ବାରପାହାଡ଼ (ଦେବ୍ରୀଗଡ଼ ଅଭୟାରଣ୍ୟ)ରେ ବାଉଁଶ ପୋଡ଼ିର କରୁଣ ଦୃଶ୍ୟ। ମନେହେଉଥିଲା ଯେମିତି ଅନଳାସୁରର ଲେଲିହାନ ଜିହ୍ୱା ଚାଟି ଚାଲିଥିଲା ସୁଶ୍ୟାମଳ ବନରାଜିକୁ, ହୁତାସନର ରୋଶଣି ଛୁଇଁଛି ସ୍ୱର୍ଗକୁ। ବାଉଁଶ ବଣରେ ନିଆଁ ଲାଗିଲେ ବାଉଁଶ ଗଣ୍ଠି ବାଣପରି ପ୍ରଚଣ୍ଡ ଶବ୍ଦ କରିଥାଏ ; ଭୂଇଁର ଶୁଖିଲାପତ୍ର ଜଳି ଜଳି ଦ୍ରୁତଗତିରେ ଅଗ୍ନି ସୁଅ ଭଳି ମାଡ଼ିଚାଲିଥାଏ ଚତୁର୍ଦ୍ଦିଗକୁ। ଜୀବଜନ୍ତୁ ଛୋଟରୁ ବଡ଼ ପର୍ଯ୍ୟନ୍ତ ଜୀବନ ପାଇଁ ଦୂରକୁ ଦୂରକୁ ପ୍ରାଣ ବିକଳରେ ପଳାୟନ କରନ୍ତି। ସାପ, ଠେକୁଆ, ଝିଙ୍କ, ଗୋଧି ଇତ୍ୟାଦି ସରୀସୃପଗୁଡ଼ିକ ଉଗ୍ର ଅନଳରେ ଜିଅନ୍ତା ଜଳିଯାନ୍ତି। ଭୂଇଁରେ ଶୁଖିଲା ପତ୍ର ଓ ଗଛବସାରେ ପକ୍ଷୀ ଦେଇଥିବା ଅଣ୍ଡାଗୁଡ଼ିକ ଜଳିଯାଏ। ବର୍ଷା କାଳରେ ହସି ଉଠିଥିବା ଏଇ ବନ ଇଲାକାରେ ସ୍ତୂପୀକୃତ ପାଉଁଶର ପାହାଡ଼ଗୁଡ଼ିଏ ଛିଡ଼ା ହୁଏ।

ବନର ଅଗ୍ନିକାଣ୍ଡ କୌଣସି ଭୌତିକ କାରଣରୁ ଘଟି ନ ଥାଏ। ଅଗ୍ନିକାଣ୍ଡ କେବଳ ମନୁଷ୍ୟକୃତ। ମହୁଲ ଫୁଲ ଓ ଶାଳମଞ୍ଜି ସଂଗ୍ରହ ପାଇଁ ସ୍ଥାନୀୟ ଲୋକେ ଜଙ୍ଗଲରେ ନିଆଁ ଲଗାଉଛନ୍ତି କାରଣ ଗଛମୂଳ ସଫା ରହିଲେ ଫୁଲ ଓ ମଞ୍ଜି ସଂଗ୍ରହ କରିବା ସହଜ ହୋଇଥାଏ। କେନ୍ଦୁପତ୍ର ଓ ଶାଳପତ୍ର ତୋଳିବା ଏବଂ ବିଭିନ୍ନ ଫୁଲ ଫଳ ସଂଗ୍ରହ କରିବାକୁ ଯାଉଥିବା ଲୋକେ ବି ଅନେକ ସମୟରେ ନିଆଁ ଲଗାଇଥାନ୍ତି। ପୋଡୁଚାଷ ପାଇଁ ଗିରିଜନମାନେ ପାହାଡ଼ରେ ସଫା କରିବା ଲାଗି ନିଆଁ ଲଗାଇଥାନ୍ତି। ଶିକାରୀ ବି ଗୋଟିଏପଟୁ ନିଆଁ ଲଗାଇ ବଣ୍ୟପ୍ରାଣୀ ଶିକାର କରିଥାନ୍ତି। ଜଙ୍ଗଲରେ ଭୋଜିଭାତ ଓ ପିକ୍‌ନିକ୍ କରିବାକୁ ଯାଉଥିବା ଲୋକଙ୍କ ଯୋଗୁ ମଧ୍ୟ ଅନେକ ସମୟରେ ନିଆଁ ଲାଗିଥାଏ।

ବନାଗ୍ନିର ଦୂରୀକରଣ ପାଇଁ ରାଜ୍ୟ ବନ ବିଭାଗ ଯେତିକି ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରିବା କଥା, ତାହା କରୁନି। ନା ଜନସଚେତନତା, ନା ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା। କେବଳ ନିଆଁ ଲାଗିଲା ପରେ ଦମକଳ ବାହିନୀକୁ ଡାକି ନିଆଁ ଲିଭାରେ ନିୟୋଜିତ କରାଯାଉଛି ଓ ବନ ବିଭାଗୀୟ ବ୍ୟକ୍ତିଙ୍କୁ ଏବଂ ଓଡ୍ରାଫ ଟିମ୍‌କୁ ଡାକି ନିଆଁକୁ ଡାଳରେ ପିଟି ପିଟି ଆୟତ୍ତ କରିବାକୁ ଚେଷ୍ଟା କରାଯାଉଛି। ଦମକଳ ପାଣିଟାଙ୍କି ନେଇ ଅଭ୍ୟନ୍ତର ପାହାଡ଼କୁ ଚଢ଼ିବା ସମ୍ଭବ ହୋଇ ନ ଥାଏ। ଚୋର ଚୋରି କରିସାରିଲା ପରେ ବୁଦ୍ଧି ଢୁକିଲା ଭଳି ଯେତେ ଟାସ୍କଫୋର୍ସ ଗଠନ କଲେ ମଧ୍ୟ ଅଗ୍ନି ବୃକ୍ଷ ଜଗତକୁ ଚାଟି ଚାଲିଥାଏ।

ବିଶ୍ୱର ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ଦେଶରେ ଗ୍ରୀଷ୍ମ ପ୍ରଭାବ ଅହେତୁକ ଭାବେ ବଢ଼ି ଚାଲିଛି ଏବଂ ତହିଁ ସହିତ ଜଙ୍ଗଲ ନିଆଁର ବୃଦ୍ଧି ଘଟୁଛି। ଜଙ୍ଗଲ ଏକ ଜାତୀୟ ସମ୍ପଦ। ପରିବେଶକୁ ସୁସ୍ଥ ଓ ସୁରକ୍ଷିତ ରଖିବାରେ ଜଙ୍ଗଲର ମହାର୍ଘ ଅବଦାନକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ଜଙ୍ଗଲ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ପାଇଁ ଜନସଚେତନତା ଓ ସହଯୋଗିତା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି। ବନବାସୀଙ୍କୁ ବନାଗ୍ନିର ମାରାତ୍ମକ ଦିଗ ପ୍ରତି ପଥପ୍ରାନ୍ତ ନାଟକ, ଆଲୋଚନା ଚକ୍ର ତଥା ୱାର୍କଶପ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇପାରେ।

ବୁଦ୍ଧେଶ୍ୱରୀ, ଭୁବନେଶ୍ୱର
ମୋ: ୯୮୬୧୧୮୯୯୩୬

## ଏଇ ଭାରତରେ

ଜଳ ସଙ୍କଟ ଦୂର କରିବାରେ ଗୁଜରାଟର ଜଣେ ମହିଳାଙ୍କ ଅଭିଯାନ ବେଶ୍ ପ୍ରଶଂସନୀୟ। ଏହି ମହିଳା ଜଣକ ହେଉଛନ୍ତି ଅହମଦାବାଦର ଗଜ୍‌ଲା ପଲ୍। ସେ ସାମର୍ଥ୍ୟ ନାମକ ଏନ୍‌ଜିଓ ଗଠନ କରି ତା' ମାଧ୍ୟମରେ କଚ୍ଛ ଜିଲାର ବିଭିନ୍ନ ଗାଁରେ ଜଳାଭାବ ଦୂର କରିବାରେ ସକ୍ଷମ ହୋଇଛନ୍ତି। । ୨୦୧୧ରେ ଗଜ୍‌ଲା କଚ୍ଛ ଜିଲା ରାପୁର ବ୍ଲକରେ ପହଞ୍ଚିବା ପରେ ସେଠାରେ ବିଭିନ୍ନ ଗାଁଗୁଡ଼ିକରେ ପୁଷ୍କରିଣୀଗୁଡ଼ିକର ପୁନରୁଦ୍ଧାର କରିବାରେ ଲାଗିଲେ। ମୋଟରେ ଗଜ୍‌ଲା ୬୭୫ଟି ପୁଷ୍କରିଣୀର ପୁନରୁଦ୍ଧାର କରିବା ସହ ଅନେକ କୂଅ ମଧ୍ୟ ଖୋଳିଛନ୍ତି । ବର୍ଷାଜଳ ସଂରକ୍ଷଣ କରିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ପୁଷ୍କରିଣୀଗୁଡ଼ିକର ପୁନରୁଦ୍ଧାର ହେବା ପରେ ପ୍ରାୟ ୫,୦୦୦ କୃଷକ ଏହାଦ୍ୱାରା ଉପକୃତ ହୋଇପାରିଛନ୍ତି। ବର୍ଷାଦିନ ପରେ ଗାଁ ଛାଡ଼ି କାମ ଆଶାରେ ପ୍ରାୟ ୭୦% ଲୋକ ବାହାରକୁ ଚାଲିଯାଉଥିଲେ। ଏହା ଏବେ ୩୦ ପ୍ରତିଶତକୁ ଖସିଆସିଛି। ଚାରଣ ଭୂମି ମଧ୍ୟରେ ଗୋରୁମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ଗାଁଗୁଡ଼ିକରେ ଗୋପାଳନ ୩୦ ପ୍ରତିଶତ ବୃଦ୍ଧି ପାଇଛି। ଗଜ୍‌ଲା ଓ ତାଙ୍କ ୧୫ ଜଣିଆ ଟିମ୍ ଏହି କାର୍ଯ୍ୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ମାର୍ଚ୍ଚ ୧୯୯୬

- ଆନ୍ତର୍ଜାତିକ ଆମେଚର ଆଥଲେଟିକ୍ ଫେଡେରେସନ ପକ୍ଷରୁ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ନେଲ୍‌ସନ ମଣ୍ଡେଲାଙ୍କୁ ଗୋଲଡେନ ଅର୍ଡର ଅଫ୍ ଦି ମେରିଟ୍ ପୁରସ୍କାର ପ୍ରଦାନ।
- ତାଇୱାନ୍ ରାଷ୍ଟ୍ରପତି ନିର୍ବାଚନରେ ରାଷ୍ଟ୍ରପତି ଲି ଟେଙ୍ଗ ହୁଇ ନିର୍ବାଚିତ।
- କେନ୍ଦ୍ରାପଡ଼ା ଜିଲାର ରାଜକନିକା ବ୍ଲକ୍ ଅଞ୍ଚଳରେ ବିଷାକ୍ତ ମଦ୍ୟପାନ କରି ୧୦ ମୃତ।

## ଚିରନ୍ତନୀ

ଜୀବନର ପ୍ରତି କ୍ଷେତ୍ରେ ତୋଳି ତୁଙ୍ଗ
କୀରତି ଦେଉଳ
ଦେଶେ ଦେଶେ ଉଡ଼ାଇଲ ବିଜୟର
କେତନ ବହୁଳ।
-(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଟିକସ ବୋଝ ହ୍ରାସ ହେଉ

ମହାଶୟ,

ସବୁ ଅତ୍ୟାବଶ୍ୟକ ଦ୍ରବ୍ୟର ଦର ହୁ ହୁ ହୋଇ ବଢ଼ି ଚାଲିଛି। ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୧୦୦ ଟଙ୍କାକୁ ଟପିବାକୁ ବସିଲାଣି। ରନ୍ଧନଗ୍ୟାସ ଦର ବଢ଼ି ୭୫୯ ଟଙ୍କାରେ ପହଞ୍ଚିଲାଣି। ଖାଇବା ତେଲ ଦର ମଧ୍ୟ ବଢ଼ି ୧୪୦ ଟଙ୍କା ହେଲାଣି। ଏହି ଦରବୃଦ୍ଧିର ମୁଖ୍ୟ କାରଣ ମାତ୍ରାଧିକ ଟିକସ ଆଦାୟ। ଏବେ ପେଟ୍ରୋଲ ଓ ଡିଜେଲ ଉପରେ ଖାଉଟିଙ୍କୁ ଲିଟର ପିଛା ୩୩ ଟଙ୍କା ଉତ୍ପାଦ ଶୁଳ୍କ ଦେବାକୁ ପଡୁଛି। ଏନ୍.ଡି.ଏ. ସରକାର କ୍ଷମତାକୁ ଆସିଲାବେଳେ ୨୦୧୪ ମସିହାରେ ଏହା ଥିଲା ଯଥାକ୍ରମେ ୯ ଟଙ୍କା ୪୮ ପଇସା ଓ ୩ ଟଙ୍କା ୫୬ ପଇସା। ଏଥିସହ ରାଜ୍ୟ ସରକାର ମଧ୍ୟ ଭ୍ୟାଟ୍ ଆଦାୟ କରୁଛନ୍ତି। ସେହିପରି ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ, କୃଷି ସେସ୍ ଓ ଜିଏସ୍‌ଟିକୁ ମିଶାଇ ୪୮% ଟିକସ ଆଦାୟ ହେଉଛି। ମହଙ୍ଗା ମାଡ଼ର ଗୁରୁତର ପ୍ରଭାବ ପଡ଼ିଛି ସାଧାରଣ ଲୋକଙ୍କ ହାଣ୍ଡିଶାଳରେ। ଗରିବ ଓ ମଧ୍ୟବିତ୍ତ ଲୋକମାନେ ହନ୍ତସନ୍ତ ହେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଦରବୃଦ୍ଧି ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମାନ୍ୟବର ସୁପ୍ରିମକୋର୍ଟଙ୍କ ମତରେ ଟିକସ ଫାଙ୍କି ଯେପରି ଏକ ଅର୍ଥନୈତିକ ଅପରାଧ, ଅଧିକ ଟିକସ ଆଦାୟ ସେହିପରି ଏକ ସାମାଜିକ ଅନ୍ୟାୟ। ସାଧାରଣ ଲୋକଙ୍କୁ ବାଧିଲାପରି ଟିକସ ଧାର୍ଯ୍ୟ ଅନୁଚିତ। ଏଣୁ ସରକାର ଅତ୍ୟାବଶ୍ୟକ ଦ୍ରବ୍ୟ ଉପରେ ଟିକସ ବୋଝ ହ୍ରାସ କରିବାକୁ ଅନୁରୋଧ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ଶତବାର୍ଷିକୀ ପାଳନ




ଶତବାର୍ଷିକୀ ପାଳନ ଅବସରରେ କଟକ ରେଲୱେ ଷ୍ଟେଶନରୁ ବାହାରିଥିବା ପ୍ରଜ୍ଞାପନ ମେଢ଼ ସହ ଶୋଭାଯାତ୍ରା।



ଭୁବନେଶ୍ୱର ରେଲୱେ ଷ୍ଟେଶନରେ ଗାନ୍ଧୀବେଶଧାରୀ ଯୁବକ।



କଟକରେ ଅନୁଷ୍ଠିତ ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ଶୋଭାଯାତ୍ରାରେ ଯୋଗଦେଇଥିବା ବିଭିନ୍ନ ଦଳର ନେତୃବୃନ୍ଦଙ୍କ ସହ ବିଶିଷ୍ଟ ବ୍ୟକ୍ତିମାନେ।



ସମ୍ବଲପୁର ଭତରା ଗାନ୍ଧୀ ମନ୍ଦିରର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

# ଗାନ୍ଧୀଙ୍କ ଦର୍ଶନ, ବାର୍ତ୍ତା ବିଶ୍ୱକୁ ଶ୍ରେଷ୍ଠ ଦାନ: ମୁଖ୍ୟମନ୍ତ୍ରୀ

■ ମହାତ୍ମା ଗାନ୍ଧୀଙ୍କ ଉପରେ ସ୍ୱତନ୍ତ୍ର ଆଲୋଚନା

■ ବିଧାନସଭାରେ ପାରିତ ହେଲା ଅହିଂସା ସଂକଳ୍ପ

■ ଗାନ୍ଧୀ ଜଣେ ବ୍ୟକ୍ତି ନୁହନ୍ତି, ଏକ ବିଚାର: ବିରୋଧୀ ଦଳ ନେତା

■ ସ୍କୁଲ ପାଠ୍ୟକ୍ରମରେ ଗାନ୍ଧିଜୀଙ୍କ ବିଷୟ ସାମିଲ କରିବାକୁ ନରସିଂହଙ୍କ ପ୍ରସ୍ତାବ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ)**

ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଏବଂ ବାର୍ତ୍ତା ବିଶ୍ୱକୁ ଭାରତର ଶ୍ରେଷ୍ଠ ଦାନ । ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶହେବର୍ଷ ପୂର୍ତ୍ତି ଉପଲକ୍ଷେ ମଙ୍ଗଳବାର ବିଧାନସଭାରେ ଆଗତ ସ୍ୱତନ୍ତ୍ର ସଂକଳ୍ପ ଆଲୋଚନାରେ ଭାଗ ନେଇ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଗାନ୍ଧିଜୀଙ୍କ କାଳଜୟୀ ଦର୍ଶନକୁ ମନେପକାଇବା ପାଇଁ କଳିଙ୍ଗଠାରୁ ଆଉ ଭଲ ସ୍ଥାନ କ'ଣ ଥାଇପାରେ, ଯେଉଁଠାରେ ଦୁଇ ସହସ୍ର ବର୍ଷ ପୂର୍ବେ ଅଶୋକ ଯୁଦ୍ଧ ଛାଡ଼ି ଶାନ୍ତିର ମାର୍ଗ ଅନୁସରଣ କରିଥିଲେ। ଗାନ୍ଧିଜୀଙ୍କ ହୃଦୟରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର ଥିଲା। ଗାନ୍ଧିଜୀ ଓଡ଼ିଶାକୁ ପ୍ରଥମ ଥର ଲାଗି ୧୯୨୧ ମାର୍ଚ୍ଚ ୨୩ ତାରିଖରେ ଆସିଥିଲେ। ସେ ଓଡ଼ିଶାକୁ ମୋଟ ୮ଥର ଆସିଛନ୍ତି । ଏହି ସମୟରେ ସେ ଅନେକ ଜାଗା ବୁଲିଛନ୍ତି। ଏମିତି କି ଅନେକ ପଦଯାତ୍ରା କରି ଗାନ୍ଧିଜୀ ଓଡ଼ିଶା ଲୋକଙ୍କ ହୃଦୟର ନିକଟତର ହୋଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆଜି ଆମେ କୌଣସି ସାଧାରଣ ପରିସ୍ଥିତି ଦେଇ ଗତିକରୁ ନାହୁଁ। ମହାମାରୀର ମୁକାବିଲା ଏହି ଆହ୍ୱାନର ସାମୂହିକ ରୂପକୁ ପ୍ରତିଫଳିତ କରୁଛି। ଏହା ମଧ୍ୟ ବିଶ୍ୱକୁ ମନେପକାଇ ଦେଇଛି ଯେ ଯଦି ଆମ ଜନସଂଖ୍ୟାର ଏକ ବଡ଼ ଅଂଶ ଦାରିଦ୍ର୍ୟ ଓ ଶଙ୍କାକୁଳ ଅବସ୍ଥାରେ ରୁହେ ତେବେ ଅଳ୍ପ କିଛି ଲୋକଙ୍କ ସମ୍ପତ୍ତି ଓ ବିକାଶ ମୂଲ୍ୟହୀନ। ଆମେ ସମସ୍ତେ ଗୋଟିଏ ସୂତ୍ରରେ ଯୋଡ଼ିହୋଇ ରହିଛେ। ଗାନ୍ଧୀଙ୍କ ଜୀବନ ଓ ଦର୍ଶନ ଆମ ପାଇଁ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ବ୍ୟକ୍ତିଗତ ଲୋଭକୁ ଦୂର କରିବା ଉପରେ ଗାନ୍ଧିଜୀଙ୍କ ଗୁରୁତ୍ୱ ଏବଂ ସାଧାରଣ ଲୋକଙ୍କ ସମ୍ପର୍କରେ ଚିନ୍ତା କରିବା ପାଇଁ ତାଙ୍କର ଆହ୍ୱାନ ଆମକୁ ବିଶ୍ୱକୁ ଆବଶ୍ୟକତା ସମ୍ପର୍କରେ ମନେପକାଇ ଦିଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ସମଗ୍ର ବିଶ୍ୱରେ ଧ୍ରୁବୀକରଣ ଓ ବିଭେଦୀକରଣ ବଢ଼ିଚାଲିଛି। ବହୁମତବାଦର ସୁରକ୍ଷା ପ୍ରତି ଗାନ୍ଧିଜୀଙ୍କ ବାର୍ତ୍ତା ସହନଶୀଳତା ଓ ସଦ୍‌ଭାବର ସେ ସମୟ ଅପେକ୍ଷା ବର୍ତ୍ତମାନ ସମୟରେ ଯଥେଷ୍ଟ ଆବଶ୍ୟକ ରହିଛି। ମହାତ୍ମାଙ୍କ ଅହିଂସା ସମଗ୍ର ବିଶ୍ୱରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ବିଦ୍ୟୁତ୍ ବେଗରେ ପ୍ରସାରିତ ହୋଇଥିଲା। ଏହି ଅବସରରେ ମାର୍ଟିନ ଲୁଥର କିଙ୍ଗ୍ (ଜୁନିୟର)ଙ୍କ କଥାକୁ ମନେପକାଉଛି। ସେ କହିଥିଲେ, "ଯଦି ମାନବତାକୁ ଅଗ୍ରସର ହେବାକୁ ଅଛି ତେବେ ଗାନ୍ଧୀଙ୍କୁ ଛାଡ଼ି ହେବନାହିଁ। ଆମେ କେବଳ ନିଜ ପାଇଁ ବିପଦ ସୃଷ୍ଟିକରି ହିଁ ଗାନ୍ଧିଜୀଙ୍କୁ ଉପେକ୍ଷା କରି ପାରିବା।" କିଙ୍ଗଙ୍କ ଏହି ମନ୍ତବ୍ୟ ଆଜିର ଦୁନିଆ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରାସଙ୍ଗିକ ।

ମହାତ୍ମା ଗାନ୍ଧୀ ୧୯୨୧ରେ ଯେତେବେଳେ ପ୍ରଥମଥର ଓଡ଼ିଶା ଆସିଥିଲେ ସେତେବେଳେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ହୋଇ ନ ଥିଲା। ୧୯୩୬ରେ ଓଡ଼ିଶାବାସୀଙ୍କର ସ୍ୱପ୍ନ ସାକାର ହୋଇଥିଲା। ଯେତେବେଳେ ଗାନ୍ଧୀ ୧୯୪୬ ଜାନୁୟାରୀରେ ଶେଷ ଥର ପାଇଁ ଓଡ଼ିଶା ଆସିଥିଲେ ସେତେବେଳକୁ ଓଡ଼ିଶା ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ହେବାର ଏକ ଦଶନ୍ଧି ପୂରଣ କରିସାରିଥିଲା। ଓଡ଼ିଶା କିଭଳି ନିଜର ଭାଷାଗତ ଓ ଆଞ୍ଚଳିକ ଆକାଂକ୍ଷା ସହିତ ଜାତୀୟ ଲକ୍ଷ୍ୟର ସମନ୍ୱୟ ରକ୍ଷା କରିପାରିଥିଲା ତାହା ଏକ ଚମତ୍କାର କେସ୍ ଷ୍ଟଡି ଥିଲା । ଏହି ଅବସରରେ ରାଜ୍ୟ ସରକାର ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶ ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଘୋଷଣା କରୁଛନ୍ତି। ସଚିବାଳୟକୁ ଲୋକସେବା ଭବନ ଭାବେ ନାମିତ କରିବା କେବଳ ଏକ ପ୍ରତୀକ ନ ଥିଲା। ଗାନ୍ଧିଜୀଙ୍କ ଆଦର୍ଶରେ ଏହା ଆମ ବିଶ୍ୱାସର ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତକୁ ମଙ୍ଗଳବାର ୧୦୦ ବର୍ଷ ପୂରଣ ହୋଇଛି। ଏହି ଅବସରରେ ବିଧାନସଭାରେ ସର୍ବସମ୍ମତିକ୍ରମେ ସମ୍ବିଧାନର ମୁଖବନ୍ଧରେ 'ଅହିଂସା'କୁ ସ୍ଥାନିତ କରିବା ନେଇ ଏକ ସଂକଳ୍ପ ପାରିତ କରାଯାଇଛି। ବିଧାନସଭାର ପୂର୍ବ କାର୍ଯ୍ୟସୂଚୀକୁ ରଦ୍ଦ କରାଯାଇ ପ୍ରଥମାର୍ଦ୍ଧରେ ମହାତ୍ମା ଗାନ୍ଧୀଙ୍କ ଉପରେ ସ୍ୱତନ୍ତ୍ର ଆଲୋଚନା କରାଯାଇଥିଲା। ଭାରତୀୟ ସମ୍ବିଧାନର ମୁଖବନ୍ଧରେ 'ଅହିଂସା'କୁ ସ୍ଥାନିତ କରିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଧାନସଭାରେ ଏକ ସଂକଳ୍ପ ଆଣିଥିଲେ। ସେ କହିଥିଲେ ଯେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ସହିତ ଅତି ନିବିଡ ସମ୍ପର୍କ ଥିଲା। ଓଡ଼ିଶାକୁ ବହୁବାର ଆସି ଅନେକ ଅଞ୍ଚଳକୁ ପଦଯାତ୍ରା କରି ଓଡ଼ିଶାବାସୀଙ୍କର ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଛାଡ଼ି ଯାଇଛନ୍ତି। ଆଜି ଅହିଂସା ଆମ ସମସ୍ତଙ୍କର ଆଦର୍ଶ ହେବା ଆବଶ୍ୟକ। ଅହିଂସା ବିନା ଦାରିଦ୍ର୍ୟ ଦୂର କରାଯାଇ ପାରିବ ନାହିଁ କିମ୍ବା ସାମାଜିକ ସମୃଦ୍ଧି ହାସଲ କରାଯାଇ ପାରିବ ନାହିଁ। କେବଳ ଅହିଂସା ଆଚରଣ ଦ୍ୱାରା ହିଁ ଶାନ୍ତି ପ୍ରତିଷ୍ଠା ସମ୍ଭବ। ମହାତ୍ମାଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ମହାସମାରୋହରେ ସାରା ଓଡ଼ିଶାରେ ପାଳନ କରାଯିବା ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ସଂକଳ୍ପକୁ ସମର୍ଥନ କରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଲେ, ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶହେ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆମେ ଇତିହାସରେ କ'ଣ ଘଟିଲା ତା'ର ଉପସ୍ଥାପନା କରିବାରେ ଯେତିକି ଆବଶ୍ୟକତା ରହିଛି, ତା'ଠାରୁ କେଇଗୁଣା ତାଙ୍କ ବିଚାରକୁ କେତେଦୂର ପାଳନ କରୁଛେ ତା'ଠାରୁ ଅଧିକ ଆବଶ୍ୟକତା ରହିଛି। ରାଜ୍ୟ ସରକାରଙ୍କ ନୀତି ଗାନ୍ଧୀ ବିଚାର ଉପରେ କେତେ ପରିଲକ୍ଷିତ ହେଉଛି ତା' ଉପରେ ତର୍ଜମା କରିବାର ଆବଶ୍ୟକତା ରହିଛି। ଗାନ୍ଧୀ ଜଣେ ବ୍ୟକ୍ତି ନୁହନ୍ତି ସେ ହେଉଛନ୍ତି ଏକ ବିଚାର। ଗାନ୍ଧୀଙ୍କ ବିଚାର ଉପରେ ଆଲୋଚନା କରିବାକୁ ହେଲେ ତାକୁ ସରକାରଙ୍କ ନୀତିରେ ପ୍ରତିଫଳିତ କରିବା ନାହିଁ, ଏହା ଲୋକଙ୍କ ଆଗରେ ମିଛ ନାଟକ ଭଳି ଲାଗିବ। ମଦ ବିଷୟରେ ଗାନ୍ଧୀ କହିଥିଲେ "ଭାରତ ଗରିବ ହୋଇ ରହୁ ଏହାକୁ ମୁଁ ପସନ୍ଦ କରିବି, କିନ୍ତୁ ହଜାର ହଜାର ଲୋକ ମଦୁଆ ହୁଅନ୍ତୁ ଏହାକୁ ମୁଁ ବରଦାସ୍ତ କରିବି ନାହିଁ।" ରାଜ୍ୟ ସରକାର ମଦ ଟିକସ କିପରି ବଢ଼ିବ, ଲୋକେ କିପରି ଅଧିକ ମଦୁଆ ହେବେ, ଯିଏ ଅଧିକ ମଦ ବିକିବ ତାକୁ ପୁରସ୍କାର ଦେବା ନୀତିରେ ଚାଲୁଛନ୍ତି। ଗାନ୍ଧିଜୀଙ୍କ ପ୍ରତି ଏହା କି ପ୍ରକାର ଶ୍ରଦ୍ଧାଞ୍ଜଳି ବୋଲି ବିରୋଧୀ ଦଳ ନେତା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ଯେଉଁଠି ଗୋ ହତ୍ୟା ନିରୋଧ ଆଇନ ଆସିଥିଲା। ମାତ୍ର ବର୍ତ୍ତମାନ ଓଡ଼ିଶାରୁ ସର୍ବାଧିକ ଗୋରୁ ଚାଲାଣ ହେଉଛନ୍ତି । ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଗାନ୍ଧୀ କହିଥିଲେ, ଗାଈକୁ ମୁଁ ପୂଜା କରେ। ତା' ପୂଜାର ସମର୍ଥନ କରିବା ପାଇଁ ସମଗ୍ର ବିଶ୍ୱର ମୁକାବିଲା କରିବାକୁ ପ୍ରସ୍ତୁତ ଅଛି। ରାଜ୍ୟରେ ସରକାରୀ ଭାଷାରେ ସରକାରୀ କାମ ହେଉଛି। ଓଡ଼ିଶାରେ ଓଡ଼ିଆ ଭାଷାର ଅଣଦେଖା ହେଉଛି । ହେଲେ ଗାନ୍ଧିଜୀ କହିଥିଲେ ଯେ ଇଂଲିଶ ବିନା ଆମର କାମ ଚଳିବ ନାହିଁ ବୋଲି ଆମେ ଯାହା ଭାବୁଛେ ତାହା ଆମ ମାନସିକତାର ପ୍ରତିଫଳନ। ଏହି ପରାଜୟବାଦକୁ ମୁଁ କେବେହେଲେ ସମର୍ଥ ନ ଦେବି ନାହିଁ। ଓଡ଼ିଶାରେ ଧର୍ମାନ୍ତରୀକରଣ ଏକ ସ୍ୱର୍ଶକାତର ବିଷୟ ହୋଇଛି। ଧର୍ମାନ୍ତରୀକରଣ ମହାପାପ ବୋଲି ଗାନ୍ଧୀ କହିଥିଲେ।

ବିଜେଡି ସଭ୍ୟ ଦେବୀ ମିଶ୍ର କହିଲେ, ଗାନ୍ଧୀଙ୍କ ପାଇଁ ସମସ୍ତେ ଗର୍ବିତ ହେବା ଉଚିତ। ଗାନ୍ଧିଜୀଙ୍କର ମୃତ୍ୟୁ ହୋଇଛି ମାତ୍ର ଗାନ୍ଧୀବାଦର ମୃତ୍ୟୁ ହୋଇନାହିଁ ବୋଲି ସେ କହିଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ କହିଲେ, ଓଡ଼ିଶା ହେଉଛି ଗାନ୍ଧୀଙ୍କର ପ୍ରିୟତମ ସ୍ଥାନ। ଓଡ଼ିଶା ହେଉଛି ଏକ ତୀର୍ଥଭୂମି ବୋଲି ସେ କହୁଥିଲେ। ଓଡ଼ିଶା ସହିତ ଗାନ୍ଧୀଙ୍କର ସମ୍ପର୍କ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ ଯେ ମହାତ୍ମା ଗାନ୍ଧୀ ଜାତିବାଦକୁ ବିରୋଧ କରୁଥିଲେ। ପ୍ରକୃତ ସ୍ୱରାଜ ବର୍ତ୍ତମାନ ସୁଦ୍ଧା ଆମେମାନେ ପାଇପାରୁ ନାହିଁ। ସମ୍ବିଧାନ ସଂଶୋଧନ କରାଯାଇ ଅହିଂସାକୁ ସ୍ଥାନିତ କରିବାକୁ ସଂକଳ୍ପ ଅଣାଯାଇଛି। ସମ୍ବିଧାନରେ ଯାହା ଅଛି ତାକୁ ପାଳନ କରାଯାଉ ନାହିଁ। ସେଗୁଡିକ କେବଳ କାଗଜକଲମରେ ସୀମିତ ହୋଇଗଲାଣି। ୧୯୪୮ ଜାନୁୟାରୀ ୩୦ ତାରିଖରେ ମହାତ୍ମା ଗାନ୍ଧୀଙ୍କୁ ନାଥୁରାମ ଗଡ୍‌ସେ ଗୁଳିକରି ହତ୍ୟା କଲେ। ଜଣେ ଏମ୍‌ପି ମହାତ୍ମା ଗାନ୍ଧୀଙ୍କ ଫଟୋ ଉପରକୁ ଗୁଳି କଲେ। ପ୍ରଧାନମନ୍ତ୍ରୀ କହିଲେ ସେ ତାଙ୍କୁ କେବେ କ୍ଷମାଦେବେ ନାହିଁ। ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଏବେ ସେ ଭାଜପାରେ ଅଛନ୍ତି। ଗଡ୍‌ସେ ନାମରେ ମନ୍ଦିର କରାଯାଉଛି। ତାଙ୍କ ଚିନ୍ତାଧାରାରେ ସରକାର ଏ ଦେଶରେ ଚାଲିଛି। ଗାନ୍ଧୀଙ୍କୁ ଯେଉଁମାନେ ମାରିଲେ ସେମାନେ ବର୍ତ୍ତମାନ ଶାସନ କରୁଛନ୍ତି। ଏହାକୁ ନେଇ ଭାଜପା ସଦସ୍ୟମାନେ ହୋହଲ୍ଲା କଲେ। ବାଚସ୍ପତି କହିଲେ, ମହାତ୍ମାଙ୍କୁ ହତ୍ୟା କରିଥିବା ଲୋକ ଶାସନ କରୁଥିବା ବିଷୟକୁ ରେକର୍ଡ କରାଯିବ ନାହିଁ। ନରସିଂହ ବସି ପଡିଲେ। ତେବେ ସ୍କୁଲ ପାଠ୍ୟକ୍ରମରେ ମହାତ୍ମା ଗାନ୍ଧୀଙ୍କ ବିଷୟ ପଢ଼ାଇବାକୁ ନରସିଂହ ପ୍ରସ୍ତାବ ଦେଇଥିଲେ। ଏହାପରେ ବିଭିନ୍ନ ଦଳର ସଭ୍ୟମାନେ ଗାନ୍ଧୀଙ୍କ ଜୀବନାଦର୍ଶ ଉପରେ ନିଜର ମନ୍ତବ୍ୟ ରଖିଥିଲେ। ଶେଷରେ ସର୍ବସମ୍ମତି କ୍ରମେ ସଂସ୍କୃତି ମନ୍ତ୍ରୀଙ୍କ ଦ୍ୱାରା ଆଗତ ସଂକଳ୍ପକୁ ପାରିତ କରାଯାଇଥିଲା।



ବିଧାନସଭା ପରିସରରେ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି।


**JOBS IN AIRPORT**
(ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
Air Hostees, Graund Staff, Supervisor, Checker, Loader, Helper
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
CONTACT : 9899166802

**APPOINTMENT**
DOOROOMI MEDICAL PVT. LTD.
Required Smart Boys & Girls Candidates for Office Job.
Age: 18 - 30
Education: Matric to Graduate
108, Khandagiri Hill Road Bhubaneswar-30
9348916882

**JOBS IN AIRPORT**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper Supervisors, Checkers, Loaders, Drivers, Guards & Helpers
Quali : ୨।୦ ପଢ଼ିନଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9984845594, 8800571120

DSPL - 268

ଅଧିକୃତ ସଂସ୍ଥାରେ କରିଲେ ନିବେଶ,
ଭବିଷ୍ୟତ ପାଇଁ ଚିନ୍ତା ନଥିବ ବିଶେଷ ।

ଅତି ଲୋଭ ଅଟେ ଦୁଃଖର କାରଣ,
ଲୋଭେ ପଡି ନକର ବିପଦ ବରଣ ।

**ଡାକଘର ଅବା ବାଣିଜ୍ୟିକ ବ୍ୟାଙ୍କ୍ ରେ କରନ୍ତୁ ନିବେଶ,**
**ସ୍ୱଳ୍ପ ସଞ୍ଚୟ ଯୋଜନାକୁ ଧ୍ୟାନ ଦିଅନ୍ତୁ ବିଶେଷ ।**

**ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "AR" ସିରିଜ୍**

୨୦୨୦ କ୍ୟାଲେଣ୍ଡର ବର୍ଷ ପାଇଁ ଉଦ୍ଦିଷ୍ଟ ଓ କରୋନା ମହାମାରୀ ଯୋଗୁଁ ବିଳମ୍ବିତ ହୋଇଥିବା ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "AR" ସିରିଜ୍ ଅନ୍ତର୍ଗତ କୁପନ ବିତରଣ ପ୍ରକ୍ରିୟା ଆରମ୍ଭ କରାଯାଇଅଛି ଏବଂ ଏହା ଆସନ୍ତା ତା ୩୧.୦୫.୨୦୨୧ ରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହି ଯୋଜନାରେ ଅଂଶ ଗ୍ରହଣ କରିବା ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ । ଯେଉଁ ଜମାକାରୀମାନେ ଓଡିଶା ସ୍ଥିତ ଯେ କୌଣସି ଡାକଘର ବା ବ୍ୟାଙ୍କ୍ ମାନଙ୍କରେ ସ୍ୱଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଗତ ୧. କିଷାନ ବିକାଶ ପତ୍ର, ୨. ସୁକନ୍ୟା ସମୃଦ୍ଧି ଜମା, ୩. ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ୪. ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ ଅଷ୍ଟମ ଇସ୍ୟୁ, ୫. ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ, ୬. ଡାକଘର ମାସିକ ଆୟ ଯୋଜନା/ ଜାତୀୟ ସଞ୍ଚୟ ମାସିକ ଆୟ ଜମା, ୭. ଡାକଘର ପୌନଃପୁନିକ ଜମା / ଜାତୀୟ ସଞ୍ଚୟ ପୌନଃପୁନିକ ଜମା, ୮. ପାଞ୍ଚ ବର୍ଷିଆ ଡାକଘର ଅବଧି ଜମା / ପାଞ୍ଚ ବର୍ଷିଆ ଜାତୀୟ ସଞ୍ଚୟ ଅବଧି ଜମା ଯୋଜନା ମାନଙ୍କରେ ଅନ୍ୟୁନ ୨୦୦୦ ଟଙ୍କା ତା **୦୧.୦୧.୨୦୨୦ ରିଖ ଠାରୁ ତା ୩୧.୧୨.୨୦୨୦** ରିଖ ମଧ୍ୟରେ ଜମା କରିଥିବେ, ସେମାନେ ଏହି ପ୍ରୋତ୍ସାହନ ଯୋଜନାରେ ଅଂଶ ଗ୍ରହଣ କରି ପ୍ରତ୍ୟେକ ୨୦୦୦ ଟଙ୍କା ଜମାରାଶି ପିଛା ଗୋଟିଏ ମାଗଣା କୁପନ ଯେକୌଣସି ଜିଲ୍ଲାପାଳ, ଉପଜିଲ୍ଲାପାଳ କିମ୍ବା ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ ସଂଗ୍ରହ କରିପାରିବେ । ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅର୍ଥ ନିବେଶ କରି, ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାରେ ଅଂଶଗ୍ରହଣ କରନ୍ତୁ ଏବଂ ଆକର୍ଷଣୀୟ ପୁରସ୍କାର ରାଶି ବିଜୟୀ ହେବାର ସୁଯୋଗ ନିଅନ୍ତୁ ।

ବି:ଦ୍ର: କୁପନ ସଂଗ୍ରହ ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଉଥିବା ତଥ୍ୟର ସଠିକତା ଭଲଭାବେ ଯାଞ୍ଚ କରି କୁପନ ସଂଗ୍ରହ କରନ୍ତୁ । କୌଣସି ତ୍ରୁଟି ଦୃଷ୍ଟି ଗୋଚର ହେଲେ, କୁପନ ଇସ୍ୟୁ ଦିନଠାରୁ ୭ ଦିନ ମଧ୍ୟରେ ତାହା ଫେରସ୍ତ କରି, ସଂଶୋଧିତ କୁପନ ଗ୍ରହଣ କରିବା ଆବଶ୍ୟକ ଅଟେ । ତତ୍‌ପରେ ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ।

**ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ**
**ଅର୍ଥ ବିଭାଗ**
**ଓଡିଶା ସରକାର**

(କୁପନ ସଂଗ୍ରହ ସମୟରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ-୧୯ ମାର୍ଗଦର୍ଶିକା ପାଳନ କରିବାକୁ ଅନୁରୋଧ ।)
**ନିରାପଦ ସଞ୍ଚୟ ---- ସୁରକ୍ଷିତ ଭବିଷ୍ୟତ**
OIPR-05001/13/0009/2021

**ପରୀ ହତ୍ୟା ମାମଲା: ଜାମିନ ଆବେଦନ ଉପରେ ଶୁଣାଣି ଶେଷ, ରାୟ ସଂରକ୍ଷିତ**

ନୟାଗଡ଼ ଅଫିସ,୨୩।୩-ନୟାଗଡ଼ର ବହୁଚର୍ଚ୍ଚିତ ପରୀ ହତ୍ୟା ମାମଲାରେ ଗିରଫ ନାବାଳକଙ୍କ ଜାମିନ ଆବେଦନ ଉପରେ ମଙ୍ଗଳବାର ଶୁଣାଣି ଶେଷ ହୋଇଛି । ରାୟ ସଂରକ୍ଷିତ ରଖିଛନ୍ତି ନୟାଗଡ଼ ଚିଲଡ୍ରେନ୍ସ କୋର୍ଟ । ଏହି ଜାମିନ ଆବେଦନ ଉପରେ ବୁଧବାର ରାୟ ପ୍ରକାଶ ପାଇପାରେ ବୋଲି ସୂଚନା ମିଳିଛି । ପୂର୍ବରୁ ନାବାଳକଙ୍କୁ ରିମାଣ୍ଡରେ ନେବା ବେଳେ ଏସ୍ଆଇଟି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗ ମାଇକିନିଆକୁ ଚଟାଚଟ୍ ପଛ ମାଇକିନିଆକୁ ସାବଧାନ୍।**

ପ୍ରଥମ ସ୍ତ୍ରୀ ସ୍ୱାମୀର ଅନେକ ଦଉିମଡି, ଭଲମନ୍ଦ ତଥା ଗାଳିଗୁଲଜ ସହିପାରେ । ଦୁଃଖ କଷ୍ଟ ଯନ୍ତ୍ରଣା ସହି ସେ ସ୍ୱାମୀକୁ ମାନି ଚଳିଥାଏ। ପରନ୍ତୁ ପଛରେ ବିଭା ହୋଇଥିବା ସ୍ତ୍ରୀ ପ୍ରତି ଏତାଦୃଶ ବ୍ୟବହାର ଦେଖାଇଲେ ସେ ସହେ ନାହିଁ। ସେହି ନାରୀ ପୁରୁଷ ଉପରେ ହୁକୁମ ଜାହିର କରେ। କାଳେ ଅଭିମାନ କରି ଘରୁ ପଳେଇବ ସେ ନେଇ ପୁରୁଷ ତାକୁ ଡରି ହରି ଚଳିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆହାଲୋ ଜଗତଜିତା ହଲେଇ ଦଉଚୁ କାନ ମଲ୍ଲିକଢ଼ି ଦେଖାଉଛୁ ବାହାଚିତା।**

ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ । ସୁନ୍ଦର ଗହଣା ଗାଣ୍ଠି ପିନ୍ଧି ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ନିଜ ରୂପ ଲାବଣ୍ୟକୁ ନେଇ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ନିଜର ଛଇଛଟକି ଭାବ ଦେଖେଇ ହେଉଥିବା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

**ପ୍ରଥମ ପୃଷ୍ଠାରୁ...**

## ପହିଲାରୁ ୪୫ରୁ...

ଭାକ୍ସିନ ନେଇପାରିବେ। ଏହା ଭିତରେ ଦେଶର ୪.୮୫ କୋଟି ଲୋକଙ୍କ ଟିକାକରଣ ସରିଛି। ଗତ ୨୪ ଘଣ୍ଟା ମଧ୍ୟରେ ୩୨.୫ ଲକ୍ଷ ଲୋକ ଭାକ୍ସିନ ନେଇଛନ୍ତି। ଦେଶରେ କୋଭିଶିଲ୍ଡ ଓ କୋଭାକ୍ସିନ ଟିକା ଲୋକଙ୍କୁ ପ୍ରଦାନ କରାଯାଉଛି। ୨୮ ଦିନ ଗ୍ୟାପ୍‌ରେ କୋଭାକ୍ସିନର ଦୁଇଟି ଡୋଜ୍ ଏବଂ କୋଭିଶିଲ୍ଡର ପ୍ରଥମ ଡୋଜ ନେବାର ୬ରୁ ୭ ସପ୍ତାହ ପରେ ଦ୍ୱିତୀୟ ଡୋଜ୍ ନେବାକୁ ପଡ଼ିବ। ତେଣୁ ଉକ୍ତ ବୟସ ବର୍ଗର ସମସ୍ତ ବ୍ୟକ୍ତି ନିଜର ଟିକାକରଣ କରାଇନେବାକୁ ମନ୍ତ୍ରୀ ଜାଭଡେକର ପରାମର୍ଶ ଦେଇଛନ୍ତି।

## ଆବଶ୍ୟକ ପଡ଼ିଲେ...

ଟେଷ୍ଟ ବ୍ୟାପକ କରିବାକୁ ଗାଇଡ୍‌ଲାଇନରେ କୁହାଯାଇଛି। ସବୁ ରାଜ୍ୟରେ ଅତି କମ୍‌ରେ ୭୦ ପ୍ରତିଶତ ଆର୍‌ଟି-ପିସିଆର ଟେଷ୍ଟ କରାଯିବ। ଏପରି କି ଆବଶ୍ୟକ ପଡ଼ିଲେ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ ବା ଶଟ୍‌ଡାଉନ୍ ଘୋଷଣା କରାଯିବ ବୋଲି ଏଥିରେ ଦର୍ଶାଯାଇଛି। ଲୋକେ କୋଭିଡ୍ ନିୟମ ପାଳନରେ ଅବହେଳା କରୁଥିବାରୁ ସଂକ୍ରମଣ ବ୍ୟାପିବାରେ ଲାଗିଛି। ତେଣୁ ସବୁ ସ୍ଥାନରେ କଡ଼ାକଡ଼ି ନିୟମ ପାଳନ ଉପରେ ଗୁରୁତ୍ୱ ଦିଆଯାଇଛି।

ନୂଆ ସଂକ୍ରମିତ ଚିହ୍ନଟ ହେବା କ୍ଷଣି ତୁରନ୍ତ ତାଙ୍କୁ ଆଇସୋଲେଶନରେ ରଖାଯିବ। ପୂର୍ବଭଳି ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଇ ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯିବ। ଆବଶ୍ୟକ ପଡ଼ିଲେ ଗାଇଡ୍‌ଲାଇନ ଅନୁଯାୟୀ ସ୍ଥାନୀୟ ପ୍ରଶାସନ କୌଣସି ସ୍ଥାନକୁ ଆବଦ୍ଧାଞ୍ଚଳ ବା କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିପାରିବ। ସେହି ଅଞ୍ଚଳଗୁଡ଼ିକ ସମ୍ପର୍କରେ ସ୍ଥାନୀୟ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲା ୱେବସାଇଟ୍‌ରେ ସୂଚନା ଦିଆଯିବ। ଆବଦ୍ଧାଞ୍ଚଳ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ପାଳନ ହେଉଛି କି ନା ତାହା ସ୍ଥାନୀୟ ପ୍ରଶାସନ, ପୋଲିସ ପକ୍ଷରୁ ସୁନିଶ୍ଚିତ କରାଯିବ ବୋଲି ନିର୍ଦ୍ଦେଶ ରହିଛି। ଜରୁରୀ ସେବା ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ କଣ୍ଟେନମେଣ୍ଟ ଜୋନ୍‌ରେ ବନ୍ଦ ରହିବ। କାର୍ଯ୍ୟସ୍ଥଳ ସମେତ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ସଭିଏ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା ସହ ସମସ୍ତ କୋଭିଡ୍ ନିୟମ ପାଳନ ହେଉଛି କି ନା ତାହା କଡ଼ାକଡ଼ି ଭାବେ ଯାଞ୍ଚ କରାଯିବ। ଯାନବାହନଗୁଡ଼ିକର ଆନ୍ତଃରାଜ୍ୟ ଓ ଅନ୍ତଃରାଜ୍ୟ ଚଳାଚଳ ଏବଂ ଲୋକଙ୍କ ଯାତାୟାତ ଉପରେ କୌଣସି କଟକଣା ଲାଗୁ କରାଯାଇନାହିଁ। କଣ୍ଟେନମେଣ୍ଟ ଜୋନ ବ୍ୟତୀତ ଅନ୍ୟ ଅଞ୍ଚଳରେ ଲୋକେ ରେଳ, ବସ୍, ବିମାନ ଯୋଗେ ଯାତ୍ରା କରିପାରିବେ। କୋଭିଡ୍ ନିୟମ ଅନୁଯାୟୀ ସ୍କୁଲ, କଲେଜ ସମେତ ହୋଟେଲ, ରେଷ୍ଟୁରାଣ୍ଟ, ଶପିଂ ମଲ୍, ମଲ୍ଟିପ୍ଲେକ୍ସ, ପାର୍କ, ଯୋଗ କେନ୍ଦ୍ର, ଫିଲ୍ମ ହଲ୍ ଆଦି ଖୋଲା ରହିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ନ ଆସିବା ପର୍ଯ୍ୟନ୍ତ ଏହି ନିୟମଗୁଡ଼ିକ ବଳବତ୍ତର ରହିବ।

## ସର୍ଭିଲାନ୍ସ, ଟେଷ୍ଟିଂ...

ଦ୍ୱିତୀୟ ସଂକ୍ରମଣର ମୁକାବିଲା ସମ୍ପର୍କରେ ସମୀକ୍ଷା କରିଛନ୍ତି। ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଓ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ସହ ନିୟମିତ ସମୀକ୍ଷା କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲାପାଳ ଓ ଏସ୍‌ପିମାନେ ନିଜ ନିଜ ଅଞ୍ଚଳରେ ବ୍ୟକ୍ତିଗତ ଭାବେ ଏହି ଅନୁପାଳନକୁ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ବ୍ୟାପକ ପ୍ରଚାର ଓ ଆଇସି କ୍ୟାମ୍ପେନ ଆରମ୍ଭ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଗାଁ, ସାପ୍ତାହିକ ହାଟ ଓ ଭିଡ଼ ପରିଲକ୍ଷିତ ହେଉଥିବା ମାର୍କେଟରେ ଡାକବାଜି ଯନ୍ତ୍ର ଜରିଆରେ ସମସ୍ତ ନିୟମାବଳୀ ଓ ଜରୁରୀ ସୂଚନା ସମ୍ପର୍କରେ ତୁରନ୍ତ ଘୋଷଣା ଆରମ୍ଭ କରିବାକୁ କୁହାଯାଇଛି। ଜିଲାପାଳମାନେ ନିଜ ନିଜ ଅଞ୍ଚଳରେ ସର୍ଭେଲାନ୍ସ ଓ ଟେଷ୍ଟିଂ କାର୍ଯ୍ୟକ୍ରମକୁ କଡ଼ାକଡ଼ି ଭାବରେ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍ ଯୁଦ୍ଧର ଏକ ବର୍ଷ ପୂରଣ ହୋଇଯାଇଛି। ଏବେ ଯେତେବେଳ ରୋଗ ନିୟନ୍ତ୍ରଣ, ଜୀବିକା ସୃଷ୍ଟି ଓ ଅର୍ଥନୀତି କ୍ଷେତ୍ରରେ ରାଜ୍ୟ ସ୍ୱାଭାବିକ ପରିସ୍ଥିତିକୁ ଫେରିଆସୁଛି, ସେତେବେଳେ ଆମ ଦେଶ ସହିତ ବିଶ୍ୱର ଅନେକ ଦେଶରେ କୋଭିଡ୍‌ର ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଆମ ଦେଶରେ ଦ୍ୱିତୀୟ ସଂକ୍ରମଣ ଆରମ୍ଭ ହେବା ପରି ପରିସ୍ଥିତି ଲକ୍ଷ୍ୟ କରାଯାଉଛି। ତେଣୁ ଏଭଳି ପରିସ୍ଥିତିରେ ଦ୍ୱିତୀୟ ସଂକ୍ରମଣକୁ ରୋକିବା ପାଇଁ ମାସ୍କ ବ୍ୟବହାର ଓ ହାତଧୁଆ ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ପଦକ୍ଷେପ ନେବା ଜରୁରୀ। ବିଶେଷକରି ସର୍ବସାଧାରଣ ସ୍ଥାନରେ ମାସ୍କ ବ୍ୟବହାରର ଦୃଢ ଅନୁପାଳନକୁ ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମସ୍ତ ଜିଲା ନିଜ ନିଜ ଅଞ୍ଚଳର ସ୍ଥାନୀୟ ନେତୃବୃନ୍ଦ, ପଞ୍ଚାୟତ ପ୍ରତିନିଧି ଓ ଧାର୍ମିକ ସଂସ୍ଥା ଆଦି ବିଭିନ୍ନ ଆବଶ୍ୟକ ବ୍ୟକ୍ତି ଓ ସଂସ୍ଥାଗୁଡ଼ିକ ସହିତ ସଚେତନତା ଓ ସମନ୍ୱୟ ବୈଠକ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଅନେକ ଦେଶରେ କୋଭିଡ୍‌ର ଦ୍ୱିତୀୟ ଲହର ପ୍ରଥମ ଲହର ଠାରୁ ଅଧିକ ଭୟଙ୍କର ହେଉଛି। ଏସବୁ ଦେଶ ପୁଣି ଲକ୍‌ଡାଉନ ପରିସ୍ଥିତିକୁ ଫେରୁଛି। ଆମ ପକ୍ଷରେ ପୁଣି ଥରେ ଲକ୍‌ଡାଉନକୁ ଫେରିବା ବହୁ କ୍ଷତିକାରକ ହେବ। ତେଣୁ ଆମେ ସମସ୍ତେ ଆତ୍ମସଂଯମତା ପାଳନ କରିବା ସହିତ ରାଜ୍ୟର ସବୁସ୍ଥାନରେ କୋଭିଡ ନିୟମାବଳୀର ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଦ୍ୱିତୀୟ ଲହର ନ ହେବା ପାଇଁ ରାଜ୍ୟ ପ୍ରଶାସନ ନୂତନ ଉତ୍ସାହ ସହିତ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସମଗ୍ର ପ୍ରଶାସନିକ କଳକୁ ପରିସ୍ଥିତିର ଗମ୍ଭୀରତା ଅନୁଭବ କରିବା ସହ ସମସ୍ତେ ନିଜ ନିଜକୁ କୋଭିଡ୍ ଯୁଦ୍ଧରେ ପୁଣିଥରେ ନିଷ୍ଠାର ସହ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁଯାୟୀ ରାଜ୍ୟରେ କୋଭିଡ୍ ନିୟମକୁ ଅଧିକ କଡ଼ାକଡ଼ି ପାଳନ କରାଯିବ। ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜିଲାଗୁଡ଼ିକ ଅଧିକ ସତର୍କ ରହିବାପାଇଁ ସେ ପରାମର୍ଶ ଦେଇଛନ୍ତି। ପୋଲିସ ମହାନିର୍ଦ୍ଦେଶକ ଅଭୟ କହିଛନ୍ତି, କୋଭିଡ୍ ନିୟମର କଡ଼ା ଅନୁପାଳନ ପାଇଁ ପୋଲିସ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଷ୍ଟେଶନ ଓ ବିମାନ ବନ୍ଦରଗୁଡ଼ିକରେ ବାହାରୁ ଆସୁଥିବା ଯାତ୍ରୀଙ୍କ ଉପରେ କଡ଼ା ନଜର ରଖାଯିବା ସହିତ ସେମାନଙ୍କ ଟେଷ୍ଟିଂ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, କୃଷି ଉତ୍ପାଦନ କମିଶନର ଆର୍. କେ. ଶର୍ମା, କୃଷି ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ, ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାହାଘରରେ ୨୦୦...

କଡ଼ାକଡ଼ି କରାଯିବ। ଅତିଥିମାନେ ମାସ୍କ ପିନ୍ଧିଛନ୍ତି କି ନାହିଁ, ସେଥିପାଇଁ ଆୟୋଜକଙ୍କୁ ନଜର ରଖିବାକୁ ପଡ଼ିବ। ଯଦି କେହି ମାସ୍କ ପିନ୍ଧି ନ ଥାନ୍ତି, ତା'ହେଲେ ପ୍ରବେଶ ପଥରେ ସେମାନଙ୍କୁ ମାସ୍କ ଯୋଗାଇ ଦେବାକୁ ପଡ଼ିବ। କାର୍ଯ୍ୟକ୍ରମସ୍ଥଳରେ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯିବା ସହ ଥର୍ମାଲ ସ୍କ୍ରିନିଂର ବ୍ୟବସ୍ଥା କରାଯିବ। ହାତଧୋଇବା ପାଇଁ ସାବୁନ ଓ ପାଣି ଏବଂ ସାନିଟାଇଜର ବ୍ୟବସ୍ଥା କରିବା ବାଧ୍ୟତାମୂଳକ। ଏସମସ୍ତ ନିୟମକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ତେବେ ଏହି ନୂଆ କଟକଣା ଆସନ୍ତା ୨୬ ତାରିଖ ଠାରୁ ଲାଗୁ ହେବ ବୋଲି କୁହାଯାଇଛି।

# ୨୧ଲକ୍ଷ ଲୁଟ୍ ଘଟଣାର ପର୍ଦ୍ଦାଫାଶ

- ଏଟିଏମ୍ ଅଫିସର ମାଷ୍ଟର ମାଇଣ୍ଡ
- ୧୫.୩୦ଲକ୍ଷ ଟଙ୍କା ଜବତ, ୫ ଗିରଫ
- ୫ ବାଇକ୍, ୧୦ ମୋବାଇଲ ଜବତ



ସୁବର୍ଣ୍ଣପୁର ଏସ୍‌ପି ସୀତାରାମ ଶତପଥୀ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

ସୋନପୁର,୨୩।୩(ନି.ପ୍ର.)

ସୁବର୍ଣ୍ଣପୁର ପୋଲିସ ଗତ ୧୭ ତାରିଖରେ ବନ୍ଧୁକ ମୁନରେ ହୋଇଥିବା ୨୧ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ମାଷ୍ଟରମାଇଣ୍ଡଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଆମ୍ବପଖାଳ ଗ୍ରାମର ଉତ୍ତମ କୁମାର ଦୀପ(୨୧), ମନମୁଣ୍ଡା ଥାନା ଗୋହିରପିଟା ଗ୍ରାମର ଅମ୍ବୁଜ ବେହେରା(୨୮), ମନମୁଣ୍ଡା ଥାନା ଡିଗି ଗ୍ରାମର ଅବଦୁଲ ଓରଫ ଶର୍ଦ୍ଦୁଳ ଗାଇଗରିଆ(୩୨), ବୌଦ୍ଧ ଜିଲା କଣ୍ଟାମାଳ ଥାନା ଖଲିଆମୁଣ୍ଡା ଗ୍ରାମର ହରିବୋଲ ଷାଣ୍ଢ(୩୦) ଓ ସୋନପୁର ସହର ଘୋଡ଼ାଘାଟପଡ଼ାର ସୁନୀଲ କୁମାର ମହାରଣା(୨୮)। ସେମାନଙ୍କ ନିକଟରୁ ନଗଦ ୧୫ ଲକ୍ଷ ୩୦ହଜାର ଟଙ୍କା ଜବତ ହୋଇଛି। ଅଭିଯୁକ୍ତଙ୍କ ନିକଟରୁ ଲୁଟ୍‌ରେ ବ୍ୟବହୃତ ୫ଟି ବାଇକ୍ ଓ ୧୦ଟି ମୋବାଇଲ ଜବତ ହୋଇଛି। ଅଭିଯୁକ୍ତ ଛାଡ଼ି ଯାଇଥିବା ସୁରାକ ଓ ଗୋଇନ୍ଦା ସୂଚନାକୁ ଆଧାର କରି ଅଭିଯୁକ୍ତଙ୍କ ନିକଟରେ ପୋଲିସ ପହଞ୍ଚିଥିବା ମଙ୍ଗଳବାର ଏସ୍‌ପି ସୀତାରାମ ଶତପଥୀ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ କହିବାନୁସାରେ ଭୁବନେଶ୍ୱରସ୍ଥିତ ରାଇଟର ସେଫ୍‌ଗାର୍ଡ ଏଜେନ୍ସିର ଏଟିଏମ୍ ଅଫିସର ସୁନୀଲ କୁମାର ମହାରଣା ଘଟଣାର ମାଷ୍ଟର ମାଇଣ୍ଡ। ସେ ଅମ୍ବୁଜ ଓ ହରିବୋଲଙ୍କ ସହିତ ମିଶି ଯୋଜନା ପ୍ରସ୍ତୁତ କରିଥିଲେ। ଘଟଣା ଦିନ ସଂସ୍ଥାର ଅନ୍ୟତମ ଏଟିଏମ୍ ଅଫିସର ସୋନପୁର ବ୍ଲକ ଛକ ଅଞ୍ଚଳର ସୁଧାଂଶୁ ପଧାନ ସୋନପୁର ଓ ଉଲୁଣ୍ଡା ଏଟିଏମ୍‌ରେ ଟଙ୍କା ଭରିବା ପାଇଁ ବ୍ୟାଙ୍କ ଅଫ୍ ବରୋଦା ସୋନପୁର ଶାଖାରୁ ୩୮ଲକ୍ଷ ଟଙ୍କା ଉଠାଇଥିଲେ। ସୁଧାଂଶୁ ସୋନପୁର ମୁଖ୍ୟ ଶାଖା ନିକଟରେ ଥିବା ଏଟିଏମ୍‌ରେ ପ୍ରଥମେ ୧୭ଲକ୍ଷ ଟଙ୍କା ଭରିଥିଲେ। ସୁନୀଲ ଆସିବାରେ ବିଳମ୍ବ କରିବାରୁ ବାକି ୨୧ଲକ୍ଷ ଟଙ୍କାକୁ ସେ ବ୍ୟାଗ୍‌ରେ ଭର୍ତ୍ତି କରି ଉଲୁଣ୍ଡା ଅଭିମୁଖେ ବାଇକ୍‌ରେ ଏକୁଟିଆ ଯାଉଥିଲେ। ବୀରମହାରାଜପୁର ଥାନା ବାଘଲପୁର ଛକ ନିକଟରେ ୬ଜଣ ଦୁର୍ବୃତ୍ତ ୪ଟି ବାଇକ୍‌ରେ ଆସି ସୁଧାଂଶୁଙ୍କୁ ଧକ୍କା ଦେଇଥିଲେ। ସେ ତଳେ ପଡିଯିବା ପରେ ବନ୍ଧୁକ ଓ ଭୁଜାଲି ଦେଖାଇ ସେମାନେ ୨୧ଲକ୍ଷ ଟଙ୍କା ଓ ମୋବାଇଲ ଫୋନ୍ ଲୁଟିନେଇ ଫେରାର ହୋଇଯାଇଥିଲେ। ପରେ ଲୁଟ୍ ଟଙ୍କାକୁ ନିଜ ଭିତରେ ବାଣ୍ଟି ନେଇଥିଲେ। ଅନ୍ୟପକ୍ଷେ ସୁନୀଲ ମହାରଣା ସୁଧାଂଶୁଙ୍କ ନିକଟରେ ପହଞ୍ଚି ଧରା ନ ପଡ଼ିବା ପାଇଁ ମିଛ ଅଭିନୟ କରିଥିଲେ। ଠିକା ସଂସ୍ଥା ରାଇଟର ସେଫ୍‌ଗାର୍ଡ ଏଜେନ୍ସିର ଏକ୍‌ଜିକ୍ୟୁଟିଭ୍ ଏଟିଏମ୍‌ଓ ଭାବେ ସୁଧାଂଶୁ ପଧାନ ଓ ସୁନୀଲ ମହାରଣା କାର୍ଯ୍ୟ କରୁଥିଲେ। ଦୁହେଁ ବ୍ୟାଙ୍କ୍ ଅଫ୍ ବରୋଦା ସୋନପୁର ଶାଖାରୁ ଟଙ୍କା ଉଠାଇ ସୋନପୁର, ଉଲୁଣ୍ଡା ଓ ବିନିକାସ୍ଥିତ ଏଟିଏମ୍‌ରେ ଟଙ୍କା ଭରୁଥିଲେ। ବାଇକ୍‌ରେ ଟଙ୍କା ନେଇ ସେମାନେ ବିଭିନ୍ନ ସ୍ଥାନକୁ ଯାଉଥିଲେ। ଘଟଣା ଦିନ ସୁନୀଲ ଏଜେନ୍ସିର କାର୍ଯ୍ୟ ନ କରି ଅଭିଯୁକ୍ତଙ୍କ ସହିତ ମିଶି ଟଙ୍କା ଲୁଟ୍ ଯୋଜନା କରିଥିଲେ। ସୁଧାଂଶୁଙ୍କ ଅଭିଯୋଗକ୍ରମେ ବୀରମହାରାଜପୁର ଥାନାରେ ଏକ ମାମଲା(ନଂ.୫୨/୨୧)ରୁଜୁ ହୋଇଥିଲା। ହେଡକ୍ୱାର୍ଟର୍ସ ଡିଏସ୍‌ପି ସତ୍ୟଜିତ ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା

## ଗଡ଼ିବ ନୂଆ ମେମୁ ଟ୍ରେନ୍

ଭୁବନେଶ୍ୱର,୨୩।୩

ଭୁବନେଶ୍ୱର ଓ କେନ୍ଦୁଝରଗଡ଼ ଏବଂ ପୁରୀ ଓ ଅନୁଗୋଳ ମଧ୍ୟରେ ମେମୁ ଟ୍ରେନ୍ ଚଳାଚଳ ନେଇ ନିଷ୍ପତ୍ତି ହୋଇଛି। ସେହିଭଳି ବିଶାଖାପାଟଣା-ଜଗଦଳପୁର ବିଶେଷ ଟ୍ରେନ୍ ସେବା କିରାଣ୍ଡୁଲକୁ ସମ୍ପ୍ରସାରିତ କରାଯିବାକୁ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ଚଳିତ ମାସ ୩୦ରୁ ଭୁବନେଶ୍ୱର-କେନ୍ଦୁଝରଗଡ଼ ମେମୁ ଏବଂ ଏପ୍ରିଲ ମାସ ୫ଠାରୁ ପୁରୀ-ଅନୁଗୋଳ ମେମୁ ଟ୍ରେନ୍ ଗଡିବ। ପୁରୀ-ହାଟିଆ ସ୍ୱେଶାଲ ପୁରୀରୁ ଏପ୍ରିଲ ପହିଲାଠାରୁ ଏବଂ ହାଟିଆ-ପୁରୀ ସ୍ୱେଶିଆଲ ହାଟିଆରୁ ୨ ଏପ୍ରିଲଠାରୁ ପରବର୍ତ୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ। ସମ୍ବଲପୁର-ପୁରୀ-ସମ୍ବଲପୁର ସ୍ୱେଶାଲ ୩ ଏପ୍ରିଲ ଠାରୁ ପରବର୍ତ୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ। ପୁରୀ-ପାରାଦୀପ-ପୁରୀ ସ୍ୱେଶାଲ ୭ ଏପ୍ରିଲଠାରୁ ପରବର୍ତ୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ। ବିଶାଖାପାଟଣା-ଜଗଦଳପୁର-ବିଶାଖାପାଟଣା ସ୍ୱେଶାଲ ଟ୍ରେନ୍‌କୁ ଏପ୍ରିଲ ପହିଲାରୁ କିରାଣ୍ଡୁଲକୁ ସମ୍ପ୍ରସାରଣ କରାଯିବ। ବିଶାଖାପାଟଣା-ଜଗଦଳପୁର ସ୍ୱେଶାଲ ବିଶାଖାପାଟଣାରୁ ଏପ୍ରିଲ ପହିଲାଠାରୁ ସକାଳ ୬ଟା ୪୫ରେ ଛାଡ଼ି ଜଗଦଳପୁରଠାରେ ରାତ୍ର ୮ଟା ୪୫ରେ ପହଞ୍ଚିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି।

# ୧୮ ଛାତ୍ରଙ୍କୁ ୫୪ ହଜାର ଟଙ୍କା ଜରିମାନା

**ଭିମ୍‌ସାର ର୍‍ୟାଗିଂ ଘଟଣାରେ କାର୍ଯ୍ୟାନୁଷ୍ଠାନ**

ସମ୍ବଲପୁର,୨୩।୩(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମ୍‌ସାରରେ ଛାତ୍ର ର୍‍ୟାଗିଂ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚତୁର୍ଥ ବର୍ଷର ୧୮ ଜଣ ଛାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୫୪ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅର୍ଥ ଶୀଘ୍ର ଦାଖଲ କରିବାକୁ କୁହାଯାଇଛି। ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତି ଯେପରି ନ ହେବ ସେ ନେଇ ସେମାନଙ୍କଠାରୁ ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ଆଣ୍ଟିର୍‍ୟାଗିଂ ସେଲ୍ ରିପୋର୍ଟ ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୧୦ ତାରିଖରେ ଦ୍ୱିତୀୟ ବର୍ଷର କେତେଜଣ ଛାତ୍ରଙ୍କୁ ଚତୁର୍ଥ ବର୍ଷ ଛାତ୍ରମାନେ ବାସ୍କେଟ ବଲ ପଡିଆକୁ ଡାକିଥିଲେ। ହେଲେ ସେମାନେ ଆସି ନ ଥିଲେ। ପରେ ରାତିରେ ଦ୍ୱିତୀୟ ବର୍ଷ ଛାତ୍ର ରହୁଥିବା ହଷ୍ଟେଲକୁ ଯାଇ ଚତୁର୍ଥବର୍ଷ ଛାତ୍ରମାନେ ର୍‍ୟାଗିଂ କରିଥିଲେ। ମାନସିକ ଓ ଶାରୀରିକ ନିର୍ଯାତନା ସହ ମାରପିଟ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଦ୍ୱିତୀୟବର୍ଷ ଛାତ୍ରମାନେ ଦିଲ୍ଲୀସ୍ଥିତ ଆଣ୍ଟି ର୍‍ୟାଗିଂ ସେଲ୍‌ରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିମ୍‌ସାରରେ ଆଣ୍ଟି ର୍‍ୟାଗିଂ କମିଟି ଘଟଣାର ତଦନ୍ତ କରିଥିଲା। ପୂର୍ବରୁ ୨୦୧୮ ଅକ୍ଟୋବର ୯ରେ ଏମ୍‌ବିବିଏସ୍ ଜୁନିୟର ଛାତ୍ରଙ୍କୁ ର୍‍ୟାଗିଂ ହୋଇଥିବା ନେଇ ଆଣ୍ଟି ର୍‍ୟାଗିଂ ସେଲ୍‌ରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ଭିମ୍‌ସାର କର୍ତ୍ତୃପକ୍ଷ ୨୩ ଛାତ୍ରଙ୍କୁ ୧ମାସ ପାଇଁ ଶ୍ରେଣୀକକ୍ଷ ନ ଆସିବାକୁ ନିର୍ଦ୍ଦେଶ ଦେଇଥିଲେ।

# ବାଘ ଛାଲ ଜବତ, ୨ ବ୍ୟବସାୟୀ ଗିରଫ



ଜବତ ବାଘ ଛାଲ ଏବଂ ଗିରଫ ଦୁଇ ଅଭିଯୁକ୍ତ ।

ଦେବଗଡ଼, ୨୩।୩(ଡି.ଏନ.ଏ)

କଲରାପତରିଆ ବାଘ ଛାଲ ବିକ୍ରି ଯୋଜନା ବେଳେ ସୋମବାର ଏସ୍‌ଟିଏଫ୍ ପକ୍ଷରୁ ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳରେ ଅଚାନକ ଚଢାଉ କରାଯାଇଥିଲା। ଚଢାଉ ବେଳେ କଲରାପତରିଆ ବାଘ ଛାଲ, ବାଘ ନିଶ, ନଖ, ପଞ୍ଝା ଓ ଦାନ୍ତ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୨ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବାରକୋଟ ଥାନା ସାଲୋହୀ ଗ୍ରାମର ସୋମନାଥ ପାତ୍ର ଓ ରାଜୀବ ଲୋଚନ ପାତ୍ର। ମଙ୍ଗଳବାର ଡାକ୍ତରୀ ପରୀକ୍ଷା ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏ ନେଇ ଏସ୍‌ଟିଏଫ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।

ସୂଚନା ଅନୁସାରେ, ସୋମନାଥ ଓ ରାଜୀବ ଏକ କଲରାପତରିଆ ବାଘ ଛାଲ କିଣାବିକା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା କୌଣସି ସୂତ୍ରରୁ ଏସ୍‌ଟିଏଫ୍‌କୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଡିଏସ୍‌ପି ପ୍ରବୀଣ କୁମାର ତ୍ରିପାଠୀ ଓ ଏସ୍‌ଆଇ ତୃପ୍ତି ରଞ୍ଜନ ଦାଶଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଅଚାନକ ଚଢାଉ କରିଥିଲେ।

# ଚିତ୍ରକଳାରେ ଗାନ୍ଧୀଙ୍କ ଓଡ଼ିଶା ଆଗମନ



ଶିବିରରେ ଯୋଗଦେଇଥିବା ଚିତ୍ରଶିଳ୍ପୀମାନେ ଚିତ୍ର ପ୍ରସ୍ତୁତରେ ନିମଗ୍ନ।

ଭୁବନେଶ୍ୱର,୨୩।୩ (ବ୍ୟୁରୋ)

ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଏକ ଚିତ୍ରଶିଳ୍ପୀ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମଙ୍ଗଳବାର ପାନ୍ଥନିବାସରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୪୦ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଶିବିରରେ ଅଙ୍କିତ ଚିତ୍ରର ଏକ ପ୍ରଦର୍ଶନୀ ରାଷ୍ଟ୍ରୀୟ ଲଳିତ କଳା କେନ୍ଦ୍ରରେ ପ୍ରଦର୍ଶିତ ହେବ। ଏହା ଆସନ୍ତା ୨୫ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଖୋଲା ରହିବ ବୋଲି ଏକାଡେମୀର ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଏକାଡେମୀର ସଭାପତି ପଦ୍ମଶ୍ରୀ ଡ. ସୁଦର୍ଶନ ପଟ୍ଟନାୟକ, ଓଏସ୍‌ଡି ତଥା ବିଭାଗୀୟ ଯୁଗ୍ମ ଶାସନ ସଚିବ ମନସ୍ୱିନୀ ସାହୁ, କାର୍ଯ୍ୟକାରୀ ସଦସ୍ୟ ପଞ୍ଚାନନ ସାମଲ ଓ ଶିଳ୍ପୀ ପଞ୍ଚାନନ ସୁର ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ର ବଦଳାଇପାରିବେ ଛାତ୍ରୀଛାତ୍ର

**ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା**

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

କୋଭିଡ୍-୧୯ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ପରୀକ୍ଷା ପାଇଁ ପରୀକ୍ଷାକେନ୍ଦ୍ରରେ ପରିବର୍ତ୍ତନ କରିବାକୁ ଅନୁମତି ଦେଇଛନ୍ତି। କେତେଜଣ ପିଲା ସେମାନଙ୍କ ପରିବାର ସହିତ ଅନ୍ୟ ସହର ବା ଦେଶକୁ ଯାଇଛନ୍ତି। ତେଣୁ ଯେଉଁଠାରୁ ଛାତ୍ରୀଛାତ୍ରମାନେ ବୋର୍ଡ ପରୀକ୍ଷା ପାଇଁ ପଞ୍ଜୀକୃତ ହୋଇଥିଲେ ସେମାନେ ପରୀକ୍ଷା ଦେବା ପାଇଁ ଅସମର୍ଥ ବୋଲି ବୋର୍ଡ ନଜରକୁ ଆସିଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପରୀକ୍ଷାକେନ୍ଦ୍ରରେ ପରିବର୍ତ୍ତନକୁ ଅନୁମତି ଦେବା ପାଇଁ ସିବିଏସ୍‌ଇ ନିଷ୍ପତ୍ତି ନେଇଛି। ଏ ନେଇ ସିବିଏସ୍‌ଇ ସମସ୍ତ ଅନୁବନ୍ଧିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଚିଠି ଲେଖି ଜଣାଇଛି। ଯେଉଁ ଛାତ୍ରୀଛାତ୍ରମାନେ ପରୀକ୍ଷାକେନ୍ଦ୍ର ପରିବର୍ତ୍ତନ କରାଇବାକୁ ଚାହୁଁଛନ୍ତି ସେମାନେ କେଉଁଠି ପରୀକ୍ଷା ଦେବେ ଏ ନେଇ ନିଜ ବିଦ୍ୟାଳୟକୁ ସୂଚନା ଦେବେ। ଏହାପରେ ବିଦ୍ୟାଳୟ ପକ୍ଷରୁ ସିବିଏସ୍‌ଇ ୱେବ୍‌ସାଇଟ୍‌ରେ ତଥ୍ୟ ଦାଖଲ କରାଯିବ। ଜଣେ ପରୀକ୍ଷାର୍ଥୀ ଚାହିଁଲେ ଥିଓରି ଓ ପ୍ରାକ୍ଟିକାଲ ଉଭୟ ପରୀକ୍ଷା ପାଇଁ ପରୀକ୍ଷାକେନ୍ଦ୍ର ପରିବର୍ତ୍ତନ କରିପାରିବେ। କିନ୍ତୁ ଗୋଟିଏ ସହରରେ ତାଙ୍କୁ ଏହି ପରୀକ୍ଷାକେନ୍ଦ୍ର ବାଛିବାକୁ ପଡ଼ିବ। ତେବେ ଥରେ ସ୍କୁଲରୁ ବୋର୍ଡକୁ ଅନୁରୋଧ ଦାଖଲ ହୋଇଗଲେ ଆଉ ସେଥିରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ। ଏ ନେଇ ଛାତ୍ରୀଛାତ୍ର ଆସନ୍ତା ୨୫ତାରିଖ ମଧ୍ୟରେ ସ୍କୁଲକୁ ଜଣାଇବେ। ବିଦ୍ୟାଳୟଗୁଡ଼ିକ ୩୧ତାରିଖ ସୁଦ୍ଧା ଛାତ୍ରୀଛାତ୍ରଙ୍କ ଅନୁରୋଧ ପ୍ରସ୍ତାବକୁ ସିବିଏସ୍‌ଇ ବୋର୍ଡରେ ଦାଖଲ କରିବେ। ଏହି ନିୟମରୁ ବାହାରେ କୌଣସି ଅନୁରୋଧ ଆସିଥିଲେ ତାକୁ ଗ୍ରହଣ କରାଯିବ ନାହିଁ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

# ଜଙ୍ଗଲ ଓ ପରିବେଶ ବିଭାଗ ଖର୍ଚ୍ଚଦାବି ଗୃହୀତ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

୨୦୨୧-୨୨ ଆର୍ଥିକବର୍ଷ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ୧୮୯୧ କୋଟି ୬୦ ଲକ୍ଷ ୪୭ ହଜାର ଟଙ୍କାର ଖର୍ଚ୍ଚଦାବି ମଙ୍ଗଳବାର ବିଧାନସଭାରେ ଗୃହୀତ ହେଇଛି। ସେଥିରୁ ପ୍ରଶାସନିକ ଖର୍ଚ୍ଚ ବାବଦରେ ୫୦୧ କୋଟି ୭୦ ଲକ୍ଷ ଟଙ୍କା, କାର୍ଯ୍ୟକ୍ରମ ଖର୍ଚ୍ଚ ବାବଦରେ ୧୩୮୯ କୋଟି ୯୦ଲକ୍ଷ ଟଙ୍କା। ଏହାମଧ୍ୟରୁ ୧୧୬୮ କୋଟି ୩ ଲକ୍ଷ ଟଙ୍କା ରାଜ୍ୟସ୍ତରୀୟ, ୨୨୦ କୋଟି ୮୭ ଲକ୍ଷ ଟଙ୍କା କେନ୍ଦ୍ର ପ୍ରବର୍ତ୍ତିତ ଓ ୧ କୋଟି ଟଙ୍କା କେନ୍ଦ୍ରୀୟ ଯୋଜନାରେ ବ୍ୟୟବରାଦର ପ୍ରସ୍ତାବ ଅଛି। ରାଜ୍ୟରେ ସର୍ବମୋଟ ୬୧, ୨୦୪.୧୭ ବର୍ଗ କିଲୋମିଟର ଜଙ୍ଗଲ ଅଛି । ରାଜ୍ୟ ଭୌଗୋଳିକ କ୍ଷେତ୍ରର ଏହା ୩୯.୩୦ ପ୍ରତିଶତ। ୨୦୨୧-୨୨ ଆର୍ଥିକ ବର୍ଷରେ ୧ ଲକ୍ଷ ୫୦ ହଜାର ୪୮୧ ହେକ୍ଟର ବନୀକରଣ ଲକ୍ଷ୍ୟ ରଖାଯାଇଛି । ସେଥିରୁ ୪୪ ହଜାର ୫୦୦ ହେକ୍ଟର କାମ୍ପା ମାଧ୍ୟମରେ ଓ ୫୦ ହଜାର ହେକ୍ଟର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଜରିଆରେ କରିବାକୁ ସ୍ଥିର ହୋଇଛି । ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନେଇ ଭାଜପା ଓ କଂଗ୍ରେସ ସଦସ୍ୟମାନେ ରାଜ୍ୟରେ ବଢୁଥିବା ଜଙ୍ଗଲ ନିଆଁ, ଚାରା ରୋପଣରେ ଦୁର୍ନୀତି ଏବଂ କାମ୍ପା ଫଣ୍ଡରେ ହେରଫେର ବିଷୟ ଉଠାଇଥିଲେ। ଏଥିସହିତ ଡିଏମଏଫ, ଓଏମ୍‌ବିଡିଏସି ପାଣ୍ଠିର ବ୍ୟବହାର ନେଇ ଶ୍ୱେତପତ୍ର ପ୍ରକାଶ କରିବାକୁ ଭାଜପା ଦାବି କରିଛି। ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉତ୍ତରରେ କହିଥିଲେ ଯେ, ଓଡିଶା ଜଙ୍ଗଲ ସୃଷ୍ଟି କରିବାରେ ଦେଶରେ ୧ ନମ୍ବର ସ୍ଥାନରେ ରହିଛି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ଭାଜପା ସଦସ୍ୟମାନେ କକ୍ଷ ତ୍ୟାଗ କରି ବାହାରକୁ ଚାଲି ଯାଇଥିଲେ। ଶେଷରେ ଜଙ୍ଗଲ ଓ ପରିବେଶ ବିଭାଗର ଖର୍ଚ୍ଚ ଦାବି ବାଚନିକ ଭୋଟରେ ପାରିତ ହୋଇଥିଲା।

# ୧୬ ଜିଲାରୁ ୧୩ ହଜାର ଶିଶୁ ଶ୍ରମିକ ଚିହ୍ନଟ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ରାଜ୍ୟର ୧୬ ଜିଲାରୁ ୧୩,୬୨୦ ଜଣ ଶିଶୁ ଶ୍ରମିକ ଚିହ୍ନଟ ହୋଇଛନ୍ତି। ୨୦୧୬ରୁ ୧୦୧୮ ମଧ୍ୟରେ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଜରିଆରେ କରାଯାଇଥିବା ସର୍ଭେରୁ ଏହି ତଥ୍ୟ ମିଳିଛି। ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀଶାନ୍ତ ସିଂ ଭାଜପା ସଭ୍ୟ ନାଉରୀ ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ୧୬ ଜିଲାରୁ ଚିହ୍ନଟ କରାଯାଇଥିବା ଶିଶୁ ଶ୍ରମିକ ମଧ୍ୟରୁ ୭,୨୩୫ ଜଣ ପୁଅ ହୋଇଥିବା ବେଳେ ୬.୩୮୫ ଜଣ ଝିଅ ରହିଛନ୍ତି। କଳାହାଣ୍ଡି ଜିଲାରେ ସର୍ବାଧିକ ୨୫୩୬ଜଣ ଶିଶୁ ଶ୍ରମିକ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗୀରରେ ୧୮୪ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଦେବଗଡ଼ରେ ୧୮୭୫, ସୁନ୍ଦରଗଡ଼ ୧୩୫୧, ଗଜପତି ୯୯୯ , କଟକ ୮୯୦, କେନ୍ଦୁଝର ୮୧୬, ଗଞ୍ଜାମ ୬୯୩, ଖୋର୍ଦ୍ଧା ୬୭୧, ଢେଙ୍କାନାଳ ୬୫୭, ନୂଆପଡ଼ା ୩୭୯, ସମ୍ବଲପୁର ୩୫୧, ନୟାଗଡ଼ ୨୬୮ ଏବଂ ଝାରସୁଗୁଡାରେ ୨୩୬ଜଣ ଶିଶୁ ଶ୍ରମିକ ଚିହ୍ନଟ ହୋଇଛନ୍ତି।

**ଇମ୍ରାନ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପାକିସ୍ତାନ ପ୍ରତିପକ୍ଷ ଇମ୍ରାନ୍ ଖାନ୍‌ଙ୍କୁ ପତ୍ର ଲେଖି ପାକିସ୍ତାନ ଦିବସ ପାଳନର ଶୁଭେଚ୍ଛା ଜଣାଇଛନ୍ତି। ପାକିସ୍ତାନ ସହିତ ଭାରତ ଏକ ପଡ଼ୋଶୀ ରୂପେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଚାହେଁ, ଯେଉଁଠି ଆତଙ୍କ ଓ ଶତ୍ରୁତାର ସ୍ଥାନ ନ ଥିବ। ପାକିସ୍ତାନବାସୀଙ୍କୁ ଶୁଭେଚ୍ଛା ବୋଲି ମୋଦି ସେଠାକାର ପ୍ରଧାନମନ୍ତ୍ରୀଙ୍କୁ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି।



## ସଂକ୍ଷେପରେ

### ଅଟୋ-ବସ୍ ଧକ୍କା: ୧୩ ମୃତ

**ଗ୍ୱାଲିଅର, ୨୩।୩:** ମଧ୍ୟପ୍ରଦେଶର ଗ୍ୱାଲିଅରରେ ମଙ୍ଗଳବାର ଏକ ବସ୍ ଓ ଅଟୋ ମଧ୍ୟରେ ଧକ୍କା ହେବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୨ ମହିଳା ରହିଛନ୍ତି। ଘଟଣାସ୍ଥଳରେ ଅଟୋ ଚାଳକଙ୍କ ସମେତ ୮ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ହସ୍ପିଟାଲରେ ଡାକ୍ତର ଅନ୍ୟମାନଙ୍କୁ ମୃତ ଘୋଷଣା କରିଥିଲେ। ଗ୍ୱାଲିଅରର ପୁରୁଣା ଚାଓ୍ୱନି ଅଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ରରେ ରୋଷେୟା ଭାବେ କାମ କରୁଥିବା ମହିଳାମାନେ ସକାଳ ପ୍ରାୟ ସାଢ଼େ ୫ଟାରେ ଅଟୋରେ ଘରକୁ ଫେରୁଥିବାବେଳେ ଗ୍ୱାଲିଅରରୁ ମୋରେନା ଯାଉଥିବା ବସ୍‌ଟି ଧକ୍କା ଦେଇଥିଲା। ପୋଲିସ ବସ୍ ଜବତ କରି ତଦନ୍ତ ଚଳାଇଛି। ଅଟୋରେ କ୍ଷମତାଠାରୁ ଅଧିକ ଲୋକେ ଯାଉଥିଲେ ବୋଲି ପୋଲିସ କହିଛି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି।

### ମୁମ୍ବାଇ ପୋଲିସର ୮୬ ଜଣଙ୍କୁ ବଦଳି

**ମୁମ୍ବାଇ, ୨୩।୩:** ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂ ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିବାବେଳେ ମଙ୍ଗଳବାର ପୋଲିସ ବିଭାଗରେ ବଡ଼ଧରଣର ଅଦଳବଦଳ ହୋଇଛି। ସଚିନ ୱାଜେ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଜେରାର ସମ୍ମୁଖୀନ ହୋଇଥିବା ଜଣେ ଆସିଷ୍ଟାଣ୍ଟ ପୋଲିସ ଇନ୍‌ସ୍ପେକ୍ଟର(ଏପିଆଇ)ଙ୍କ ସମେତ ମୁମ୍ବାଇ ପୋଲିସର ୮୬ ଜଣଙ୍କୁ ବଦଳି କରାଯାଇଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଅନିଲ ଭେଟିଥିଲେ। କ୍ରାଇମ୍ ଇଣ୍ଟେଲିଜେନ୍ସ ୟୁନିଟରେ ସଚିନ ୱାଜେ ଥିବାବେଳେ ଏପିଆଇ ରିୟାଜୁଦ୍ଦିନ କାଜି ତାଙ୍କ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ। କାଜିଙ୍କୁ ଲୋକାଲ ଆର୍ମସ୍ ୟୁନିଟକୁ ବଦଳି କରାଯାଇଛି। କେବଳ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚର ୬୫ ଅଫିସରଙ୍କୁ ଟ୍ରାଫିକ୍ ସମେତ ଅନ୍ୟ ବିଭାଗଗୁଡ଼ିକୁ ବଦଳି ହୋଇଛି। ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ଘର ବାହାରେ ସ୍କର୍ପିଓରୁ ବିସ୍ଫୋରକ ମିଳିବା ମାମଲାରେ ଏନ୍‌ଆଇଏ କାଜିଙ୍କୁ ଜେରା କରିଥିଲା। ପ୍ରକାଶ ଯେ, ହୋମଗାର୍ଡକୁ ପୂର୍ବରୁ ବଦଳି ହୋଇଥିବା ପରମବୀର ସିଂ ଦୁଇଦିନ ତଳେ ମୁଖ୍ୟମନ୍ତ୍ରୀ ଠାକ୍‌ରେଙ୍କୁ ଚିଠି ଲେଖି ଅନିଲ ଦେଶମୁଖ ସଚିନ ୱାଜେଙ୍କୁ ମାସିକ ୧୦୦ କୋଟି ଟଙ୍କା ଅସୁଲ କରିବାକୁ କହିଥିବା ଜଣାଇଥିଲେ।

### ଦୁର୍ଘଟଣା ନେଲା ୧୪ ଜୀବନ

**ତେହରାନ, ୨୩।୩:** ଦକ୍ଷିଣପୂର୍ବ ଇରାନରେ ମଙ୍ଗଳବାର ୩ଟି କାର୍ ମଧ୍ୟରେ ଧକ୍କା ହେବାରୁ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୮ ଶିଶୁ ରହିଛନ୍ତି। ଆହୁରି ୧୧ ଜଣ ଆହତ ହୋଇଛନ୍ତି। ପର୍ସିଆନ ନୂଆବର୍ଷ ପାଳନ ପାଇଁ ଯାତ୍ରା ସମୟରେ ଦୁର୍ଘଟଣା ଘଟିଥିଲା।

# ଏସ୍‌ସିଏସ୍: ଜାହାଜ ବୁଲାଉଛି ଚାଇନା

**ନୂଆଦିଲ୍ଲୀ/ବେଜିଂ, ୨୩।୩**



ଚାଇନା ଅନୁପ୍ରବେଶ କରୁଛି, ବିଦେଶୀ ଜାହାଜ ବୁଡ଼ାଉଛି, ନୂଆ ଜିଲା ସ୍ଥାପନ କରୁଛି। ଦ୍ୱୀପଗୁଡ଼ିକୁ ଚାଇନିଜ୍ ନାମ ଦେଉଛି, ନୂଆ କୃତ୍ରିମ ଦ୍ୱୀପପୁଞ୍ଜ ନିର୍ମାଣ କରୁଛି। ମାଛଧରା ଜାହାଜଗୁଡ଼ିକୁ ସାମୁଦ୍ରିକ ମିଲିସିଆ ରୂପେ ବ୍ୟବହାର କରୁଛି। ଦକ୍ଷିଣ ଚାଇନା ସାଗର (ଏସ୍‌ସିଏସ୍) ଉପରେ ବେଜିଂ ଏଭଳି ଏକଚାଟିଆ ଅଧିକାର ଜାହିର ଉଦ୍ୟମ ଜାରି ରଖିଛି। ସାମରିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଏହି ବିଶାଳ ଜଳରାଶିରେ ବେଜିଂର ଅସରନ୍ତି ଉତ୍ପାତ ଏସ୍‌ସିଏସ୍‌କୁ ଏକ ୱାର୍‌ଜୋନ୍‌ରେ ପରିଣତ କରିଦେଇଛି।

ଦକ୍ଷିଣ ଚାଇନା ସାଗର ହେଉଛି ଏକ ରଣନୈତିକ ଜଳପଥ ; ଯାହାକୁ ଚାଇନା, ତାଇୱାନ, ଫିଲିପାଇନ୍ସ, ଭିଏତ୍‌ନାମ, ମାଲେସିଆ ଓ ବ୍ରୁନେଇ ଘେରିରହିଛି। ଚତୁଃପାର୍ଶ୍ୱରେ ଏହି ୬ ରାଷ୍ଟ୍ରର ଉପକୂଳ ଥିବାବେଳେ କେନ୍ଦ୍ରସ୍ଥଳରେ ରହିଛି ଦୁଇଟି ବିବାଦୀୟ ଦ୍ୱୀପପୁଞ୍ଜ। ପ୍ରଥମଟି ହେଉଛି ପାରାସେଲ ଆର୍ଚିପେଲାଗୋ ; ଯାହାକୁ ନେଇ ଚାଇନା, ତାଇୱାନ ଓ ଭିଏତ୍‌ନାମ ମଧ୍ୟରେ ବିବାଦ ଲାଗିରହିଛି। ଦ୍ୱିତୀୟ ଦ୍ୱୀପପୁଞ୍ଜର ନାମ ସ୍ପାର୍ଟଲି ଆଇଲାଣ୍ଡ୍‌ସ। ଚାଇନା ଓ ଅନ୍ୟ ୫ ରାଷ୍ଟ୍ର ମଧ୍ୟରେ ଏହା ବିବାଦର ମଞ୍ଜି ପାଲଟିଛି। ତୈଳ ଓ ଗ୍ୟାସ୍ ଉତ୍ସର ପ୍ରାଚୁର୍ଯ୍ୟ ସହ ଚାରିପଟେ ସାମୁଦ୍ରିକ ଗତିବିଧିର ପର୍ଯ୍ୟାପ୍ତ ସୁଯୋଗ ଦ୍ୱୀପପୁଞ୍ଜ ଦ୍ୱୟର ରଣନୈତିକ ତାତ୍ପର୍ଯ୍ୟକୁ ବଢ଼ାଇଦେଇଛି। ବିଶ୍ୱର ଏକ-ତୃତୀୟାଂଶ ଜାହାଜ ଚଳାଚଳ ମଧ୍ୟ ଏସ୍‌ସିଏସ୍ ମଧ୍ୟ ଦେଇ ହୋଇଥାଏ। ବେଜିଂ ପ୍ରାୟ ସମ୍ପୂର୍ଣ୍ଣ ସାଗର ଉପରେ ସାର୍ବଭୌମତ୍ୱ ରହିଥିବା ଦାବି କରେ। ଏହା ଉପରେ ନିଜ କର୍ତ୍ତୃତ୍ୱ ଜାହିର ସହ ସାମରିକ ଅତିକ୍ରମଣକୁ ଅନ୍ୟ ଦେଶଗୁଡ଼ିକ ଆଗରେ ଯଥାର୍ଥ ପ୍ରମାଣିତ କରିବା ପାଇଁ ୧୯୪୦ ଦଶକର ଏକ ମାନଚିତ୍ରକୁ ବ୍ୟବହାର କରିଥାଏ।

୨୦୨୦ ମାର୍ଚ୍ଚରେ ଚାଇନାର ଜାହାଜଗୁଡ଼ିକ ତାଇୱାନର ଯୁଦ୍ଧଜାହାଜ ସହ ଘଷିହୋଇ ଯାଇଥିଲା। ୨୦୨୦ ଏପ୍ରିଲରେ ଚାଇନାର ଏକ ସର୍ଭିଲାନ୍ସ ଶିପ୍ ଭିଏତ୍‌ନାମର ମାଛଧରା ବୋଟ୍‌କୁ ଧକ୍କା ଦେଇ ବୁଡ଼ାଇ ଦେଇଥିଲା। ପର ମାସରେ ମାଲେସିଆର ଅର୍ଥନୈତିକ ଜୋନ୍ ନିକଟରେ ଚାଇନା ଏକ ଏକ୍ସପ୍ଲୋରେଶନ୍ ଭେସେଲ ମୁତୟନ କରିଥିଲା। ବର୍ଷ ସାରା ଏପରି ଉତ୍ପାତ ଲାଗି ରହିଥିଲା। କରୋନା ଭାଇରସ୍ ମହାମାରୀ ବେଳେ ଏସ୍‌ସିଏସ୍ ଉପରେ ଡ୍ରାଗନ ନିଜ ସ୍ଥିତିକୁ ଆହୁରି ମଜଭୁତ କରିଥିଲା। ଚାଇନା ବିବାଦୀୟ ଜଳରାଶି ଉପରେ ନୂଆ ପ୍ରଶାସନିକ ଜିଲାଗୁଡ଼ିକ ପ୍ରତିଷ୍ଠା କରିଛି ଆନୁଷ୍ଠାନିକ ଚାଇନିଜ୍ ନାମ ସହ। ଚାଇନା ସାଗରର ଅନ୍ୟୂନ ୨୫ ଦ୍ୱୀପ ଓ ପ୍ରବାଳ ଶ୍ରେଣୀ ମାଣ୍ଡାରିନ୍ ଭାଷାରେ ନାମିତ ହୋଇଛି। ଏଥିରୁ ସେଗୁଡ଼ିକ ଉପରେ ଚାଇନାର ସାର୍ବଭୌମତ୍ୱ ପ୍ରତିଫଳିତ ହେଉଛି, ଯାହାକୁ ଆହୁରି ମଜଭୁତ କରିବା ପାଇଁ ଡ୍ରାଗନର ଉଦ୍ୟମ ସରିନାହିଁ। ଫିଏରି କ୍ରସ୍ ଓ ସୁବି ରିଫ୍ ଭଳି ଅନେକ କୃତ୍ରିମ ଦ୍ୱୀପ ପ୍ରତିଷ୍ଠା କରି ସେଠାରେ ଅନେକ ଗବେଷଣା କେନ୍ଦ୍ର ଚଳାଇଛି। ଏଠାରେ କ୍ଷେତ୍ରୀୟ ନୌ ପରିବହନ ଓ ବୈଜ୍ଞାନିକ ସର୍ବେକ୍ଷଣ ମଧ୍ୟ କରୁଥିବା ଗ୍ଲୋବାଲ୍ ଟାଇମ୍ସ ଚାଇନାର ସରକାରୀ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସ କହିଛି।

ଚାଇନାର ସାମୁଦ୍ରିକ ମିଲିସିଆଗୁଡ଼ିକ ସେହି ଅଞ୍ଚଳରେ ଅପରେଟ୍ କରୁଥିବା ନେଇ ଏବେ ରିପୋର୍ଟ ଆସିଛି। ଏହି ମାଛଧରା ଭେସେଲଗୁଡ଼ିକ ଚାଇନାର ନୌସେନା ଅପରେଶନକୁ ତ୍ୱରାନ୍ୱିତ କରିବାରେ ନିୟୋଜିତ। ସେଥିରେ ରହିଥିବା ଜଟିଳ ଯୋଗାଯୋଗ ବ୍ୟବସ୍ଥା ଏବଂ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍) ଯୋଗୁ ବିବିଧ ଯୁଦ୍ଧ କୌଶଳ ପ୍ରୟୋଗ କରାଯାଇ ପାରୁଛି। ଏହା ଚାଇନାର ବିସ୍ତାରବାଦୀ ରଣନୀତିର ଏକ ପ୍ରମୁଖ ବୈଶିଷ୍ଟ୍ୟ ହୋଇଯାଇଛି। ଉତ୍ତେଜନାପୂର୍ଣ୍ଣ ସାଉଥ୍ ଚାଇନା ସି'ରେ ଏସବୁ ନୂଆ ସଂଘର୍ଷର ସୂତ୍ରପାତ ଘଟାଇପାରେ।

## ଫିଲିପାଇନ୍ସକୁ ଆମେରିକାର ସମର୍ଥନ

**ମାନିଲା, ୨୩।୩:** ବିବାଦୀୟ ଦକ୍ଷିଣ ଚାଇନା ସାଗର(ଏସ୍‌ସିଏସ୍)ରେ ଚାଇନା ସହ ଫିଲିପାଇନ୍ସ ମୁହାଁମୁହିଁ ହୋଇଥିବାବେଳେ ମଙ୍ଗଳବାର ମାନିଲାକୁ ସମର୍ଥନ କରିଛି ଆମେରିକା। ଚାଇନାର ୨୦୦ ମିଲିସିଆ ବୋଟ୍ ଫିଲିପାଇନ୍ସ ଜଳକ୍ଷେତ୍ରକୁ ଅନୁପ୍ରବେଶ କରିଥିବା ଫିଲିପାଇନ୍ସ ପ୍ରତିରକ୍ଷା ମନ୍ତ୍ରୀ ଡେଲଫିନ୍ ଲୋରେଞ୍ଜାନା ରବିବାର ଅଭିଯୋଗ ଆଣିଥିଲେ। ଏଥିଯୋଗୁ ଚାଇନା ଫିଲିପାଇନ୍ସର ସାମୁଦ୍ରିକ ଅଧିକାର କ୍ଷୁଣ୍ଣ କରୁଥିବା ଦର୍ଶାଇ ଉକ୍ତ ବୋଟ୍‌ଗୁଡ଼ିକୁ ଫେରାଇ ନେବାକୁ ସେ ଦାବି କରିଥିଲେ। ମଙ୍ଗଳବାର ମାନିଲାସ୍ଥିତ ଆମେରିକା ଦୂତାବାସ ଚାଇନାର ଦାଦାଗିରିକୁ ନିନ୍ଦା କରିଛି। ଅନ୍ୟ ଦେଶଗୁଡ଼ିକୁ ଧମକାଇବା ଓ ଉସୁକାଇବା ପାଇଁ ଚାଇନା ସାମୁଦ୍ରିକ ମିଲିସିଆକୁ ବ୍ୟବହାର କରୁଛି। ଆମେ ଏସିଆରେ ଆମ ପୁରୁଣା ସହଯୋଗୀ ଫିଲିପାଇନ୍ସ ସହିତ ରହିଛୁ ବୋଲି ଦୂତାବାସ ପକ୍ଷରୁ ଜାରି ଏକ ବିବୃତିରେ ସ୍ପଷ୍ଟ କରାଯାଇଛି।

# ସ୍ମାରକୀ ଡାକ ଟିକେଟ ଉନ୍ମୋଚନ

**ନୂଆଦିଲ୍ଲୀ, ୨୩।୩(ପିଆଇବି)**

**ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି**




ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ କେନ୍ଦ୍ର ଶିକ୍ଷା, ସଞ୍ଚାର ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ରାଷ୍ଟ୍ର ମନ୍ତ୍ରୀ ସଞ୍ଜୟ ଧୋତ୍ରେ ମଙ୍ଗଳବାର ଡିଜିଟାଲ ମାଧ୍ୟମରେ ସ୍ମାରକୀ ଡାକ ଟିକେଟ ଉନ୍ମୋଚନ କରିଛନ୍ତି। ଏ ନେଇ କଟକସ୍ଥିତ ସ୍ୱରାଜ ଆଶ୍ରମଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ରାଜ୍ୟ ଓଡ଼ିଆ ଭାଷା, ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମେତ ଡାକ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରଥମ ଥର ପାଇଁ ୧୯୨୧ ମାର୍ଚ୍ଚ ୨୩ରେ ମହାତ୍ମା ଗାନ୍ଧୀ ଓଡ଼ିଶାକୁ ଆସିଥିଲେ। ଏହି ଗସ୍ତ ପରେ ବହୁସଂଖ୍ୟକ ଓଡ଼ିଆ ଯୁବକ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଡାକ ବିଭାଗ ପକ୍ଷରୁ ଭାରତର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱ ବହନ କରୁଥିବା ଘଟଣାର ସ୍ମୃତିରେ ଏପରି ଆହୁରି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ମନ୍ତ୍ରୀ ସଞ୍ଜୟ ଧୋତ୍ରେ କହିଥିଲେ। ସ୍ମାରକୀ ଡାକ ଟିକେଟର ପ୍ରଚ୍ଛଦରେ ସ୍ୱରାଜ ଆଶ୍ରମ ସ୍ଥାନ ପାଇଛି, ଯେଉଁଠି ଗାନ୍ଧୀ ଅବସ୍ଥାନ କରିଥିଲେ।



ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ସ୍ମାରକୀ ଡାକ ଟିକେଟ ଉନ୍ମୋଚନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ।

# ଅପରାଧୀଙ୍କୁ ଆଣୁଛନ୍ତି ଶୁଭେନ୍ଦୁ

**ଇସିଙ୍କୁ ଫେରାଦ ହେଲା ଟିଏମ୍‌ସି**

**କୋଲକାତା, ୨୩।୩:** ନନ୍ଦିଗ୍ରାମର ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ଅପରାଧୀମାନଙ୍କୁ ନିର୍ବାଚନୀ ପ୍ରଚାର କାର୍ଯ୍ୟରେ ନିୟୋଜିତ କରିଥିବା ଅଭିଯୋଗ ଆଣି ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଙ୍ଗଳବାର ନିର୍ବାଚନ କମିଶନ(ଇସି)ଙ୍କ ନିକଟରେ ଫେରାଦ ହୋଇଛି। ନନ୍ଦିଗ୍ରାମରେ ଶୁଭେନ୍ଦୁ ଓ ଟିଏମ୍‌ସି ସୁପ୍ରିମୋ ମମତା ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଶୁଭେନ୍ଦୁ ବାହାର ଲୋକଙ୍କୁ ଆଣି ୪ଟି ସ୍ଥାନରେ ରଖିଛନ୍ତି। ସେ ସେମାନଙ୍କୁ ଭେଟିବା ପାଇଁ ଗୋଟିଏ ସ୍ଥାନକୁ ଯାଇଥିଲେ ବୋଲି ଇସିଙ୍କ ନିକଟରେ ଟିଏମ୍‌ସି ଅଭିଯୋଗ କରିଛି।

# ମହିଳା ଚାଷୀଙ୍କ ଅଧିକାରକୁ ସ୍ୱୀକୃତି ଦିଅନ୍ତୁ ସରକାର: ଅମର

**ନୂଆଦିଲ୍ଲୀ, ୨୩।୩**



ଦେଶରେ କୃଷିର ନିରନ୍ତର ଅଭିବୃଦ୍ଧି ପାଇଁ ମହିଳା ଚାଷୀଙ୍କ ଅଧିକାରକୁ ସ୍ୱୀକୃତି ଦିଆଯିବାକୁ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି ବିଜେଡି ଏମ୍‌ପି ଅମର ପଟ୍ଟନାୟକ। ରାଜ୍ୟ ସଭାର ଶୂନ୍ୟକାଳରେ ସୂଚନା ଦେଇ ଅମର କହିଥିଲେ, ବର୍ତ୍ତମାନ ପ୍ରାୟ ୧୫ କୋଟି ମହିଳା ମଞ୍ଜି ବୁଣିବାଠାରୁ ଆରମ୍ଭ କରି ଅମଳ ଓ ସଂରକ୍ଷଣ ଆଦି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଆତ୍ମହତ୍ୟା କରିଥିବା ଅନେକ ଚାଷୀଙ୍କ ସ୍ତ୍ରୀ ମଧ୍ୟ ଚାଷ କରୁଛନ୍ତି। ସେମାନଙ୍କର ଅଧିକାରକୁ ବଜାୟ ରଖିବା ପାଇଁ ନୀତି ଅଣାଯିବା ସହ ଏହାକୁ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ରହିଛି ବୋଲି ଏମ୍‌ପି ପଟ୍ଟନାୟକ କହିଥିଲେ। ଆର୍ଥିକ ସ୍ତରରେ ସକ୍ରିୟ ମହିଳାଙ୍କ ମଧ୍ୟରୁ ୮୦ ପ୍ରତିଶତ କୃଷିକ୍ଷେତ୍ର ସହ ଜଡ଼ିତ। ତେଣୁ ଯେକୌଣସି ଚାଷ ସହ ଜଡ଼ିତ ମହିଳାଙ୍କୁ କୃଷକ ଆଖ୍ୟା ଦିଆଯାଇ ସେମାନଙ୍କୁ ପୁରୁଷ ଚାଷୀଙ୍କ ଭଳି ସମସ୍ତ ଅଧିକାର ସମାନ ଭାବେ ଦିଆଯିବାକୁ ସେ ଦାବି କରିଛନ୍ତି।

# ବିହାର ବିଧାନସଭାରେ ତୁମୁଳକାଣ୍ଡ

- ପୋଲିସ ବିଲ୍‌କୁ ଆର୍‌ଜେଡିର ବିରୋଧ
- ବିକ୍ଷୋଭ ଶୋଭାଯାତ୍ରା ବେଳେ ମୁହାଁମୁହିଁ

**ପାଟନା, ୨୩।୩**



ବିଧାନସଭା ଘେରାଉ କରିବାକୁ ଯାଉଥିବା ଆର୍‌ଜେଡି କର୍ମୀଙ୍କୁ ପୋଲିସ ଲାଠିମାଡ଼ କରୁଛି।

ବିହାର ବିଧାନସଭାରେ ନୂଆ ପୋଲିସ ବିଲ୍‌କୁ ନେଇ ତୁମୁଳକାଣ୍ଡ ଦେଖିବାକୁ ମିଳିଛି। ମଙ୍ଗଳବାର ଗୃହରେ ବିରୋଧୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏହି ବିଲ୍‌କୁ ବିରୋଧ କରିବା ପରେ ପ୍ରବଳ ହଟ୍ଟଗୋଳ ହୋଇଛି। ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଆର୍‌ଜେଡି କର୍ମୀମାନେ ରାଜଧାନୀ ପାଟନାର ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ବିଧାନସଭାକୁ ଏକ ବିଶାଳ ଶୋଭାଯାତ୍ରାରେ ଆସୁଥିବାବେଳେ ପୋଲିସ ଅଟକାଇଥିଲା। ଫଳରେ ପୋଲିସ ଓ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା।

ବିହାର ବିଧାନସଭାରେ ଗତ ସପ୍ତାହରେ ଏକ ବିଲ୍ ଆଗତ ହୋଇଥିଲା। ବିହାର ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ ବିଲ୍, ୨୦୨୧ ନାମରେ ଅଣାଯାଇଥିବା ଉକ୍ତ ବିଧେୟକରେ ପୋଲିସକୁ ଅଧିକ କ୍ଷମତା ପ୍ରଦାନର ପ୍ରସ୍ତାବ ରହିଛି। ଏହା ବଳରେ ପୋଲିସ ବିନା ୱାରେଣ୍ଟରେ ମଧ୍ୟ ଗିରଫ କରିପାରିବ। ତେଜସ୍ୱୀ ମଙ୍ଗଳବାର ଏହାର ପ୍ରତିବାଦରେ ବିଧାନସଭା ଘେରାଉ କରିବା ପାଇଁ ଘୋଷଣା କରିଥିଲେ। ତାଙ୍କ ଦଳର ବିଧାୟକମାନେ ଗୃହରେ ହଟ୍ଟଗୋଳ କରି ମୁଲତବୀ ପ୍ରସ୍ତାବ ଆଣିଥିଲେ। ବାଚସ୍ପତି ବିଜୟ କୁମାର ସିହ୍ନା ଶାନ୍ତ ରହିବାକୁ ଅନୁରୋଧ କରିଥିଲେ। କିନ୍ତୁ ତାଙ୍କ କଥା କେହି ଶୁଣି ନ ଥିଲେ। ଫଳରେ ସେ ଗୃହକାର୍ଯ୍ୟକୁ ଅପରାହ୍ନ ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଇତିମଧ୍ୟରେ ତେଜସ୍ୱୀଙ୍କ ନେତୃତ୍ୱରେ ଶତାଧିକ ଆର୍‌ଜେଡି କର୍ମୀ ଶୋଭାଯାତ୍ରାରେ ଆସୁଥିବାବେଳେ ଡାକବଙ୍ଗଳାରେ ପୋଲିସ ୱାଟର କ୍ୟାନନ୍ ପ୍ରୟୋଗ କରି ସେମାନଙ୍କୁ ଅଟକାଇଥିଲା। ଫଳରେ ସେମାନେ ପୋଲିସକୁ ଟେକାମାଡ଼ କରିଥିଲେ।

## ରାଜ୍ୟ ଖବର

### ହାତୀ ଆକ୍ରମଣରେ ଗଲା ୨ଶ୍ରମିକଙ୍କ ଜୀବନ

**ସମ୍ବଲପୁର, ୨୩।୩ (ବ୍ୟୁରୋ):** ସମ୍ବଲପୁର ସଦର ରେଞ୍ଜ କୁଢେରର୍ନିସା ଜଙ୍ଗଲ ସମିପ କୁଢେରର୍ନିସା ଗ୍ରାମରେ ମଙ୍ଗଳବାର ରାତିରେ ଦନ୍ତାହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ଼ ଜିଲା ଅତାବିରା ଥାନା ଜୁମେନ ଗ୍ରାମର ଜୟଲାଲ ମିର୍ଦ୍ଧା(୫୫) ଓ ତେଲେଙ୍ଗା ଓରାମ(୫୦)। ଉଭୟେ ବନ ନିଗମ ଅଧୀନରେ ଶ୍ରମିକଭାବେ ବାଉଁଶ କାଟିବା କାମରେ ନିୟୋଜିତ ଥିଲେ। ରାତି ପ୍ରାୟ ୯ଟାରେ ଦୁହେଁ କାମ ସାରି ଚାଳଘରେ ବିଶ୍ରାମ ନେଉଥିବାବେଳେ ହାତୀ ଘରଭାଙ୍ଗି ଉଭୟଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ତେଲେଙ୍ଗାଙ୍କ ମୃତ୍ୟୁ ଘଟିଥିବା ବେଳେ ଜୟଲାଲ ଗୁରୁତର ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ପରେ ଉଭୟଙ୍କ ମୃତଦେହ ଜିଲା ଡାକ୍ତରଖାନା ଶବାଗାରରେ ରଖାଯାଇଛି। ଉପଦ୍ରବ ପରେ ହାତୀ ଜଙ୍ଗଲକୁ ଚାଲିଯାଇଛି। ଗାଁରେ ପହଞ୍ଚିଥିବା ବନ ବିଭାଗ ଅଧିକାରୀଙ୍କ ସହ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଗତ ୬ମାସ ହେଲା ଏହି ଅଞ୍ଚଳରେ ଉପଦ୍ରବ ଚଳାଇଥିବା ଦନ୍ତା ଆକ୍ରମଣରେ ୮ ଜଣଙ୍କ ଜୀବନ ଗଲାଣି।

# ଦେବୀଗଡ଼ାରୁ ପ୍ରାଚୀନ ମୂର୍ତ୍ତି ଉଦ୍ଧାର



**ଯାଜପୁର ଟାଉନ, ୨୩।୩(ଡି.ଏନ.ଏ.)**

ଯାଜପୁର ସହରର ଦେବୀଗଡ଼ା ଘାଟରୁ ମଙ୍ଗଳବାର ୪ଟି ପ୍ରାଚୀନ ମୂର୍ତ୍ତି ଉଦ୍ଧାର କରାଯାଇଛି। ୧୫ ତାରିଖରେ ସିଦ୍ଧେଶ୍ୱର ମନ୍ଦିର ନିକଟରୁ ଗୋଟିଏ ଶିବ ଲିଙ୍ଗ ଓ ୨ଟି ଛୋଟ ମନ୍ଦିର ଉଦ୍ଧାର କରାଯାଇଥିଲା। ତେବେ ଦେବୀଗଡ଼ା ଘାଟରୁ ମୂର୍ତ୍ତି ଉଦ୍ଧାର ଚର୍ଚ୍ଚାର ବିଷୟ ପାଲଟିଛି। ଦେବୀଗଡ଼ା ଘାଟରୁ ଉଦ୍ଧାର ହୋଇଥିବା ପ୍ରାଚୀନ ମୂର୍ତ୍ତି ମଧ୍ୟମରେ ଏକ ବାସୁଆ ବଳଦ, ଶିବ ଲିଙ୍ଗ, ଦୁର୍ଗା ଓ ଭଗ୍ନ ଦେବୀ ମୂର୍ତ୍ତି ରହିଛି। ସୂଚନାଯୋଗ୍ୟ, ବୈତରଣୀ ନଦୀଗର୍ଭରୁ ଜେସିବି ସାହାଯ୍ୟରେ ବାଲି ଖୋଳା ଯିବାବେଳେ ମୂର୍ତ୍ତି ଗୁଡ଼ିକୁ ଉଦ୍ଧାର କରାଯାଇଛି। କେତେଜଣଙ୍କ ମତରେ ଏହି ମୂର୍ତ୍ତିଗୁଡ଼ିକ ବହୁ ପ୍ରାଚୀନ ସମୟର। ଏହା ଭଗ୍ନ ଅବସ୍ଥା ଥିବାରୁ ନଦୀରେ ବିସର୍ଜନ କରାଯାଇଛି ବୋଲି ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ବୈତରଣୀ ନଦୀ ଗର୍ଭରୁ ମିଳିଥିବା ମୂର୍ତ୍ତିଗୁଡ଼ିକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମୁଛି। ତେବେ ନଦୀ ଗର୍ଭରୁ ଆବିସ୍କୃତ ହେଉଥିବା ମୂର୍ତ୍ତି ଗୁଡ଼ିକୁ ସୁରକ୍ଷିତ ରଖିବା ଉପରେ ପ୍ରତ୍ନତାତ୍ତ୍ୱିକ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ତଥାପି ଜଳୁଛି ଶିମିଳିପାଳ

**କର୍ମଚାରୀ ଅଭାବରୁ ଜଙ୍ଗଲ ସୁରକ୍ଷା ନେଇ ପ୍ରଶ୍ନବାଚୀ**

**ବାରିପଦା ଅଫିସ, ୨୩।୩**



ଶିମିଳିପାଳ ଅଭୟାରଣ୍ୟରୁ ନିଆଁ ସମ୍ପୂର୍ଣ୍ଣ ଲିଭିଯାଇଥିବା କୁହାଯାଉଥିବା ବେଳେ ଏବେ ବି ଠାଏ ଠାଏ ନିଆଁ ଜଳୁଥିବା ଦେଖିବାକୁ ମିଳୁଛି। ମଙ୍ଗଳବାର ଉତ୍ତର ଓ ଦକ୍ଷିଣ ବନଖଣ୍ଡର ୧୯ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ବନକର୍ମଚାରୀମାନେ ଏହାକୁ ଆୟତ୍ତ କରିଥିବା ସୂଚନା ମିଳିଛି। ନିଆଁଲିଭା କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ସୁରକ୍ଷା କିଟ୍ ଯୋଗାଇବା ପାଇଁ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ୍) ନିର୍ଦ୍ଦେଶ ଦେଇଛନ୍ତି। ଏହି ସବୁ ସାମଗ୍ରୀ କାମ୍ପା ଫଣ୍ଡ୍‌ରେ କିଣିବାକୁ କୁହାଯାଇଛି। ତେବେ ବନକର୍ମଚାରୀ ପଦବୀ ଫାଙ୍କା ପଡ଼ିଥିବାରୁ ନିଆଁକୁ ଆୟତ୍ତ କରିବାରେ ବିଳମ୍ବ ହେଉଛି। ଅଣାୟତ୍ତ ନିଆଁକୁ ଆୟତ୍ତ କରାଯାଇଥିବା ବେଳେ ମନ୍ଦ ଉଦ୍ଦେଶ୍ୟ ରଖି ଜଙ୍ଗଲରେ ନିଆଁ ଲଗାଉଥିବା ଲୋକଙ୍କୁ ବିଭାଗ ପକ୍ଷରୁ ଗିରଫ କରାଯାଉଛି।

ସୂଚନା ଅନୁଯାୟୀ, ସୋମବାର ଶିମିଳିପାଳର ୪୯ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ କର୍ମଚାରୀମାନେ ଖବରପାଇ ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ। ଅଭୟାରଣ୍ୟର ଉତ୍ତର ଓ ଦକ୍ଷିଣ ସହ ବାରିପଦା, କରଞ୍ଜିଆ, ରାଇରଙ୍ଗପୁରକୁ ମିଶାଇ ମୋଟ ୫ଟି ବନଖଣ୍ଡ ରହିଛି। ଏହି ବନଖଣ୍ଡ ଅଧୀନରେ ୨୧ରେଞ୍ଜ ଓ ୨୦୯ ବିଟ୍‌ହାଉସ ରହିଛି। ଉକ୍ତ କାର୍ଯ୍ୟାଳୟଗୁଡ଼ିକରେ କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହୋଇଥିବା ବେଳେ ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦେବା ସମ୍ଭବ ହୋଇପାରୁନାହିଁ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମେତ ୫ ବନଖଣ୍ଡ ଅଧୀନରେ ଥିବା ୫ ସହକାରୀ ବନସଂରକ୍ଷକ ପଦବୀ, ୨୬ରେଞ୍ଜର ମଧ୍ୟରୁ ୧୩ ପଦବୀ ଫାଙ୍କା, ୫୦ଫରେଷ୍ଟର ପଦବୀ ଖାଲି ପଡ଼ିଥିବା ବେଳେ ୫୫ଜଣ ଦ୍ୱୈତ ଦାୟିତ୍ୱରେ ରହି କାର୍ଯ୍ୟଭାର ସମ୍ଭାଳୁଛନ୍ତି। ସେହିପରି ୨୨୬ ଫରେଷ୍ଟ ଗାର୍ଡ ପଦବୀ ମଧ୍ୟରୁ ୧୪୩ ପଦବୀ ଓ ୮୧ ଏସ୍‌ଟିପିଏଫ୍ ମଧ୍ୟରୁ ୨୭ ପଦବୀ ଖାଲି ପଡ଼ିଛି। ୨୭ ଫରେଷ୍ଟ ଜଗୁଆଳୀ ପଦବୀରେ କୌଣସି କର୍ମଚାରୀ ନାହାନ୍ତି। ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଓ ବନଖଣ୍ଡ ଅଞ୍ଚଳରେ ଥିବା ଜଙ୍ଗଲକୁ ସରକ୍ଷା ଦେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନାଗ୍ନିକୁ ଆୟତ୍ତ କରିବା ସକାଶେ ସ୍ଥାନୀୟ ଅଞ୍ଚଳବାସୀ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରୟାସ ଜାରି ରହିଛି। ଏ ସଂକ୍ରାନ୍ତରେ ଆରସିସିଏଫ୍ ଏମ୍.ଯଗଜୟାନନ୍ଦଙ୍କୁ ପଚାରିବାରୁ ନିଆଁ ଲିଭାରେ ନିୟୋଜିତ ଥିବା କର୍ମଚାରୀଙ୍କ ପାଇଁ ରବର ଜୋତା, ଫାୟାର ବ୍ଲୋୟାର ମେଶିନ, ପାଣି ବୋତଲ, ଚଷମା, ଗ୍ଲୋଭସ୍, ହେଲମେଟ ଆଦି ସୁରକ୍ଷା ସାମଗ୍ରୀ ଯୋଗାଇ ଦିଆଯାଇଛି। ଏହି ସବୁ ସାମଗ୍ରୀ ପୂର୍ବରୁ ଯୋଗାଇ ଦିଆଯାଇଥିବା ବେଳେ ଆବଶ୍ୟକ ମୁତାବକ ଅଧିକ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ନିଆଁ ଲିଭାରେ ନିୟୋଜିତ ଥିବା ବେଳେ ମୃତ୍ୟୁ ବରଣ କରିଥିବା ଦୁଇଜଣଙ୍କ ପରିବାରବର୍ଗଙ୍କୁ ବିଭାଗ ପକ୍ଷରୁ ଏକ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିବା ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୪ ମାର୍ଚ୍ଚ, ୨୦୨୧



## କାର୍ ସମେତ ୩୫ କେଜି ଗଞ୍ଜେଇ ଜବତ: ୨ ଗିରଫ

ଭୁବନେଶ୍ୱର(ବ୍ୟୁରୋ)/ଯାଁଳା,(ଡି.ଏନ୍.ଏ.): ତମାଣ୍ଡୋ ଥାନା ପୋଲିସ ଓ କୁଇକ୍ ଆକ୍ସନ ଟିମ୍ (କ୍ୟୁଏଟି) ଏକ କାର୍ ସମେତ ୩୫ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅଞ୍ଚଳର ଅମନ ପ୍ରଧାନ ଓ ରାଇକିଆ ଅଞ୍ଚଳର ନବରାଜ ଦିଗଲ। ଏମାନେ ଭୁବନେଶ୍ୱର ସାଲିଆ ସାହିରେ ରହି କନ୍ଧମାଳ ଅଞ୍ଚଳରୁ କାର୍‌ରେ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ଏ ନେଇ କ୍ୟୁଏଟି ନିକଟରେ ଖବର ପହଞ୍ଚିଥିଲା। କ୍ୟୁଏଟି ଓ ତମାଣ୍ଡୋ ଥାନା ପୋଲିସ ମିଳିତ ଭାବେ ସ୍ଥାନୀୟ ଏକ ଶୋ'ରୁମ୍ ନିକଟରେ ଛକି ରହିଥିଲେ। ଓଡି ୩୩ ଏଏ ୧୭୨୩ ନମ୍ବର ବିଶିଷ୍ଟ ଏକ କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୩୫ କେଜି ୫୦୦ ଗ୍ରାମ ଗଞ୍ଜେଇ ମିଳିଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସିୱାଇଏସ୍‌ଡି ପ୍ରତିଷ୍ଠା ଦିବସ, ସିୱାଇଏସ୍‌ଡି, ସ୍ୟାଣ୍ଡି ଟାୱାର ନିକଟ, ପୂର୍ବାହ୍ନ ୧୦ଟା।
- ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଖଲାସୀ ମହାସଂଘ ପକ୍ଷରୁ ସମ୍ମିଳନୀ, ନାଗଭୂଷଣ ଭୂବନ ଏ/୧୩, ଅଶୋକ ନଗର, ପୂର୍ବାହ୍ନ ୧୦ଟା ୩୦।
- ଅତିଥି ଫିଲ୍ମର ମହୁରତ, ସିଆର୍‌ପିସ୍ଥିତ ହନୁମାନ ମନ୍ଦିର, ପୂର୍ବାହ୍ନ ୧୦ଟା ୩୦।
- ଆରୋହଣ ଅନୁଷ୍ଠାନ ପକ୍ଷରୁ ୨୯ତମ ନିଖିଳ ଉତ୍କଳ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଲଭ ୟୁ ଜାନୁ ଫିଲ୍ମର ମହୁରତ, ସୂଚନା ଭବନ, ଅପରାହ୍ନ ୫ଟା।

**କଟକ**
- ଦିବ୍ୟାଲୋକ ସନ୍ଧାନ ପକ୍ଷରୁ ଆତ୍ମଜ୍ଞାନ ସାଧନା ଶିବିର, ଟ୍ୱିନ୍ ସିଟି ମଣ୍ଡପ, ତେଲେଙ୍ଗାପେଣ୍ଠ, ସନ୍ଧ୍ୟା୬ଟା।

**ଖୋର୍ଦ୍ଧା**
- ବିଜୁ ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ, ବିଜେବି ହାଇସ୍କୁଲ ପଡ଼ିଆ, ଅପରାହ୍ନ ୫ଟା।

**ପୁରୀ**
- ବସନ୍ତ ଉତ୍ସବର ଉଦ୍‌ଯାପନୀ ସମାରୋହ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୂର୍ବାହ୍ନ ୧୧ଟା।
- ୩୬ତମ ଶ୍ରୀମହାବୀର ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ, ସୁନ୍ଦରା ଜାଗା, ସନ୍ଧ୍ୟା ୬ଟା।

**ସାକ୍ଷୀଗୋପାଳ**
- ଅଷ୍ଟପ୍ରହାରୀ ନାମଯଜ୍ଞ, ଘସିଭବାନୀପୁର, ସକାଳ ୬ଟା।
- ସାକ୍ଷୀଗୋପାଳ ଠାକୁରଙ୍କ ଚାଚେରି ଭୋଗ, ଗୋପାଳପୁର ପାଟଣା, ରାତି ୮ଟା।

# ୪ ଜିଲାରେ ଦୈନିକ ସଂକ୍ରମଣ ସଂଖ୍ୟାର ୪୦%

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ହେବ କୋଭିଡ୍ ପଜିଟିଭ୍ ସଂଖ୍ୟାରେ ସାମାନ୍ୟ ବୃଦ୍ଧି ଘଟିଛି। ରାଜ୍ୟରେ ବାହାରୁଥିବା ପଜିଟିଭ୍ ସଂଖ୍ୟାର ୪୦ ପ୍ରତିଶତ ସୁନ୍ଦରଗଡ଼, ମୟୂରଭଞ୍ଜ, କଟକ ଓ ଖୋର୍ଦ୍ଧା ଆଦି ୪ଟି ଜିଲାରେ ଥିବାବେଳେ ନୟାଗଡ଼ ଓ ମାଲକାନଗିରିରେ କେହି ଜଣେ ବି ପଜିଟିଭ୍ ନାହାନ୍ତି। ଆର୍‌ଟିପିସିଆର୍ ଟେଷ୍ଟ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ଓ ରେଡ୍ ଫ୍ଲାଗ୍ ରାଜ୍ୟଗୁଡ଼ିକରୁ ଆସୁଥିବା ଲୋକଙ୍କୁ କଡ଼ାକଡ଼ି ଯାଞ୍ଚ କରାଯାଉଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି।

ଟିକାକରଣ ସମ୍ପର୍କରେ ମହାପାତ୍ର ମଙ୍ଗଳବାର ସୂଚନାଦେଇ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୮.୮୧ ଲକ୍ଷ ଲୋକଙ୍କୁ ଟିକା ଦିଆଯାଇସାରିଛି। ମଙ୍ଗଳବାର ଆଉ ୩,୭୦,୭୨୦ ଡୋଜ୍ 'କୋଭିଶିଲ୍ଡ' ଟିକା ଆସି ପହଞ୍ଚିଛି। ଅଧିକ ୨୫ଲକ୍ଷ ଡୋଜ୍ ଟିକା ପଠାଇବା ପାଇଁ କେନ୍ଦ୍ରକୁ ଅନୁରୋଧ କରାଯାଇଛି। ରାଜ୍ୟରେ ଟିକା ନଷ୍ଟ ପରିମାଣ ୦.୨୪ ପ୍ରତିଶତ ରହିଛି, ଯାହାକି ସମଗ୍ର ଦେଶରେ ସବୁଠାରୁ କମ୍। ତେବେ ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ୯.୫% ଟିକା ନଷ୍ଟ ହୋଇଥିବାବେଳେ କନ୍ଧମାଳରେ ୬.୪%, ନୟାଗଡ଼ରେ ୪.୬%, ଗଜପତିରେ ୨.୫%, ଗଞ୍ଜାମରେ ୨.୧% ଟିକା ନଷ୍ଟ ହୋଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଦ୍ୱିତୀୟ ଡୋଜ୍ ଟିକା ସମ୍ପର୍କରେ ସୂଚନା ଦେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, ପୂର୍ବରୁ ଆମେ ପ୍ରଥମ ଡୋଜ୍‌ର ୨୮ ଦିନ ପରେ ଦ୍ୱିତୀୟ ଡୋଜ୍ ଦେଉଥିଲୁ। କିନ୍ତୁ ସୋମବାର କେନ୍ଦ୍ର ସରକାର ୪ରୁ ୮ ସପ୍ତାହ ଭିତରେ ନେବାକୁ କହିଛନ୍ତି। ୬ସପ୍ତାହ ପରେ ଦ୍ୱିତୀୟ ଡୋଜ୍ ନେଲେ ଅଧିକ ସୁରକ୍ଷିତ ରହିବେ ବୋଲି କେନ୍ଦ୍ର ସରକାର କହିଛନ୍ତି। ତେଣୁ ଯିଏ ଯେଉଁଦିନ ଟିକା ନେଇଛନ୍ତି, ସେହି ହିସାବରେ ଗଣିକି ଆସି ଦ୍ୱିତୀୟ ଡୋଜ୍ ନେବାକୁ ଡା. ପାଣିଗ୍ରାହୀ ପରାମର୍ଶ ଦେଇଛନ୍ତି। ଯେଉଁ ଜିଲାଗୁଡ଼ିକରେ ସଂକ୍ରମଣ ବଢ଼ିଛି, ସେଠାରେ ବୟସ୍କ ଲୋକଙ୍କୁ ଟିକା ଦେବାକୁ ପ୍ରାଥମିକତା ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।



ମଙ୍ଗଳବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିବା କୋଭିଡ୍ ଟିକାକୁ ଗାଡି ଯୋଗେ ନିଆଯାଉଛି।

- ଆସିଲା ଆଉ ୩, ୭୦,୭୨୦ ଡୋଜ୍ 'କୋଭିଶିଲ୍ଡ'
- ରାଜ୍ୟରେ ୦.୨୪% ଟିକା ନଷ୍ଟ ହୋଇଛି

## ଅନୁଦାନ ପାଇଁ ଜାଲ୍ ତଥ୍ୟ ଦେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

ରାଜ୍ୟର ୪୮୮ ଓ ୬୬୨ ବର୍ଗର ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜଗୁଡ଼ିକୁ ଉଚ୍ଚଶିକ୍ଷା ବିଭାଗ କଡ଼ା ଚେତାବନୀ ଦେଇଛି। ଟିଚିଂ ବା ନନ୍-ଟିଚିଂ କର୍ମଚାରୀଙ୍କ ଅନୁଦାନ ପାଇଁ ଦିଆଯାଉଥିବା ତଥ୍ୟ ଜାଲ୍ ରହୁଥିବା ବିଭାଗ ନଜରକୁ ଆସିଛି। ତେଣୁ ଆଗକୁ ଯେଭଳି ଏମିତି ଜାଲ୍ ତଥ୍ୟ ଦେଖା ନ ଯାଏ ସେନେଇ ଏ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଚିଠି ଲେଖିଛନ୍ତି। ଯଦି ଏଭଳି ଆଉ ପରିଲକ୍ଷିତ ହୁଏ ତେବେ କଲେଜ ଅଧ୍ୟକ୍ଷ ଓ ସମ୍ପୃକ୍ତ ବ୍ୟକ୍ତି ଯିଏ ଏହି ଜାଲ୍ ତଥ୍ୟ କାର୍ଯ୍ୟରେ ଲିପ୍ତ ରହିଥିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଉଚ୍ଚଶିକ୍ଷା ବିଭାଗକୁ ପ୍ରସ୍ତାବ ପଠାଇବା ପୂର୍ବରୁ ସମସ୍ତ ତଥ୍ୟକୁ ଭଲ ଭାବେ ଯାଞ୍ଚ କରିବା ପାଇଁ ସମସ୍ତ ଅଧ୍ୟକ୍ଷଙ୍କୁ ସଚିବ ମିଶ୍ର ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ବନ୍ଦ ଘରେ ନିର୍ଯାତନା ଘଟଣା
### ଅଭିଯୁକ୍ତ ସ୍ୱାମୀ ଗିରଫ

ଭୁବନେଶ୍ୱର, ୨୩।୩(ବ୍ୟୁରୋ): ସ୍ତ୍ରୀଙ୍କୁ ଅକଥନୀୟ ନିର୍ଯାତନା ଦେବା ଘଟଣାରେ ଅଭିଯୁକ୍ତ ସ୍ୱାମୀ ଚନ୍ଦନ ଆଚାର୍ଯ୍ୟଙ୍କୁ ମଙ୍ଗଳବାର ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ଚନ୍ଦନଙ୍କ ଘର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱରର ପଦ୍ମାବତୀ ବିହାରରେ ରହି ଅଟୋ ଚଳାଉଥିଲେ। ସୂଚନାଯୋଗ୍ୟ, ଏକ ବନ୍ଦ ଘରେ ୧୦ଦିନ ଧରି ସ୍ତ୍ରୀଙ୍କୁ ଅଟକ ରଖି ସ୍ୱାମୀ ନାନା ପ୍ରକାର ନିର୍ଯାତନା ଦେଉଥିବା ପୋଲିସ ଖବର ପାଇ ସେଠାରେ ଚଢ଼ାଉ କରିଥିଲା। ଉକ୍ତ ବନ୍ଦ ଘରୁ ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ମହିଳା ଜଣକ ପୋଲିସକୁ ସବୁ କଥା କହିଥିଲେ।

### ଅଳଙ୍କାର ସଫା ନାଁରେ ଲୁଟ୍ ଉଦ୍ୟମ, ୨ ଅଟକ

ବାରଙ୍ଗ,୨୩।୩(ଡି.ଏନ୍.ଏ.): ନନ୍ଦନକାନନ ଥାନା ଅଧୀନ ଡାୱା ଗ୍ରାମରେ ସୁନା ଅଳଙ୍କାର ସଫା କରିବା ବାହାନାରେ ଲୁଟ୍ ପାଇଁ ଆସିଥିବା ୨ଜଣ ଯୁବକ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଛନ୍ତି। ପୋଲିସ ପହଞ୍ଚି ଯୁବକଦ୍ୱୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ଅନୁଯାୟୀ, ବିଆର୧୦ଏଡି-୨୭୬୨ନଂ ପଲସର ଯୋଗେ ବିହାରର ଭାଗଲପୁର ଅଞ୍ଚଳର ୨ ଯୁବକ ମଙ୍ଗଳବାର ଡାୱା ଗ୍ରାମରେ ପହଞ୍ଚିଥିଲେ। ସେମାନେ ଏକ ଘରର ମହିଳାଙ୍କୁ ପ୍ରଲୋଭନ ଦେଖାଇ ପ୍ରଥମେ ପିତଳ ଜାଗାକୁ ସଫା କରିବା ପରେ ସୁନାରୁପା ଅଳଙ୍କାର ସଫା କରିବାକୁ କହିଥିଲେ। ଘର ମାଲିକ ଚିତ୍ତରଞ୍ଜନ ପଣ୍ଡା ରୁପା ମୁଦି ସଫା କରିବାକୁ ଦେଇଥିଲେ। ପରେ ଯୁବକମାନେ ସୁନା ସଫା କରିବାକୁ କହିଥିଲେ। ଚିତ୍ତରଞ୍ଜନଙ୍କ ମନରେ ସନ୍ଦେହ ହେବାରୁ ଘରୁ ବାହାର କରି ଦେବା ସହ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଯୁବକଦ୍ୱୟଙ୍କୁ ଧରି ପଚରାଉଚରା କରିଥିଲେ। ଏହି ସମୟରେ ଜଣେ ଖସି ପାଖ ଗ୍ରାମ କଳାଝରିକୁ ପଳାଇଥିଲା। କଳାଝରୀ ଗ୍ରାମର ଯୁବକମାନେ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ।

### ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ବାଲିଅନ୍ତା,୨୩।୩(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଅଧୀନ ଜଗନ୍ନାଥପୁର-ବାଲିଅନ୍ତା ଭାୟା ଅଟଳା ରାସ୍ତାର ଉନ୍ନତିକରଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ଏହି ଉତ୍ସବରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ ଓ ସରପଞ୍ଚ ରଶ୍ମିତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଶାରଦା ପ୍ରସାଦ ଆଚାର୍ଯ୍ୟ, ଯନ୍ତ୍ରୀ ସାହେଦ ସାହୁ, ଦିଲୀପ ସାହୁ, ସନାତନ ପରିଜା, ନିକୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରାସ୍ତା ଉନ୍ନତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪୯ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ୩୦ ଜିଲାରେ ପ୍ରଦର୍ଶିତ ହେଲା 'ଗାନ୍ଧୀଙ୍କ ଓଡ଼ିଶା'

ଭୁବନେଶ୍ୱର,୨୩।୩(ବ୍ୟୁରୋ)

୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ଉତ୍କଳମଣି ଗୋପବନ୍ଧୁଙ୍କ ଆମନ୍ତ୍ରଣ ରକ୍ଷା କରି ମହାତ୍ମା ଗାନ୍ଧୀ ପ୍ରଥମ ଥର ପାଇଁ ଓଡ଼ିଶା ମାଟିରେ ପାଦ ପକାଇଥିଲେ । ମଙ୍ଗଳବାର ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏକ ନିଆରା ପ୍ରୟାସ କରାଯାଇଥିଲା। ପୂର୍ବାହ୍ନରେ ବିଧାନସଭା ପରିସର ଏବଂ ରାଜଧାନୀର ଅନ୍ୟ ସ୍ଥାନରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସେହିପରି ବିଧାନସଭା ସ୍ୱତନ୍ତ୍ର ଅଧିବେଶନରେ ଗାନ୍ଧୀଜୀଙ୍କ ଜୀବନୀ, ଆଦର୍ଶ ଏବଂ ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧୀଜୀଙ୍କ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା । ଦିନ ତମାମ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ମଙ୍ଗଳବାର ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ସଙ୍ଗୀତ ନାଟକ ଏକାଡ଼େମୀ ପକ୍ଷରୁ 'ଗାନ୍ଧୀଙ୍କ ଓଡ଼ିଶା' ଶୀର୍ଷକ ନାଟକ ମଞ୍ଚସ୍ଥ ହୋଇଥିଲା। ୩୦ଟି ଜିଲାରେ ଏହି ନାଟକ ପରିବେଷଣ କରାଯାଇଥିଲା। ବିଭିନ୍ନ ନାଟ୍ୟ ଅନୁଷ୍ଠାନର ୩୦ଜଣ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକଙ୍କ ଦ୍ୱାରା ଗୋଟିଏ ସମୟରେ ୯୦୦ କଳାକାରଙ୍କ ଦ୍ୱାରା ଏହି ନାଟକ ପରିବେଷଣ ହୋଇଥିଲା। ରବୀନ୍ଦ୍ର ମଣ୍ଡପରେ ଶଙ୍କର ତ୍ରିପାଠୀଙ୍କ ରଚିତ ଏହି ନାଟକ ନବୀନ କୁମାର ପରିଡ଼ାଙ୍କ ନିର୍ଦ୍ଦେଶନାରେ ପରିବେଷଣ କରାଯାଇଥିଲା । ଏହି ଅବସରରେ 'ଗାନ୍ଧୀ ଓଡ଼ିଶା' ପୁସ୍ତକ ଉନ୍ମୋଚନ ହୋଇଥିଲା। ଏଥିସହ ନିର୍ଦ୍ଦେଶକ ଶଙ୍କର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥି ଭାବେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମେତ ଶିଳ୍ପମନ୍ତ୍ରୀ କ୍ୟାପଟେନ୍ ଦିବ୍ୟାଙ୍କର ମିଶ୍ର, ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀ ଓ ଏକାଡ଼େମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ତେବେ ଗୋଟିଏ ନାଟକ ଏକାକାଳିନ ୩୦ ସ୍ଥାନରେ ଏତେ ସଂଖ୍ୟକ କଳାକାରଙ୍କୁ ନେଇ ମଞ୍ଚସ୍ଥ ହେବା ରାଜ୍ୟରେ ପ୍ରଥମ।


ଗାନ୍ଧୀଙ୍କ ଓଡ଼ିଶା ନାଟକର ଏକ ଦୃଶ୍ୟ।

**ଏକସଙ୍ଗେ ମଞ୍ଚକୁ ଓହ୍ଲାଇଲେ ୯୦୦ କଳାକାର**

## ପିପିଲି ଉପନିର୍ବାଚନ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ପିପିଲି ଉପନିର୍ବାଚନ ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଗେଜେଟରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୨୦୨୦ ଅକ୍ଟୋବର ୪ ତାରିଖରେ ବିଧାୟକ ପ୍ରଦୀପ ମହାରଥୀଙ୍କ ବିୟୋଗ ପରେ ଉକ୍ତ ପିପିଲି ବିଧାନସଭା ଆସନ ଖାଲିରହିଛି। ଆସନ୍ତା ମେ' ୪ ତାରିଖ ପୂର୍ବରୁ ସେହି ଆସନକୁ ପୂରଣ କରିବାକୁ ଭାରତର ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଆସନ ପାଇଁ ମାର୍ଚ୍ଚ ୩୦ ତାରିଖ ସୁଦ୍ଧା ନାମାଙ୍କନପତ୍ର ଦାଖଲ କରାଯିବ। ୩୧ରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ଏପ୍ରିଲ ୩ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଏପ୍ରିଲ ୧୭ ତାରିଖରେ ଭୋଟଗ୍ରହଣ କରାଯିବ। ସକାଳ ୭ଟାରୁ ରାତି ୮ଟା ମଧ୍ୟରେ ଭୋଟ ଗ୍ରହଣ ହେବ। ମେ ୨ରେ ଗଣତି ଓ ସେହିଦିନ ଫଳ ପ୍ରକାଶ ପାଇବ।

## କରୋନା କଟକଣା: ବୁଲିଲା ୨୦ ପୋଲିସ ଭ୍ୟାନ୍

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ରାଜଧାନୀରେ କୋଭିଡ ପଜିଟିଭ ଚିହ୍ନଟ ହେବାପରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ମାଷ୍ଟରକ୍ୟାଣ୍ଟିନଠାରୁ ମିଳିତ ପାଟ୍ରୋଲିଂ ଆରମ୍ଭ ହୋଇ ସହର ସାରା ୨୦ଟି ପୋଲିସ ଭ୍ୟାନ ବୁଲିଛି। ଲୋକଙ୍କୁ ମାସ୍କ ପିନ୍ଧିବା, ଗହଳି ନ କରିବା ଆଦି ସମ୍ପର୍କରେ ସଚେତନତା କରାଯାଉଛି। ବିଭିନ୍ନ ଥାନା ଅଧିକାରୀ ଓ ଏସିପିମାନଙ୍କ ଉଦ୍ୟମରେ ଏହ ସଚେତନତା ପାଇଁ ଚେଷ୍ଟା କରାଯାଇଥିବା ଡିସିପି ଉମାଶଙ୍କର ଦାଶ କହିଛନ୍ତି।



# ସିଡିଆର୍ ଯାଞ୍ଚ ସହ ପୋଲିସର ଛାନ୍‌ଭିନ୍

**ରମାଦେବୀ ଛାତ୍ରୀ ଅପହରଣ ଘଟଣା**

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ରମାଦେବୀ ବିଶ୍ୱବିଦ୍ୟାଳୟର ଛାତ୍ରୀ ଅପହରଣ ଘଟଣାରେ ଭରତପୁର ଥାନା ପୋଲିସ ସିଡିଆର୍ ଯାଞ୍ଚ ସହ ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ଚଢାଉ ଜାରି ରହିଛି। ହେଲେ ବର୍ତ୍ତମାନ ସୁଦ୍ଧା ଅପହୃତା ଯୁବତୀଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ଥିବାରୁ ତାଙ୍କୁ ଠାବ କରାଯାଇପାରି ନାହିଁ। ପୋଲିସ ଲଗାତାର ଭାବେ କଲ୍ ସିଡିଆର ଯାଞ୍ଚ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ନାବାଳିକା ଛାତ୍ରୀଜଣକ କେଉଁ ଆଡେ ପଳାଇଛନ୍ତି ନା ତାଙ୍କୁ କିଏ ଅପହରଣ କରି ନେଇଛନ୍ତି ସେନେଇ ପରିବାର ଲୋକଙ୍କ ପାଖରେ ସୂଚନା ନାହିଁ। ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଛାତ୍ରୀଙ୍କୁ ଉଦ୍ଧାର କରାଯିବା ପରେ ସମସ୍ତ ଘଟଣା ପଦାକୁ ଆସିବ ବୋଲି ଭରତପୁର ଥାନା ଅଧିକାରୀ ଦୁର୍ଗା ପ୍ରସାଦ ଜେନା କହିଛନ୍ତି।

ସୂଚନା ମୁତାବକ, ଭରତପୁର ଥାନା ଅଞ୍ଚଳରେ ନାବାଳିକା ଛାତ୍ରୀଜଣଙ୍କ ରହୁଥିଲେ। ସେ ରମାଦେବୀ ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ। ସେ ପ୍ରତିଦିନ କଲେଜକୁ ଯିବା ଆସିବା କରୁଥିଲେ । ରବିବାର ଛୁଟି ଥିବାରୁ ଛାତ୍ରୀଙ୍କ ମା' କ୍ଷୀର ଆଣିବାକୁ ବଜାରକୁ ପଠାଇଥିଲେ । ଛାତ୍ରୀ ଜଣକ କ୍ଷୀର ଆଣିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକଙ୍କ ସନ୍ଦେହ ହେବାରୁ ସେମାନେ ବହୁ ଖୋଜାଖୋଜି କରିଥିଲେ। ଶେଷରେ ନିରାଶ ହେବା ପରେ ଭରତପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ପରିବାର ଲୋକେ ଏହି ଅପହରଣ ପଛରେ ଜଣେ ଛାତ୍ରଙ୍କ ନାମ କହିଥିଲେ। ପୋଲିସ ଉକ୍ତ ଯୁବକ ଓ ତାଙ୍କ ପରିବାର ଲୋକଙ୍କୁ ପରରାଉଚୁରା କରିଥିବା ଜଣାପଡ଼ିଛି। ରାଜଧାନୀରେ ପୁଣି ଜଣେ ଛାତ୍ରୀ ନିଖୋଜ ହେବା ଘଟଣାକୁ ଡିସିପି ଉମାଶଙ୍କର ଦାଶ ଗୁରୁତ୍ୱର ସହ ନେଇଛନ୍ତି। ଡିସିପି କହିଛନ୍ତି, ଏହା ଏକ ସମ୍ବେଦନଶୀଳ ଘଟଣା। ଆମେ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଜାରି ରଖିଛୁ। ଖୁବଶୀଘ୍ର ଛାତ୍ରୀଙ୍କୁ ସୁରକ୍ଷିତ ଅବସ୍ଥାରେ ପୋଲିସ ଉଦ୍ଧାର କରିବାରେ ସଫଳ ହେବ।



ସ୍କୁଲ ଫି ଛାଡ଼ ଦାବିରେ ମଙ୍ଗଳବାର ଗଣ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସରକାରୀ ବାସଭବନ ସମ୍ମୁଖରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ।

# ଦିଲ୍ଲୀରେ ଅଭିଯୁକ୍ତଙ୍କ ଆଗୁଆ ଜାମିନ ପ୍ରୟାସ

**ଘର ଦଖଲକୁ ନେଇ ତୁମୁଳକାଣ୍ଡ ଘଟଣା**

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ରାଜଧାନୀ ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜରେ ଥିବା ପ୍ଲଟ ନମ୍ବର ଏନ୍ ୩/୨୧୧ ଘର ଦଖଲକୁ ନେଇ ଗତ ୧୬ତାରିଖରେ ଘଟିଥିବା ମାରପିଟ ଓ ଗୁଣ୍ଡାରାଜ ଘଟଣାର ନିର୍ଦ୍ଦିଷ୍ଟ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ କମିଶନରେଟ ପୋଲିସର ୩ଟି ଟିମ୍ ୩ ରାଜ୍ୟରେ ଚଢ଼ାଉ ଜାରି ରଖିଛନ୍ତି। ହେଲେ ଏଯାବତ୍ କାହାରିକୁ ଠାବ କରାଯାଇପାରି ନାହିଁ। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ କହୁଥିବାବେଳେ ଫେରାର ଅଭିଯୁକ୍ତମାନେ ଦିଲ୍ଲୀରେ ରହି ଆଗୁଆ ଜାମିନ ପାଇଁ ପ୍ରସ୍ତୁତି ଚଳାଇଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ପୂର୍ବତନ ବିଧାୟକ ତଥା ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ଝିଅ ତଥା ଭାଜପା ନେତ୍ରୀ ଉପାସନା ମହାପାତ୍ର ଓ ସ୍ୱାମୀ ଶୁଭ୍ରାଂଶୁଙ୍କୁ ବିଜୟ ନାୟକଙ୍କ ଏନ-୩/୨୧୧ ଘର ବିକ୍ରିରେ ବିଲ୍‌ଡର ସାଗର ମଧ୍ୟସ୍ଥି ସାଜିଥିଲେ। ଉପାସନା, ଶୁଭ୍ରାଂଶୁ ଓ ସାଗର ଏବେ ଦିଲ୍ଲୀରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଗୋଷ୍ଠୀର ଛତ୍ରଛାୟାରେ ସୁରକ୍ଷିତ ରହିଥିବା ଜଣାପଡ଼ିଛି। ଏହା ଜାଣି ମଧ୍ୟ ପୋଲିସ ସେମାନଙ୍କୁ ଗିରଫ କରି ନ ପାରିବା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ମୁତାବକ ପୂର୍ବତନ ବ୍ରହ୍ମଗିରି ବିଧାୟକ ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ଝିଅ ଉପାସନା ଓ ସ୍ୱାମୀ ଶୁଭ୍ରାଂଶୁ କିଛିଦିନ ତଳେ ନୟାପଲ୍ଲୀ ଏନ୍‌୩/୨୧୧ ପ୍ଲଟରେ ଥିବା ଘରକୁ ବିଜୟ ନାୟକଙ୍କଠାରୁ କିଣିବାକୁ ବିଲ୍‌ଡର ସାଗରଙ୍କ ଜରିଆରେ ଅଗ୍ରିମ ଆକାରରେ ଟଙ୍କା ଦେଇଥିଲେ। ଏନେଇ ଆବଶ୍ୟକ ସମସ୍ତ କାଗଜପତ୍ର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଉକ୍ତ ଘରେ ପ୍ରଣବ ରାୟ ନାମକ ବ୍ୟକ୍ତି ପୂର୍ବରୁ ପରିବାର ସହ ଭଡାରେ ରହୁଥିଲେ। ଏଥିସହିତ ତଳ ମହଲାରେ ନିଜ ଅଫିସ ମଧ୍ୟ କରିଥିଲେ। ଘରଟିକୁ ଉପାସନା ଓ ତାଙ୍କ ସ୍ୱାମୀ କିଣି ନେବାରୁ ଘର ଖାଲି କରିବାକୁ ପ୍ରଣବଙ୍କୁ ବିଜୟ କହିଥିଲେ। ହେଲେ ପ୍ରଣବ ଉକ୍ତ ଘରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଇଣ୍ଟେରିୟର ଡେକୋରେଟିଂ କରିଥିବାରୁ ଏହାକୁ ଛାଡୁ ନ ଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଗତ ୧୬ତାରିଖ ଅପରାହ୍ନ ୪ଟା୨୦ମିନିଟରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଯୁବକ ପ୍ରଣବଙ୍କୁ ଗାଲିଗୁଲଜ କରିବା ସହ ଘରେ ପଶି ଭଙ୍ଗାରୁଜା କରିଥିଲେ। ଉପାସନା ଓ ତାଙ୍କ ସ୍ୱାମୀଙ୍କ ଇଙ୍ଗିତରେ ବିଲ୍‌ଡର ସାଗରଙ୍କ ସମେତ ଅନ୍ୟ ଯୁବକମାନେ ଏପରି ଆକ୍ରମଣ କରିଥିବା ପ୍ରଣବଙ୍କ ଝିଅ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ୧୭ ଜଣଙ୍କୁ ଗିରଫ କରିଥିବାବେଳେ ରାଜନୈତିକ ଛତ୍ରଛାୟା ତଳେ ଥିବା ଲୁଲୁଙ୍କ ଝିଅଜ୍ୱାଇଁଙ୍କ ସମେତ ଭାଜପା ନେତା ସାରଦା ପ୍ରଧାନ ଓ ବିଲ୍‌ଡର ସାଗରଙ୍କୁ ପୋଲିସ ଗିରଫ କରିବାକୁ ପଛଘୁଞ୍ଚା ଦେଉଛି। ଏ ନେଇ ଥାନା ଅଧିକାରୀ ଶରତ ସାହୁ କହିଛନ୍ତି, ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ପୋଲିସ ଚଢାଉ ଜାରି ରହିଛି। ତେବେ ଦିଲ୍ଲୀରେ ଫେରାର ଅଭିଯୁକ୍ତମାନେ ରହିଥିବା ସମ୍ପର୍କରେ ତାଙ୍କ ନିକଟରେ କୌଣସି ଖବର ନାହିଁ। ତଥାପି ପୋଲିସ ଫେରାର ଅଭିଯୁକ୍ତଙ୍କୁ ଗିରଫ ପାଇଁ ଚେଷ୍ଟା ଚଳାଇଥିବା ସାହୁ କହିଛନ୍ତି।


ଆଇଆରସି ଭିଲେଜ ସ୍ଥିତ ଏନ୍‌୩/୨୧୧ ପ୍ଲଟ୍‌ରେ ଥିବା ଘର।

## ଦେବୀପାଦହରା ପୂର୍ବ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ

**ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.):** ଶ୍ରୀଲିଙ୍ଗରାଜ ମନ୍ଦିର ଈଶାନ୍ୟ କୋଣରେ ଥିବା ଦେବୀପାଦହରା ପୂର୍ବ ପାର୍ଶ୍ୱରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ପୂର୍ବାହ୍ନ ୧୦ଟାରେ ମିଳିତ ଉଚ୍ଛେଦ ଟିମ୍ ପୋଲିସ୍ ଫୋର୍ସ ସହ ପହଞ୍ଚିଥିଲେ। ଡୋଜର ଦ୍ୱାରା ଘରଗୁଡ଼ିକୁ ଭଙ୍ଗାଯାଇଥିଲା। ଦୀର୍ଘ ବର୍ଷ ଧରି ସପରିବାରେ ରହି ବ୍ୟବସାୟୀ କରି ପରିବାର ଭରଣପୋଷଣ କରୁଥିବା ଲୋକେ ସ୍ଥାୟୀ ବସବାସ ପାଇଁ ଦାବି କରିଥିଲେ। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, ଶ୍ରୀଲିଙ୍ଗରାଜ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ବିଏମ୍‌ସି ଓ ବିଡିଏର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜଳ ସମ୍ପଦ ବିଭାଗ ପକ୍ଷରୁ ବିଶ୍ୱ ଜଳ ଦିବସ

**ଭୁବନେଶ୍ୱର, ୨୩।୩:** ରାଜ୍ୟ ଜଳ ସମ୍ପଦ ବିଭାଗ ତରଫରୁ ସେଚ ସଦନଠାରେ ବିଶ୍ୱ ଜଳ ଦିବସ ପାଳିତ ହୋଇଛି। ମାର୍ଚ୍ଚ ୨୨ ବିଶ୍ୱ ଜଳ ଦିବସରେ ଭର୍ଚୁଆଲ ବ୍ୟବସ୍ଥାରେ ମୁଖ୍ୟଯନ୍ତ୍ରୀ(ପ୍ରକଳ୍ପ, ଯୋଜନା, ସର୍ବେକ୍ଷଣ ଓ ଅନୁସନ୍ଧାନ) ଡଃ. ଅକ୍ଷୟ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲାର ପ୍ରତ୍ୟେକ ପ୍ରାନ୍ତରୁ ବିଭାଗୀୟ ଯନ୍ତ୍ରୀମାନେ ଯୋଗ ଦେଇଥିଲେ। ଚଳିତ ବର୍ଷ ବିଶ୍ୱ ଜଳ ଦିବସର ବାର୍ତ୍ତା ରହିଥିଲା ଭ୍ୟାଲ୍ୟୁଇଙ୍ଗ ୱାଟର ବା ଜଳର ମହତ୍ତ୍ୱ ବୁଝି ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ଯେପରି ଜଳର ଅଭାବ ନ ଘଟେ, ସେଥିପ୍ରତି ଦୃଷ୍ଟି ଦେଇ ଜଳର ମୂଲ୍ୟ ବୁଝି ଜନସଚେତନତା ସୃଷ୍ଟି କରିବା ଏବଂ ଜଳର ସୁପରିଚାଳନା କରାଯିବା ସମ୍ପର୍କରେ ବକ୍ତାମାନେ ବିଶଦ୍‌ଭାବେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଯନ୍ତ୍ରୀ(ବନ୍ଧ ସୁରକ୍ଷା) ଲିଙ୍ଗରାଜ ଗୌଡ଼, ବିଭାଗୀୟ ନିର୍ଦ୍ଦେଶକ(ପ୍ରକଳ୍ପ, ଯୋଜନା, ସର୍ବେକ୍ଷଣ ଓ ଅନୁସନ୍ଧାନ) ସାଗର ମହାନ୍ତି, ସହକାରୀ ନିର୍ଦ୍ଦେଶକ (ନକ୍ସାଙ୍କନ) ଶୁଭ୍ରାଂଶୁ ଦ୍ୱିବେଦୀ, ଏମ୍‌ଡିଓସିସି ଅସୀମ କୁମାର ମହାନ୍ତି, ଅକ୍ଷୟ କୁମାର ଦାସ ଏବଂ କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ ବି.ଏସ୍.ଏସ୍. ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରାମର୍ଶଦାତା ଇଂ. ହରମୋହନ ପ୍ରଧାନ ମହାନଦୀ ଜଳ ସଂରକ୍ଷଣ ଉପରେ ବକ୍ତବ୍ୟ ରଖିଥିଲେ।

### ହଷ୍ଟେଲରେ ଚେକିଂ, ଟେଷ୍ଟିଂ ବଢ଼ାଯିବ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ):** ଭୁବନେଶ୍ୱରରେ କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ପ୍ରଶାସନ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ କମିଶନରେଟ୍ ପୋଲିସ ମିଳିତ ଭାବେ କରୋନା ମୁକାବିଲା ପାଇଁ ତତ୍ପରତା ଦେଖାଇଛନ୍ତି। ବୁଧବାରଠାରୁ ରେଲୱେ ଷ୍ଟେଶନରେ କୋଭିଡ୍ ଟେଷ୍ଟ ପାଇଁ ଅଧିକ କର୍ମଚାରୀଙ୍କୁ ନିୟୋଜନ କରାଯିବ। ଏମାନଙ୍କ ମଧ୍ୟରେ ପୋଲିସ କର୍ମଚାରୀ ରହିବେ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ମଙ୍ଗଳବାର କଟକର ଏକ ଶିକ୍ଷାନୁଷ୍ଠାନରୁ ୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକର ହଷ୍ଟେଲରେ ଚେକିଂ ଓ ଟେଷ୍ଟିଂ ବୃଦ୍ଧି କରାଯିବ ବୋଲି ବିଏମ୍‌ସି କମିଶନର କହିଛନ୍ତି। ସେପଟେ ଭୁବନେଶ୍ୱର ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ(ଏକ୍ସଆଇଏମ୍‌ବି)ରେ ଆଉ ୨୦୪ଜଣଙ୍କ କରୋନା ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୨୦୧ଜଣଙ୍କ ନମୁନା ନେଗେଟିଭ୍ ଆସିଥିବାବେଳେ ଅନ୍ୟମାନଙ୍କ ରିପୋର୍ଟ ଆସି ନ ଥିବା କମିଶନର ଚୌଧାରୀ କହିଛନ୍ତି।

# ବରୁଣେଇରେ ପୁଣି ନିଆଁ

- ୨ ହେକ୍ଟର ଜଳିଗଲା
- ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ
- ଜଙ୍ଗଲରେ ବୁଲି ସ୍ଥିତି ଅନୁଧାନ କରୁଛନ୍ତି କର୍ମଚାରୀ

**ଖୋର୍ଦ୍ଧା ଅଫିସ,୨୩।୩**

ଖୋର୍ଦ୍ଧା ଜିଲା ବରୁଣେଇ ସଂରକ୍ଷିତ ଜଙ୍ଗଲରେ ପୁଣି ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ପ୍ରାୟ ୨ ହେକ୍ଟର ପରିମିତ ଅଞ୍ଚଳର ଗଛ ଲତା ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ତେବେ କୌଣସି ଦୁର୍ବୃତ୍ତ ଜାଣିଶୁଣି ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୧ଟାରେ ବରୁଣେଇ ସଂରକ୍ଷିତ ଜଙ୍ଗଲରୁ ନିଆଁଧାସ ଉଠୁଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ଓ ବନବିଭାଗକୁ ଜଣାଇଥିଲେ। ଖବରପାଇ ଖୋର୍ଦ୍ଧା ବନ ଓ ଜଟଣୀ ଅଗ୍ନିଶମ ବିଭାଗର ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ୨ଘଣ୍ଟା ୩୦ମିନିଟର ଅକ୍ଲାନ୍ତ ଉଦ୍ୟମ ପରେ ନିଆଁ ଆୟତ୍ତ ହୋଇଥିଲା। ପାହାଡ଼ ଉପରେ ନିଆଁ ଲାଗିଥିବାରୁ ପାଣି ଟାଙ୍କି ଗାଡି ଉପରକୁ ଯାଇପାରି ନ ଥିଲା। ଫଳରେ ବନ ଓ ଅଗ୍ନିଶମ କର୍ମଚାରୀମାନେ ହାତରେ କାଠ,



ଗଛପତ୍ର ଡାଳ ଧରି ଉପରକୁ ଉଠି ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ଗୋଟିଏ ପଟେ ନିଆଁକୁ ଆୟତ୍ତ କରିବା ବେଳେ ଅନ୍ୟପଟେ ନିଆଁ ହୁତ ହୁତ ହୋଇ ଜଳିବାକୁ ଲାଗିଥିଲା। ପାହାଡ଼ ଉପରୁ ନିଆଁ ଲାଗି ଏହା ଧୀରେ ଧୀରେ ପାଦଦେଶ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଚାରିପଟେ ଭାଗ ଭାଗ ହୋଇ ନିଆଁକୁ ଆୟତ୍ତ କରିବାକୁ ଲାଗିଥିଲେ। ଜଙ୍ଗଲ ପାଦଦେଶରେ ଅନ୍ୟ କର୍ମଚାରୀମାନେ ପାଣି ସ୍ପ୍ରେ କରିଥିଲେ। ପାୟ ସାଢେ ୩ଟାରେ ନିଆଁ ଆୟତ୍ତ ହୋଇଥିଲେ ମଧ କିଛି ସ୍ଥାନରେ ନିଆଁ କୁହୁଳୁଥିବା ଜଣାପଡ଼ିଛି। ଅନ୍ୟ କେଉଁ ସ୍ଥାନରେ ନିଆଁ ଲାଗିଛି କି ନାହିଁ ସେ ନେଇ ବିଭାଗୀୟ କର୍ମଚାରୀମାନେ ଜଙ୍ଗଲରେ ବୁଲି ସ୍ଥିତି ଅନୁଧାନ କରୁଛନ୍ତି। ବରୁଣେଇରେ ବାରମ୍ବାର ନିଆଁ ଲାଗିବା ଦ୍ୱାରା ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ପରିବେଶବିତମାନେ ଦାବି କରିଛନ୍ତି। ପ୍ରକାଶ ଯେ, ଗତ ୧୪ତାରିଖରେ ବରୁଣେଇ ଗଡ଼ଖୋର୍ଦ୍ଧା ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ଜଟଣୀ ବ୍ଲକ ପୋଡପଡା ଜଙ୍ଗଲରେ ମଧ ନିଆଁ ଲାଗିଥିଲା। ଡାହୁଁ ଡାହୁଁ ଏହା ଚାରିଆଡେ ବ୍ୟାପି ପ୍ରାୟ ୫ ଏକରରେ ଥିବା ବହୁ ମୂଲ୍ୟବାନ ଗଛ ପୋଡି ପାଉଁଶ ହୋଇଯାଇଥିଲା।

## ଶିଶୁପାଳଗଡ଼ରେ ବେଆଇନ ନିର୍ମାଣକୁ ବିରୋଧ

**ପୁରୁଣା ଭୁବନେଶ୍ୱର,୨୩।୩(ଡି.ଏନ୍.ଏ.)**

ଐତିହ୍ୟ ସୁରକ୍ଷା ନେଇ ରାଜ୍ୟ ଓ କେନ୍ଦ୍ର ସରକାର ନିୟମ ପ୍ରଣୟନ କରିଥିଲେ ମଧ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ଐତିହ୍ୟ ଶିଶୁପାଳଗଡ଼ ନିଶ୍ଚିହ୍ନ ହେବାକୁ ବସିଲାଣି। ମଙ୍ଗଳବାର ଶିଶୁପାଳଗଡ଼ ଦଶହରା ପଡ଼ିଆ ନିକଟରେ ବେଆଇନଭାବେ ନିର୍ମାଣକୁ ଏକ ଗୋଷ୍ଠୀ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଶିଶୁପାଳଗଡ଼ର ରାମପାର୍ଟଠାରୁ ନୂତନ ଜାତୀୟ ରାଜପଥ ମଧ୍ୟବର୍ତ୍ତୀ ଅଞ୍ଚଳରେ ସ୍ଥିତିବାନ ଜାଗାରେ ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ କରିବା ପାଇଁ ଆମସାର ଆକ୍ଟ ଉଲଂଘନ କରାଯାଉଛି। ବ୍ୟବସାୟୀମାନେ ଗଡ଼କାଟି ଐତିହ୍ୟ ନଷ୍ଟ କରି ବେଆଇନ ନିର୍ମାଣ କରୁଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଏ ସମ୍ପର୍କରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଭୁବନେଶ୍ୱର ସର୍କଲ ମୁଖ୍ୟ ଅରୁଣ କୁମାର ମଲ୍ଲିକ କହିଛନ୍ତି, ଶିଶୁପାଳଗଡ଼ ଅଞ୍ଚଳରେ ଖୁବଶୀଘ୍ର ବିଭାଗ ପକ୍ଷରୁ ସର୍ଭେ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ବେଆଇନ ନିର୍ମାଣ ଉଚ୍ଛେଦ କରାଯିବା ସହ ମାମଲା ରୁଜୁ କରାଯିବ।

## ନବାଗତ ଓଡ଼ିଶୀ କଣ୍ଠଶିଳ୍ପୀ ସମାରୋହ

**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଉତ୍କଳ ରଙ୍ଗମଞ୍ଚରେ ଓଡ଼ିଶୀ ଆସର ଓ ନବାଗତ ଓଡ଼ିଶୀ କଣ୍ଠଶିଳ୍ପୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗୁରୁ ରାମହରି ଦାସ, ମୀରା ନାୟକ, ଗୁରୁ କେଶବ ଚନ୍ଦ୍ର ରାଉତ, ଗୁରୁ ସଚ୍ଚିଦାନନ୍ଦ ଦାସ, ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ ଓ ମୁଖ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ପୀଢିର ପିଲାଙ୍କ ସଙ୍ଗୀତକୁ ନେଇ ପ୍ରସ୍ତୁତି ଉପରେ ଏକ ଗବେଷଣାତ୍ମକ ଅଧ୍ୟୟନ ପାଇଁ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିଲା। ଓଡ଼ିଶୀ ଆସରକୁ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଆଇସିସିଆର୍‌ର ମୁଖ୍ୟ ମୀନାକ୍ଷୀ ମିଶ୍ର, ନୃତ୍ୟାଙ୍ଗନା କସ୍ତୁରୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ମାର୍ତ୍ତଣ୍ଡ ପଣ୍ଡିତ ଡ. ଦାମୋଦର ହୋତା ଓଡ଼ିଶୀ ଗାୟନ ପରିବେଷଣ କରିଥିଲେ। ପରେ ଗୁରୁ ସଙ୍ଗୀତା ପଣ୍ଡା ଏବଂ ମୁରଲୀଧର ସ୍ୱାଇଁ ମର୍ଦ୍ଦଳ ବାଦନ କରିଥିଲେ। ଗୁରୁ ନିମାକାନ୍ତ ରାଉତରାୟ ସଙ୍ଗୀତ ପରିବେଷଣ କରିଥିଲେ।

## ମେଳଖାଉନି ତଥ୍ୟ, ଅଡୁଆରେ ପୋଲିସ

### ମହିଳାଙ୍କୁ ଗଣବଳାତ୍କାର ଘଟଣା

- ଭାଇ, ଭଉଣୀ, ଭିଣୋଇଙ୍କ ବୟାନ ରେକର୍ଡ
- ବାପିଙ୍କୁ ତଦନ୍ତ ପରିସରଭୁକ୍ତ କଲା ପୋଲିସ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ)**

ରାଜଧାନୀରେ ମହିଳାଙ୍କୁ ଗଣବଳାତ୍କାର ଘଟଣାରେ ମଙ୍ଗଳବାର କୋର୍ଟରେ ସିଆର୍‌ପିସିର ୧୬୪ ଧାରା ଅନୁଯାୟୀ ପୀଡ଼ିତାଙ୍କ ଭାଇ, ଭଉଣୀ ଓ ଭିଣୋଇଙ୍କ ବୟାନ ରେକର୍ଡ ହୋଇଛି। ସମ୍ପର୍କୀୟମାନେ କହିଛନ୍ତି ଯେ, ପୀଡ଼ିତା ସିଜୋଫ୍ରେନିଆ ରୋଗରେ ଆକ୍ରାନ୍ତ। ସେଥିପାଇଁ ସେ ମାନସିକ ରୋଗ ବିଶେଷଜ୍ଞଙ୍କ ଚିକିତ୍ସାଧୀନ ଥିଲେ। ଅଭିଯୋଗ କରିଥିବା ପୀଡ଼ିତା ଘଟଣାଦିନ ଡାକ୍ତରଙ୍କ ନିକଟକୁ ଯାଇଥିଲେ। ଡାକ୍ତର ଇଞ୍ଜେକଶନ ଦେବା ପରେ ୧୨ ଘଣ୍ଟା ଅଚେତ ହୋଇପଡ଼ିଥିଲେ। ପୁଣି ୨୪ ଘଣ୍ଟା ଶଯ୍ୟାଶାୟୀ ଥିଲେ। ଅର୍ଥାତ ଅଭିଯୋଗ ଦିନ ପୀଡ଼ିତା ବାପଘରେ ଥିଲେ ବୋଲି ସମ୍ପର୍କୀୟମାନେ ସେମାନଙ୍କ ବୟାନରେ କହିଛନ୍ତି। ସୋମବାର କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ ହୋଇଥିବାବେଳେ ତାଙ୍କ ଅଭିଯୋଗ ଲେଖିଥିବା ଯୁବକଙ୍କର ବୁଧବାର ଲକ୍ଷ୍ମୀସାଗର ଥାନାରେ ବୟାନ ରେକର୍ଡ କରାଯିବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ, ପୀଡ଼ିତା ରହୁଥିବା ବାପଘର ଓ ଘଟଣା ଘଟିଥିବା ଅଞ୍ଚଳର ସିସିଟିଭି ଫୁଟେଜ ପାଇଛି ପୋଲିସ। ଫୁଟେଜରେ ଘଟଣା ଦିନ ପୀଡ଼ିତାଙ୍କର ଭିଜୁଆଲ ଦେଖିବାକୁ ମିଳୁନାହିଁ। ସେହିପରି ପୀଡ଼ିତା ଓ ତାଙ୍କ ସମ୍ପର୍କୀୟଙ୍କ ବୟାନ ମଧ୍ୟରେ ମେଳତାଳ ନାହିଁ। ଫଳରେ ପୋଲିସ ଅଡୁଆରେ ପଡ଼ିବା ସହ ସତ୍ୟତା ଖୋଜିବାକୁ ଅଧିକ ତଦନ୍ତ ଚଳାଇଛି। ସେହିପରି ଏହି ଘଟଣାରେ ପୀଡ଼ିତାଙ୍କ କହିବା ମୁତାବକ ଲକ୍ଷ୍ମୀସାଗର ଥାନା ପୋଲିସ ବାପି ପାଣିଗ୍ରାହୀ ନାମକ ଯୁବକଙ୍କୁ ତଦନ୍ତ ପରିସରଭୁକ୍ତ କରିଛି। ସେ କୁଆଡ଼େ ପୀଡ଼ିତାଙ୍କ ଅଭିଯୋଗପତ୍ର ପ୍ରସ୍ତୁତ କରିଥିଲେ। ସେହିପରି ବାପିଙ୍କ ପ୍ରରୋଚନାରେ ପୀଡ଼ିତାଜଣକ ଏହି ଅଭିଯୋଗ ଆଣିଥିବା କୁହାଯାଉଛି। ତେବେ କାହିଁକି ଓ କେଉଁ ପରିସ୍ଥିତିରେ ବାପି ପୀଡ଼ିତାଙ୍କୁ ଅଭିଯୋଗ କରିବାକୁ କହିଥିଲେ, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି। ବାପି ଜନୈକ ରାଜନୈତିକ ବ୍ୟକ୍ତିଙ୍କ ଅତି ଘନିଷ୍ଠ ବୋଲି ଶୁଣିବାକୁ ମିଳୁଛି।

ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ, ଗତ ଫେବୃୟାରୀ ୨୬ ତାରିଖ ସନ୍ଧ୍ୟାରେ ସେ ବାପଘର ବୁଦ୍ଧେଶ୍ୱରୀ କଲୋନୀ ଅଞ୍ଚଳରୁ ଶାଶୁଘର ହଳଦୀପଡ଼ିଆ ବସ୍ତି ଅଞ୍ଚଳକୁ ଚାଲି ଚାଲି ଫେରୁଥିଲେ। ଏହି ସମୟରେ ବାଟରେ ୪ଜଣ ବ୍ୟକ୍ତି ତାଙ୍କୁ ଅପହରଣ କରିନେଇ ବିଭିନ୍ନ ସ୍ଥାନରେ ବଳାତ୍କାର କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ କିଛି ଶୁଣି ନ ଥିଲା। ପରେ ପୁଣି ୩ଜଣ ବ୍ୟକ୍ତି ତାଙ୍କୁ ବଳାତ୍କାର କରିବାରୁ ସେ ପୁନର୍ବାର ଅଭିଯୋଗ କରିବାକୁ ଥାନାକୁ ଯାଇଥିଲେ ମଧ ପୋଲିସ ସମାନ ଆଚରଣ କରିଥିଲା। ଶେଷରେ ପୀଡ଼ିତା ଜଣକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଏ ନେଇ ଅଭିଯୋଗ ଜଣାଇଥିଲେ। ପୋଲିସ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଲକ୍ଷ୍ମୀସାଗର ଥାନା ପୋଲିସ ଏକ କେସ୍ (ନଂ. ୧୦୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଗତ ଶନିବାର ଥାନାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ମାଇନା କରାଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅବିନାଶ



@ ବିଷ୍ଣୁ



@ ବିଶ୍ୱଜିତ୍



@ ନିର୍ମାଲ୍ୟ



@ ସସ୍ମିତା



@ ସୋନୁ



@ ଶିବ ପ୍ରସାଦ

# ଝାରପଡ଼ା ସ୍ୱତନ୍ତ୍ର କାରାଗାର: ସ୍ଥାନାନ୍ତର ପାଇଁ ମିଳୁନି ଜାଗା




**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

ରାଜଧାନୀର ଛାତି ଉପରେ ରହିଛି ଝାରପଡ଼ା ସ୍ୱତନ୍ତ୍ର ଜେଲ୍। ଏଠାରେ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଅପରାଧୀମାନେ ରହୁଛନ୍ତି। ୧୯୬୪ ମସିହାରେ ଏହା ପ୍ରଥମେ ଏକ ସବ୍‌ଜେଲ ଭାବେ ପ୍ରତିଷ୍ଠା ହୋଇଥିଲା। ସେତେବେଳେ ସେହି ସ୍ଥାନରେ ଲକ୍ଷ୍ମୀସାଗର ଓ ଝାରପଡ଼ା ନାମରେ କେବଳ ଦୁଇଟି ଗ୍ରାମ ଥିଲା, ଯେଉଁଠି ଖୁବ୍ କମ୍ ଲୋକ ବାସ କରୁଥିଲେ। ବଣଜଙ୍ଗଲ ଘେରା ମଧ୍ୟରେ ଥିବା ସେହି ଜେଲ ଏବେ ସାଧାରଣ ଜୀବନ ପରିଧିର କେନ୍ଦ୍ରବିନ୍ଦୁ ସାଜିଛି। ୧୯୮୦ରେ ସବ୍‌ଜେଲ ସ୍ୱତନ୍ତ୍ର ଜେଲରେ ରୂପାନ୍ତରିତ ହୋଇଥିଲା। ଦିନକୁ ଦିନ ଏହି ସ୍ଥାନରେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ଜେଲର ଚାରିପାର୍ଶ୍ୱରେ ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନଠାରୁ ଆରମ୍ଭ କରି ଲୋକମାନେ ବସବାସ କରୁଛନ୍ତି। ଏହାର ଅନତି ଦୂରରେ ଲକ୍ଷ୍ମୀସାଗର, ଝାରପଡ଼ା, ବିଡିଏ କଲୋନୀ, ଶାନ୍ତି ନଗର, ଜୟଦୁର୍ଗା ନଗର, ହଳୀପଡ଼ିଆ ଆଦି ଅଞ୍ଚଳରେ ବହୁ ଲୋକ ବସବାସ କରୁଛନ୍ତି। ଜନବସତି ଅଞ୍ଚଳ ମଧ୍ୟରେ ଝାରପଡ଼ା ଜେଲ୍ ରହିଥିବା କାରଣରୁ ଏହା ଲୋକଙ୍କ ମଧ୍ୟରେ ଏକ ନକାରାତ୍ମକ ଭାବନା ସୃଷ୍ଟି କରୁଛି। ୨୦୦୯ରେ ଜଣେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ୱାର୍ଡରଙ୍କ

### ସୁରକ୍ଷାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ମୃତ୍ୟୁ ଘଟିବା ପରେ ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହାପରେ ଜେଲକୁ ସ୍ଥାନାନ୍ତର କରିବାକୁ ବିଭିନ୍ନ ସମୟରେ ଦାବି ହୋଇଛି। ଏପରି କି ବିଧାନସଭାର ଷ୍ଟାଣ୍ଡିଂ କମିଟି ଜେଲ ସ୍ଥାନାନ୍ତର ପାଇଁ ଚନ୍ଦକା ଅଞ୍ଚଳରେ ୨୦୧୮ରେ ଏକ ସ୍ଥାନ ଚିହ୍ନଟ କରିଥିଲେ। ମାତ୍ର ଉକ୍ତ ସ୍ଥାନ ଜଙ୍ଗଲ କିସମ ହୋଇଥିବାରୁ ପରବର୍ତ୍ତୀ ସମୟରେ ଏହା ବାତିଲ କରାଯାଇଛି। ଇତିମଧ୍ୟରେ ୩ବର୍ଷ ପୂରିବାକୁ ବସିଥିବାବେଳେ ଜେଲ୍ ସ୍ଥାନାନ୍ତର ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

### କ୍ଷମତାଠାରୁ ଅଧିକ ରହୁଛନ୍ତି

ଝାରପଡ଼ା ଜେଲ୍‌ରେ ମହିଳା କଏଦୀ ୨୬ ଏବଂ ପୁରୁଷ କଏଦୀ ୭୨୩ ଜଣ ରହିବାର କ୍ଷମତା ରହିଛି। ଏବେ ମହିଳା କଏଦୀ ୩୨ ଏବଂ ପୁରୁଷ କଏଦୀ ୮୯୬ଜଣ ରହୁଛନ୍ତି, ଯାହାକି କ୍ଷମତାଠାରୁ ୧୭୯ ଅଧିକ। ସେମାନଙ୍କ ମଧ୍ୟରେ ବହୁ ଦୁର୍ଦ୍ଦାନ୍ତ ଅପରାଧୀ, ପେସାଦାର ଅପରାଧୀ, ଗ୍ୟାଙ୍ଗଷ୍ଟର ଅଛନ୍ତି। ଫଳରେ ଜେଲ ଓ ଏହାର ଆଖପାଖରେ ସେମାନଙ୍କ ସହଯୋଗୀ ଘୂରି ବୁଲୁଛନ୍ତି। ନିଜ ସହଯୋଗୀଙ୍କୁ ମୁକୁଳାଇବାକୁ ବାହାରେ ଅପରାଧୀମାନେ ଯୋଜନା କରିବା ଘଟଣାକୁ ଏଡାଇ ଦିଆଯାଇ ନ ପାରେ। ସେହିପରି ଜେଲରେ ଲାଗିଥିବା ଜାମର ପୂର୍ଣ୍ଣମାତ୍ରାରେ କାମ କରୁ ନ ଥିବାରୁ ଅପରାଧୀମାନେ ମୋବାଇଲ ଫୋନ ବ୍ୟବହାର କରୁଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ତେଣୁ ତୁରନ୍ତ ଏହି ଜେଲ ସ୍ଥାନାନ୍ତର କରାଯିବାକୁ ବିଭିନ୍ନ ମହଲରେ ଦାବି କରାଯାଉଛି। ଅପରପକ୍ଷରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଧୀରେନ୍ଦ୍ର ନାଥ ବାରିକ ଜେଲ ସ୍ଥାନାନ୍ତର ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନ ଥିବା କହିଛନ୍ତି।

### ସେମାନେ କ'ଣ କୁହନ୍ତି



"୨୦୦୯ରେ ଜଣେ ଜେଲ ୱାର୍ଡରଙ୍କୁ ଗୁଳିକରି ହତ୍ୟା ଘଟଣା ଏବେ ବି ଲୋକଙ୍କ ମନରୁ ଲିଭିନି। ଯେଉଁ ଜେଲରେ କାର୍ଯ୍ୟରତ କର୍ମଚାରୀ ସୁରକ୍ଷିତ ନୁହନ୍ତି, ସେଠାରେ ସ୍ଥାନୀୟ ବାସିନ୍ଦା କିପରି ସୁରକ୍ଷିତ ରହିପାରିବେ। ଏପରି ଏକ ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରା ନ ଯିବା ଲୋକଙ୍କ ଜୀବନ ପ୍ରତି ଭୟ ରହିଛି।

-ନିରଞ୍ଜନ କାନୁନ୍‌ଗୋ, ସ୍ଥାନୀୟ ବାସିନ୍ଦା



"ଜନବସତି ଅଞ୍ଚଳ ମଧ୍ୟରେ ସ୍ୱତନ୍ତ୍ର କାରାଗାର ରହିଥିବାରୁ ସ୍ଥାନୀୟ ବାସିନ୍ଦା ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଜେଲ ସମ୍ମୁଖ ରାସ୍ତା ଦେଇ ପ୍ରତିଦିନ ସ୍କୁଲ, କଲେଜ ଛାତ୍ରୀଛାତ୍ର, ଜନସାଧାରଣ ଯାତାୟାତ କରୁଛନ୍ତି। କେତେବେଳେ କ'ଣ ଘଟିବ, ସେନେଇ ସମସ୍ତେ ବିବ୍ରତ। ତେଣୁ ସହର ବାହାରକୁ ଜେଲ ସ୍ଥାନାନ୍ତର କରିବାକୁ ଆଞ୍ଚଳିକ ସୁରକ୍ଷା ମଞ୍ଚ ଦାବି କରି ଆସୁଛି। କିଛି ବର୍ଷ ପୂର୍ବେ ଝାରପଡ଼ା ଜେଲକୁ ଜଟଣୀ କିମ୍ବା ମେଣ୍ଢାଶାଳ ସ୍ଥାନାନ୍ତର କରିବାର ପ୍ରସ୍ତାବ ରହିଥିଲା। ଏନେଇ ବିଧାନସଭାର ଗୃହ କମିଟି ପ୍ରସ୍ତାବିତ ଜାଗା ପରିଦର୍ଶନ ମଧ କରିଥିଲା। ପରେ କିନ୍ତୁ ତାହା ନାଲିଫିତା ତଳେ ଅଟକିଯାଇଛି।

-ଜଗନ୍ନାଥ ପ୍ରଧାନ, ଆଞ୍ଚଳିକ ସୁରକ୍ଷା ମଞ୍ଚ



"୨୦୧୮ରେ ବିଧାନସଭା ଷ୍ଟାଣ୍ଡିଂ କମିଟି(୧) ତରଫରୁ ଝାରପଡ଼ା ସ୍ୱତନ୍ତ୍ର ଜେଲର ସ୍ଥାନାନ୍ତର ନେଇ ଚନ୍ଦକାରେ ଏକ ଜାଗା ଦେଖିବାକୁ ଯାଇଥିଲୁ। କିନ୍ତୁ ତାହା ଜଙ୍ଗଲ କିସମ ଥିବାରୁ ସ୍ଥିର ହୋଇପାରି ନ ଥିଲା।

- ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ଅଧକ୍ଷ, ବିଧାନସଭା ଷ୍ଟାଣ୍ଡିଂ କମିଟି(୧)



"ସହରର ଜନବସତି ଅଞ୍ଚଳରେ ଝାରପଡ଼ା ସ୍ୱତନ୍ତ୍ର ଜେଲ ରହିବା ନିଶ୍ଚୟ ଭାବେ ଚିନ୍ତାଜନକ। ଜେଲର ସ୍ଥାନାନ୍ତର ପ୍ରକ୍ରିୟା ଚାଲିଛି। ଭୁବନେଶ୍ୱର ଉପକଣ୍ଠରେ ଏକ ସ୍ଥାନ ଚିହ୍ନଟ ହୋଇଛି। କିଛି ଦିନ ମଧ୍ୟରେ ଏନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ।

-ଦିବ୍ୟଶଙ୍କର ମିଶ୍ର, ଗୃହମନ୍ତ୍ରୀ

## ଓଏଲ୍‌ପିଜିଡିଏର ବାର୍ଷିକ ସଭା ଓ ନୂତନ କମିଟି ଗଠନ

**ଭୁବନେଶ୍ୱର,୨୩।୩**

ଓଡିଶା ଏଲ୍‌ପିଜି ଡିଲର ଆସୋସିଏଶନ (ଓଏଲ୍‌ପିଜିଡିଏ)ର ନୂତନ କମିଟି ଗଠନ ଓ ବାର୍ଷିକ ସଭା ରବିବାର ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସର୍ବସମ୍ମତିକ୍ରମେ ଓଏଲ୍‌ପିଜିଡିଏର ଉପସଭାପତି ବାଣୀ ନିର୍ମାଲ୍ୟ ଦାଶ ସଭାପତିତ୍ୱ କରିଥିଲେ। ସଂଘର ସମ୍ପାଦକ ଟି.ଏନ୍. ସୁର ଏବଂ ଅନ୍ୟ ସଭ୍ୟମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ଓଡ଼ିଶାର ଜାତୀୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ'କୁ ସମବେତ କଣ୍ଠରେ ଗାନ କରାଯାଇଥିଲା। ଉକ୍ତ ସଭାର ସଭାନେତ୍ରୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସେହିଭଳି ସମ୍ପାଦକ ଟି.ଏନ୍.ସୁର ତାଙ୍କର ସମ୍ପାଦକୀୟ ବିବରଣୀ ପ୍ରଦାନ ସହ ବାର୍ଷିକ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏହା ପରେ ବାର୍ଷିକ ନିର୍ବାଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘର ନିର୍ବାଚନ ପାଇଁ ସଭ୍ୟମାନଙ୍କୁ ମଧ୍ୟରୁ ନିର୍ବାଚନ ଅଧିକାରୀ ଭାବେ ପବିତ୍ର ମୋହନ ସାହୁ, ନିବେଦିତା ପ୍ରଧାନ ଏବଂ ଶ୍ୟାମସୁନ୍ଦର ସାହୁଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ ନିର୍ବାଚନରେ ବିଶ୍ୱନାଥ ମୁଖାର୍ଜୀ ସଭାପତି (ସଂଗ୍ରାମ ଗ୍ୟାସ୍ କଟକ), ଲୋପାମୁଦ୍ରା ବକ୍ସିପାତ୍ର ସମ୍ପାଦକ (ଋଷିକୁଲ୍ୟା ଗ୍ୟାସ୍ ବ୍ରହ୍ମପୁର), ଅଭିଷେକ ତ୍ରିପାଠୀ କୋଷାଧ୍ୟକ୍ଷ (ଜୟ ମାତାଜୀ ଗ୍ୟାସ୍ ଭୁବନେଶ୍ୱର)ଙ୍କ ସମେତ ୬ ଜଣ ଆଞ୍ଚଳିକ ଉପସଭାପତି ଏବଂ ୬ ଜଣ ଯୁଗ୍ମ ସମ୍ପାଦକ ଆଗାମୀ ଏକ ବର୍ଷ ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ।

ଏହି ଅବସରରେ ବିଦାୟୀ ସଭାପତି ଓ ସମ୍ପାଦକ ବିଗତ ବର୍ଷର ଅଭିଜ୍ଞତା ଓ ସମସ୍ତ ସଭ୍ୟମାନଙ୍କ ସହଯୋଗ ମିଳିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସେହିଭଳି ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ସାଧୁବାଦ ଜଣାଇବା ସହ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରାଇଥିବାରୁ ଏହାକୁ ସଂଘର ଏକତାର ପରିଚୟ ବୋଲି କହିଥିଲେ। ପରିଶେଷରେ ସଂଘର କୋଷାଧ୍ୟକ୍ଷ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

### ବାଇକ୍ ଚୋରକୁ ମାଡ଼ ମାରି ପୋଲିସ ଜିମା ଦେଲେ

ଗୋପ,(ଡି.ଏନ୍.ଏ.)- ଗୋପ ଥାନା ଜହ୍ନିମଲିଆ ବଜାର ନିକଟରୁ ବାଇକ୍ ଚୋରି କରୁଥିବା ଚୋରକୁ ଲୋକେ ଧରି ମାଡ଼ ମାରି ପୋଲିସ ଜିମା ଦେଇଥିଲେ। ସେ ହେଲେ କାକଟପୁର ଥାନା ଅଧୀନ ପାଟପୁର ଗ୍ରାମର ପ୍ରକାଶ ବିଶ୍ୱାଳ। ଏ ନେଇ ପୋଲିସ ମାମଲା(ନଂ.୨୨୮/୨୧) ରୁଜୁ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗତ ୨୧ ତାରିଖ ରାତ୍ରରେ ଜହ୍ନିମଲିଆ ବଜାରଠାରେ ରାମଲୀଳା ଚାଲିଥିବା ବେଳେ ଅଭିଯୁକ୍ତ ପ୍ରକାଶ ଓଡି ୧୩ଜି ୧୬୧୧ ବିଶିଷ୍ଟ ବାଇକ୍କୁ ନେଇ ପଳାଇଥିଲେ। ମାତ୍ର ଅଳ୍ପ ବାଟ ଯିବା ପରେ ଷ୍ଟାର୍ଟବନ୍ଦ ହୋଇଯିବାରୁ ବାଇକ୍ ମାଲିକ ଗାଡ଼ି ଖୋଜି ଚୋର ନିକଟରେ ପହଞ୍ଚି ଯାଇଥିଲା। ବାଇକ ଚୋରକୁ ପଚରାଉଚରା କରିବାରେ ସେ କୌଣସି ଉତ୍ତର ନ ଦେଇ ପାରିବାରୁ ଉପସ୍ଥିତ ଲୋକେ ତାଙ୍କୁ ନିସ୍ତୁକ ମାଡ଼ ମାରି ପୋଲିସ ଜିମା କରିଥିଲେ।




୨୩.୦୩.୨୦୨୧

| ୩,୨୫,୪୨୧ଟଙ୍କା | |
|---|---|
| ସୁନା | ୨୩୦ ମିଲି ଗ୍ରାମ |
| ରୁପା | ୯୫୦ ମିଲି ଗ୍ରାମ |

# ଶ୍ରୀମନ୍ଦିରରେ କଡ଼ାକଡ଼ି ହେବ କୋଭିଡ୍ କଟକଣା

ପୁରୀ ଅଫିସ,୨୩।୩:


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଆରମ୍ଭ ହୋଇଯାଇଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ସମ୍ପୂର୍ଣ୍ଣ କୋଭିଡ୍ କଟକଣା ଲାଗୁ କରାଯିବ। ମାସ୍କ, ସାନିଟାଇଜର ବ୍ୟବହାର ଓ ସାମାଜିକ ଦୂରତା ରକ୍ଷା କରିବା ଦିଗରେ ଧ୍ୟାନ ଦେବ ପ୍ରଶାସନ। ଶ୍ରୀମନ୍ଦିର ସାନିଟାଇଜ କରିବା ପାଇଁ ସପ୍ତାହରେ ଗୋଟିଏ ଦିନ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ କରିବା ପାଇଁ ମଙ୍ଗଳବାର ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଛି। ଆସନ୍ତା ୨/୩ ଦିନ ଭିତରେ ପ୍ରଶାସନ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ କୁମାର କହିଛନ୍ତି। ସେହିଭଳି ଆଗକୁ ରଥଯାତ୍ରା ଥିବାରୁ ରଥ ନିର୍ମାଣରେ ନିୟୋଜିତ ଭୋଇ ଓ ମହାରଣା ସେବକଙ୍କୁ ମଧ୍ୟ ସମୟ ପୂର୍ବରୁ ଟିକାକରଣ କରାଯିବ। ଆସନ୍ତା ୨୮ ତାରିଖରେ ଦୋଳପୂର୍ଣ୍ଣିମାରେ ହେବାକୁ ଥିବା ସୁନାବେଶକୁ ଶୃଙ୍ଖଳିତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। ନାଗାର୍ଜୁନ ଓ ସୁନାବେଶ ଲାଗି ନେଇ ହୋଇଥିବା ବିବାଦ ନେଇ ୨ ସେବାୟତ ନିଯୋଗ ସହିତ ଜିଲାପାଳ ଆଲୋଚନା କରିବା ନେଇ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ବୈଠକରେ ମେଣ୍ଢା ପୋଡ଼ି, ଦାଳପୂର୍ଣ୍ଣିମା, ସୁନାବେଶ ନୀତିକାନ୍ତିକୁ ଅନୁମୋଦନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଗତ ସୁନାବେଶ ସମୟରେ ଅଧିକ ସଂଖ୍ୟକ ପୁଷ୍ପାଳକ ରତ୍ନବେଦୀ ଉପରେ ଥିବା ହେତୁ ଭଣ୍ଡାର ମେକାପମାନେ ସୁନା ଅଳଙ୍କାର ଦେବାକୁ ମନା କରିଥିଲେ। ଏହାପରେ ବିବାଦ ଉପୁଜିଥିଲା। ନୀତି ନିର୍ଘଣ୍ଟରେ ମଧ୍ୟ ଅନେକ ବିଳମ୍ବ ହୋଇଥିଲା। ବୁଧବାର ୨ ସେବାୟତ ଗୋଷ୍ଠୀଙ୍କ ସହ ଏକାଠି ଆଲୋଚନା କରି ଜିଲାପାଳ ସମସ୍ୟାର ସମାଧାନ କରିବେ ଓ ସୁନାବେଶ ନୀତିକାନ୍ତି ଠିକ ସମୟରେ ହେବ କୁହାଯାଇଛି।

■ସପ୍ତାହରେ ଥରେ ଦର୍ଶନ ବନ୍ଦ ରଖାଯାଇ ମନ୍ଦିର ହେବ ସାନିଟାଇଜ୍

■ଅଗ୍ରାଧିକାରରେ ଭୋଇ ଓ ମହାରଣା ସେବାୟତଙ୍କୁ ଟିକା

# ହୋଲି ପୂର୍ବରୁ ସହରରେ ବଢ଼ିଲା ଚେକିଂ

ପୁରୀ ଅଫିସ,୨୩।୩:

**ମାସ୍କ ନ ପିନ୍ଧିଲେ ଦଣ୍ଡ ଗଣିବେ**

ପୁରୀ ସହରରେ ମାସ୍କ ବ୍ୟବହାରକୁ ପୁଣିଥରେ କଡ଼ାକଡ଼ି କରିବାକୁ ପ୍ରଶାସନ ଜୋର ଦେଇଛି। ସହର ବିଭିନ୍ନ ସ୍ଥାନରେ ପୋଲିସ ମାସ୍କ ପିନ୍ଧି ନ ଥିବା ବ୍ୟକ୍ତିଙ୍କୁ ଅଟକାଇ ମାସ୍କ ପିନ୍ଧିବା ନେଇ ସଚେତନ କରିଛି। ଶ୍ରୀମନ୍ଦିର ସମ୍ମୁଖ, ମାର୍କେଟ ଛକ, ମଙ୍ଗଳାଘାଟ, ଅଠରନଳା, ସୁଭାଷ ବୋଷ ଛକ, ମୋଚିସାହି ଓ ବାନାମ୍ବର ଛକ ଭଳି ସ୍ଥାନରେ ଚେକିଂ ହୋଇଛି। ଥାନା ଆଇଆଇସିମାନେ ନିଜ ଅଧୀନ ଛକରେ ସାଧାରଣ ଲୋକଙ୍କୁ ଅଟକାଇ ମାସ୍କ ପିନ୍ଧିବା ପାଇଁ କହୁଥିବାର ଦେଖିବାକୁ ମିଳିଛି। ଏ ନେଇ ସିଟି ଡିଏସ୍ପି କ୍ଷୀରସାଗର ନାୟକ କହିଛନ୍ତି, ପୁରୀରେ ଲୋକେ ମାସ୍କ ପରିଧାନର ମାତ୍ରା କମାଇସାରିଛନ୍ତି। ଏବେ କୋଭିଡ୍ ସଂକ୍ରମଣ ବ୍ୟାପିଥିବା ହେତୁ ମାସ୍କ ପରିଧାନକୁ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨ରୁ ୩ ଦିନ ଭିତରେ କୋଭିଡ୍ କଟକଣା ଆହୁରି ଅଧିକ ହେବ ଓ ଏହାପରେ ମାସ୍କ ନ ପିନ୍ଧିଲେ ସାଧାରଣ ଲୋକଙ୍କୁ ଦଣ୍ଡ ଗଣିବାକୁ ପଡ଼ିବ ବୋଲି ନାୟକ କହିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, କୋଭିଡ୍ ମୁକାବିଲା ପାଇଁ ଆମେ ପୁଣିଥରେ ସକ୍ରିୟ ଭାବେ ପ୍ରସ୍ତୁତ ହେଉଛୁ। ରେଲୱେ ଷ୍ଟେଶନରେ ଟେଷ୍ଟିଂ, ଲକ୍ଷଣ ଥିବା ଲୋକଙ୍କର ଆର୍‌ଟିପିସିଆର୍ ଟେଷ୍ଟିଂ ଓ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ମାସ୍କ ପରିଧାନକୁ ପାଳନ କରାଇବା ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ହୋଲିକୁ କରୋନା ସଂକ୍ରମଣ ଯୋଗୁ ବାରଣ କରାଯାଇଥିବା ହେତୁ ଏହାପୂର୍ବରୁ ଜିଲା ପ୍ରଶାସନ କୋଭିଡ୍ କଟକଣା ଲାଗୁ ପାଇଁ ପ୍ରଚେଷ୍ଟା ଚଳାଇଛି।

## ସଂକ୍ଷେପରେ

### ଗୋଚାଲାଣ: ୪ ଗୋରୁ, ଗାଡ଼ି ଜବତ

ନିମାପଡ଼ା,୨୩।୩(ଡି.ଏନ୍.ଏ.)- ଚାରିଛକ ଫାଣ୍ଡି ପୋଲିସ ମଙ୍ଗଳବାର ଏକ ଗୋରୁ ବୋଝେଇ ପିକ୍ଅପ ଭ୍ୟାନକୁ ଜବତ କରିଛି। ବେଆଇନ ଗୋରୁ ଚାଲାଣ ହେଉଥିବାବେଳେ ସାମାଜିକ କର୍ମୀ ପ୍ରଶାନ୍ତ ସ୍ୱାଇଁ ଚାରିଛକ ଫାଣ୍ଡିକୁ ଗୋଚାଲାଣ ସମ୍ପର୍କରେ ଖବର ଦେଇଥିଲେ। ପୋଲିସ ଆସି ଫାଣ୍ଡି ସମ୍ମୁଖରୁ ୪ ଗୋରୁ ସହ ନଂ.ଓଡି ୦୨ ଏଭି ୧୯୫୩ ବିଶିଷ୍ଟ ଗୋରୁ ବୋଝେଇ ପିକ୍ଅପ ଭ୍ୟାନଟିକୁ ଜବତ କରିଥିଲେ। ମାତ୍ର ଡ୍ରାଇଭର ଜଣକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପରେ ପୋଲିସ ଜବତ ଗୋରୁକୁ ସାକ୍ଷୀଗୋପାଳ ଗୋଶାଳାକୁ ପଠାଇ ଦେଇଛନ୍ତି।

### ଖାଉଟି ଦ୍ରବ୍ୟ ଯୋଗାଣକାରୀଙ୍କ ବଦଳି ଦାବି

ସାକ୍ଷୀଗୋପାଳ,୨୩।୩(ଡି.ଏନ୍.ଏ.)- ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଖାଉଟିଦ୍ରବ୍ୟ ସୁଲଭ ଏବଂ ସହଜରେ ଉପଲବ୍ଧ ହେବାପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ହେଲେ ସତ୍ୟବାଦୀ ବ୍ଲକ ରାୟଖଣ୍ଡି ପଞ୍ଚାୟତର ୧୩ନଂ ୱାର୍ଡରେ ଏହାର ବ୍ୟତିକ୍ରମ ନେଇ ଅଭିଯୋଗ ହୋଇଛି। ଗ୍ରାମର ଅଧିକାଂଶ ହିତାଧିକାରୀ ଖାଉଟି ଦ୍ରବ୍ୟ ନିୟମିତ ପାଉ ନ ଥିବା ଲିଖିତ ଅଭିଯୋଗ କରିଛନ୍ତି। ସତ୍ୟବାଦୀ ବିଡିଓ କ୍ଷୀରୋଦ ବେହେରାଙ୍କ ନିକଟରେ ଖାଉଟି ଦ୍ରବ୍ୟ ଯୋଗାଣକାରୀଙ୍କୁ ବଦଳି କରିବାକୁ ସେମାନେ ଦାବି କରିଛନ୍ତି। ଅଭିଯୋଗ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଯୋଗାଣ ନିରୀକ୍ଷିକା ଜୟନ୍ତୀ ହରିଚନ୍ଦନଙ୍କୁ ଭେଟି ଆଲୋଚନା କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ସୁଆଁଲୋ ଗ୍ରାମ ପାଇଁ ଖାଉଟି ଦ୍ରବ୍ୟ ଯୋଗାଣକାରୀ ଗାଁରେ ଖାଉଟି ଦ୍ରବ୍ୟ ନ ଦେଇ ନିକଟବର୍ତ୍ତୀ ଗବକୁଣ୍ଡ ହାଟରେ ବିକ୍ରୟ କରୁଥିବା ଅଭିଯୋଗ ହୋଇଛି।

### ୫୬ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ ଅଫିସ,୧୯।୩: ବଳିଦାନ ଦିବସ ପାଳନ ଉପଲକ୍ଷେ ମଙ୍ଗଳବାର ନ୍ୟାଶନାଲ୍ ଇଣ୍ଟିଗ୍ରେଟେଡ୍ ଫୋରମ୍ ଅଫ୍ ଆର୍ଟିଷ୍ଟ ଆଣ୍ଡ ଆକ୍ଟିଭିଷ୍ଟ ପକ୍ଷରୁ ସ୍ଥାନୀୟ ୟୁଥ୍ ହଷ୍ଟେଲରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବାଲିଗୁଆଳିସ୍ଥିତ କଲେଜ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନସେସ୍ର ଅଧକ୍ଷ ପ୍ରଫେସର ଅମୀୟକାନ୍ତ ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ପୁରୀ ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଦୀପକ ସାହୁ ଓ କ୍ରୀଡ଼ାବିତ୍ ରବିନ୍ଦ୍ର କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ୫୬ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଛନ୍ତି। ପ୍ରଗତିଶୀଳ ଶିକ୍ଷକ ଫୋରମ୍ ଓ ଭାରତର ଛାତ୍ର ଫେଡେରେସନ୍ ପକ୍ଷରୁ ଏକ ସଭାର ଆୟୋଜନ ହୋଇଥିଲା।



ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ମଙ୍ଗଳବାର ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା ।

# ଜିଲାସ୍ତରୀୟ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ

ପୁରୀ ଅଫିସ,୨୩।୩:

ବିଶ୍ୱ ଯକ୍ଷ୍ମା ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ଜାତୀୟ ଯକ୍ଷ୍ମା ନିରାକରଣର ଜିଲା ୟୁନିଟ୍ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ବାଲୁକା କଳା ପ୍ରଦର୍ଶନ କରାଯାଇଛି। ରାଜ୍ୟରେ ଯକ୍ଷ୍ମା ସଂକ୍ରମିତଙ୍କ ତାଲିକାରେ ପୁରୀ ଜିଲା ୧୪ତମ ସ୍ଥାନରେ ରହିଥିବା ବେଳେ ଗତ ୩ ମାସରେ ୨୨୧ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ୩ମାସ ମଧ୍ୟରେ ପୁରୀ ଜିଲା ୧୧ ନମ୍ବର ସ୍ଥାନରେ ପହଞ୍ଚିଛି। ୨୦୨୫ ସୁଦ୍ଧା କେନ୍ଦ୍ର ସରକାର ଭାରତକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଜିଲା ପ୍ରଶାସନ ଏନେଇ ସବୁ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି। ଜିଲାର ଜନସଂଖ୍ୟା ଦୃଷ୍ଟିରୁ ପ୍ରତିବର୍ଷ ୧୧୫୦ଜଣ ଯକ୍ଷ୍ମା ଆକ୍ରାନ୍ତକୁ ଚିହ୍ନଟ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଚଳିତବର୍ଷ ୮୧୬ ଜଣ ଚିହ୍ନଟ ହେଲେଣି। ସରକାରୀ ଡାକ୍ତରଖାନାରୁ ୭୧୦ ଓ ବେସରକାରୀ ଡାକ୍ତରଖାନାରୁ ୧୦୬ଜଣ ଚିହ୍ନଟ ହୋଇଛନ୍ତି। ଏଯାବତ୍ ଜିଲା ୭୨ପ୍ରତିଶତ ଲକ୍ଷ୍ୟ ପୂରଣରେ ସଫଳ ହୋଇଛି ବୋଲି ଜିଲା ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ଯକ୍ଷ୍ମା ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟ ଅବସରରେ ପୌରସଂସ୍ଥା ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର, ଯକ୍ଷ୍ମା ବିଭାଗ ଏଡିପିଏଚ୍‌ଓ ଲଳାଟେନ୍ଦୁ ମିଶ୍ର, ଏପିଏମ୍ ସନ୍ତୋଷ କୁମାର ମିଶ୍ର, ଆଶା ସଂଯୋଜକ ଅଶୋକ କୁମାର ସାହୁ, ସାମାଜିକ କର୍ମୀ ବଦ୍ରି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରେଡିଟକାର୍ଡ ପାସୱାର୍ଡ ଦେବା ନାଁରେ ୧୫ ହଜାର ଠକେଇ

ଭୁବନେଶ୍ୱର,୨୩।୩(ବ୍ୟୁରୋ):

ନୂଆ କ୍ରେଡିଟ୍ କାର୍ଡର ପାସୱାର୍ଡ ଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ୧୫ ହଜାର ଟଙ୍କା ସାଇବର ଠକ ଲୁଟି ନେଇଛନ୍ତି। ନୟନ କିଶୋର ମହାପାତ୍ର ସାଇବର ଠକେଇର ଶିକାର ହୋଇଛନ୍ତି। ସେ ମଞ୍ଚେଶ୍ୱର କେଳୁଚରଣ ପାର୍କର ନେତାଜୀ ସୁଭାଷ ଏନ୍‌କ୍ଲେଭ୍‌ର ଏମ୍-୧୫ରେ ରହୁଛନ୍ତି। ନୟନଙ୍କ ଅଭିଯୋଗ ମୁତାବକ, ସୋମବାର ସନ୍ଧ୍ୟାରେ '୯୯୬୪୧୫୧୮୦' ନମ୍ବରରୁ ତାଙ୍କ ମୋବାଇଲକୁ ଫୋନ୍ ଆସିଥିଲା। ଅଜଣା ବ୍ୟକ୍ତି ତାଙ୍କୁ 'ଆର୍‌ବିଏଲ୍ କ୍ରେଡିଟ୍ କାର୍ଡ କଷ୍ଟମର କେୟାର' କର୍ମଚାରୀର ପରିଚୟ ଦେଇ କ୍ରେଡିଟ୍ କାର୍ଡ ଖୋଲିବା ବାହାନାରେ ପ୍ୟାନ୍‌କାର୍ଡ ନମ୍ବର, ଜନ୍ମ ତାରିଖ ଓ ଅନ୍ୟାନ୍ୟ ଗୋପନୀୟ ତଥ୍ୟ ମାଗିନେଇଥିଲେ। କିଛି ମିନିଟ୍ ପରେ ନୟନଙ୍କ କ୍ରେଡିଟ୍ କାର୍ଡରୁ ପ୍ରାୟ ୧୫ ହଜାର ୧୫୦ ଟଙ୍କା କଟିଯାଇଥିଲା।

## ରାମଧୁନ୍ ଅଡିଓ ସିଷ୍ଟମ ଉଦ୍‌ଘାଟିତ

ଭୁବନେଶ୍ୱର,୨୩।୩ (ବ୍ୟୁରୋ)

ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ମଙ୍ଗଳବାର ରାଜ୍ୟ ସଂଗ୍ରହାଳୟ ପରିସରରେ 'ପ୍ରଣାମ ବାପୁ' ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହିଅବସରରେ ରାମଧୁନ୍‌ଅଡ଼ିଓ ସିଷ୍ଟମର ଉଦଘାଟନ କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ତଥା ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଡ. ବିଷ୍ଣୁପଦ ସେଠୀ, ଅଭିନେତା ଆକାଶ ଦାସନାୟକ, ଭାଗ୍ୟଲିପି ମଲ୍ଲ ପ୍ରମୁଖ ଗାନ୍ଧୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ ।କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଡ. ବିଷ୍ଣୁପଦ ସେଠୀ, ଅଭିନେତା ଆକାଶ ଦାସନାୟକ, ଭାଗ୍ୟଲିପି ମଲ୍ଲଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଗାନ୍ଧୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ ।

## ବ୍ଲକ କର୍ମଚାରୀଙ୍କୁ ଇଭିଏମ୍, ଭିଭିପାଟ ପ୍ରଶିକ୍ଷଣ

ପିପିଲି,୨୩।୩(ସ୍ୱ.ପ୍ର.)

ପିପିଲି ଉପନିର୍ବାଚନ ପାଇଁ ଭୋଟରଙ୍କୁ ଆଗୁଆ ସଚେତନ କରାଯିବା ନେଇ ମଙ୍ଗଳବାର ପିପିଲି ବ୍ଲକ୍‌ର ସଭାଗୃହରେ କର୍ମଚାରୀଙ୍କୁ ନେଇ ଇଭିଏମ ଓ ଭିଭିପାଟର ପ୍ରଶିକ୍ଷଣ ପ୍ରଦର୍ଶନ କରାଯାଇଛି। ବିଡିଓ ରଶ୍ମିତା ନାଥଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେଉଥିବା ବେଳେ ଏଥିରେ ଏବିଡିଓ ଶୈଳବାଳା ତ୍ରିପାଠୀ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର କୁମାର ଦାଶ ସହଯୋଗ କରିଥିଲେ। ଭୋଟର କିଭଳି ବାଲ୍‌ଟ ପେପର ବ୍ୟବହାର କରି ଇଭିଏମ୍ ଓ ଭିଭିପାଟରେ ନିଜର ସୁବିଧା ମୁତାବକ ମତଦାନ କରିବେ, ସେନେଇ ସମସ୍ତ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଚଳିତ ଉପନିର୍ବାଚନରେ ପ୍ରଥମ କରି ଏମ୍ ଥ୍ରୀ ମଡେଲର ଇଭିଏମ ଓ ଭିଭିପାଟ ବ୍ୟବହାର କରାଯିବ। ବ୍ଲକ କର୍ମଚାରୀମାନଙ୍କ ଦ୍ୱାରା ଆସନ୍ତା ୨୪ ତାରିଖ ଠାରୁ ଏପ୍ରିଲ ୦୭ ତାରିଖ ପର୍ଯ୍ୟନ୍ତ ବ୍ଲକର ସମସ୍ତ ଗାଁରେ ଭୋଟରମାନଙ୍କୁ ଇଭିଏମ ଓ ଭିଭିପାଟର ମତଦାନ ଉପରେ ସଚେତନ କରାଯିବ ବୋଲି ବିଡିଓ ନାଥ କହିଛନ୍ତି।

# ଆରମ୍ଭ ହେଲା ସାକ୍ଷୀଗୋପାଳଙ୍କ ଦୋଳଯାତ


ଚାଚେରି ଭୋଗ ପାଇଁ ଠାକୁରଙ୍କୁ ବିମାନରେ ବିଜେ କରାଉଛନ୍ତି ।

ସାକ୍ଷୀଗୋପାଳ,୨୩।୩(ଡି.ଏନ୍.ଏ.)

ଫାଲଗୁନ ଶୁକ୍ଳ ଦଶମୀ ତିଥି ମଙ୍ଗଳବାରଠାରୁ ପରମ୍ପରା କ୍ରମେ ସାକ୍ଷୀଗୋପାଳ ମନ୍ଦିରରେ ସପ୍ତାହ ବ୍ୟାପି ଦୋଳଯାତ ଆରମ୍ଭ ହୋଇଛି। ଦୈନନ୍ଦିନ ଦେବନୀତି ସହିତ ସନ୍ଧ୍ୟାଧୂପ ବେଶରେ ଠାକୁର ଲାଲ ପଗଡି ପାଇଜାମା, ଘେର, ବେଙ୍ଗପାଟିଆ ମାଳ, ଚାପସରି, ମକର କୁଣ୍ଡଳ, ନୁଡୁକ, ହୀରାମୁଦ୍ରିକା, ସୁବର୍ଣ୍ଣବଂଶୀ ଆଦି ଅଳଙ୍କାର ପରିଧାନ କରି ପଞ୍ଚପଲ୍ଲବ, ଅବିର ଲାଗିହୋଇ ହୋଲି ବେଶରେ ସଜ୍ଜିତ ହୋଇଥିଲେ। ରତ୍ନ ସିଂହାସନକୁ ମଦନମୋହନ, ଦୋଳଗୋବିନ୍ଦ ବିଜେ କରିବା ପରେ ଜାତଭୋଗ, ଆଳତି, ଉପଚାର ପରେ ସୁସଜ୍ଜିତ ବିମାନକୁ ଠାକୁରମାନେ ବିଜେ କରି ଚାଚେରି ଭୋଗଲାଗି ନିମନ୍ତେ ଗୋପାଳପୁର ପାଟଣା ଗ୍ରାମକୁ ବିଜେ କରିଥିବା ଦେଖାଯାଇଛି। ଛତି, ତ୍ରାସ, ବୈରଖ, ତେଲିଙ୍ଗବାଦ୍ୟ, ମହୁରୀ, ବିଜେ କାହାଳୀ, ଛାମୁ ମଶାଲ, ଦୋଶାଖା ଦିହୁଡି ସହିତ ସେବାୟତମାନେ ଠାକୁରଙ୍କ ଦୋଳଯାତରେ ସାମିଲ ହୋଇଛନ୍ତି।

# ବାଇଶି ପାହାଚ କର୍ମକାଣ୍ଡ ପାଇଁ ଅନୁମତି ମିଳୁ

ପୁରୀ ଅଫିସ,୨୩।୩:

ବାଇଶି ପାହାଚ କର୍ମକାଣ୍ଡକୁ ଅନୁମତି ଦେବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟରେ ଦାବି ଜଣାଇଛନ୍ତି ବାଇଶି ପାହାଚ ପୁରୋହିତ ବୃନ୍ଦ। ଏ ନେଇ ପୁରୋହିତମାନଙ୍କ ପକ୍ଷରୁ ଏକ ଲିଖିତ ଦାବିପତ୍ର କ୍ରିଷ୍ଣନ କୁମାରଙ୍କୁ ଦିଆଯାଇଛି। ଏହାସହ ଜିଲାପାଳ ସମର୍ଥ ବର୍ମାଙ୍କ ସହ ମଧ୍ୟ ପୁରୋହିତମାନେ ଆଲୋଚନା କରି ଦାବି ବିଷୟରେ ଜଣାଇଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବାଇଶି ପାହାଚ ପୁରୋହିତମାନେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ବାଇଶି ପାହାଚରେ ପିଣ୍ଡଦାନ କରିଥାନ୍ତି। ଗତ ୨୦୨୦ ମାର୍ଚ୍ଚ ୨୧ରୁ ସରକାରଙ୍କ କୋଭିଡ୍ କଟକଣା ମାନି ବାଇଶିପାହାଚ ଯାଉ ନାହୁଁ। ପରିତାପର ବିଷୟ ଏହିକି ଯେ, ଆମ୍ଭମାନଙ୍କର ଅନ୍ୟ କୌଣସି ରୋଜଗାର ପନ୍ଥା ନ ଥିବା ହେତୁ ଆମେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛୁ। ସମସ୍ତ ନୀତିନିୟମ ମାନି କୋଭିଡ୍ ଗାଇଡ୍‌ଲାଇନ ଆଧାରରେ ଆମେ ଶ୍ରୀମନ୍ଦିର ପ୍ରଶାସନର ସମର୍ଥନ କରି ଆସିଛୁ। ଏଣୁ ଆମମାନଙ୍କ ଆର୍ଥିକ ସ୍ଥିତିକୁ ବିଚାରକୁ ନିଆଯାଇ ବାଇଶି ପାହାଚରେ କର୍ମ କରିବାର ଅନୁମତି ଦିଆଯାଉ ବୋଲି ଶ୍ରୀକ୍ଷେତ୍ର ପୁରୋହିତ ସମିତି ଦାବି କରିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ କୁମାର ଏନେଇ ବିଚାର କରିବେ ବୋଲି ଆଶ୍ୱସ୍ତ କରିଛନ୍ତି।


ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ପୁରୀର ପ୍ରଯୋଜକ ଓ ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକଙ୍କୁ ମଙ୍ଗଳବାର ଜିଲାପାଳ ସମର୍ଥ ବର୍ମା ଶୁଭେଚ୍ଛା ଜଣାଉଛନ୍ତି ।

# ଗାନ୍ଧୀଙ୍କ ଓଡ଼ିଶା ନାଟକରେ ଦର୍ଶକ ବିଭୋର

ପୁରୀ ଅଫିସ,୨୩।୩:

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶହେ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପୁରୀ ଅନ୍ନପୂର୍ଣ୍ଣା ଥିଏଟରଠାରେ ଏକ ନାଟକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ 'ଗାନ୍ଧୀଙ୍କ ଓଡ଼ିଶା' ନାମକ ଏହି ନାଟକ ଅନୁଷ୍ଠିତ ହୋଇଛି। ଏହି ନାଟକକୁ ନାଟ୍ୟକାର ଶଙ୍କର ତ୍ରିପାଠୀ ଓ ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ ପରିଚାଳନା କରିଛନ୍ତି। ନାଟକ ଦେଖିବାକୁ ସନ୍ଧ୍ୟା ସମୟରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବହୁ ସଂଖ୍ୟାରେ ଦର୍ଶକ ସମାଗମ ହୋଇଥିଲେ। ନାଟକକୁ ଦର୍ଶକମାନେ ଉଚ୍ଚ ପ୍ରଶଂସା କରି ବିଭୋର ହୋଇଥିବା ବେଳେ ଗାନ୍ଧୀଙ୍କର ଓଡ଼ିଶା ପ୍ରତି ଥିବା ଅବଦାନକୁ ମନେ ପକାଇଛନ୍ତି। ରବି ତ୍ରିପାଠୀ ମହାତ୍ମା ଗାନ୍ଧୀ, ଶମ୍ଭୁନାଥ ହୋତା ଗୋପବନ୍ଧୁ ଦାସ ଭୂମିକାରେ ଓ ନାରାୟଣ ରାଉତ ମଧୁସୂଦନ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନ କିଣିଥିଲେ। ଉଲ୍ଲେଖଯୋଗ୍ୟ ରାଜ୍ୟର ୩୦ଟି ଜିଲାରେ ଏହି ନାଟକ ପର୍ଯ୍ୟବେକ୍ଷିତ ହୋଇଥିବା ବେଳେ ଏହି ନାଟକରେ ଗାନ୍ଧୀ ଦର୍ଶନ ଓ ଓଡ଼ିଶା ସହ ସଂପୃକ୍ତ ଘଟଣାବଳୀର ଚିତ୍ର ଦେଖିବାକୁ ମିଳିଛି।


ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ଗାନ୍ଧୀଙ୍କ ଓଡ଼ିଶା ନାଟକର ଏକ ଦୃଶ୍ୟ ।

# କାଦୁଆନୂଆଗାଁକୁ ହରାଇ ଜଳେଶ୍ୱରପଡ଼ା ବିଜୟୀ

କୋଣାର୍କ/କାକଟପୁର, ୨୩।୩(ଡି.ଏନ୍.ଏ.)

**ବିଜୁ ପଟ୍ଟନାୟକ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ**

କୋଣାର୍କ ଥାନା ଅଧୀନ କାକଟପୁର ବ୍ଲକ ଅନ୍ତର୍ଗତ କାଦୁଆନୂଆଗାଁ ପଞ୍ଚାୟତସ୍ଥିତ ସନ୍ତରସ ଖେଳପଡିଆରେ ପ୍ରବାଦପୁରୁଷ ବିଜୁବାବୁଙ୍କ ଜୟନ୍ତୀ ଶତବାର୍ଷିକୀ ସମାରୋହ ପାଳନ ଅବସରରେ ବିଜୁ ପଟ୍ଟନାୟକ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥି ଭାବେ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ ନାୟକ, କାକଟପୁର ବ୍ଲକ ଅଧ୍ୟକ୍ଷା ମନୋରମା ସ୍ୱାଇଁ, ଗୋପ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା, କାଦୁଆନୂଆଗାଁ ସରପଞ୍ଚ ସୁଷମା ଦେଈ, ଜିଲା ବିଜେଡି ଉପସଭାପତି କୈଳାସ ଚନ୍ଦ୍ର ଲେଙ୍କା, କ୍ରୀଡ଼ା ମନ୍ତ୍ରୀଙ୍କ ପ୍ରତିନିଧି କବିରାଜ ବିଶ୍ୱାଳ, ବଉଳାଙ୍ଗ ସରପଞ୍ଚ କମଳାକାନ୍ତ କୁଅଁର, ବନାଖଣ୍ଡି ସରପଞ୍ଚ ଜିତେନ୍ଦ୍ର ନାଥ ମଲ୍ଲିକ, ଜିଲା ପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁ, ଜ୍ଞାନରଞ୍ଜନ ସାହୁ, ମହିଳା ସଂଗଠିକା ପୁଷ୍ପାରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଜଳେଶ୍ୱରପଡ଼ା ପଞ୍ଚାୟତ କ୍ରିକେଟ ଟିମ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ହରାଇ ୧୨୮ରନ କରିଥିଲା। ଜବାବରେ କାଦୁଆନୂଆଗାଁ ପଞ୍ଚାୟତ କ୍ରିକେଟ ଟିମ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ କରି ପରାଜିତ ହୋଇଥିଲା। ଏହି ମ୍ୟାଚରେ ପରିବେଶବିତ ଶୋଭାକର ବେହେରା ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଅଶୋକ ବିଶ୍ୱାଳ ଓ ମହେଶ ସ୍ୱାଇଁ କ୍ରୀଡ଼ା ପରିଚାଳକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମକୁ କାଦୁଆନୂଆଗାଁ ପଞ୍ଚାୟତ ବିଜେଡି ସଭାପତି ଦୁର୍ଯ୍ୟୋଧନ ମହାନ୍ତି, ଭୀମସେନ ସେଠୀ, ଯୁବନେତା ଶଙ୍କର ଭୂୟାଁ, ଅକ୍ଷୟ ମଲ୍ଲ, ଅକ୍ଷୟ ରାଉତ, ଓକିଲ ସ୍ୱାଇଁ, ଗିରିଧାରୀ ସ୍ୱାଇଁ, ଅଶୋକ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗାଡ଼ି ଚୋର ଗ୍ୟାଙ୍ଗ ଠାବ: ୪ ଗିରଫ

**କଟକ ଅଫିସ,୨୩।୩:** ମଙ୍ଗଳାବାଗ ପୋଲିସ ଏକ ଗାଡ଼ି ଚୋରି ଗ୍ୟାଙ୍ଗକୁ ଠାବ କରିଛି। ଏଥିସହ ଗ୍ୟାଙ୍ଗର ସଦସ୍ୟ ମଙ୍ଗଳାବାଗ ଥାନା ଅନ୍ତର୍ଗତ କେଶରପୁର ଅଖାପଟିଗଳିର ଏସ. କେ. ନଦିମ୍, କେଶରପୁର ଛୋଟି ମସଜିଦ୍ ନିକଟରେ ରହୁଥିବା ସେକ୍ ଆସ୍‌ପାକ୍, ଗମାଣ୍ଡିଆ ଅଞ୍ଚଳର ଏସ୍.କେ. ସୋନୁ ଓ ପୁରୀଘାଟ ଥାନା ଅନ୍ତର୍ଗତ କେଶରପୁର ଅଞ୍ଚଳର ସେକ୍ ୱାସିଫ୍‌ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ୬ଟି ବାଇକ୍ ଓ ୫ଟି ମୋବାଇଲ ଜବତ କରାଯାଇଛି। ଏ ନେଇ ଦରଘାବଜାର ଥାନାଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସିପି ଏସ.କେ. ସରିଫଉଦ୍ଦିନ୍ କହିଛନ୍ତି, ଗତ ୧୦ ତାରିଖରେ ମଙ୍ଗଳାବାଗ ଥାନା ମଲାସାହି ଅଞ୍ଚଳରୁ ଏକ ବାଇକ୍ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରିଥିଲା। ପରେ ତଦନ୍ତ କରି ଅଭିଯୁକ୍ତମାନେ ଉକ୍ତ ଗାଡ଼ି ଚୋରି କରିଥିବା ଜାଣିବାକୁ ପାଇଥିଲା। ସେମାନଙ୍କୁ ପଚରାଉଚରା ପରେ ଆଉ ୫ଟି ଗାଡ଼ି ଚୋରି ହୋଇଥିବା ଜାଣିବାକୁ ପାଇଥିଲା। ଅଭିଯୁକ୍ତମାନେ ଚୋରି ଗାଡିକୁ ବ୍ୟବହାର କରି ସହରର ବିଭିନ୍ନ ସ୍ଥାନରେ ସୁନାଚେନ୍ ଓ ମୋବାଇଲ ଫୋନ୍ ଲୁଟ୍ କରୁଥିଲେ। ତେବେ ଏହି ଗ୍ୟାଙ୍ଗରେ ଥିବା ଆଉ ୩ ଜଣ ସଦସ୍ୟଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଥିବା ଏସିପି ସୂଚନା ଦେଇଛନ୍ତି।

### ହାତୀ ଆକ୍ରମଣରେ ଜଣେ ଗୁରୁତର

**ଖୁଣ୍ଟୁଣୀ,୨୩।୩(ଡି.ଏନ.ଏ.):** ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଭାଗୁଆ ସଂରକ୍ଷିତ ଜଙ୍ଗଲରେ ଦନ୍ତାହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଡବାଗାଡ଼ିଆ ଗ୍ରାମର ଗୋବିନ୍ଦ ମେଲଗଜି। ଚିକିତ୍ସାଲାଗି ତାଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୋମବାର ରାତିରେ ଗୋବିନ୍ଦ କେତେଜଣ ସାଙ୍ଗଙ୍କ ସହିତ ଦେଶୀମଦ ରାନ୍ଧିବାକୁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। ଏହି ସମୟରେ ଅନ୍ୟ ସାଙ୍ଗମାନେ ଦୌଡି ଆସି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ ଜଙ୍ଗଲରୁ ଗୋବିନ୍ଦଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିବା ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର୍ କହିଛନ୍ତି।

### ଛାତ୍ରୀଙ୍କୁ ଅପହରଣ ସନ୍ଦେହ: ୩ ଅଟକ

**କଣ୍ଟାପଡା,୨୩।୩(ଡି.ଏନ୍.ଏ.):** କଲେଜ ଛାତ୍ରୀଙ୍କୁ ଅପହରଣ ସନ୍ଦେହରେ ଗୋବିନ୍ଦପୁର ପୋଲିସ ୩ ଜଣ ଯୁବକଙ୍କୁ ଅଟକ ରଖିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୨୮/୨୧) ରୁଜୁ ହୋଇଛି। ଏହି ଥାନା ଅଧୀନ ପୋହଳ ଗ୍ରାମର ଛାତ୍ରୀ ଜଣଙ୍କ କଲେଜ ଯାଉଥିବାବେଳେ ଏକ କାରରେ ସମ୍ପୃକ୍ତ ଯୁବକମାନେ ତାଙ୍କ ନିକଟରେ ପହଞ୍ଚିଥିଲେ। ଛାତ୍ରୀଜଣଙ୍କ କାରରେ ବସିବା ଦେଖି ସ୍ଥାନୀୟ ଲୋକ ଅପହରଣ ସନ୍ଦେହ କରି ସେମାନଙ୍କୁ ଅଟକ ରଖି ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ୩ଜଣ ଯୁବକ ଓ ଛାତ୍ରୀଙ୍କୁ ଥାନାକୁ ନେଇଥିଲା।

### ଦାଦାବଟି ଆଦାୟ: ୪ ଗିରଫ

**କଟକ ଅଫିସ, ୨୩।୩:** ଦାଦାବଟି ଆଦାୟ ଅଭିଯୋଗରେ ବାଦାମବାଡି ପୋଲିସ ୪ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଶଙ୍କରପୁର ନୂଆସାହିର ମିତୁଆ ବେହେରା, ଅଶୋକ କୁମାର ବେହେରା, ଶଙ୍କରପୁର ଉପରସାହିର ବିଶ୍ୱନାଥ ଘୋଷ ଓ କଟକ ସଦର ଥାନା ଅନ୍ତର୍ଗତ ୪୨ମୌଜା ଅଞ୍ଚଳର ସୁକାନ୍ତ ପଲେଇ। ସେମାନଙ୍କ ନିକଟରୁ ୧୨,୦୦୦ ଟଙ୍କା ଜବତ କରାଯାଇଛି।

### ମହିଳାଙ୍କଠାରୁ ଝାମ୍ପିନେଲେ ଭ୍ୟାନିଟି

**ନିରାକାରପୁର,୨୩।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲ୍ଲା ୧୬ନଂ. ଜାତୀୟ ରାଜପଥର କୁରାଡ଼ମଲ ଛକ ଓ କାଇପଦର ଛକ ମଧ୍ୟରେ ମଙ୍ଗଳବାର ଜଣେ ମହିଳାଙ୍କଠାରୁ ୨ଜଣ ଦୁର୍ବୃତ୍ତ ଭ୍ୟାନିଟି ଝାମ୍ପି ନେଇଯାଇଛନ୍ତି। ଜଟଣୀ ଗଜପତି ନଗରର ଉପେନ୍ଦ୍ର ସାହୁ ଏବଂ ସ୍ତ୍ରୀ ସତ୍ୟଭମା ଓ ପୁଅ ନିରାକାରପୁରରୁ ସନ୍ଧ୍ୟା ସାଢେ ୭ଟାରେ ଘରକୁ ବାଇକରେ ଫେରୁଥିଲେ। କାଇପଦର ଛକ ପୂର୍ବରୁ ୨ଜଣ ଦୁର୍ବୃତ୍ତ ହଠାତ୍ ସତ୍ୟାଭାମାଙ୍କଠାରୁ ଭ୍ୟାନିଟି ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ସେଥିରେ ମୋବାଇଲ ଫୋନ ଓ ଟଙ୍କା ଥିବା ଜଣାପଡ଼ିଛି।

## ଖୋର୍ଦ୍ଧା: ଧାନ କିଣାରେ ଦୁର୍ନୀତି

# ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନବାଚୀ

- ଶୀତଳଭଣ୍ଡାରରେ ତଦନ୍ତ
- ନକଲି ଚାଷୀଙ୍କଠାରୁ କିଣାଯାଇଛି ଧାନ
- କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସାବାସି

**ଖୋର୍ଦ୍ଧା ଅଫିସ,୨୩।୩**

ଖୋର୍ଦ୍ଧା ଜିଲାରେ ଚଳିତ ଖରିଫ ଧାନକିଣାରେ ବ୍ୟାପକ ଅନିୟମିତତା ହୋଇଛି। ଶତାଧିକ ପଞ୍ଜୀକୃତ ଚାଷୀ ଧାନ ବିକ୍ରି କରି ନ ପାରି ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ନକଲି ଚାଷୀଙ୍କଠାରୁ ଶତାଧିକ କୁଇଣ୍ଟାଲ ଧାନ କିଣାଯାଇଛି। ଧାନକିଣା ଦୁର୍ନୀତିରେ ଅଭିଯୋଗ ଆସିଥିବା କେତେଜଣ ସମିତି ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଜିଲା ପ୍ରଶାସନ, ସମବାୟ ସଂସ୍ଥା ଏବଂ ଜିଲା ଯୋଗାଣ ବିଭାଗର ନୀରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଅଭିଯୋଗ ଆସିଥିବା ସମିତି ସମ୍ପାଦକଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପରିବର୍ତ୍ତେ ଯୋଗାଣ ବିଭାଗର କେତେଜଣ ଅଧିକାରୀ ତାଙ୍କୁ କାର୍ଯ୍ୟାଳୟକୁ ଡାକି ଘଣ୍ଟ ଘୋଡାଉଥିବା ଚର୍ଚ୍ଚା ହେଉଛି।

ସୂଚନାଥାଉ କି, ଜଟଣୀ ବ୍ଲକ ଅଙ୍ଗାରପଡା ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ)ରେ ଗୋଚର ଜମି, ଅନାବାଦି ଜମି, ରକ୍ଷିତ ପତିତ ଜମି, ଜଙ୍ଗଲ ଜମିକୁ ଚାଷ ଜମି ଏବଂ କେନାଲ ନଥିବା ମୌଜାରେ କେନାଲ ଦର୍ଶାଇ ନକଲି ଚାଷୀଙ୍କ ନାଁରେ ଶତାଧିକ କୁଇଣ୍ଟାଲ ଧାନ କିଣାଯାଇଥିବା ନେଇ ଚାଷୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଏହି ଘଟଣାର ତଦନ୍ତ ଲାଗି ଜିଲା ଯୋଗାଣ ଅଧିକାରୀଙ୍କ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାର ତଦନ୍ତ ଶୀତଳଭଣ୍ଡାରରେ ରହିଛି। ସେହିପରି ବୋଲଗଡ଼ ବ୍ଲକ ଶ୍ରୀଚନ୍ଦନପୁରପାଟଣା ପ୍ୟାକ୍ସରେ ଅନିୟମିତତା ନେଇ ଚାଷୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାର ମଧ୍ୟ ଜିଲାପାଳ ଜିଲା ଯୋଗାଣ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ପରେ ଏହି ବ୍ଲକ ଅନ୍ତର୍ଗତ ଅସରଳା ପ୍ୟାକ୍ସରେ ଜନୈକ ବ୍ୟକ୍ତି ପରିବାରର ୧୨ଜଣ ସଦସ୍ୟଙ୍କ ନାମରେ ଶ୍ରୀଜଗନ୍ନାଥ ଜମି ନିଜ ଚାଷଜମି ଦର୍ଶାଇ ୭୦ କୁଇଣ୍ଟାଲ ଧାନ ବିକ୍ରି କରିଥିବା ନେଇ ଚାଷୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଦୁଇ ଘଟଣାରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ବୋଲଗଡ ବ୍ଲକର ଏହି ଦୁଇ ପ୍ୟାକ୍ସ ବିରୋଧରେ ଆସିଥିବା ଘଟଣାର ତଦନ୍ତ ଲାଗି ଜିଲାପାଳଙ୍କୁ କହିଥିଲେ। ଘଟଣାର ତଦନ୍ତ କରାଯିବ ବୋଲି ଜିଲାପାଳ ସନତ ମହାନ୍ତି କହିଛନ୍ତି। ଅନ୍ୟପକ୍ଷେ ଚାଷୀଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଯୋଗାଣ ଅଧିକାରୀ ଅନାଥ ସ୍ୱାଇଁ କହିଛନ୍ତି।

## ଲାଞ୍ଚ: ସିକୋ ରାଜସ୍ୱ ନିରୀକ୍ଷକ, ପିଅନ ଗିରଫ



ମନୋଜ କୁମାର ନାୟକ ଏବଂ ରାଜକିଶୋର ସାମନ୍ତରାୟ।

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୨୩।୩(ଡି.ଏନ୍.ଏ.)**

**ଜମି ମ୍ୟୁଟେସନ ରିପୋର୍ଟ ପାଇଁ ଲାଞ୍ଚ ନେଉଥିଲେ**

୧୩ଶହ ଟଙ୍କା ଲାଞ୍ଚ ନେବା ବେଳେ ମଙ୍ଗଳବାର ବେଗୁନିଆ ତହସିଲ ଅଧୀନ ସିକୋ ରାଜସ୍ୱ ନୀରିକ୍ଷକ (ଆର୍‌ଆଇ) ମନୋଜ କୁମାର ନାୟକ ଏବଂ ପିଅନ ରାଜକିଶୋର ସାମନ୍ତରାୟ ଖୋର୍ଦ୍ଧା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜମି ମ୍ୟୁଟେଶନ ତଦନ୍ତ ରିପୋର୍ଟ ପାଇଁ ଏହି ଟଙ୍କା ନେଉଥିଲେ। ଭିଜିଲାନ୍ସ ତାଙ୍କଠାରୁ ରଙ୍ଗ ପ୍ରଲେପ ଦିଆ ଟଙ୍କା ଜବତ କରିବା ସହ ଉଭୟଙ୍କୁ ଗିରଫ କରିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୧/୨୧)ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଶଗଡ଼ଭଙ୍ଗା ପଞ୍ଚାୟତ ଅଧୀନ ଗୋଡିକିଲୋ ଗ୍ରାମର ତ୍ରିନାଥ ଛୁଆଳସିଂ ଜମିର ମ୍ୟୁଟେସନ ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରିଥିଲେ। ମ୍ୟୁଟେସନ ତଦନ୍ତ ରିପୋର୍ଟ ଲାଗି ରାଜସ୍ୱ ନିରୀକ୍ଷକ ମନୋଜ ତାଙ୍କୁ ପ୍ରଥମେ ୨ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ନ ଦେଲେ କାମ ହୋଇପାରିବ ନାହିଁ ବୋଲି କହିଥିଲେ। ଶେଷରେ ତ୍ରିନାଥ ୧୩ଶହ ଟଙ୍କା ଦେବା ଲାଗି ରାଜି ହୋଇଥିଲେ। ଏନେଇ ତ୍ରିନାଥ ଖୋର୍ଦ୍ଧା ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ମଙ୍ଗଳବାର ଅପରାହ୍ନରେ ରାଜସ୍ୱ ନିରୀକ୍ଷକ ପିଅନ ସାମନ୍ତରାୟଙ୍କ ଜରିଆରେ ଟଙ୍କା ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭୁବନେଶ୍ୱର ଡିଭିଜନ ଓ ଖୋର୍ଦ୍ଧା ଭିଜିଲାନ୍ସର ଏକ ଟିମ୍ ତାଙ୍କୁ କାବୁ କରିଥିଲା। ତଦନ୍ତ ରିପୋର୍ଟ ଲାଗି ଉତ୍କୋଚ ଦାବି ଓ ଏଥିରେ ତାଙ୍କୁ ସହଯୋଗ ନେଇ ରାଜସ୍ୱ ନିରୀକ୍ଷକ ଏବଂ ପିଅନଙ୍କୁ ଭିଜିଲାନ୍ସ ଗିରଫ କରିଥିଲା।

# ବଳଭଦ୍ରପୁର ସ୍କୁଲ ମିଶ୍ରଣକୁ ବିରୋଧ



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବଳଭଦ୍ରପୁର ଗ୍ରାମବାସୀ।

**ଖୋର୍ଦ୍ଧା ଅଫିସ,୨୩।୩**

ରାଜ୍ୟ ସରକାର ୨୫ରୁ କମ୍ ଛାତ୍ରୀଛାତ୍ର ଥିବା ପ୍ରାଥମିକ ବିଦ୍ୟାଳୟ ବନ୍ଦ ଲାଗି ନିଷ୍ପତ୍ତି ନେଇଛନ୍ତି। ଏନେଇ ବିଭିନ୍ନ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲ ମିଶ୍ରଣକୁ ସ୍ଥାନୀୟ ଗ୍ରାମବାସୀ ଏବଂ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବାଲିପାଟଣା ବ୍ଲକ ବଳଭଦ୍ରପୁର ଗ୍ରାମବାସୀ ଗ୍ରାମରେ ଥିବା ସ୍କୁଲ ଅନ୍ୟତ୍ର ମିଶ୍ରଣ ପ୍ରତିବାଦରେ ମଙ୍ଗଳବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପିଲାଙ୍କ ଭବିଷ୍ୟତ ଏବଂ ସୁରକ୍ଷା ଦୃଷ୍ଟିରୁ ସ୍କୁଲ ମିଶ୍ରଣରୁ ବାଦ ଦେବାକୁ ନିବେଦନ କରିଛନ୍ତି।

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ଏଥିରେ ଦର୍ଶାଯାଇଛି ଯେ, ବଳଭଦ୍ରପୁରରେ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବସବାସ କରୁଛନ୍ତି। ଏହି ଗ୍ରାମରେ ଏକମାତ୍ର ପ୍ରାଥମିକ ବିଦ୍ୟାଳୟ ରହିଛି। ୧୯୬୦ ମସିହାରେ ଏହି ବିଦ୍ୟାଳୟ ସ୍ଥାପିତ ହୋଇଛି। ୨୦୧୯-୨୦ ଶିକ୍ଷାବର୍ଷରେ ୧୯ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ୨୦୨୦-୨୧ରେ ଅଧିକା ପିଲା ନାମ ଲେଖାଇଛନ୍ତି। କୋଭିଡ୍ ପରଠାରୁ ଏଠାରେ ପିଲାଙ୍କ ନାମଲେଖା ବନ୍ଦ ରହିଛି। ମିଶ୍ରଣ ହେବାକୁ ଥିବା ବିଦ୍ୟାଳୟ ବଳଭଦ୍ରପୁରଠାରୁ ୨କିମି ଦୂରରେ ଅବସ୍ଥିତ। କେନାଲ ଏବଂ ପୋଖରୀ ରହିଥିବାରୁ ବର୍ଷାଦିନେ ପିଲାଙ୍କ ଯାତାୟତ ସୁରକ୍ଷିତ ନୁହଁ। ଚଳିତ ଶିକ୍ଷାବର୍ଷରେ ୩୦ ଛାତ୍ରୀଛାତ୍ର ନାମ ଲେଖାଇବା ବ୍ୟବସ୍ଥା କରାଯାଇଛି। ଆସନ୍ତା ବର୍ଷ ପିଲାଙ୍କ ନାମଲେଖା କମିଲେ, ଏହାକୁ ଅନ୍ୟ ବିଦ୍ୟାଳୟ ସହିତ ମିଶ୍ରଣ କରିପାରିବେ ବୋଲି ଗ୍ରାମର ପ୍ରଦୀପ ବେହେରା, ସୁଜିତ ବେହେରା, ବାସୁଦେବ ବିଶୋୟୀ, ଅକ୍ଷୟ ରାୟଗୁରୁ, ଦେବାଶିଷ ରାୟଙ୍କ ସମେତ ବହୁ ଗ୍ରାମବାସୀ ଲିଖିତ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି।

## ସର୍ବସାଧାରଣଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ମନା

**ଖୋର୍ଦ୍ଧା ଅଫିସ,୨୩।୩**

ରାଜ୍ୟରେ କରୋନା ଉପରମୁହାଁ ହେବାରେ ଲାଗିଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କରୋନା ନିୟନ୍ତ୍ରଣ ଲାଗି ପ୍ରଶାସନସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। କରୋନା ସଂକ୍ରମଣକୁ ଏଡାଇବା ଲାଗି ପୁଣି ଥରେ ଜିଲାପାଳଙ୍କ ମୁଖ୍ୟ ଫାଟକକୁ ବନ୍ଦ କରାଯାଇଛି। ସର୍ବସାଧାରଣଙ୍କ କାର୍ଯ୍ୟାଳୟ ପରିସରକୁ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ମଙ୍ଗଳବାର କାର୍ଯ୍ୟାଳୟ ଖୋଲିବା ପରେ ମୁଖ୍ୟ ଫାଟକ ବନ୍ଦ କରି ଦିଆଯାଇଥିଲା। କୋଭିଡ୍ ନିୟନ୍ତ୍ରଣ ଲାଗି ଏହି ପଦକ୍ଷେପ ନିଆଯାଇଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ବିଭିନ୍ନ ସମସ୍ୟା ନେଇ ଦୈନିକ ବିଭିନ୍ନ ଅଞ୍ଚଳରୁ ବ୍ୟକ୍ତି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଛନ୍ତି। ଜନସ୍ୱାର୍ଥ ଏବଂ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

## ମୋରଡ଼ାରେ ଛତୁଆ ମିଶ୍ରଣ ଦିବସ

**କୃଷ୍ଣପ୍ରସାଦ,୨୩।୩(ଡି.ଏନ୍.ଏ.)**



ଶିଶୁ, ଗର୍ଭବତୀଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରତି ମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ଛତୁଆ ମିଶ୍ରଣ ଦିବସ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳନ ହୋଇଛି। ମୋରଡାସ୍ଥିତ ମା' ପାଦୁକାଇ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ମାସ୍କ ପିନ୍ଧିବା ସାମାଜିକ ଦୂରତ୍ୱ ରକ୍ଷା କରି ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଂଘର ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିସ୍ତ୍ରୀ, ସଦସ୍ୟା ବଳାସିନୀ ପଟ୍ଟନାୟକ, ଜୟନ୍ତୀ ପଣ୍ଡା, କନ୍ତଲା ନାୟକ, ଅନିତା ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଭଜା ଗହମ, ଭଜା ବୁଟ, ଭଜା ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସୁପରଭାଇଜର ଲିନା ମହାପାତ୍ର, ଡିପିଏ ଅମିତାଭ ବିଶ୍ୱାଳଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଦେଶ ଅନୁସାରେ ପ୍ରତି ମାସରେ ଏହି ଛତୁଆ ମିଶ୍ରଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସିଡିପିଓ ମନୋରମା କହିଛନ୍ତି।

# ପିଏନ୍ କଲେଜରେ ଗାନ୍ଧୀଙ୍କ ଆଗମନ ଉତ୍ସବ

**ଖୋର୍ଦ୍ଧା ଅଫିସ/ବୋଲଗଡ଼, ୨୩।୩(ଡି.ଏନ୍.ଏ.)**

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶହେ ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ଖୋର୍ଦ୍ଧା ପ୍ରାଣନାଥ (ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କଲେଜ ଅଧ୍ୟକ୍ଷା ଡ.ରଞ୍ଜିତା ସେଠୀ, ଅଧ୍ୟାପକ ସୁବୋଧ ଜଗଦ୍ଦେବ, ଅଧ୍ୟାପିକା ଡ.ଅଜନ୍ତା ଶତପଥୀ, ଖବରଦତା ପ୍ରସନ୍ନ ପାଇକରାୟଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ କଲେଜ ଅଧ୍ୟକ୍ଷା ସେଠୀ ଗାନ୍ଧିଜୀଙ୍କ ଜୀବନୀ, ଆଦର୍ଶ ଏବଂ ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟପଟେ କଳାକାର ମୋହନ ମହାପାତ୍ର ଗାନ୍ଧୀଙ୍କ ବେଶରେ ନିଜକୁ ସଜ୍ଜିତ କରି ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ବାର୍ତ୍ତା ଦେଇଥିଲେ। ଜିଲାପାଳ ସନତ ମହାନ୍ତିଙ୍କୁ କାର୍ଯ୍ୟାଳୟରେ ଭେଟି ଶୁଭେଚ୍ଛା ଜଣାଇଥିଲେ। ସେହିପରି ଗାନ୍ଧୀସ୍ମୃତି କମିଟି ପକ୍ଷରୁ ବୋଲଗଡ଼ ଗାନ୍ଧୀମଣ୍ଡପ ଠାରେ ପାଳନ କରାଯାଇଛି। ପ୍ରାରମ୍ଭରେ ଗାନ୍ଧିଜୀଙ୍କ ପ୍ରତମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇଲେ। ଗାନ୍ଧୀ ପ୍ରେମୀ ବିନୋଦ ରାମ ମାନପତ୍ର ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ବରିଷ୍ଠ ନାଗରିକ ସଂଘ ସଭାପତି ଗୋପୀନାଥ ଖାଡେଙ୍ଗା ଅଧ୍ୟକ୍ଷତା କରଥିଲେ। ରବୀନ୍ଦ୍ର ପରିଡା, ଇଂ. ଅକ୍ଷୟ ପଟ୍ଟନାୟକ, ବବିତା ସାହୁ, ଜରିବନ୍ଧୁ ସାହୁ, ବୈକୁଣ୍ଠ ମହାପାତ୍ର, ଶୈଳବାଳା ବାହିନୀପତି, ଦୁର୍ଯ୍ୟୋଧନ ସ୍ୱାଇଁ,ବାଲ୍ମୀକି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।



ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟାପିକା, ଅଧ୍ୟାପକ ଓ ପିଲାମାନେ ମାଲ୍ୟାର୍ପଣ କରୁଛନ୍ତି।

## ଦୁଇ ଟ୍ରକ୍ ମୁହାଁମୁହିଁ: ୨ ଡ୍ରାଇଭର ଗୁରୁତର

**ଚୌଦ୍ୱାର,୨୩।୩(ଡି.ଏନ.ଏ.)**

୫୫ ନଂ. ଜାତୀୟ ରାଜପଥର ଚୌଦ୍ୱାର ନିକଟସ୍ଥ ଏକ ସିମେଣ୍ଟ କାରଖାନା ସମ୍ମୁଖରେ ମଙ୍ଗଳବାର ଅପରାହ୍ନରେ ଦୁଇଟି ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଦୁଇଟି ଟ୍ରକ୍‌ର ଡ୍ରାଇଭର ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ଜଣାପଡି ନ ଥିବାବେଳେ ଚିକିତ୍ସା ଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏକ ଟ୍ରକ ଅନୁଗୋଳରୁ କଟକ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ସିମେଣ୍ଟ ବୋଝେଇ ଟ୍ରକ ସହ ଧକ୍କା ହୋଇଥିଲା। ଏଥିରେ ଗାଡ଼ି ଦୁଇଟିର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ପ୍ରାୟ ୧ ଘଣ୍ଟା କାଳ ରାସ୍ତାରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଟିପିଏମ୍ ଫାଣ୍ଡି ଅଧିକାରୀ ମାନସ କୁମାର ମହାରଣା ପହଞ୍ଚି ଆହତ ଦ୍ୱୟଙ୍କୁ ଚିକିତ୍ସା ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକ ଦୁଇଟିକୁ ରାସ୍ତାରୁ ହଟାଇଥିଲା। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ପରିତ୍ୟକ୍ତ ଘରେ ଚାଲିଛି ନିଶା କାରବାର

**ଜଟଣୀ,୨୩।୩(ଡି.ଏନ୍.ଏ)**

ଜଟଣୀ ସହର ଓ ଏହାର ପାଖଆଖ ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବଢ଼ିଚାଲିଛି। ପରିତ୍ୟକ୍ତ ଘର ଓ ନିଛାଟିଆ ସ୍ଥାନରେ ଚାଲିଛି ଏହି କାରବାର। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପୋଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହାଟବଜାର, ବାଛରା ପାଟଣା, ଲୋକକଲୋନି, ମାଣିଆ ଛକ, ଟ୍ରାଫିକ୍ କଲୋନି, ମୁଣ୍ଡିଆ ସାହି, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ରାସ୍ତା, ଗୋରୁହାଟ, ରେଡଙ୍ଗ କଲୋନି, ରାମଚନ୍ଦ୍ରପୁର ବଜାର(ଥାନାଛକ)ଅଞ୍ଚଳ, ବିକାଶନଗର, ରେଗେଡି ବସ୍ତି, କୁଦିଆରୀ ବଜାର, ରେଲୱେ ଷ୍ଟେଶନ ବଜାର ଆଦି ସ୍ଥାନରେ ଖୁଲମଖୁଲା ବ୍ରାଉନସୁଗାର, ଗଞ୍ଜେଇ, ମଦ କାରବାର ହେଉଛି। ଏନେଇ ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ଧମକ ମିଳୁଛି ବୋଲି ଜଣେ ସାମାଜିକ କର୍ମୀ ନିଜ ନାମ ଗୋପନ ରଖି କହିଛନ୍ତି। ନିଶା କାରବାର ସନ୍ଦେହରେ ଗତ ୧୫ ତାରିଖରେ ସ୍ଥାନୀୟ ଲୋକକଲୋନୀ (ମାଣିଆଛକ) ନିକଟରେ ରହୁଥିବାଜଣେ ମହିଳାଙ୍କ ଘରକୁ କେତେଜଣ ବ୍ୟକ୍ତି ନିଆଁ ଲଗାଇଦେଇଥିଲେ। ଅନେକ ସମୟରେ ନିଶାଡିମାନେ ନିଜ ଆବଶ୍ୟକତା ପୂରଣ କରିବା ପାଇଁ ପଥଚାରୀଙ୍କୁ ଆକ୍ରମଣକରି ମୋବାଇଲ ଫୋନ, ଟଙ୍କା ସହିତ ଅଳଙ୍କାର ଛଡାଇ ନେଉଛନ୍ତି। ପୋଲିସ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପଟେ ଖୁବ୍‌ଶୀଘ୍ର ନିଶା ବେପାରୀଙ୍କୁ ଗିରଫ କରାଯିବ ବୋଲି ଜଟଣୀ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି।

# ମହିଳାଙ୍କ ପତ୍ତା ପାଉନି ପୋଲିସ

**ବେଗୁନିଆ,୨୩।୩(ଡି.ଏନ୍.ଏ.)**

- କାର୍‌ରେ ଲିଫ୍ଟରେ ଯାଇ ନିଖୋଜ ହୋଇଥିଲେ
- ସିସିଟିଭି ଫୁଟେଜ୍ ଆଧାରରେ ପୋଲିସର ତଦନ୍ତ ଜାରି

ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରି ଗ୍ରାମର ପ୍ରକାଶ ସେଠୀଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ୩ଦିନ ହେବ ନିଖୋଜ ଥିଲେ ମଧ୍ୟ ପୋଲିସ ତାଙ୍କ ସନ୍ଧାନ ପାଇ ପାରିନାହିଁ। ସୂଚନାଥାଉ କି, ବାଘମାରି ଗ୍ରାମର ପ୍ରକାଶ ଟାଙ୍ଗୀ ଚାନ୍ଦପୁର ଅଞ୍ଚଳରେ ପରିବାର ସହ ରହୁଥିଲେ। ଶୁଭଲକ୍ଷ୍ମୀ ବାପଘର ବେଗୁନିଆକୁ ଗତ ୧୯ ତାରିଖରେ ଆସିଥିଲେ। ସେ ପୁଣି ଟାଙ୍ଗୀ ଅଞ୍ଚଳକୁ ଫେରିବା ପାଇଁ ୨୦ତାରିଖ ସକାଳ ୮ଟାରେ ବେଗୁନିଆ ଥାନା ଛକକୁ ଆସିଥିବା ବେଳେ ବସ୍ ଫେଲ ହୋଇଯାଇଥିଲେ। ବସକୁ ଧରିବା ପାଇଁ ସେ ଏକ କାରକୁ ଅଟକାଇ ବସକୁ ଧରିବା ପାଇଁ କହିଥିଲେ। ତେବେ ଶୁଭଲକ୍ଷ୍ମୀ ଘରେ ନ ପହଞ୍ଚିବାରୁ ସମ୍ପର୍କୀୟଙ୍କ ଘର ଖୋଜାଖୋଜି କରି ନିରାଶ ହେବା ପରେ ତାଙ୍କ ସ୍ୱାମୀ ପ୍ରକାଶ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅନ୍ୟପଟେ ଘଟଣାକୁ ୩ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଶୁଭଲକ୍ଷ୍ମୀଙ୍କ ପତ୍ତା ପାଇପାରି ନାହିଁ। ଶୁଭଲକ୍ଷ୍ମୀଙ୍କ ଚିନ୍ତାରେ ମଙ୍ଗଳବାର ତାଙ୍କ ମା' ବାଳାମଣି(୬୫) ଘରେ ପଡିଯାଇଥିଲେ। ଆହତ ଅବସ୍ଥାରେ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ବେଗୁନିଆ ଥାନା ଏସ୍‌ଆଇ ରବୀନ୍ଦ୍ର ପଣ୍ଡା କହିଛନ୍ତି, ଅଭିଯୋଗକୁଭିତ୍ତିକରିତଦନ୍ତ କରାଯାଉଛି। ୫୭ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବେଗୁନିଆ, ପିଚୁକୁଳି, ରାଜସୁନାଖଳା, ରଣପୁର ଆଦି ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ ନିକଟ ଥାନାଧିକାରୀଙ୍କୁ ଅବଗତ କରାଯାଇଛି।

# ଜିଲାପାଳଙ୍କ ଅଫିସ୍ ଆଗରେ ଚାଷୀଙ୍କ ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୨୩।୩**

ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ଏବଂ ଆର୍ଥିକ ସ୍ୱାବଲମ୍ବନ ଦୃଷ୍ଟିରୁ ସରକାର କାଳିଆ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ସରକାର ଚାଷୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରିଥିଲେ। ନିକଟରେ ଚାଷୀଙ୍କୁ ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି। ତେବେ ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତର ବହୁ ଚାଷୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନ ଠାରୁ ଜିଲା କୃଷି କାର୍ଯ୍ୟାଳୟ ଏବଂ ଜିଲା ପ୍ରଶାସନର ବାରମ୍ବାର ଦ୍ୱାରସ୍ଥ ହେବା ପରେ ମଧ୍ୟ ଏହି ପଞ୍ଚାୟତର ଚାଷୀଙ୍କୁ କାଳିଆ ଯୋଜନାର ଅର୍ଥ ପ୍ରଦାନ କରାଯାଇନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ପଞ୍ଚାୟତ ଶାନ୍ତି ସୁରକ୍ଷା ସମିତି ନରେନ୍ଦ୍ର ମଙ୍ଗରାଜଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, କାଳିଆ ଯୋଜନାରୁ ବଞ୍ଚିତ ଚାଷୀଙ୍କୁ ପର୍ଯ୍ୟାୟକ୍ରମେ ଆର୍ଥିକ ସହଯୋଗ ପ୍ରଦାନ କରାଯାଉ। ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ କାହିଁକି ଏଥିରୁ ବାଦ୍ ଦିଆଯାଇଛି, ତାହାର ଲିଖିତ କାରଣ ଦର୍ଶାଯାଉ। ପୁନର୍ବାର ପଞ୍ଚାୟତସ୍ତରରେ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇ ବଞ୍ଚିତ ଚାଷୀଙ୍କୁ ଏହି ଯୋଜନାରେ ସାମିଲ ପାଇଁ ଦାବି କରିଛନ୍ତି। ଆସନ୍ତା ୨୫ ତାରିଖ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାନଗଲେ, ୨୬ ତାରିଖରେ ଓରବରସିଂ ପଞ୍ଚାୟତ ତାରିଣୀପୀଠ, ରାୟପୁର ଗ୍ରାମରେ ଶତାଧିକ ଚାଷୀ ସମୂହ ଉପବାସ ଓ ଧାରଣା ଦେବେ। ଆବଶ୍ୟକ ପଡିଲେ ୨୯ କିମ୍ବା ୩୦ତାରିଖରେ ଓରବରସିଂ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଚାଷୀଙ୍କ ପଦଯାତ୍ରା ବାହାର କରାଯିବ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ନିବେଦନ କରିଛନ୍ତି।

**କାଳିଆ ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ ଦାବି**

# 'କୃଷକଙ୍କ ପ୍ରତି ଅତ୍ୟାଚାରକୁ ଦୃଢ଼ ବିରୋଧ କରାଯିବ'




ସଂଯୁକ୍ତ କୃଷକ ମୋର୍ଚ୍ଚା ଏବଂ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ କୃଷକ ଅଧିକାର ସମାବେଶରେ ଚାଷୀନେତା।

**ଭୁବନେଶ୍ୱର,୨୩।୩ (ବ୍ୟୁରୋ)**

- **ରାଜ୍ୟସ୍ତରୀୟ କୃଷକ ଅଧିକାର ସମାବେଶ**
- **କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ରଦ୍ଦ ଦାବି**
- **୨୬ରେ ଭାରତ ବନ୍ଦ ସଫଳ କରିବାକୁ ଆହ୍ୱାନ**

କୃଷି ଏବଂ କୃଷକ ଉଭୟଙ୍କ ବିରୋଧୀ ହେଉଛନ୍ତି ମୋଦି ସରକାର। ଲୋକଙ୍କ ମୁହଁରେ ଅନ୍ନ ଦେଉଥିବା କୃଷକଙ୍କ ପ୍ରତି ହେଉଥିବା ଏଭଳି ଅତ୍ୟାଚାରକୁ ଦୃଢ ବିରୋଧ କରାଯିବ ବୋଲି ଓଡ଼ିଶା କୃଷକ ସଭାର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ କହିଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୬ ତାରିଖରେ ହେବାକୁ ଥିବା ଭାରତ ବନ୍ଦକୁ ଓଡ଼ିଶାରେ ସଫଳ କରିବା ନିମନ୍ତେ ଗତ ୧୨ ତାରିଖରୁ ରାଜ୍ୟବ୍ୟାପୀ କୃଷକ ଅଧିକାର ଯାତ୍ରା ଆୟୋଜନ ହେଉଥିଲା। ମଙ୍ଗଳବାର ଲୋୟର ପିଏମ୍‌ଜିଠାରେ ରାଜ୍ୟସ୍ତରୀୟ କୃଷକ ଅଧିକାର ସମାବେଶ ଅବସରରେ ଏହା ଉଦ୍‌ଯାପିତ ହୋଇଛି। ସମାବେଶ ସଭାରେ କେନ୍ଦ୍ର ସରକାରଙ୍କ କୃଷି ବିରୋଧୀ ଆଇନକୁ ଦୃଢ ନିନ୍ଦା କରାଯାଇଥିଲା। କୃଷକ ସର୍ବନାଶକାରୀ, କୃଷି ଧ୍ୱଂସକାରୀ ଓ ଜନବିରୋଧୀ ଆଇନକୁ ପ୍ରତ୍ୟାହାର ନ କରାଯିବା ପର୍ଯ୍ୟନ୍ତ ନିରନ୍ତର ଭାବେ ସମସ୍ତ ରାଜ୍ୟରେ ଏବଂ ବିଭିନ୍ନ ପ୍ରାନ୍ତରେ ଏହି ଆନ୍ଦୋଳନ ଜାରି ରହିବ ବୋଲି ସୁରେଶ କହିଛନ୍ତି। ଏନ୍‌ଏପିଏମ୍‌ର ଆବାହକ ପ୍ରଫୁଲ୍ଲ ସାମନ୍ତରା ସମାବେଶରେ ଯୋଗଦେଇ କହିଛନ୍ତି, ଏ ଲଢେଇ ହେଉଛି କୃଷକ ବଞ୍ଚାଅ, ଦେଶ ବଞ୍ଚାଅ ଲଢେଇ। ତେଣୁ ଏହାକୁ ଆଗକୁ ନେବା ପାଇଁ ସମଗ୍ର ଦେଶବାସୀ ଏଥିରେ ସହଯୋଗ କରିବା ଦରକାର। ସେହିପରି ଅଖିଳ ଭାରତ କୃଷକ ସଭା (ଏଆଇକେଏସ୍)ର ରାଜ୍ୟ ସମ୍ପାଦକ କ୍ଷୀରୋଦ କୁମାର ସିଂହଦେଓ କହିଥିଲେ, ଦେଶର ସ୍ୱାର୍ଥ ପାଇଁ ଏହି ଲଢେଇ ହେଉଛି। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ, କର୍ପୋରେଟମାନଙ୍କ ବିରୋଧରେ ଏ ସଂଗ୍ରାମକୁ ଆଗକୁ ନେବାକୁ ପଡିବ। ତେଣୁ ଦେଶବାସୀ ଏଥିରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟବ୍ୟାପୀ ଅନୁଷ୍ଠିତ କୃଷକ ଅଧିକାର ଯାତ୍ରାରେ କୃଷକମାନଙ୍କ ଅକୁଣ୍ଠ ସମର୍ଥନରୁ ମୋଦି ସରକାର କୃଷକଙ୍କଠାରୁ ବିଚ୍ଛିନ୍ନ ହୋଇପଡ଼ିଥିବା ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ସମାବେଶରେ କୁହାଯାଇଥିଲା। ଏଥିସହ ଆସନ୍ତା ୨୬ରେ ହେବାକୁ ଥିବା ଭାରତ ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।

ସୂଚନାଯୋଗ୍ୟ, କଣ୍ଟ୍ରାକ୍ଟ ଫାର୍ମିଂ ନାମରେ ପ୍ରକୃତି ଦତ୍ତ ଅମୂଲ୍ୟ ଜମି ଓ ଚାଷ ଉପରେ ଚାଷୀର ଅଧିକାରକୁ କ୍ଷୁର୍ଣ୍ଣ କରିବା ସଂକ୍ରାନ୍ତ ଆଇନକୁ ରଦ୍ଦ କରାଯିବା, କୃଷି ବିପଣନ ଆଇନ ନାମରେ ସରକାରୀ ମଣ୍ଡି ବ୍ୟବସ୍ଥାକୁ ଅକାମୀ କରି ଘରୋଇ ମଣ୍ଡି ବ୍ୟବସ୍ଥା ପ୍ରଚଳନ ଆଇନକୁ ରଦ୍ଦ କରାଯିବା ଏବଂ ଅତ୍ୟାବଶ୍ୟକ ଆଇନ ସଂଶୋଧନ ସାମଗ୍ରୀ ଆଇନ ନାମରେ ଦେଶର ଖାଦ୍ୟ ସାମଗ୍ରୀ ଭଣ୍ଡାର ଚାବିକାଠିକୁ କର୍ପୋରେଟ ହାତକୁ ଟେକିଦେବା ଆଇନକୁ ରଦ୍ଦ କରିବା ଆଦି ଦାବିରେ ସମଗ୍ର ଦେଶରେ ଦୀର୍ଘ ୪ମାସ ହେବ କୃଷକ ଆନ୍ଦୋଳନ ଚାଲୁ ରହିଛି। ଏଥିସହ ଏମ୍‌ଏସ୍ ସ୍ୱାମୀନାଥନ କମିଶନ ସୁପାରିସ ଆଧାରରେ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, ଚାଷକୁ ସୁରକ୍ଷା ଦେବା ପାଇଁ ଭାଗଚାଷୀ ସୁରକ୍ଷା ଆଇନ, ଆଦିବାସୀ ଓ ପାରମ୍ପରିକ ଜଙ୍ଗଲବାସୀଙ୍କ ଦ୍ୱାରା ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟର ଏମ୍‌ଏସ୍‌ପି ନିମନ୍ତେ ଆଇନ କରିବା ପାଇଁ ସଂଯୁକ୍ତ କିଷାନ୍ ମୋର୍ଚ୍ଚା ସମାବେଶରେ ଦାବି କରାଯାଇଛି।

ଏହି ସଭାରେ ସର୍ବଭାରତୀୟ କୃଷକ ନେତା ଏମ୍.ସୁନିଲମ୍, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ରାଜ୍ୟନେତା ଅଶୋକ ପ୍ରଧାନ, ଏଆଇକେଏମ୍‌ର ରାଜ୍ୟ ସମ୍ପାଦକ ଅଶୋକ ପ୍ରଧାନ, ଏଆଇକେଏମ୍‌ଏସ୍‌ର ରାଜ୍ୟ ନେତା ଭାଲଚନ୍ଦ୍ର ଷଡଙ୍ଗୀ, ଏଆଇକେଏମ୍‌କେଏସ୍‌ର ରାଜ୍ୟ ଆବାହକ ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶକୁ ଇନ୍‌ସଫା ଆବାହକ ନରେନ୍ଦ୍ର ମହାନ୍ତି, ପ୍ରମୁଖ କୃଷକ ନେତା ଶଶିଭୂଷଣ ସ୍ୱାଇଁ, ଯମେଶ୍ୱର ସାମନ୍ତରାୟ, ରମେଶ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପାଢୀ ପ୍ରମୁଖଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ।

# ମଧ୍ୟପ୍ରଦେଶ ଅଭିମୁଖେ ବାଘୁଣୀ ସୁନ୍ଦରୀ

**ବନ୍ତଳା,୨୩।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ରାଇଗୁଡ଼ା ଏନ୍‌କ୍ଲୋଜର ମଧ୍ୟରେ ୨୦୧୮ ନଭେମ୍ବର ୬ରୁ ବନ୍ଦୀ ଜୀବନ କାଟୁଥିବା ବାଘୁଣୀ ସୁନ୍ଦରୀକୁ ମଙ୍ଗଳବାର ମଧ୍ୟପ୍ରଦେଶର କାହ୍ନା ଅଭୟାରଣ୍ୟକୁ ଫେରାଇ ନିଆଯାଉଛି। ଟ୍ରାଙ୍କୁଲାଇଜ୍ ଦ୍ୱାରା ନିସ୍ତେଜ କରାଯିବା ପରେ କାହ୍ନାରୁ ଆସିଥିବା ସ୍ୱତନ୍ତ୍ର ଗାଡ଼ିରେ ବାଘୁଣୀକୁ ଭର୍ତ୍ତି କରାଯାଇଥିଲା। ସାତକୋଶିଆରୁ ଏକ ଟିମ୍ ସୁନ୍ଦରୀକୁ ଛାଡ଼ିବାକୁ ମଧ୍ୟପ୍ରଦେଶ ଯାଉଥିବା ସୂଚନା ମିଳିଛି।

ମଧ୍ୟପ୍ରଦେଶରୁ ଆସିଥିବା ୭ଜଣିଆ ଟିମ୍ ଦୁଇଦିନ ଧରି ସୁନ୍ଦରୀର ସ୍ୱାସ୍ଥ୍ୟାବସ୍ଥା, ଗତିବିଧି ଅନୁଧ୍ୟାନ କରିବା ପରେ ଅପରାହ୍ନ ୩ଟା ୨୫ରେ ଟ୍ରାଙ୍କୁଲାଇଜ କରିଥିଲା। ପ୍ରାଣୀ ବିଶେଷଜ୍ଞ ତଥା ଡାକ୍ତର ସନ୍ଦୀପ ଅଗ୍ରୱାଲା ଓ ଡାକ୍ତର କିଶୋର ସାହୁଙ୍କ ମିଳିତ ଉଦ୍ୟମରେ ଟ୍ରାଙ୍କୁଲାଇଜ କରାଯାଇଥିଲା। ଅନୁଗୋଳ ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ (ଆର୍‌ସିସିଏଫ୍) ପ୍ରଦୀପ ରାଜ କରାଟେ, କାହ୍ନାର ଅତିରିକ୍ତ ଆଞ୍ଚଳିକ ବନ ସଂରକ୍ଷକ ଏସ୍.କେ. ସିହ୍ନା, ସାତକୋଶିଆ ଡିଏଫଓ ରବି ମୀନା, ଏସିଏଫ୍ ସରାଜ ପଣ୍ଡା, ଶୁଭେନ୍ଦୁ ବେହେରା, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟର ପ୍ରାଣୀ ବିଶେଷଜ୍ଞ ରୁଦ୍ର ନାରାୟଣ ପ୍ରଧାନ, ରାଇଗୁଡା ରେଞ୍ଜ ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତରେ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରାଯାଇଥିଲା। ମାତ୍ର ୨୦ ମିନିଟ ମଧ୍ୟରେ ଏ ନେଇ ସମସ୍ତ ପ୍ରକ୍ରିୟା ଶେଷ କରାଯାଇ ନିସ୍ତେଜ ବାଘୁଣୀକୁ କାହ୍ନାରୁ ଆସିଥିବା ସ୍ୱତନ୍ତ୍ର ଗାଡ଼ିରେ ଭର୍ତ୍ତି କରାଯାଇଥିଲା। ସନ୍ଧ୍ୟା ୬ଟାରେ ଉକ୍ତ ଗାଡ଼ି ସହ ମଧ୍ୟପ୍ରଦେଶ ଟିମ୍ ଓ ସାତକୋଶିଆରୁ ଏସିଏଫ୍ ସରୋଜ ପଣ୍ଡା, ଡାକ୍ତର କିଶୋର ସାହୁଙ୍କ ସହ ୪ ଜଣିଆ ଟିମ୍ କାହ୍ନା ଅଭୟାରଣ୍ୟ ଅଭିମୁଖେ ବାହାରିଥିବା ଜଣାପଡ଼ିଛି। କାହ୍ନା ବ୍ୟାଘ୍ର ପ୍ରକଳ୍ପର ଘୋରେଲା ସ୍ଥିତ ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ରଖାଯାଇ ସୁନ୍ଦରୀର ହିଂସ୍ର ପ୍ରବୃତ୍ତି ଫେରାଇ ଆଣିବାର ଉଦ୍ୟମ କରାଯିବ। ଏହାପରେ ବ୍ୟାଘ୍ର ଅଭୟାରଣ୍ୟରେ ଛାଡ଼ିଦିଆଯିବ ବୋଲି ସୂଚନା ମିଳିଛି।



ଟ୍ରାଙ୍କୁଲାଇଜ୍ ପରେ ବାଘୁଣୀ ସୁନ୍ଦରୀକୁ ସ୍ୱତନ୍ତ୍ର ଗାଡ଼ିରେ ଭର୍ତ୍ତି କରାଯାଉଛି।

- **ଟ୍ରାଙ୍କୁଲାଇଜ ପରେ ସ୍ୱତନ୍ତ୍ର ଗାଡ଼ିରେ ନିଆଗଲା**
- **ଛାଡ଼ିବାକୁ ସାତକୋଶିଆରୁ ଯାଉଛନ୍ତି ୪ ଜଣିଆ ଟିମ୍**

ସୂଚନାଯୋଗ୍ୟ, ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ବାଘ ବଂଶବୃଦ୍ଧିକୁ ଦୃଷ୍ଟିରେ ରଖି ମଧ୍ୟପ୍ରଦେଶରୁ ୬ଟି ବାଘ ବାଘୁଣୀ ଅଣାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ମଧ୍ୟପ୍ରଦେଶସ୍ଥିତ କାହ୍ନା ଜାତୀୟ ବ୍ୟାଘ୍ର ପ୍ରକଳ୍ପରୁ ୨୦୧୮ ଜୁନ ୨୧ରେ ମହାବଳ 'ମହାବୀର' ଓ ସେହି ମାସ ୨୮ରେ ବାନ୍ଧବଗଡ଼ରୁ ବାଘୁଣୀ 'ସୁନ୍ଦରୀ'କୁ ଅଣାଯାଇଥିଲା। ଅଗଷ୍ଟ ୧୭ରେ ଜଙ୍ଗଲ ମଧ୍ୟକୁ ଛଡ଼ାଯିବା ପରେ ବାଘୁଣୀ ସେପ୍ଟେମ୍ବର ୧୨ରେ ହାତୀବାରି ଗ୍ରାମର କୈଳାସ ସାଇଅଙ୍କ ଜୀବନ ନେଇଥିଲା। ପ୍ରତିବାଦରେ ଲୋକେ ପୂରା ରେଞ୍ଜରେ ଲଙ୍କାକାଣ୍ଡ ଘଟାଇଥିଲେ। ଏହାପରେ ଅକ୍ଟୋବର ୨୧ରେ ଟାଇଁସି ଗ୍ରାମର ତ୍ରିନାଥ ସାହୁଙ୍କୁ ମଧ୍ୟ ଆକ୍ରମଣ କରି ମାରିଦେଇଥିଲା। ଘଟଣାକୁ ନେଇ ପୋଲିସ ସହ ଜନତାଙ୍କ ଖଣ୍ଡଯୁଦ୍ଧ ହୋଇଥିଲା। ତେବେ କିଛି ଦିନର ଲୁଚକାଳି ଖେଳ ପରେ ୨୦୧୮ ନଭେମ୍ବର ୬ରେ ବାଘୁଣୀ ସୁନ୍ଦରୀକୁ କାବୁ କରାଯାଇ ରାଇଗୁଡ଼ା ଏନ୍‌କ୍ଲୋଜରରେ ରଖାଯାଇଥିଲା।

# ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ନିୟୋଜନ ପାଇଁ ପୋର୍ଟାଲ ଲୋକାର୍ପିତ

**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

**ସହଜ ହେବ ପ୍ରଶାସନିକ କାର୍ଯ୍ୟ ସଞ୍ଚାଳନ**

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ୫-'ଟି' ପଦକ୍ଷେପ ସ୍ୱରୂପ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ନିୟୋଜନ ପାଇଁ ବିକାଶ କରାଯାଇଥିବା ଏକ ପୋର୍ଟାଲକୁ ମଙ୍ଗଳବାର ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଲୋକାର୍ପଣ କରିଛନ୍ତି। ଏହି ପୋର୍ଟାଲର ବ୍ୟବହାର ଦ୍ୱାରା ଅଙ୍ଗନୱାଡି କର୍ମୀ ଏବଂ ସହାୟିକାଙ୍କ ନିୟୋଜନ ପ୍ରକ୍ରିୟା ଏବଂ ଏହା ସମ୍ବନ୍ଧୀୟ ପ୍ରଶାସନିକ କାର୍ଯ୍ୟର ସଞ୍ଚାଳନ ସହଜରେ ହୋଇପାରିବ। କାର୍ଯ୍ୟଦକ୍ଷତା ବୃଦ୍ଧି, ନିୟୋଜନ ବିଜ୍ଞାପନ ପ୍ରକାଶ କରିବା, ଅନ୍‌ଲାଇନ୍ ନିୟୋଜନ ପ୍ରକ୍ରିୟାର ସ୍ୱୟଂଚାଳନ ଏବଂ ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଏହି ପୋର୍ଟାଲ ପରିକଳ୍ପନାର ଉଦ୍ଦେଶ୍ୟ। ଅତ୍ୟାବଶ୍ୟକ ସୂଚନାର ନିୟମିତ ଆଦାନ ପ୍ରଦାନ ପାଇଁ ପୋର୍ଟାଲ ସହିତ ଜଡ଼ିତ ସମସ୍ତ ବ୍ୟବହାରକାରୀଙ୍କ ପାଇଁ ଏଥିରେ ଏକ ଉନ୍ନତ ସହଯୋଗକାରୀ ବ୍ୟବସ୍ଥା ରହିଛି। ନିୟୋଜନ ପ୍ରକ୍ରିୟାରେ ତ୍ରୁଟି ହ୍ରାସ ଏବଂ ଦକ୍ଷ ଓ ଉତ୍ତମ ପରିଚାଳନା କରିବା ଏହି ପୋର୍ଟାଲ ମାଧ୍ୟମରେ ସହଜସାଧ୍ୟ ହେବ। ଅଙ୍ଗନୱାଡି କେନ୍ଦ୍ରର ତଥ୍ୟ ପରିଚାଳନା, ଶୂନ୍ୟ ସ୍ଥାନ ଯାଞ୍ଚ, ଅନ୍‌ଲାଇନ୍ ଦରଖାସ୍ତ ଏବଂ ତାହାର ସ୍ଥିତି ଜାଣିବା, ଆମୁଳଚୂଳ ଚୟନ ପ୍ରକ୍ରିୟା ପରି ଅନେକ ସୁବିଧା ଏହି ପୋର୍ଟାଲର ମୁଖ୍ୟ ଅଂଶବିଶେଷ। ଏଥିରେ ଚିହ୍ନଟ ଓ ଯାଞ୍ଚ ପ୍ରକ୍ରିୟାର ଦାୟିତ୍ୱବୋଧତା ମଧ୍ୟ ସୁନିଶ୍ଚିତ ହୋଇଛି। ପୋର୍ଟାଲରେ ଥିବା ତଥ୍ୟ ବିଶ୍ଳେଷଣର ପଦ୍ଧତି, ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ସଫଳତାର ଚିହ୍ନଟ ପାଇଁ ଏକ ନିର୍ଣ୍ଣାୟକ ମାନଦଣ୍ଡ ରୂପେ କାର୍ଯ୍ୟ କରିବ। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପ ଇ- ପ୍ରଶାସନ ପ୍ରକ୍ରିୟାକୁ ଆହୁରି ସୁଗମ ଓ ସହଜସାଧ୍ୟ କରିବ ବୋଲି ଆଶା କରାଯାଉଛି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଏବଂ ସମାଜ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ପୁରୀରେ ମଙ୍ଗଳବାର ଜଗନ୍ନାଥ ମହାପ୍ରଭୁଙ୍କ ଚାଚେରି ବେଶ।

## କ୍ଷେତ୍ରପାଳ ନିକଟରୁ ହରିଣ ଉଦ୍ଧାର

**ବାରଙ୍ଗ,୨୩।୩(ଡି.ଏନ୍.ଏ.):** ଗୋଡ଼ିସାହି ଫାଣ୍ଡି ନିକଟସ୍ଥ ପଦ୍ମନାଭନଗର ଗ୍ରାମରୁ ଏକ ଅଣ୍ଡିରା ହରିଣ ଉଦ୍ଧାର କରାଯାଇଛି। ତା'ର ଆନୁମାନିକ ବୟସ ୭/୮ ବର୍ଷର ହେବ ବୋଲି ଜଣାପଡିଛି । ମଙ୍ଗଳବାର ସନ୍ଧ୍ୟାରେ କିଛି କୁକୁର ଏହି ହରିଣକୁ ଗୋଡାଉ ଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ହରିଣଟି ଭୟରେ କ୍ଷେତ୍ରପାଳ ଠାକୁର ମନ୍ଦିର ଭିତରେ ପଶିଯାଇଥିଲା। ଗ୍ରାମବାସୀ ଗୋଡିସାହି ଫାଣ୍ଡିକୁ ଜଣାଇବା ପରେ ଚନ୍ଦକା ଡମପଡ଼ା ଅଭୟାରଣ୍ୟର କର୍ମଚାରୀମାନେ ଆସି ଏହି ହରିଣକୁ ଉଦ୍ଧାର କରି ନେଇ ଯାଇଥିଲେ।

# ଗଡ଼ଖାଇ ସୁରକ୍ଷା ଦାବିକଲେ ସୁବାସ ସିଂ

**ନୂଆଦିଲ୍ଲୀ,୨୩।୩**

ରାଜ୍ୟ ସଭାରେ ବିଜେଡି ସଦସ୍ୟ ସୁବାସ ସିଂ ମଙ୍ଗଳବାର କଟକ ଜିଲାର ଗଡ଼ଖାଇ ଐତିହ୍ୟ ପ୍ରକଳ୍ପର ସୁରକ୍ଷା ଦାବି କରିଛନ୍ତି। ଛୋଟ ଓ ମଧ୍ୟମ ସହରଗୁଡ଼ିକ ପାଇଁ ସହରାଞ୍ଚଳ ଭିତ୍ତିଭୂମି ବିକାଶ ଯୋଜନା (ୟୁଆଇଡିଏସ୍‌ଏସ୍‌ଏମ୍‌ଟି) କାର୍ଯ୍ୟକ୍ରମ ଅଧୀନରେ ଏହି ପ୍ରକଳ୍ପର ନବୀକରଣ ଓ ସଂରକ୍ଷଣ ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କୁ ସେ ଅନୁରୋଧ କରିଛନ୍ତି।

ସୁବାସ କହିଥିଲେ, ତ୍ରୟୋଦଶ ଶତାବ୍ଦୀରେ ରାଜା ମୁକୁନ୍ଦଦେବଙ୍କ ଦ୍ୱାରା ନିର୍ମିତ ୯ ମହଲା ବିଶିଷ୍ଟ ଗଡ଼ଖାଇ ଏକ ଐତିହ୍ୟସମ୍ପନ୍ନ ସ୍ଥାନ। ଭାରତର ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ)କୁ ଏହାର ନବୀକରଣ ଓ ସଂରକ୍ଷଣ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଏଏସ୍‌ଆଇ ଏ ଦିଗରେ ପର୍ଯ୍ୟାପ୍ତ ପଦକ୍ଷେପ ନେଇନାହିଁ।

୨୦୦୮-୦୯ରେ ଗଡ଼ଖାଇର ସଂରକ୍ଷଣ ନିମନ୍ତେ ୧୭.୨୫ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ଏଏସ୍‌ଆଇ ଏବଂ କଟକ ମହାନଗର ନିଗମ (ସିଏମ୍‌ସି)କୁ ଦାୟିତ୍ୱ ଦିଆଯାଇଥିଲା। ସିଏମ୍‌ସି ଖାଇରୁ ପଙ୍କ ଉଦ୍ଧାର ଶେଷ କରିଥିବାବେଳେ ପ୍ରାଚୀର ସଫା ନ ହୋଇ ନ ଥିବାରୁ ଭିତ୍ତିଭୂମି ବା ସୌନ୍ଦର୍ଯ୍ୟକରଣ କ୍ଷେତ୍ରରେ ଆଗକୁ ବଢ଼ିପାରୁନାହିଁ, ଯାହାକି ଏଏସ୍‌ଆଇର କାମ ବୋଲି ସୁବାସ କହିଛନ୍ତି। ସିଏମ୍‌ସି ଏଏସ୍‌ଆଇ ନିକଟରେ ଆବଶ୍ୟକ ଅର୍ଥ ଜମା କରିସାରିଛି। କିନ୍ତୁ ବର୍ତ୍ତମାନ ଯାଏ କିଛି ପଦକ୍ଷେପ ନିଆଯାଇ ନାହିଁ। ଏହି ଐତିହ୍ୟ ପ୍ରକଳ୍ପ ଏଏସ୍‌ଆଇର ନିଷିଦ୍ଧାଞ୍ଚଳରେ ଆସୁଥିବାରୁ ସିଏମ୍‌ସି ନିଜଆଡୁ କିଛି କାର୍ଯ୍ୟ କରିପାରୁ ନାହିଁ। ସିଏମ୍‌ସି ପକ୍ଷରୁ ଏଏସ୍‌ଆଇକୁ ସୌନ୍ଦର୍ଯ୍ୟକରଣ ଓ ଅନ୍ୟ ଭିତ୍ତିଭୂମି ବିକାଶ କାର୍ଯ୍ୟ ସକାଶେ ଅନୁମତି ଦେବା ପାଇଁ ଅନୁରୋଧ କରାଯାଇଛି।

# ପକ୍କାଘର ଅପେକ୍ଷାରେ ୧.୨୪ ଲକ୍ଷ ହିତାଧିକାରୀ

**ହର୍ଷବର୍ଦ୍ଧନ ବେହେରା**

**ଯାଜପୁର ଅଫିସ,୨୩।୩**

ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ରହୁଥିବା ଲୋକଙ୍କ ମଧ୍ୟରୁ ଅଦ୍ୟାବଧି ୧,୨୪,୦୪୧ ଜଣଙ୍କ ମୁଣ୍ଡ ଉପରେ ଛାତ ନାହିଁ। ସେମାନଙ୍କ ମଧ୍ୟରେ ୨୩,୩୪୫ ଜଣ ଅନୁସୂଚିତ ଜନଜାତି(ଏସ୍‌ଟି), ୨୨,୨୫୨ ଜଣ ଅନୁସୂଚିତ ଜାତି(ଏସ୍‌ସି) ଓ ୩୩,୩୨୭ ଜଣ ଅର୍ଥନୈତିକ ଦୁର୍ବଳ ବର୍ଗର ଲୋକ ଅଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ବାସଗୃହ ଯୋଗାଇଦେବା ବାବଦରେ ୨୦୧୦ରୁ ଅଦ୍ୟାବଧି ୨୦୩୬.୪୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଅଥଚ ସହରାଞ୍ଚଳର ସମସ୍ତ ଗରିବ, ନିରୀହ, ଝୁମ୍ପୁଡିବାସୀଙ୍କୁ ଏ ଯାଏ ପକ୍କା ଘର ଯୋଗାଇ ଦେବାରେ ସରକାର ବିଫଳ ହୋଇଛନ୍ତି। ଚଳିତ ବିଧାନସଭାରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦାଖଲ ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି। ୨୦୨୧ ସୁଦ୍ଧା ସହରାଞ୍ଚଳରେ ସମସ୍ତ ଝୁମ୍ପୁଡିବାସୀଙ୍କୁ ପକ୍କାଘର ଯୋଗାଇ ଦେବାକୁ ଦିଆଯାଇଥିବା ପ୍ରତିଶ୍ରୁତି ଫମ୍ପା ମାଠିଆ ସଦୃଶ ହୋଇଛି। ଏହାବାଦ୍ ବାସଗୃହ ଯୋଗାଇ ଦେବାରେ କେତେକ ସହରାଞ୍ଚଳରେ ବ୍ୟାପକ ଅନିୟମିତତା ହେଉଛି। ହାତଗୁଞ୍ଜା ନ ଦେଲେ ଘର ମିଳୁ ନ ଥିବା ଅଭିଯୋଗ ହୋଇଛି।

ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଓ ଝୁମ୍ପୁଡିବାସୀଙ୍କ ଜୀବନଧାରଣମାନ ଉନ୍ନତି ଉଦ୍ଦେଶ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୨୦୦୯ରୁ ବିଭିନ୍ନ ଆବାସ ଯୋଜନା ପ୍ରଣୟନ କରିଛନ୍ତି। ୨୦୦୯-୨୦୧୫ ମଧ୍ୟରେ ବେସିକ ସର୍ଭିସ ଟୁ ଅର୍ବାନ ପୁଅର ଯୋଜନାରେ ୧,୭୭୮ଟି ଗୃହ ଯୋଗାଇ ଦିଆଯାଇଛି। ଏଥିରେ ଭୁବନେଶ୍ୱର ଓ ପୁରୀ ସହରାଞ୍ଚଳକୁ ସାମିଲ କରାଯାଇ ୪୬.୭୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ୨୦୦୯ରୁ ୨୦୧୫ ମଧ୍ୟରେ ଇଣ୍ଟିଗ୍ରେଟେଡ ହାଉସିଂ ଆଣ୍ଡ ସ୍ଲମ୍ ଡେଭଲପମେଣ୍ଟ ପ୍ରୋଗ୍ରାମରେ ୧୧,୨୯୬ଟି ଘର ଯୋଗାଇ ଦେବା ବାବଦରେ ୧୭୧.୭୨ କୋଟି ଖର୍ଚ୍ଚ ହୋଇଛି। ଏହି ଯୋଜନାରେ ଅନୁଗୋଳ, ତାଳଚେର, ବାଲେଶ୍ୱର, ବରଗଡ଼, ଭଦ୍ରକ, ବଲାଙ୍ଗୀର, ପାଟଣାଗଡ଼, କଟକ, ଢେଙ୍କାନାଳ, ପାରଳାଖେମୁଣ୍ଡି, ବ୍ରହ୍ମପୁର, ଯାଜପୁର, ବ୍ୟାସନଗର, ବ୍ରଜରାଜନଗର, ଝାରସୁଗୁଡ଼ା, ଭବାନୀପାଟଣା, କେନ୍ଦ୍ରାପଡ଼ା, ଜଟଣୀ, ଖୋର୍ଦ୍ଧା, ଯୋଡ଼ା, ଜୟପୁର, ମାଲକାନଗିରି, ବାରିପଦା, ନୟାଗଡ଼, ନବରଙ୍ଗପୁର, ଖରିଆର ରୋଡ଼, ଫୁଲବାଣୀ, ସମ୍ବଲପୁର, କୁଚିଣ୍ଡା, ସୋନପୁର, ବୀରମିତ୍ରପୁର, ରାଉରକେଲା, ବୌଦ୍ଧଗଡ଼ ଓ ଜଗତ୍‌ସିଂହପୁର ସହରାଞ୍ଚଳକୁ ସାମିଲ କରାଯାଇଥିଲା। ୨୦୧୩ରୁ ୨୦୨୨ ମଧ୍ୟରେ ରାଜୀବ ଆବାସ ଯୋଜନାରେ ୪,୭୭୩ଟି ବାସଗୃହ ଯୋଗାଇବା ପାଇଁ ୩୫୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ଯାଜପୁର ଜିଲାକୁ ସାମିଲ କରାଯାଇଛି। ୨୦୧୫ ରୁ ୨୦୨୨ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟର ସମସ୍ତ ୧୧୪ ସହରାଞ୍ଚଳରେ ୬୧,୦୯୧ଟି ବାସଗୃହ ସ୍ୱଳ୍ପ ମୂଲ୍ୟରେ ଯୋଗାଇ ଦିଆଯାଇଛି। ଏଥିପାଇଁ ୧୪୫୯ କୋଟି ଖର୍ଚ୍ଚ ହୋଇଛି। ଅବଶିଷ୍ଟ ଲୋକମାନଙ୍କୁ ଘର ଯୋଗାଇ ଦେବାକୁ ସରକାର ସହରାଞ୍ଚଳୱାରି(ପୌରାଞ୍ଚଳ) ତଥ୍ୟ ସଂଗ୍ରହ କରୁଛନ୍ତି। ଏଥିପାଇଁ ଚଳିତ ବଜେଟ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩୧୭.୭୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ଉତ୍ତରରେ ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।



ଯାଜପୁର ପୌରାଞ୍ଚଳରେ ଝୁମ୍ପୁଡ଼ି ଘରେ ରହୁଥିବା ବସ୍ତିବାସିନ୍ଦା।

ଗରିବ ଲୋକଙ୍କ ସରଳତାର ସୁଯୋଗ ନେଇ ବାସଗୃହ ଯୋଗାଇଦେବାରେ ବହୁ ଚଞ୍ଚକତା ଓ ଅନିୟମିତତା ହୋଇଥିବା ପୂର୍ବରୁ ନଜିର ରହିଛି। ରାଜୀବ ଆବାସ ଯୋଜନାରେ ଯାଜପୁର ପୌରାଞ୍ଚଳକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ୨୦୧୮ ଜୁଲାଇରେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଅଫ୍ ଇଣ୍ଡିଆର ତଦନ୍ତ ରିପୋଟରେ ହିତାଧିକାରୀ ଚୟନରେ ପାତରଅନ୍ତର ହୋଇଥିବା ଦର୍ଶାଯାଇଥିଲା। ସିଏଜି ରିପୋର୍ଟକୁ ଭିତ୍ତିକରି ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ପେଶିଆଲ ଡ୍ୟୁଟି ଅଧିକାରୀ ବିଜୟଲକ୍ଷ୍ମୀ ଜେନା ୧୭।୭।୨୦୧୮ରେ ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଜବାବ ତଲବ କରିଥିଲେ। ସେତେବେଳେ ଏହି ଯୋଜନାରେ ଯାଜପୁର ପୌର ପରିଷଦରେ ୧୫୯୭ ଟି ଘର ମଞ୍ଜୁର ହୋଇଥିଲା। ଏଥିପାଇଁ ୩୧.୩୧ କୋଟି ଟଙ୍କା ଆବଣ୍ଟିତ ହୋଇଥିଲା। ସିଏଜି ପକ୍ଷରୁ ହୋଇଥିବା ତଦନ୍ତରେ ୪୮ଟି ଘର ଝୁମ୍ପୁଡିବାସୀଙ୍କ ମଧ୍ୟରେ ଆବଣ୍ଟିତ ହୋଇ ନ ଥିଲା। ଏହାକୁ କେତେଜଣ ରାଜନୈତିକ ପ୍ରଭାବଶାଳୀ ଥିଲାବାଲା ଲୋକ ହାତେଇ ନେଇଥିଲେ। ଏହାବାଦ୍ ୨୪ ଜଣଙ୍କ ଜମି ନାହିଁ। ନଅରପଦାର ଜଣେ ହିତାଧିକାରୀ ଦୁଇ ଦୁଇଟି ଘର ପାଇଛନ୍ତି, ଯାହାର କ୍ରମିକ ନମ୍ବର ୧୪ ଓ ୩୯ ବୋଲି ଅଡିଟ ରିପୋର୍ଟରେ ଦର୍ଶାଯାଇଥିଲା। ଏହି ୭୩ଟି ଘର ମାମଲାରେ ପ୍ରାୟ ୨.୩୯ କୋଟି ଟଙ୍କାର ଅନିୟମିତତା ହୋଇଥିଲା। ଏହିବାଦ ୧୦୪ ଜଣ ଝୁମ୍ପୁଡିବାସୀଙ୍କ ଥଇଥାନ ରାଜୀବ ଆବାସ ଯୋଜନାର ସୁଧ ବାବଦ ଟଙ୍କା ମିଶାଇ ୪.୧୪ କୋଟି ଟଙ୍କା ବ୍ୟୟରେ ଟ୍ରାନଜିଟ ହାଉସ ନିର୍ମାଣ ହେଲା। ହେଲେ ସେହି ଟ୍ରାନ୍‌ଜିଟ ହାଉସ ୧୦୪ ଝୁମ୍ପୁଡିବାସୀଙ୍କୁ ବାସସ୍ଥଳ ଭାବେ ଆବଣ୍ଟନ କରା ନ ଯାଇ ମାର୍କେଟ କମ୍ପ୍ଲେକ୍ସ ପାଲଟିଛି। ଟ୍ରାନ୍‌ଜିଟ ହାଉସର ଗ୍ରାଉଣ୍ଡ ଫ୍ଲୋରରେ କେତେଜଣ ଧନୀ ଶ୍ରେଣୀର ଲୋକଙ୍କଠାରୁ ବ୍ୟାପକ ଅର୍ଥ ଆଦାୟ କରାଯାଇ ସେମାନଙ୍କୁ ଅବସ୍ଥାପିତ କରାଯାଇଛି। ଫଳରେ ଏହି ସମୁଦାୟ ଟଙ୍କା ଉଦ୍ଦେଶ୍ୟ ବିହୀନ( ଇନ୍‌ଆଡ୍‌ମିସିବୁଲ ପରପୋଜ)ଭାବେ ଖର୍ଚ୍ଚ ହୋଇଛି ବୋଲି ସିଏଜି ଅଡିଟ ରିପୋର୍ଟରେ ଦର୍ଶାଯାଇଥିଲା। ଏନେଇ ଓଡିଶା ଅର୍ବାନ ହାଉସିଂ ମିଶନ(ଓୟୁଏଚ୍‌ଏମ୍) ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲା। ୪.୧୪ କୋଟି ଟଙ୍କା ଫେରସ୍ତ କରିବାକୁ ଯାଜପୁର ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସିଏଜି ରିପୋର୍ଟ ଓ ତଦନ୍ତ ପ୍ରକ୍ରିୟା ଦବିଯାଇଥିଲା। ଏଭଳି ଦୁର୍ନୀତି ଯୋଗୁ ସହରାଞ୍ଚଳରେ ଏବେ ବି ଲକ୍ଷାଧିକ ଲୋକଙ୍କୁ ପକ୍କାଘର ମିଳି ପାରିନାହିଁ ବୋଲି ମତପ୍ରକାଶ ପାଇଛି।

# ରେଳମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ପ୍ରସନ୍ନ

**ନୂଆଦିଲ୍ଲୀ,୨୩।୩**

**ସମ୍ବଲପୁର ରେଲୱେ ଡିଭିଜନ ବନ୍ଦ ନିଷ୍ପତ୍ତିକୁ ବିରୋଧ**

ସମ୍ବଲପୁରର ଶତାବ୍ଦୀ ପୁରୁଣା ରେଲୱେ ଷ୍ଟେଶନକୁ ବନ୍ଦ କରିବା ପ୍ରସ୍ତାବକୁ ପାର୍ଲାମେଣ୍ଟରେ ବିରୋଧ କରିଛି ବିଜେଡି। ରାଜ୍ୟକୁ ମହାତ୍ମା ଗାନ୍ଧୀଙ୍କ ଗସ୍ତର ସ୍ମାରକୀ ବହନ କରୁଥିବା ଏହି ଷ୍ଟେଶନକୁ ଚାଲୁ ରଖିବାରେ ରେଳ ମନ୍ତ୍ରଣାଳୟ ହସ୍ତକ୍ଷେପ କରୁ ବୋଲି ରାଜ୍ୟ ସଭାରେ ବିଜେଡି ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଦାବି କରିଛନ୍ତି।

ରାଜ୍ୟ ସଭାରେ ବିଜେଡି ସଂସଦୀୟ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ କହିଥିଲେ, ସମ୍ବଲପୁର ରେଲୱେ ଷ୍ଟେଶନ ରେଲୱେର ଏକ ଡିଭିଜନାଲ ହେଡ୍‌କ୍ୱାର୍ଟର୍ସ। ଗାନ୍ଧିଜୀ ଏହି ଷ୍ଟେଶନରେ ଓହ୍ଲାଇବା ପରେ ସମ୍ବଲପୁର ଦେଇ ପ୍ରବାହିତ ମହାନଦୀ ବାଲିରେ ଏକ ସାଧାରଣ ସଭା କରିଥିଲେ। ଏଇଠୁ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହୋଇଥିଲା। ରାଜ୍ୟରେ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳନ କରାଯାଉଥିବାବେଳେ ସମ୍ବଲପୁର ରେଲୱେ ଷ୍ଟେଶନ ବନ୍ଦ ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ଏହି ନିଷ୍ପତ୍ତିକୁ ସମ୍ବଲପୁର ଅଞ୍ଚଳରେ ପ୍ରବଳ ବିରୋଧ କରାଯାଉଛି।

ବିଜେଡି ଏମ୍‌ପି ପ୍ରସନ୍ନ ଆହୁରି କହିଥିଲେ, ସମ୍ବଲପୁରରେ ୧୮୮୦ ମସିହାରୁ ଥିବା ରେଲୱେ ସର୍ଭେ ଡିଭିଜନ ଅଫିସ ସର୍ବେକ୍ଷଣ କାର୍ଯ୍ୟ କରୁଥିଲା। ୧୮୯୦ରେ ଆରମ୍ଭ ହୋଇଥିବା ବମ୍ବେ-କୋଲକାତା ଲାଇନ୍‌ର ରାୟଗଡ଼-ଝାରସୁଗୁଡ଼ା ରେଲୱେ ନେଟ୍‌ୱର୍କ ଏବଂ ୧୮୮୧ ମାର୍ଚ୍ଚରେ ପ୍ରତିଷ୍ଠିତ ଝାରସୁଗୁଡ଼ା-ଚକ୍ରଧରପୁର ସେକ୍ସନର ସର୍ଭେ ଏହି ଅଫିସ ଅଧୀନରେ କରାଯାଇଥିଲା। ୧୯୮୩ରେ ସମ୍ବଲପୁର ଷ୍ଟେଶନ ରୋଡ୍ ଦେଇ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା। ଏହି ଷ୍ଟେଶନ ୧୮୯୫ରେ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହୋଇଥିଲା, ଯାହାକି ବର୍ତ୍ତମାନ ଯାଏ ଚାଲୁରହିଛି। ଉକ୍ତ ଷ୍ଟେଶନ ରେଲୱେ ଏବଂ ପୂର୍ବତଟ ରେଲୱେ ଜୋନ୍‌କୁ ଭଲ ରାଜସ୍ୱ ଦେଉଛି। ୨୦୦୭ରେ ରେଲୱେ ସମ୍ବଲପୁର ଷ୍ଟେଶନକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲା। କିନ୍ତୁ ଜିଲା ପ୍ରଶାସନ, ରେଲୱେ ଓ ଜନ ପ୍ରତିନିଧିଙ୍କୁ ନେଇ ଏକ ତ୍ରିପାକ୍ଷିକ ବୈଠକ ପରେ ନିଷ୍ପତ୍ତି ବଦଳାଯାଇଥିଲା। ତେଣୁ ରେଳମନ୍ତ୍ରୀ ପୀୟୂଷ ଗୋଏଲ ଏହି ପ୍ରସଙ୍ଗରେ ବିଚାର କରି ଉକ୍ତ ଷ୍ଟେଶନକୁ ଚାଲୁ ରଖିବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ପ୍ରସନ୍ନ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### କେୟର୍ନ ମାମଲାରେ କେନ୍ଦ୍ର ସରକାରଙ୍କ ଅପିଲ

ନୂଆଦିଲ୍ଲୀ,୨୩।୩: କେୟର୍ନ ଆର୍ବିଟ୍ରେଶନ ମାମଲାରେ କେନ୍ଦ୍ର ସରକାର ଅପିଲ କରିଥିବା ଏକ ଖବର ପ୍ରକାଶ ପାଇଛି। ହେଗ୍‌ସ୍ଥିତ ଆର୍ବିଟ୍ରେଶନ କୋର୍ଟର ୩ ସଦସ୍ୟ ଟ୍ରିବ୍ୟୁନାଲ ଏହି ମାମଲାର ରାୟ କେୟର୍ନ ଏନର୍ଜି ସପକ୍ଷରେ ଦେଇଥିଲେ। କେୟର୍ନ ଏନର୍ଜିଠାରୁ ୧୦,୨୪୭ କୋଟି ଟଙ୍କାର ଟିକସ ଆଦାୟ କରିବା ନେଇ ଭାରତ ସରକାରଙ୍କ ଦାବିକୁ ଟ୍ରିବ୍ୟୁନାଲ ଅଗ୍ରାହ୍ୟ କରିଥିଲେ। ଏହାକୁ ନେଇ ଭାରତ ପୁଣି ଥରେ ଆବେଦନ କରିଛି। ଏହି ମାମଲାରେ ଭାରତ ସରକାରଙ୍କୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ଶେୟାର ଭାଲ୍ୟୁ ଫେରସ୍ତ କରିବା, ଜବତ ହୋଇଥିବା ଡିଭିଡେଣ୍ଡ ଏବଂ ରିଫଣ୍ଡ କରାଯାଇନଥିବା ଟିକସ ଉକ୍ତ କମ୍ପାନୀକୁ ଭାରତ ଫେରାଉ ବୋଲି ଟ୍ରିବ୍ୟୁନାଲ ନିର୍ଦ୍ଦେଶରେ କହିଥିଲେ। ଭାରତ ଦ୍ୱିପାକ୍ଷିକ ନିବେଶ ଚୁକ୍ତିକୁ ଉଲ୍ଲଂଘନ କରିଥିବା ଗତବର୍ଷ ଡିସେମ୍ବରରେ ଅନ୍ତର୍ଜାତୀୟ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ମାମଲାରେ ଆଉ କଣ ମୋଡ ଆସୁଛି ଶୁଣାଣି ପରେ ଏନେଇ ସ୍ପଷ୍ଟ ହେବ।

### ଲୋଧା ସବୁଠୁ ଧନୀ ରିୟଲ ଇଷ୍ଟେଟ୍ ବ୍ୟବସାୟୀ



ନୂଆଦିଲ୍ଲୀ,୨୩।୩: ହୁରୁନ ଇଣ୍ଡିଆ ପକ୍ଷରୁ ଗ୍ରୋହେ ହୁରୁନ ଇଣ୍ଡିଆ ରିୟଲ ଇଷ୍ଟେଟ ଧନୀ ତାଲିକା ୨୦୨୧ ମଙ୍ଗଳବାର ପ୍ରକାଶ ପାଇଛି। ମାକ୍ରୋଟେକ୍ ଡେଭଲପର୍ସର ମୁଖ୍ୟ ଏମ୍ .ପି ଲୋଧା ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛନ୍ତି। ଲଗାତାର ଚାରି ବର୍ଷ ହେବ ସେ ଏହି ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଛନ୍ତି। ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଯଥାକ୍ରମେ ଡିଏଲଏଫ୍‌ର ରାଜୀବ ସିଂ ଓ କେ.ରୋହେଜା କମ୍ପାନୀର ଚନ୍ଦ୍ରୁ ରୋହେଜା ରହିଛନ୍ତି। ତାଲିକାରେ ୮ ଜଣ ବିଲିୟନ ଡଲାର ସମ୍ପତ୍ତି ଥିବା ବ୍ୟକ୍ତି ବିଶେଷ ଏବଂ ୨୭ ନୂଆ ବ୍ୟକ୍ତି ସ୍ଥାନିତ ହୋଇଥିବା ଜଣାପଡିଛି। ମୁମ୍ବାଇରୁ ୩୧, ଦିଲ୍ଲୀ ଏବଂ ବାଙ୍ଗାଲୋରରୁ ୨୨ ଓ ୨୦ ଜଣଙ୍କୁ ଏଥିରେ ସ୍ଥାନିତ କରାଯାଇଛି। ୨୦୧୯ ତୁଳନାରେ ଶୀର୍ଷ ୧୦୦ ବ୍ୟକ୍ତି ବିଶେଷଙ୍କ ସମ୍ପତ୍ତି ୨୬% ବୃଦ୍ଧି ପାଇ ୩.୪୧ ଲକ୍ଷ କୋଟି ଟଙ୍କା ଛୁଇଁଛି। ସତ୍ତ୍ୱ ଡେପଲପରର ବିଜୟ କୁମାର ଅଗ୍ରୱାଲ ସମ୍ପତ୍ତି ବଢାଇବାରେ ଆଗୁଆ ରହିଛନ୍ତି। ତାଲିକାରେ ୨୮୦ କୋଟି ଟଙ୍କାର ନେଟୱର୍ଥ ସହ ସବୁଠାରୁ କମ୍ ବୟସ୍କଙ୍କ ମଧ୍ୟରେ ଚାଣ୍ଡକ ଗ୍ରୁପର ୩୬ ବର୍ଷୀୟ ଆଦିତ୍ୟ ଚାଣ୍ଡକ ଅଛନ୍ତି। ସେହିଭଳି ବୟୋଜ୍ୟେଷ୍ଠଙ୍କ ମଧ୍ୟରେ ୯୧ ବର୍ଷୀୟ ପିଆର୍ ଓବରେଇ ରହିଛନ୍ତି। ତାଙ୍କର ମୋଟ ସମ୍ପତ୍ତି ୨,୧୭୦ କୋଟି ଟଙ୍କା ରହିଛି। ମହାମାରୀ ପାଇଁ ୩୩% ଲୋକଙ୍କର ସମ୍ପତ୍ତି ହ୍ରାସ ହୋଇଛି। ୬୭%ଙ୍କର ସମ୍ପତ୍ତି ବୃଦ୍ଧି ହୋଇଥିବା ଏଥିରେ ରିପୋର୍ଟରେ ପ୍ରକାଶ ପାଇଛି। କୋଭିଡ ୧୯ ଭାରତୀୟ ରିୟଲ ଇଷ୍ଟେଟ କ୍ଷେତ୍ର ଲାଗି ଏକ ପରିକ୍ଷା ରହିଥିଲା। ପ୍ରମୁଖ ଡେପଲପର୍ସମାନେ ସେମାନଙ୍କ ବଜାର ଅଂଶ ବଜାୟ ରଖିବାକୁ ସକ୍ଷମ ହୋଇଥିବା ହୁରୁନ ଇଣ୍ଡିଆ ଏମ୍‌ଡି ଏ.ଆର୍.ଜୁନେଦ କହିଛନ୍ତି।

### କ୍ଷୁଦ୍ର ବ୍ୟବସାୟକୁ ମାଇକ୍ରୋସଫ୍ଟର ସହାୟତା

ନୂଆଦିଲ୍ଲୀ,୨୩।୩: ଦେଶର କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟଗୁଡ଼ିକ ମାଇକ୍ରୋସଫ୍ଟ ଏବଂ ଇଣ୍ଟେଲ ପକ୍ଷରୁ ସହାୟତା କରାଯାଇଛି। ଇଣ୍ଟେଲ ଭିପ୍ରୋ ପ୍ଲାଟ୍‌ଫର୍ମ ଦ୍ୱାରା ପରିଚାଳିତ ୱିଣ୍ଡୋଜ ୧୦ ପ୍ରୋ ଡିଭାଇସ୍‌ଗୁଡିକର ଏକ ନୂଆ ରେଞ୍ଜ ସମ୍ପର୍କରେ କମ୍ପାନୀ ଘୋଷଣା କରିଛି। ଏହି ପରିପ୍ରେକ୍ଷୀରେ ମାଇକ୍ରୋସଫ୍ଟ ଇଣ୍ଡିଆର ଡିଭାଇସେସ୍ ବିଭାଗ ଗ୍ରୁପ ଡାଇରେକ୍ଟର ଫରହାନା ହକ୍ କହିଛନ୍ତି, ଦେଶର କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟଗୁଡିକ କାର୍ଯ୍ୟର ହାଇବ୍ରିଡ୍ ମଡେଲଗୁଡିକୁ ଗ୍ରହଣ କରିଥିବାରୁ ଆଧୁନିକ ଟେକ୍ନୋଲୋଜିରେ ନିବେଶ ତ୍ୱରାନ୍ୱିତ ହେଉଛି।

# ‘ମୋରାଟୋରିୟମ ଅବଧି ବଢ଼ାଇ ହେବନି’

ନୂଆଦିଲ୍ଲୀ,୨୩।୩

## ସ୍ପଷ୍ଟ କଲେ ସୁପ୍ରିମକୋର୍ଟ



କରୋନା ମହାମାରୀ ସମୟରେ ଋଣ କିସ୍ତି ପ୍ରଦାନରେ ଲୋକଙ୍କୁ ଆଶ୍ୱସ୍ତି ଦେବାକୁ କେନ୍ଦ୍ର ସରକାର ମୋରାଟୋରିୟମ ପଦକ୍ଷେପ ସମ୍ପର୍କରେ ଘୋଷଣା କରିଥିଲେ। ୨୦୨୦ ଅଗଷ୍ଟ ୩୧ ଯାଏ ଏହି ଅବଧି ରହିଥିଲା। ଏହି ଅବଧିକୁ ବଢ଼ାଇବାକୁ କେନ୍ଦ୍ରକୁ କହି ହେବନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ କହିଛନ୍ତି। ସେହିଭଳି ଋଣ କିସ୍ତି ଉପରେ ସୁଧ ଛାଡ କରିବା ନେଇ କେନ୍ଦ୍ର ସରକାର ବ୍ୟାଙ୍କଗୁଡିକ ମଧ୍ୟ କହିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି।

୩ ବିଚାରପତିଙ୍କୁ ନେଇ ଗଠିତ ଏହି ଖଣ୍ଡପୀଠରେ ଜଷ୍ଟିସ ଏମ୍.ଆର୍.ଶାହା କହିଛନ୍ତି, ୨ କୋଟି ଟଙ୍କାର ଋଣରେ ଚକ୍ରବୃଦ୍ଧି ସୁଧ ପ୍ରସଙ୍ଗକୁ ଏବେ ଯାଏ ବୁଝିହେଉ ନାହିଁ। ୨ କୋଟି ଟଙ୍କାର ଋଣ ସୀମା କାହିଁକି ରଖାଗଲା ସେ ନେଇ ମଧ୍ୟ କେନ୍ଦ୍ର କିଛି ସ୍ପଷ୍ଟ ଭାବେ ବୁଝାଇନାହିଁ। ମୋରାଟୋରିୟମ ଅବଧିରେ ଆଦାୟ ହୋଇଥିବା ଚକ୍ରବୃଦ୍ଧି ସୁଧ, ସୁଧ ଜରିମାନା କିମ୍ବା ଚକ୍ରବୃଦ୍ଧି ସୁଧ ଲୋକଙ୍କୁ ରିଫଣ୍ଡ କିମ୍ବା ପରବର୍ତ୍ତୀ ଇଏମ୍‌ଆଇରେ ବ୍ୟବସ୍ଥିତ କରିବାର ଆବଶ୍ୟକତା ରହିଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଖଣ୍ଡପୀଠ କହିଛନ୍ତି, ଆର୍ଥିକ, ଅର୍ଥନୈତିକ ଏବଂ ବାଣିଜ୍ୟିକ କ୍ଷେତ୍ରରେ ବିଚାରପତିମାନେ ବିଶେଷଜ୍ଞ ନୁହନ୍ତି। ଏଣୁ ନିଷ୍ପତ୍ତି ଗ୍ରହଣ ବୈଧତା ଭିତ୍ତିରେ ହୋଇଥିବାରୁ ଏଥିରେ କୋର୍ଟ ହସ୍ତକ୍ଷେପ ନ କରନ୍ତୁ।

ସୂଚନାଯୋଗ୍ୟ କେନ୍ଦ୍ର ସରକାର ପୂର୍ବରୁ ଏହି ମାମଲାରେ ପକ୍ଷ ରଖି ସାରିଛନ୍ତି। ୬ ମାସର ଋଣ ମୋରାଟୋରିୟମ ଅବଧିରେ ଯଦି ସବୁବର୍ଗର ଋଣ ଏବଂ ଅଗ୍ରିମ ଉପରେ ଯଦି ସୁଧ ଛାଡ଼ କରାଯାଏ ତେବେ ଏହା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଗଭୀର ଭାବେ ପ୍ରଭାବିତ କରିବ ବୋଲି ସରକାର କହିସାରିଛନ୍ତି। ଏହାଦ୍ୱାରା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ୬ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିବ। ଯଦି ବ୍ୟାଙ୍କଗୁଡିକ ଏହି ବୋଝକୁ ଉଠାନ୍ତି ତେବେ ସେମାନଙ୍କ ସମ୍ପତ୍ତିର ଏକ ବୃହତ୍ ଭାଗ ଏହାଦ୍ୱାରା କ୍ଷତିଗ୍ରସ୍ତ ହେବ। ଅନେକ ବ୍ୟାଙ୍କ ପାଇଁ ଏହା ଅସ୍ତିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଭଳି ବିଷୟକୁ ଧ୍ୟାନରେ ରଖି ସରକାର କେବଳ ଋଣ କିସ୍ତି ପଇଠ ସୀମାକୁ ଘୁଞ୍ଚାଇଥିଲେ। ସୁଧ ଛାଡ ନେଇ କୌଣସି ପଦକ୍ଷେପ ଏଥିଲାଗି ନିଆଗଲା ନାହିଁ। ଗତ ବର୍ଷ ସେପ୍ଟେମ୍ବର ୨୭ରେ ସୁପ୍ରିମକୋର୍ଟ କେନ୍ଦ୍ରର ଉତ୍ତର ଲୋଡ଼ିଥିଲେ। କୋର୍ଟ ନିର୍ଦ୍ଦେଶରେ କହିଥିଲେ ଯେ, କରୋନା ଦ୍ୱାରା ପ୍ରଭାବିତ ୮ ନିର୍ଦ୍ଦିଷ୍ଟ କ୍ଷେତ୍ରର ୨ କୋଟି ଟଙ୍କାର ଋଣ ଉପରେ ସୁଧଛାଡ଼ ଉପରେ ଯେଉଁଭଳି ସମସ୍ତ ପଦକ୍ଷେପ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଏ ତାହା କେନ୍ଦ୍ର ସରକାର ନିଶ୍ଚିତ କରନ୍ତୁ। ଏହି କ୍ଷେତ୍ରଗୁଡିକ ମଧ୍ୟରେ ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ), ଶିକ୍ଷା, ହାଉସିଂ, କଞ୍ଜ୍ୟୁମର ଡ୍ୟୁରେବଲ, କ୍ରେଡିଟକାର୍ଡ, ଅଟୋମୋବାଇଲ, ପର୍ସନାଲ ଏବଂ କଞ୍ଜପସନ ରହିଛି। ଉଲ୍ଲେଖଯୋଗ୍ୟ, ଆର୍‌ବିଆଇ ମାର୍ଚ୍ଚ ୨୭ରେ ଏକ ସର୍କୁଲାର ମାଧ୍ୟମରେ ମିଆଦୀ ଋଣ କିସ୍ତି ପ୍ରଦାନରେ ମୋରାଟୋରିୟମ ଘୋଷଣା କରିଥିଲା। ଏହା ୨୦୨୦ ମାର୍ଚ୍ଚରୁ ମେ ୩୧ ଯାଏ ରହିଥିଲା ; ଯାହାକୁ ପରବର୍ତ୍ତୀ ସମୟରେ ଅଗଷ୍ଟ ୩୧ ଯାଏ ବଢ଼ାଯାଇଥିଲା।

# ଏପ୍ରିଲ ୩୦ ଯାଏ ଅନ୍ତର୍ଜାତୀୟ ଉଡ଼ାଣ କଟକଣା

ନୂଆଦିଲ୍ଲୀ,୨୩। ୩



ଦେଶରେ ବର୍ତ୍ତମାନ କୋଭିଡ-୧୯ର ଦ୍ୱିତୀୟ ଲହରର ପ୍ରଭାବ ବ୍ୟାପକ ହେବା ନେଇ ଆଶଙ୍କା କରାଯାଉଛି। ଭାରତରେ ଦୈନିକ ସଂକ୍ରମଣ ହାର ବୃଦ୍ଧିକୁ ନଜରରେ ରଖି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ମଙ୍ଗଳବାର ଅନ୍ତର୍ଜାତୀୟ ବିମାନ ଉଡାଣ ଉପରେ କଟକଣା ଜାରି କରିଛନ୍ତି। ଏହା ପୂର୍ବରୁ ରହିଥିବା କଟକଣାକୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ବଢ଼ାଯାଇଥିବା ସୂଚନା ମିଳିଛି।

ଡିଜିସିଏ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ ଅନ୍ତର୍ଜାତୀୟ ବିମାନ ଚଳାଚଳ ଉପରେ କଟକଣା ଲାଗୁ ହୋଇଛି। ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରହିଥିଲେ ମଧ୍ୟ ସ୍ୱତନ୍ତ୍ର ବିମାନ ଚଳାଚଳକୁ ମଞ୍ଜୁରୀ ଦେବା ଏବଂ ପରିବହନ ବିମାନ ଚଳାଚଳରେ ସେପରି କୌଣସି ସମସ୍ୟା ନାହିଁ ବୋଲି ଡିଜିସିଏ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି।

ମଙ୍ଗଳବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏପ୍ରିଲ ମାସ ପାଇଁ ଗାଇଡଲାଇନ ଜାରି ହେବାର କିଛି ସମୟ ପରେ ଡିଜିସିଏ ପକ୍ଷରୁ ଏଭଳି ନିର୍ଦ୍ଦେଶ ଆସିଛି। କରୋନା ମହାମାରୀ ଯୋଗୁ ଗତ ବର୍ଷ ମାର୍ଚ୍ଚ ୨୩ରୁ ଦେଶରେ ଅନ୍ତର୍ଜାତୀୟ ଯାତ୍ରୀ ସେବାକୁ ସ୍ଥଗିତ ରଖାଯାଇଥିଲା। କେବଳ ସରକାରଙ୍କ ‘ବନ୍ଦେ ଭାରତ ମିଶନ’ ଏବଂ ଦ୍ୱିପାକ୍ଷିକ ‘ଏୟାର ବବଲ୍’ ଅଧୀନରେ ଜୁଲାଇରୁ କିଛି ସ୍ୱତନ୍ତ୍ର ଅନ୍ତର୍ଜାତୀୟ ବିମାନ ସେବା ଜାରି ରହିଛି। ବର୍ତ୍ତମାନ ୨୪ ଟି ଦେଶ ସହ ଏୟାର ବବଲ ବୁଝାମଣା ଜରିଆରେ ବିମାନ ଚଳାଚଳ କରୁଛି ବୋଲି ଜଣାପଡିଛି।

# ୫ ମାସ ହେବ ଜିଏସ୍‌ଟି ସଂଗ୍ରହ ଲକ୍ଷେ କୋଟି ଟପୁଛି

ନୂଆଦିଲ୍ଲୀ,୨୩।୩

ବର୍ତ୍ତମାନ ଦେଶରେ ଅର୍ଥନୈତିକ କାର୍ଯ୍ୟକଳାପ ବଢୁଥିବା ଯୋଗୁ ଲଗାତାର ୫ ମାସ ହେବ ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟଙ୍କା ଟପୁଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। କରୋନା ପ୍ରଭାବିତ ଅର୍ଥ ବ୍ୟବସ୍ଥାକୁ ଟ୍ରାକକୁ ଫେରାଇ ଆଣିବା ଦିଗରେ ସରକାର ଉଦ୍ୟମ ଜାରି ରଖିଛନ୍ତି। ଏହାର ସୁପ୍ରଭାବ ଅର୍ଥ ବ୍ୟବସ୍ଥାକୁ ମିଳୁଛି ବୋଲି ସେ ମତ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଜିଏସ୍‌ଟି ସଂଗ୍ରହ ବଢିଛି। ଯଦି ଇ-ୱେ ବିଲ୍ ଡାଟାକୁ ଦେଖିବା ତେବେ ଏ କ୍ଷେତ୍ରରେ ପରିବର୍ତ୍ତନ ଜଣାପଡିବ। ଅକ୍ଟୋବର ପରଠାରୁ ଜିଏସ୍‌ଟି ଆଦାୟ ବେଶ ଉନ୍ନତ ହେଉଛି। ସେହିଭଳି ଜିଡିପି ଭିଆକୃତିର ସୁଧାର ପରିଲକ୍ଷିତ ହେଉଛି। ଜୁନ ତ୍ରୈମାସରେ ଜିଡିପି ୨୪.୪% ହ୍ରାସ ହୋଇଥିଲା। ଲଗାତାର ୨ ତ୍ରୈମାସ ଧରି ଜିଡିପି ଖସିବା ପରେ ଡିସେମ୍ବର ତ୍ରୈମାସରେ ଏଥିରେ ଉନ୍ନତି ଆସି ୦.୪% ରହିଛି। କରୋନା ପ୍ରଭାବକୁ କମାଇବା ଲାଗି ସରକାର ଆତ୍ମ ନିର୍ଭର ଭାରତ ପ୍ୟାକେଜ, ଏମର୍ଜେନ୍ସି କ୍ରେଡିଟ ଲାଇନ ଏବଂ ଲୋନ ମୋରାଟୋରିୟମ ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଠାକୁର ସ୍ପଷ୍ଟ କରିଛନ୍ତି।

# ଆଲୋଚନା ପାଇଁ ପ୍ରସ୍ତୁତ ଅଛୁ: ସୀତାରାମନ

ନୂଆଦିଲ୍ଲୀ,୨୩।୩



## ପେଟ୍ରୋଲ, ଡିଜେଲରେ ଜିଏସ୍‌ଟି ପ୍ରସଙ୍ଗ

ପେଟ୍ରୋଲ ଏବଂ ଡିଜେଲକୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି ) ପରିସରକୁ ଆଣିବା ଲାଗି ପରିବର୍ତ୍ତୀ ଜିଏସ୍‌ଟି ପରିଷଦ ବୈଠକରେ ଆଲୋଚନା କରିବାକୁ କେନ୍ଦ୍ର ସରକାର ପ୍ରସ୍ତୁତ ଅଛନ୍ତି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର କହିଛନ୍ତି। ଲୋକ ସଭାରେ ଫାଇନାନ୍ସ ବିଲ୍ ୨୦୨୧ ଆଲୋଚନାକୁ ସମ୍ବୋଧିତ କରି ସୀତାରାମନ କହିଛନ୍ତି, ଇନ୍ଧନ ଉପରେ କେବଳ କେନ୍ଦ୍ର ସରକାର ଟିକସ ବସାଉନାହାନ୍ତି। ରାଜ୍ୟଗୁଡିକ ମଧ୍ୟ ଟିକସ ଲାଗୁ କରୁଛନ୍ତି। ଉଭୟ ପକ୍ଷ ଏ ଦିଗରେ ଏକ ନିଷ୍କର୍ଷ ବାହାର କରିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ତେଲ ଉପରେ ମହାରାଷ୍ଟ୍ର ସର୍ବାଧିକ ଟିକସ ଲାଗୁ କରୁଛି। କେଉଁ ରାଜ୍ୟ କମ୍ କେଉଁ ରାଜ୍ୟ ଅଧିକ ଟିକସ ବସାଉଛି ସେ ଉପରେ ମୁଁ ବେଶି କିଛି କହୁନାହିଁ। କେବଳ କେନ୍ଦ୍ର ସରକାର ହିଁ ଟିକସ ବସାଉଛନ୍ତି ତାହା କହିବା ଠିକ୍ ନୁହଁ। କେନ୍ଦ୍ର ଟିକସ ଲାଗୁ କଲାବେଳେ ରାଜ୍ୟ ମଧ୍ୟ ଏକ ଅଂଶ ପାଉଛନ୍ତି। ଟିକସ ସେସ୍ ନୁହେଁ ଯାହା ଉପରେ କେବଳ କେନ୍ଦ୍ରର ହିଁ ଭାଗ ରହିବ। ଆବଶ୍ୟକତା ଅନୁସାରେ ଆଗାମୀ ଜିଏସ୍‌ଟି ପରିଷଦ ବୈଠକରେ ଯଦି ତେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଇବା ଲାଗି ଆଲୋଚନା କରାଯାଏ ତେବେ ବହୁତ ଖୁସିର ବିଷୟ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। କେତେକ ରାଜ୍ୟରେ ପେଟ୍ରୋଲ ୧୦୦ ଟଙ୍କା ଛୁଇଁଛି। ତେଲକୁ ଜିଏସ୍‌ଟି ପରିସରକୁ ଆଣିବା ଲାଗି ଚର୍ଚ୍ଚା ଜୋର ଧରିଛି।


GOVT. OF ODISHA
OFFICE OF THE SUPERINTENDING ENGINEER
NORTH EASTERN RURAL WORKS CIRCLE, KEONJHAR
Tel. 06766-258301 (O), Mail Id; se_nerwkjr@rediffmail.com
Identification No.PMGSY Online NCB No.296
No.O-1278:-
No.1276/ Date: 19.03.2021

1. Name of the work : Construction of Road & CD works under PMGSY Programme.
2. Total No. of packages : 04 Nos. individual packages
3. Estimated cost of individual packages: Varies from Rs.149.51 lakhs to Rs.751.15 lakhs
4. Period of completion : 12 calendar months for works above Rs.5.00 Cr., 11 calendar months for works below Rs.5.00 Cr. upto Rs.3.00 Cr. and 09 calendar months for works below Rs.3.00 Cr. as specified in DTCN.
5. Other details :

| Procurement Officer | Bid Identification No. | No. of Packages | Availability of tender online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, North Eastern Rural Works Circle, Keonjhar | PMGSY Online NCB No.296 | 04 Nos. | 26.03.2021 at 11.00 A.M. | 09.04.2021 upto 5.00 P.M. |

Further details can be seen from the website: www.pmgsytenders.gov.in
Sd./- P.K. Mishra, Superintending Engineer, N.E.R.W. Circle, Keonjhar
OIPR-25048/11/0024/2021



अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in
File No. : AIIMS/BBSR/Engg./ 592/ NIT-030 / 2020-21 Dated : 23th Mar 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Provision of Modular Nursing station and Aluminium partition work in pediatric ward and central pharmacy in AIIMS, Bhubaneswar.** *(NIT No. : AIIMS/BBSR/Engg./ 030 /2020-21).* The detailed Tender Document along with Last Date & Time of Submission of Tender can be viewed & downloaded from the website www.aiimsbhubaneswar.nic.in, www.tenderwizard.com/ AIIMSBBSR & CPP Portal www.eprocure.gov.in.
Sd/-
Executive Engineer(Civil) I/C
AIIMS, Bhubaneswar



DISTRICT OFFICE, SUBARNAPUR
(ST & SC DEVELOPMENT SECTION)
SHORT TENDER CALL NOTICE
No.469, Dt.23.03.2021
Sealed tenders in plain papers are invited from the intending registered Authorized Dealers, Co-operative Societies or Suppliers for supply of School Uniforms to students from Class IX to XII of Govt. (SSD) Higher Secondary School, Charbhata under ST & SC Development Department of Subarnapur District for the year 2020-21. The details specification of above items as well as terms and conditions can be downloaded from the official website of Subarnapur District i.e. www.subarnapur.nic.in.
Sd./- Collector, Subarnapur



ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨
ସଂଖ୍ୟା ୪୫୭୫/IND-II-PH-848 ତାରିଖ ୨୨।୦୩।୨୦୨୧
CAD-1615
ବିଜ୍ଞାପନ
ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଓଡ଼ିଶା ମାଇନିଙ୍ଗ କର୍ପୋରେସନ୍ ଲିମିଟେଡ ଓଡ଼ିଶାର କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଡୁବୁନା ଏବଂ ସାକ୍ରାଡିହି ଗ୍ରାମରେ ୧୩୩୨.୦୧୯ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଅବସ୍ଥିତ ଡୁବୁନା ସାକ୍ରାଡିହି ଲୌହ ଏବଂ ମାଙ୍ଗାନିଜ୍ ଖଣିରୁ ବାର୍ଷିକ ୩.୦ ନିୟୁତ ଟନ୍ ଲୌହ ଏବଂ ବାର୍ଷିକ ୦.୦୫ ନିୟୁତ ଟନ୍ ମାଙ୍ଗାନିଜ୍ ଉତ୍ପାଦନ କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ ‘ସର୍ବସାଧାରଣ ଶୁଣାଣୀ’ ତା୧୫।୦୩।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ପୁରୁଣାଢ଼ିହି ଗ୍ରାମରେ ଖାତା ନଂ. ୯୦ (ରକ୍ଷିତ) ଅନ୍ତର୍ଗତ ପ୍ଲଟ ନଂ. ୧୧/୬୪୩ ଠାରେ ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦ ପତ୍ର ଯଥା- "The New Indian Express" ଏବଂ ‘ଧରିତ୍ରୀ’ରେ ତା୧୦।୦୨।୨୦୨୧ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା । କିନ୍ତୁ କେତେକ ଅନିବାର୍ଯ୍ୟ ପ୍ରଶାସନିକ କରାଣ ଯୋଗୁ ତା୧୫।୦୩।୨୦୨୧ରିଖ ଦିନ ହେବାକୁ ଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି ତା୨୪।୦୪।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ପୁରୁଣାଢ଼ିହି ଗ୍ରାମରେ ଖାତା ନଂ. ୯୦ (ରକ୍ଷିତ) ଅନ୍ତର୍ଗତ ପ୍ଲଟ ନଂ. ୧୧/୬୪୩ ଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।**
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୪।୦୪।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ପୁରୁଣାଢ଼ିହି ଗ୍ରାମରେ ଖାତା ନଂ. ୯୦ (ରକ୍ଷିତ) ଅନ୍ତର୍ଗତ ପ୍ଲଟ ନଂ. ୧୧/୬୪୩ ଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୧୪।୦୯।୨୦୨୦ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କେନ୍ଦୁଝର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର** ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।
ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
OIPR-08012/11/0035/2021 ସ୍ୱା./-ସଦସ୍ୟ ସଚିବ



GOVERNMENT OF ODISHA
Panchayatiraj & Drinking Water Department
Office of the Panchayat Samiti, Kishorenagar
Email Id- ori-kishorenagar@nic.in
Invitation for Bids (IFB)
TENDER CALL NOTICE NO. KR-01/20-21
Block Development Officer, Kishorenagar on behalf of Govt. of Odisha, invites purchase bids for construction of GP Building, Oskapali & Construction of labour room at Boinda PHC at Nunukapasi.
The sale of bid documents starts from dt.23.03.2021 to dt.12.04.2021 during office hour i.e. (10.30 A.M. to 5 P.M.) in the Office of the Block Development Office, Kishorenagar. The bid document may also be downloaded from website www.angul.nic.in during this period.
For other details of term and conditions please visit the website www.angul.nic.in
Block Development Officer, Kishorenagar



ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୯୮ ତା: ୧୬।୩।୨୧
ବିଜ୍ଞାପନ
No. CAD-1627: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କପିଳପ୍ରସାଦ, ଦ୍ୱିତୀୟ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏଲ୍.ବି.-୬୧ (LB-61)ଟିକୁ ଶ୍ରୀରାମ ନାରାୟଣ ମିଶ୍ର, ପି.- କାଶୀନାଥ ମିଶ୍ର, ସା/ପୋ.- ନୂଆସନ୍ଥ, ଥା: ନିମାପଡ଼ା, ଜି: ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀରାମ ନାରାୟଣ ମିଶ୍ର ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଅର୍ଚ୍ଚନା ମିଶ୍ର, ପି.- ରାମନାରାୟଣ ମିଶ୍ର, ସା- ଏମ୍-୧୪୦, ଅନନ୍ତ ବିହାର, ୨ୟ ପର୍ଯ୍ୟାୟ, ପୋ: ପୋଖରୀପୁଟ, ଥା: ଏୟାରଫିଲ୍ଡ, ଭୁବନେଶ୍ୱର, ଜି: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର (୧୫) ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0106/2021



OFFICE OF THE COLLECTOR & DISTRICT MAGISTRATE, KEONJHAR
DISTRICT PROJECT MANAGEMENT UNIT (DPMU), MDM
No.6846/ (DEO)/DPMU, Date 23.03.2021
OPEN TENDER CALL NOTICE
Sealed tenders are invited from the intending registered transport contractors/Agent having valid agent licence for engagement of transporting agent under Mid-Day-Meal programme for transporting of rice from FCI point to school point in Keonjhar district within maximum ceiling price of Rs.150/- (Rupees One hundred Fifty) only per quintal, as fixed by Govt. for the year 2021 - 22. The tederer shall apply for of the district as a whole. The tender paper for the above purposes containing the terms and conditions, cost of tender paper, E.M.D. and statutory requirement can be downloaded from the Dist. Website i.e. www.kendujhar.nic.in or available at DPMU (MDM), C/o District Education Officer, Keonjhar. The tender paper complete in all respect should reach the Office of the District Project Management Unit (DPMU), MDM, Keonjhar by 5.00 P.M. of 30.03.2021 through registered post / speed post only and the sealed tenders will be opened 31.03.2021 at 4.00 P.M. in the Mini Conference Hall of Collectorate, Keonjhar in presence of the members of the tender committee and the tenderers or his/her authorized representative. The tender received beyond the date and time mentioned above shall not be taken in to the consideration. The Collector, Keonjhar reserves the right to reject/ cancel/ withdraw any or all the tenders without assigning any reason thereof and shall bear no liability what so ever consequent upon such decision.
SD./- COLLECTOR, KEONJHAR



ସର୍ବସାଧାରଣଙ୍କ ପାଇଁ ସୂଚନା
No. A-707: ପ୍ରକଳ୍ପ ଯନ୍ତ୍ରୀ ଜାଇକା (ଜଳନିଷ୍କାସନ), କଟକ, ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛନ୍ତି ଯେ, କଟକ ନଗର ଲାଲବାଗ ଥାନା ଅନ୍ତର୍ଗତ ମା’ କଟକଚଣ୍ଡୀ ମନ୍ଦିର ପାଖ ଏମ୍‌ଡି-୧ ନାଳ ଉପରେ ଥିବା ପୁରୁଣା କଲଭର୍ଟ ଭଙ୍ଗାଯାଇ ୨ ଦଫାରେ ଅଧା ଅଧା ଭଙ୍ଗାଯାଇ କଲଭର୍ଟ ନୂଆ ତିଆରି କରାଯିବ। ଏହି କାର୍ଯ୍ୟ ଚାଲୁଥିବା ସମୟରେ କେବଳ ୨ଚକିଆ ଓ ୩ଚକିଆ ଯାନ ଏହି କଲଭର୍ଟ ଉପରେ ଯିବାପାଇଁ ଅନୁମତି ଦିଆଯିବ। କାମ ସମ୍ପୂର୍ଣ୍ଣ ହେଲାପରେ ଜନସାଧାରଣଙ୍କ ସମସ୍ତ ଯାନ ଏହା ଉପର ରାସ୍ତା ଯାତାୟାତ ପାଇଁ ଖୋଲାଯିବ। ଏହି କଲଭର୍ଟ କାମ ଆସନ୍ତା ୨୫।୦୩।୨୦୨୧ ତାରିଖରେ ଆରମ୍ଭ ହୋଇ ୨୫।୦୫।୨୦୨୧ ତାରିଖରେ ସରିବାର ଯୋଜନା ଅଛି। ସୁରକ୍ଷା ଦୃଷ୍ଟିରୁ ଜନସାଧାରଣଙ୍କର ୪ ଚକିଆ ଓ ତା’ଠାରୁ ଅଧିକ ଚକଥିବା ଗାଡ଼ି ଯାତାୟାତ ପାଇଁ ପରିବର୍ତ୍ତିତ ମାର୍ଗ ନିମ୍ନରେ ଉଲ୍ଲେଖ କରାଗଲା।
୧. ଚାନ୍ଦିନଚୌକ ମହମ୍ମଦିଆ ବଜାର, ଶେଖବଜାର ପଟୁ ଚଣ୍ଡିମନ୍ଦିର ଆଡ଼କୁ ଆସୁଥିବା ୪ ଚକିଆ ଓ ତା’ଠାରୁ ଅଧିକ ଚକର ଯାନ ଡଗରପଡ଼ା, ମହାନ୍ତିପଡ଼ା, ସେଲଟରଛକ, କନିକା ଛକ ଓ ଚଣ୍ଡିଛକ ହୋଇ ଆସିପାରିବେ। ସେହିପରି ଚଣ୍ଡିମନ୍ଦିର ପଟୁ ଚାନ୍ଦିନଚୌକ, ମହମ୍ମଦିଆ ବଜାର, ଶେଖବଜାର ଆଡ଼କୁ ଯିବାକୁ ଚାହୁଁଥିବା ୪ ଚକିଆ ଓ ତା’ଠାରୁ ଅଧିକ ଚକର ଯାନ ଚଣ୍ଡିଛକ, କନିକାଛକ, ସେଲଟର ଛକ, ମହାନ୍ତିପଡ଼ା, ଡଗରପଡ଼ା ହୋଇ ଯାଇପାରିବେ।
୨. ଖଟବିନ ସାହି, ସୂତାହାଟ ଓଡ଼ିଆବଜାର ପଟୁ ଚଣ୍ଡିମନ୍ଦିର ପଟକୁ ଯିବାକୁ ଚାହୁଁଥିବା ୪ ଚକିଆ ଓ ତା’ଠାରୁ ଅଧିକ ଚକର ଯାନ, ସୂତାହାଟ, ମିଶନରୋଡ ଦେଇ ଚଣ୍ଡିଛକ ଆଡ଼କୁ ଆସିପାରିବେ ଓ ସେହି ରାସ୍ତାରେ ଫେରିପାରିବେ।
ସୁରକ୍ଷା ଦୃଷ୍ଟିରୁ ଜନସାଧାରଣ ଉପରୋକ୍ତ ନିୟମମାନି ଯାତାୟାତ କରି ଉପରୋକ୍ତ କାମରେ ସହଯୋଗ କରିବାପାଇଁ ନିବେଦନ କରାଯାଉଅଛି।
ସ୍ୱା./- (ପ୍ରକଳ୍ପ ଯନ୍ତ୍ରୀ ଜାଇକା)
OIPR-13007/11/0006/2021



# ପୋଟଳ ଚାଷ ସମୟରେ...

**ପୋ**ଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖନ୍ତୁ। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ,ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।



# ଚାଷୀଙ୍କ ପାଇଁ...

➔ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡି ଓ ଡଙ୍ଗର ରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରି ଜଳସେଚନ କରନ୍ତୁ।



➔ନଳିତା ଏବେଠାରୁ ଆରମ୍ଭ କରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣାଯାଇପାରିବ। ଜେ.ଆର.ଓ -୫୨୪(ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ।

➔ସୂର୍ଯ୍ୟମୁଖୀ ଚାଷରେ କାଳିମୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

➔ଖରାଟିଆ ଗେଣ୍ଡୁଫୁଲ ଲାଗି ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଏଥିଲାଗି ଅଧିକ ଅମଳକ୍ଷମ କମଳା ରଙ୍ଗର ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡିକୁ ଧାଡି ୫ ସେ.ମି ବ୍ୟବଧାନରେ ବିହନକୁ ୧ ସେ.ମି ଗଭୀରରେ ବୁଣନ୍ତୁ।

➔ରାଶି ୨ରୁ ୩ ସପ୍ତାହର ହୋଇ ଯାଇଥିଲେ କୋଡାଖୁସା କରି ଘାସ ବାଛନ୍ତୁ। ଏକର ପ୍ରତି ୧ କିଗ୍ରା ୟୁରିଆ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ।





ଇଂ. ଚୌଧୁରୀ ଦେବବ୍ରତ ଦାଶ

# ସମନ୍ୱିତ କୃଷି

**ଏ**ହା ଏକ ଚିରାଚରିତ ଉକ୍ତି ଅଟେ ଯେ ଆମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଏହାର ଶତକଡ଼ା ୬୦ରୁ ୭୦ ଭାଗ ଲୋକ ଚାଷ ଉପରେ ନିର୍ଭରଶୀଳ। ଏହା ସତ୍ୟ ଯେ କୃଷି ବିହୁନେ ରାଜ୍ୟର ତଥା ରାଷ୍ଟ୍ରର ପ୍ରଗତି ସମ୍ଭବ ନୁହେଁ। ମାତ୍ର ଅନେକ ସମୟରେ ପ୍ରକୃତିର କଠୋରତା, ଜଳବାୟୁର ପରିବର୍ତ୍ତନ, ମାନବ ସମାଜର ରୁଚି ଓ ମାନସିକ ସ୍ତରରେ ପରିବର୍ତ୍ତନ ହିଁ କୃଷି ଉତ୍ପାଦନ କ୍ଷେତ୍ରରେ ବାଧକ ସାଜିଥାଏ। ଏପରି କି ଅଧୁନା ବିଶ୍ୱସ୍ତରରେ ଦୀର୍ଘ ଏକବର୍ଷ ହେଲା ମାନବ ସମାଜରେ କୋକୁଆ ଭୟ ସୃଷ୍ଟି କରିଥିବା ମହାମାରୀ 'କରୋନା' ସେମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି। ଆଶ୍ଚର୍ଯ୍ୟ ଏବଂ ଅଦ୍ଭୁତ ପରିସ୍ଥିତି ଦେଇ ମଣିଷ ସମାଜ ଗତି କରୁଅଛି। ମାନସିକ ସ୍ତରରେ ସମସ୍ତେ ଭାଙ୍ଗି ପଡ଼ିଛନ୍ତି। ଆର୍ଥିକ ସ୍ଥିତିରେ ଅବନତି ଘଟିଛି। ସମସ୍ତ କ୍ଷେତ୍ର ସହିତ ଚାଷ କ୍ଷେତ୍ରରେ ମଧ୍ୟ ଅନୁରୂପ ଛବି ପ୍ରତିଫଳିତ ହୋଇଛି। ତଥାପି ଚାଷୀଭାଇ ଓ ଭଉଣୀମାନେ ପରିସ୍ଥିତି ସହ ତାଳ ଦେଇ ଅଗ୍ରଗାମୀ ହେବା ଆବଶ୍ୟକ। ଆମେ ବହିରେ ପଢ଼ିଆସିଛୁ ଯେ ଆମ ରାଜ୍ୟରେ ଶତକଡ଼ା ୭୦ ଭାଗ ଚାଷୀ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଭାବେ ପରିଚିତ। ଦୈନନ୍ଦିନ ଜୀବନରେ ସେମାନେ ନିଜସ୍ୱ ଚାଷ ଜମିରେ ଚାଷ କରି ନିଜର ଏବଂ ତାଙ୍କ ପରିବାରର ଜୀବିକା ନିର୍ବାହ କରିଥାନ୍ତି। କିନ୍ତୁ ଅଧୁନା ପରିସ୍ଥିତି ସେମାନଙ୍କର ଜୀବନ ଓ ଜୀବିକାକୁ ଆହ୍ୱାନ କରିବା ସହ ପରିସ୍ଥିତିକୁ ଜଟିଳ କରିଦେଇଛି। ଚାଷୀ ଭାଇମାନେ ଏହି ଆହ୍ୱାନକୁ ଧୈର୍ଯ୍ୟର ସହ ମୁକାବିଲା କରି ପୁଣି ମୁଖ୍ୟସ୍ରୋତକୁ ଆଗେଇ ଆସିବା ଜରୁରୀ।

ସମୟ ଆସିଛି ଯାହାଦ୍ୱାରା ଉତ୍ପାଦନ ବୃଦ୍ଧି କରିବା, କୃଷିଜାତ ଦ୍ରବ୍ୟର ମୂଲ୍ୟ ଓ ମାନ ବୃଦ୍ଧି କରିବା, ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଏବଂ ରାଜ୍ୟରେ କୃଷି ଶିଳ୍ପକୁ ବୃଦ୍ଧି କରି ନିଜର ଆୟ ଦ୍ୱିଗୁଣିତ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ବହୁ ସମୟରେ କୁହାଯାଇଛି ଚାଷୀଭାଇମାନେ ସମନ୍ୱିତ କୃଷି ପଦ୍ଧତିକୁ ଆପଣେଇ ଏହାର ପ୍ରୟୋଗ କରିବା ଜରୁରୀ। କୃଷି ଉତ୍ପାଦନକୁ ଏକ କୃଷି ଶିଳ୍ପରେ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ଅଧୁନା କୃଷି କ୍ଷେତ୍ରରେ ଶ୍ରମିକଙ୍କ ଅଭାବ, ଆକସ୍ମିକ ଜଳବାୟୁର ପରିବର୍ତ୍ତନ, ପ୍ରାକୃତିକ ସମ୍ପଦର ଉପଯୁକ୍ତ ବିନିଯୋଗର ଅଭାବ, କୃଷି ପଦାର୍ଥ ମୂଲ୍ୟ ହ୍ରାସ ଇତ୍ୟାଦି ଅନେକ ନକାରାତ୍ମକ ପରିସ୍ଥିତି ସୃଷ୍ଟି କରିଥାଏ। ସମନ୍ୱିତ କୃଷି ପଦ୍ଧତି ଆଜିର ନୂତନ ବିଷୟ ନୁହେଁ, ଏହା ଚାଷ କ୍ଷେତ୍ରରେ ଏକ ବିକଳ୍ପ ମାଧ୍ୟମ ; ଯାହାଦ୍ୱାରା ସବୁ ବର୍ଗର ଚାଷୀଭାଇ ଭଉଣୀମାନେ କଠୋର ଉଦ୍ୟମ ବଳରେ ନିଜର ଆୟକୁ ଦ୍ୱିଗୁଣିତ କରିପାରିବେ। ଏହି ପଦ୍ଧତିର ଛାୟା ତଳେ ଏକ ମିଶ୍ର କାର୍ଯ୍ୟକ୍ରମ କରାଯାଇପାରେ। କୃଷି ପଦ୍ଧତିକୁ ଏକ ଉପଯୁକ୍ତ ପଦ୍ଧତିରେ ଶସ୍ୟ ଉତ୍ପାଦନ, ଗୋପାଳନ, ମତ୍ସ୍ୟଚାଷ, କୁକୁଡ଼ା ଓ ବତକ ପାଳନ, ଜୈବିକ ସାର ଉତ୍ପାଦନ ତଥା କୃଷି ଜଙ୍ଗଲ ବିକାଶ ସହ ସମସ୍ତ ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ସୃଷ୍ଟ ନକାରାତ୍ମକ ପରିସ୍ଥିତି ଯଥା- ଜଳବାୟୁ ପରିବର୍ତ୍ତନ, ମହାମାରୀ, ରୋଗପୋକକୁ ସମ୍ମୁଖୀନ ହୋଇ ମୁକାବିଲା କରିବା ଆବଶ୍ୟକ।

> "ସମନ୍ୱିତ କୃଷି ପଦ୍ଧତି ଆଜିର ନୂତନ ବିଷୟ ନୁହେଁ, ଏହା ଚାଷ କ୍ଷେତ୍ରରେ ଏକ ବିକଳ୍ପ ମାଧ୍ୟମ; ଯାହାଦ୍ୱାରା ସବୁ ବର୍ଗର ଚାଷୀଭାଇ ଭଉଣୀମାନେ କଠୋର ଉଦ୍ୟମ ବଳରେ ନିଜର ଆୟକୁ ଦ୍ୱିଗୁଣିତ କରିପାରିବେ।"

ଆଜିର ପରିସ୍ଥିତିରେ ଚାଷକୁ ଏକ ଶିଳ୍ପ ରୂପେ ମାନ୍ୟତା ଦେବା ସହ ଚାଷୀଭାଇ ଭଉଣୀମାନେ ରୋଜଗାରକ୍ଷମ ହେବେ, ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେଇପାରିବେ ଓ ଉତ୍ପାଦନ ବୃଦ୍ଧି କରି ଆୟକୁ ଦ୍ୱିଗୁଣିତ କରିବା ଜରୁରୀ ଅଟେ। ସେଥିପାଇଁ ରାଜ୍ୟ ସରକାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଚାଷୀ ତଥା ଶିଳ୍ପ ଉଦ୍ୟୋଗୀମାନେ ବିଭିନ୍ନ ପ୍ରକଳ୍ପ କରିପାରିବେ। କୃଷି ଉତ୍ପାଦନ ସହ ଏହାର ପ୍ରକ୍ରିୟାକରଣ, ଉପଯୁକ୍ତ ବିପଣନ, ଅଞ୍ଚଳ ଅନୁଯାୟୀ ଉପଭୋକ୍ତାଙ୍କ ଚାହିଦା ଦ୍ୱାରା ଆୟ ବୃଦ୍ଧି କରିହେବ। ସମନ୍ୱିତ କୃଷି ପଦ୍ଧତି ଏକ ବିକଳ୍ପ ଯାହାଦ୍ୱାରା ଉତ୍ପାଦନର ଲାଭ କ୍ଷତିକୁ ଠିକ୍ ରୂପେ ପରିଚାଳନା କରାଯାଇପାରିବ।

ମୁଖ୍ୟମନ୍ତ୍ରୀ କୃଷିଉଦ୍ୟୋଗ ଯୋଜନା(ଏମ୍.କେ.ୟୁ.ୱାଇ)ରେ ଅନେକଗୁଡ଼ିଏ ପ୍ରକଳ୍ପ କରିବାର ସୁଯୋଗ ଅଛି। ଏହି ଯୋଜନାରେ କୃଷିଭିତ୍ତିକ କ୍ଷେତ୍ରରେ ୨୬ଟି ପ୍ରକଳ୍ପ, ଉଦ୍ୟାନ କୃଷି କ୍ଷେତ୍ରରେ ୨୫ଟି ପ୍ରକଳ୍ପ, ମତ୍ସ୍ୟବିଭାଗ ଭିତ୍ତିକ ୧୪ଟି ପ୍ରକଳ୍ପ, ପ୍ରାଣୀ ସମ୍ପଦ ବିକାଶ ଭିତ୍ତିକ ୧୨ଟି ପ୍ରକଳ୍ପ ଏବଂ ବିଭିନ୍ନ ଅନ୍ତର୍ବିଭାଗୀୟ ଭିତ୍ତିକ ୧୫ଟି ପ୍ରକଳ୍ପ ଅଛି। ଏଥିପାଇଁ ସରକାରୀ ସ୍ତରରେ ରିହାତି ବ୍ୟବସ୍ଥା ଅଛି। କୃଷି ଭିତ୍ତିକ ଉଦ୍ୟୋଗ ସ୍ଥାପନ ନିମନ୍ତେ ଉପଲବ୍ଧ ରିହାତି ଲାଗି ଏହା ଏକ ସରଳ, ସ୍ୱଚ୍ଛ, ସମୟାନୁମୋଦିତ ତଥା ସମ୍ପୂର୍ଣ୍ଣ ଅନ୍‌ଲାଇନ ପ୍ରକ୍ରିୟା। ଏଥିପାଇଁ ସାଧାରଣବର୍ଗର ପୁରୁଷ ଉଦ୍ୟୋଗୀମାନଙ୍କ ନିମନ୍ତେ ଜମି ମୂଲ୍ୟକୁ ଛାଡ଼ି ସ୍ଥାୟୀ ପୁଞ୍ଜିର ଶତକଡ଼ା ୪୦ ଭାଗ, ଅନୁସୂଚିତ ଜାତି/ଜନଜାତି, ମହିଳା ଉଦ୍ୟୋଗୀ/ ଶାରୀରିକ ଅକ୍ଷମ ବ୍ୟକ୍ତି/ କୃଷି ଓ ଆନୁଷଙ୍ଗିକ ବିଷୟରେ ସ୍ନାତକମାନଙ୍କ ପାଇଁ ଶତକଡ଼ା ୫୦ ଭାଗ ସ୍ଥାୟୀ ପୁଞ୍ଜି ରିହାତି ରହିଛି; ଯାହାର ସର୍ବୋଚ୍ଚ ସୀମା ୫୦ ଲକ୍ଷ । ତେଣୁ ଏହାର ସୁଯୋଗ ଚାଷୀ ଓ କୃଷି ଶିଳ୍ପ ଉଦ୍ୟୋଗୀମାନେ ନେଇ କୃଷି କ୍ଷେତ୍ରରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ରାଜ୍ୟର ବିକାଶ କରିବା ସହ, କୃଷିକୁ ଏକ ଲାଭଦାୟକ ଶିଳ୍ପ ହିସାବରେ ମାନ୍ୟତା ଦେଇପାରିବେ।

-ନିର୍ବାହୀ କୃଷିଯନ୍ତ୍ରୀ, ବଲାଙ୍ଗୀର
(କୃଷି ବିଭାଗ)
ମୋ: ୯୭୭୮୩୧୨୬୩୧





## ଆଖୁ ଲଗାଇବାର ୧୦୫ ଦିନ ପରେ...



**ଆ**ଖୁ ଫସଲ ଲଗାଇବାର ୧୦୫ ଦିନ ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା. ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ। ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ। ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ରଦ୍ୱାରା ନାଳୀଗୁଡିକୁ ଆଚ୍ଛାଦ କରନ୍ତୁ। ଏହି ଗ୍ରୀଷ୍ମ ଋତୁରେ ଜଳାଭାବରୁ ଫସଲକୁ ରକ୍ଷା କରିବା ସକାଶେ ଶତକଡା ୪ ଭାଗ (ଏକ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁ ପତ୍ରକୁ ଗଛରୁ ଛଡାଇ ଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ଦୁଇଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡିଯାଏ ନାହିଁ।

## ୪ ସପ୍ତାହର ଚିନାବାଦାମରେ ସାର ପ୍ରୟୋଗ



**ଆ**ଗରୁ ଲଗାଯାଇଥିବା ଚିନାବାଦାମ ୪ ସପ୍ତାହର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ ଏବଂ ତା' ପରେ ଏକର ପ୍ରତି ୧୦୦ କିଗ୍ରା ଜିପ୍‌ସମ୍ ଛାଟନ୍ତୁ। ଯଦି ଗଛ ଧାଡିର ପାର୍ଶ୍ୱରେ ଲାଇନ୍ କରି ପକାଯାଏ, ଏକର ପ୍ରତି କେବଳ ୫୦ କିଗ୍ରା ଜିପ୍‌ସମ୍ ଆବଶ୍ୟକ ହୋଇଥାଏ। ଫସ୍‌ଫରସ୍ ସାରକୁ ଆମୋନିୟମ୍ ସଲ୍‌ଫେଟ୍ କିମ୍ବା ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରିଥିଲେ ଜିପ୍‌ସମ୍‌ର ଆବଶ୍ୟକତା ପଡେ ନାହିଁ। ଜମିର ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ। ରବି, ଚିନାବାଦାମ ଲାଗି ଜମି ପ୍ରସ୍ତୁତ କରନ୍ତୁ ଓ ଉନ୍ନତ କିସମ ଯଥା ଏକେ ୧୨ – ୨୪, ସ୍ମୃତି କିମ୍ବା ଜେ.ଏଲ୍ – ୨୪ ଆଦି ବ୍ୟବହାର କରନ୍ତୁ।

# ମୂଷା ଦାଉରୁ ଭଣ୍ଡାର ଘର ସୁରକ୍ଷା





ପ୍ରତ୍ୟୁଷ ପଣ୍ଡା

**ଆ**ଧୁନିକ ପ୍ରଣାଳୀରେ ଚାଷ କରି ଅଧିକରୁ ଅଧିକ ଶସ୍ୟ ଉତ୍ପାଦନ କରି ଦେଶକୁ ଗୌରବମୟ ଏବଂ ସ୍ୱାବଲମ୍ବନଶୀଳ କରିବା ଯେତେ ସହଜରେ ପରିଣତ ହୋଇଛି ସେହି ପରିମାଣର ଖାଦ୍ୟଶସ୍ୟକୁ ସାଇତିରଖିବା ଅତ୍ୟନ୍ତ କଷ୍ଟସାଧ୍ୟ। କାରଣ ସାଇତିବା ଅବସ୍ଥାରେ ମୂଷା, ବିଭିନ୍ନ ପ୍ରକାର କୀଟପତଙ୍ଗ, ପକ୍ଷୀ ଓ ଅଣୁଜୀବମାନେ ଏସବୁ ଶସ୍ୟକୁ ଆକ୍ରମଣ କରି ଅନେକ କ୍ଷତି ଘଟାଇଥାନ୍ତି, ଭଣ୍ଡାର ଘର ମୂଷା ଆମର ପ୍ରଧାନ ଶତ୍ରୁ, ସାଇତା ଶସ୍ୟରେ ହେଉଥିବା ସମୁଦାୟ ୧୦ ଶତାଂଶ କ୍ଷତିରୁ କେବଳ ମୂଷା ଦ୍ୱାରା ୨.୫ ଶତାଂଶ କ୍ଷତି ହୋଇଥାଏ। ହଳେ ମୂଷା ବର୍ଷକରେ ୨୬ କି.ଗ୍ରା. ଖାଦ୍ୟଶସ୍ୟ ଖାଇବା ସଙ୍ଗେ ସଙ୍ଗେ ତା'ର ୧୦ଗୁଣ ଶସ୍ୟ ନଷ୍ଟ କରିଥାନ୍ତି।ରୁ ମୂଷାଙ୍କର ବାସସ୍ଥାନକୁ ନେଇ ୪ଟି ଶ୍ରେଣୀରେ ବିଭକ୍ତ କରାଯାଇଛି, ଯଥା ଘର ମୂଷା, ବାଡ଼ିମୂଷା, ବିଲମୂଷା ଓ ବଣୁଆମୂଷା। ମୂଷା ଥରକୁ ୮/୧୦ଟି ହିସାବରେ ବର୍ଷକ ଭିତରେ ହାରାହାରି ୭ଥର ଛୁଆ ଜନ୍ମ କରେ ଓ ମାଈଛୁଆ ୩/୪ ମାସର ହେଲେ ଗର୍ଭ ଧାରଣ କରିଥାଏ। ହେଲେ ମୂଷା ବଢ଼ି ବର୍ଷକୁ ୮୦୦ ଓ ୩ ବର୍ଷକୁ ୩୫ କୋଟିରେ ପରିଣତ ହୁଅନ୍ତି।

**ମୂଷା ନିୟନ୍ତ୍ରଣ ପାଇଁ କିଭଳି କରିବେ ଅମାର ଘରର ବ୍ୟବସ୍ଥା :** ଖାଦ୍ୟଶସ୍ୟ ଘର ଭିତରେ ଖୋଲା ନ ରଖି ଅମାର କିମ୍ବା କୋଠି ଭିତରେ ବନ୍ଦ କରି ରଖନ୍ତୁ। ଅମାରର କାନ୍ଥ ଚଟାଣ ଓ ଛାତ ସିମେଣ୍ଟରେ ମଜଭୁତ କରି ତିଆରି କରନ୍ତୁ। ଏହି ଘର ତିଆରି କଲାବେଳେ ଅନ୍ତତଃ କଂକ୍ରିଟ୍ ମେଜିଆ ୨ ଫୁଟ ଉଠିବା ସହ ଝରକା ଅନ୍ତତଃ ୩ଫୁଟ୍ ଉଚ୍ଚରେ ରହିବା ଦରକାର। ମୂଷା ଅତି ଛୋଟ ବାଟ ଦେଇ ଯିବାଆସିବା କରୁଥିବାରୁ କବାଟ ଓ ଝରକା ବନ୍ଦବେଳେ ସମ୍ପୂର୍ଣ୍ଣ ନିବୁଜ ରହିବା ଜରୁରୀ। ଅମାର ଘରର କବାଟ ଓ ଝରକାକୁ ଲାଗି କୌଣସି ଗଛ କିମ୍ବା କାଠ ରହିବା ଉଚିତ ନୁହେଁ। ଏହାର ଚତୁଃପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନ ରହିବା ଆବଶ୍ୟକ।

**ମୂଷା ଧରିବା ପାଇଁ ବ୍ୟବହାର ହେଉଥିବା ଯନ୍ତା :** ମୂଷା ଧରିବା ପାଇଁ ବ୍ୟବହୃତ ଯନ୍ତାଗୁଡ଼ିକ ମଧ୍ୟରେ କାଠ ପଟାରେ ତିଆରି ଶସ୍ତା ଯନ୍ତା, ଘରଯନ୍ତା, କରତଦାନ୍ତି ଯନ୍ତା, ଅଣ୍ଟାଭଙ୍ଗା ଯନ୍ତା ଆଦି ପ୍ରଧାନ। ଏହାଛଡ଼ା ଆଶ୍ଚର୍ଯ୍ୟ ଯନ୍ତା ନାମକ ଏକ ଯନ୍ତା ବ୍ୟବହୃତ ହେଉଛି, ଯାହା ଗୋଟିଏ ରାତିରେ ୧୫-୧୬ଟି ମୂଷା ପଡ଼ିବାର ଦେଖାଯାଏ।

**ମୂଷା ବିକର୍ଷକ ଦ୍ରବ୍ୟର ବ୍ୟବହାର :** ପାଇରେଥ୍ରମ ଓ ରୋଟେନନ୍ ମିଶ୍ରିତ ଗୁଣ୍ଡ, ବେଞ୍ଜାଇକ୍ ଏସିଡ୍ ଇତ୍ୟାଦିକୁ ମୂଷା ବିକର୍ଷକ ରୂପେ ବ୍ୟବହାର କରାଯାଏ।

**ଧୂମକ ଦ୍ରବ୍ୟର ବ୍ୟବହାର :** ପ୍ରଥମେ ମୂଷା ରହୁଥିବା ଗାତକୁ ଚିହ୍ନଟ କରନ୍ତୁ, ଅନ୍ୟ ଗାତଗୁଡ଼ିକ କାଦୁଅରେ ବନ୍ଦ କରି ଦିଅନ୍ତୁ। ମୂଷା ଯିବା ଆସିବା ଗାତକୁ ୧୨ ଗ୍ରାମର ଏ ଫ୍ୟୁମିରେଟ୍ ଟାବ୍‌ଲେଟ୍ ଭରି କାଦୁଅରେ ବନ୍ଦ କରନ୍ତୁ। ଭିତରେ ଫସଫିନ୍ ଗ୍ୟାସ୍ ହୋଇ ମୂଷା ମରିଯାଏ।

> "ଖାଦ୍ୟଶସ୍ୟ ଘର ଭିତରେ ଖୋଲା ନ ରଖି ଅମାର କିମ୍ବା କୋଠି ଭିତରେ ବନ୍ଦ କରି ରଖନ୍ତୁ। ଅମାରର କାନ୍ଥ ଚଟାଣ ଓ ଛାତ ସିମେଣ୍ଟରେ ମଜଭୁତ କରି ତିଆରି କରନ୍ତୁ। ଏହି ଘର ତିଆରି କଲାବେଳେ ଅନ୍ତତଃ କଂକ୍ରିଟ୍ ମେଜିଆ ୨ ଫୁଟ ଉଠିବା ସହ ଝରକା ୩ଫୁଟ୍ ଉଚ୍ଚରେ ରହିବା ଆବଶ୍ୟକ।"

**ବିଷ ଥୋପର ପ୍ରୟୋଗ କିପରି କରିବେ :** ଜିଙ୍କସ ଫସ୍‌ଫାଇଡ୍ ବା କ୍ରୋମାଡ଼ିଓଲୋନ୍ ଇତ୍ୟାଦି ମୂଷାମରା ଔଷଧ ରୂପେ ବ୍ୟବହାର କରି ମୂଷା ମରାଯାଏ। ଜିଙ୍କ ଫସ୍‌ଫାଇଡକୁ ଅଟା ଓ ତେଲ ଏବଂ ଗୁଡ଼ ସହିତ ମିଶାଇ ଥୋପ ପ୍ରସ୍ତୁତ କରି ମୂଷା ଯିବାଆସିବା ବାଟରେ ରଖିଲେ ମୂଷା ଏହାକୁ ଖାଇ ମରେ। ଅପରପକ୍ଷରେ ବଜାରରେ ଉପଲବ୍ଧ ବ୍ରୋମାଡ଼ିଓଲୋନ କେକ୍ ଠାଏ ଠାଏ ରଖିଲେ ଏହାକୁ ମୂଷା ଖାଇ ମରିଥାଏ ।

-୩ୟ ବର୍ଷ କୃଷି ଛାତ୍ର
ମୋ: ୭୮୭୩୮୨୭୮୩୦



## ମାଛ ଯାଆଁଳ ଛାଡୁଥିଲେ...

**ପ୍ର**ଥମେ ଭଲ ତଥା ଉନ୍ନତ କିସମର ମାଛ ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡି ଦିଅନ୍ତୁ। ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କିଗ୍ରା ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ । ପୋଖରୀରେ ପଟୁମାଟି ମାଡିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବାପରେ ମାଛ ଯାଆଁଳ ଛାଡ଼ନ୍ତୁ।



# 'ମଧୁରତମ, ସ୍ମରଣୀୟ ବିଜୟ'



ମଙ୍ଗଳବାର ଇଂଲଣ୍ଡ ବିପକ୍ଷରେ ଅର୍ଦ୍ଧଶତକ ଅବସରରେ ବିରାଟ କୋହଲି।

**ପୁଣେ, ୨୩।୩(ପି.ଟି.)**

ମଙ୍ଗଳବାର ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୬୬ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ନିକଟ ଅତୀତରେ ଏହା ଭାରତ ପାଇଁ ଅନ୍ୟତମ ସ୍ମରଣୀୟ ବିଜୟ ବୋଲି ଅଧିନାୟକ ବିରାଟ କୋହଲି ଅଭିହିତ କରିଛନ୍ତି। ବିଜୟ ପାଇଁ ଏକାଧିକ ଖେଳାଳିଙ୍କ ଯୋଗଦାନ ରହିଥିଲେ ହେଁ ସେ ଶିଖର ଧାୱନଙ୍କୁ ସ୍ୱତନ୍ତ୍ରଭାବେ ପ୍ରଶଂସା କରିଛନ୍ତି। ଶତକରୁ ମାତ୍ର ୨ ରନ ପାଇଁ ବଞ୍ଚିତ ହୋଇଥିବା ଧାୱନ ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ସାଜିଥିଲେ। ୩୧୮ ରନ ଚେଜ୍ କରି ଇଂଲଣ୍ଡ ୧୫ ଓଭର ବେଳକୁ କୌଣସି ଉଇକେଟ ନ ହରାଇ ୧୩୫ ରନ ସଂଗ୍ରହ କରିଥିଲା। ମାତ୍ର ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରି ଇଂଲଣ୍ଡ ହାତରୁ ମ୍ୟାଚ ଛଡ଼ାଇ ଆଣିଥିଲେ। ପଦାର୍ପଣ ମ୍ୟାଚରେ ପ୍ରସିଦ୍ଧ କ୍ରିଷ୍ଣା ୫୪ ରନରେ ୪ ଉଇକେଟ ହାସଲ କରି ଭାରତୀୟ ରେକର୍ଡର ଅଧିକାରୀ ହୋଇଥିଲେ। ''ନିକଟ ଅତୀତରେ ଏହା ଆମ ପାଇଁ ଅନ୍ୟତମ ମଧୁରତମ ବିଜୟ। ବୋଲରମାନେ ଶୀଘ୍ର ୯ ଉଇକେଟ ହାସଲ କରିବା ଦ୍ୱାରା ଏହା ସମ୍ଭବ ହୋଇପାରିଲା। ସେମାନଙ୍କ ପାଇଁ ମୁଁ ଗର୍ବିତ'' ବୋଲି କୋହଲି କହିଛନ୍ତି। ଚମତ୍କାର ଆରମ୍ଭ କରିଥିଲେ ହେଁ ଇଂଲଣ୍ଡ ୨୫୧ ରନରେ ଅଲଆଉଟ ହୋଇ ଯାଇଥିଲା।

ଏହି ମ୍ୟାଚରେ ଧାୱନଙ୍କ ବ୍ୟତୀତ ନିଜେ କୋହଲି, ଲୋକେଶ ରାହୁଲ ଓ କୃନାଲ ପାଣ୍ଡ୍ୟା ଚମତ୍କାର ବ୍ୟାଟିଂ କରିଥିଲେ। ରାହୁଲ ରନ ସ୍କୋରିଂ ଧାରାକୁ ଫେରିବା ବହୁତ ଭଲ କଥା। ଅତୀତରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ସମର୍ଥନ କରାଯିବା ଜରୁରୀ। ଏବେ ପ୍ରତି ସ୍ଥାନ ପାଇଁ ଦୁଇ ତିନି ଜଣ ଖେଳାଳି ରହିଛନ୍ତି। ଫଳରେ ଚୟନ ପାଇଁ ଖେଳାଳିଙ୍କ ଏକ ପୁଲ୍ ସବୁବେଳେ ଉପଲବ୍ଧ ରହୁଛି। ଧାୱନ ଖେଳୁ ନ ଥିବାବେଳେ ମଧ ତାଙ୍କ ବଡି ଲାଙ୍ଗୁଏଜ ବହୁତ ଭଲ ଥିଲା। ସେ ଅନେକ ସମୟରେ ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଛନ୍ତି। ଏହି ମ୍ୟାଚରେ ସେ ଶ୍ରେଷ୍ଠ ଖେଳାଳିର ହକ୍‌ଦାର ଥିଲେ। ଭାରତୀୟ ଇନିଂସର ସବୁଠାରୁ କଷ୍ଟସାଧ ପର୍ଯ୍ୟାୟରେ ସେ ବ୍ୟାଟିଂ କରି ୯୮ ରନ ସଂଗ୍ରହ କରିଥିଲେ। ତେଣୁ ସ୍କୋର ବୋର୍ଡରେ ଯାହା ଦୃଶ୍ୟମାନ ହେଉଛି ତା'ଠାରୁ ତାଙ୍କର ଏହି ଇନିଂସ ଅଧିକ ମୂଲ୍ୟବାନ ବୋଲି କୋହଲି କହିଛନ୍ତି।



ଦିନିକିଆ ଅନ୍ତର୍ଜାତୀୟ କ୍ୟାପ୍ ଗ୍ରହଣ କରିବା ପରେ କୃନାଲ ପାଣ୍ଡ୍ୟା ଓ ପ୍ରସିଦ୍ଧ କ୍ରିଷ୍ଣା।

## ପ୍ରସିଦ୍ଧ ହେଲେ କ୍ରିଷ୍ଣା

କର୍ନାଟକ ଯୁବ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ପଦାର୍ପଣ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ସେ ୮.୧ ଓଭର ବୋଲିଂ କରି ୫୪ ରନ ବ୍ୟୟ କରିବା ସହ ମୂଲ୍ୟବାନ ୪ ଉଇକେଟ ଅକ୍ତିଆର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ୨୫ ବର୍ଷୀୟ କ୍ରିଷ୍ଣା ଏଥିସହ ପ୍ରଥମ ଭାରତୀୟ ବୋଲର ଭାବେ ପଦାର୍ପଣରେ ୪ କିମ୍ବା ତା'ଠାରୁ ଅଧିକ ଉଇକେଟ ହାସଲ କରି ବିରଳ ସଫଳତା ଅର୍ଜନ କରି ରାତାରାତି ପ୍ରସିଦ୍ଧ ହୋଇଛନ୍ତି। ତେବେ ପ୍ରଥମ ୩ ଓଭର ବୋଲିଂ କରି ସେ ୩୭ ରନ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଦୁଇ ଓପନର ଜାସନ ରୟ ଓ ଜନି ବେୟାରଷ୍ଟୋ ଆରମ୍ଭରୁ ଆକ୍ରମଣ କରିଥିଲେ। ରୟଙ୍କୁ ଆଉଟ କରିବା ସହ ସେ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ଓ ଓପନିଂ ପାର୍ଟନରଶିପ୍‌କୁ ଭାଙ୍ଗିଥିଲେ।

ଆରମ୍ଭରୁ ବ୍ୟୟବହୁଳ ସାବ୍ୟସ୍ତ ହେବା କଥାକୁ ସେ ସ୍ୱୀକାର କରିଛନ୍ତି। ରୟଙ୍କୁ ଆଉଟ କରିବା ପରେ ନିୟମିତ ଭାବେ ଉଇକେଟ ଅକ୍ତିଆର କରିବାରେ ଆମେ ସଫଳ ହୋଇଥିଲୁ ବୋଲି କ୍ରିଷ୍ଣା କହିଛନ୍ତି। ନିଜର ପ୍ରଥମ ୩ ଓଭର ପରେ ଫୁଲ୍ ଲେନ୍ଥ ବୋଲିଂ ନ କରିବାକୁ ଚିନ୍ତା କରିଥିଲି। ଗୁଡ୍ ଲେନ୍ଥ ଏରିଆରେ ବଲ୍ ମାଡ କରିଥିଲି ଓ ଏହା କାମ ଦେଇଥିଲା। କିଛିଦିନ ତଳେ ଅନୁଷ୍ଠିତ ହୋଇଥିବା ଦେଶର ସର୍ବବୃହତ୍ ଦିନିକିଆ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫିରେ କ୍ରିଷ୍ଣା ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ୭ଟି ମ୍ୟାଚ୍ ଖେଳି ସେ ୨୪.୫ ରନ ହାରରେ ୧୪ଟି ଉଇକେଟ ହାସଲ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି କୋଲକାତା ନାଇଟ ରାଇଡର୍ସ (କେକେଆର) ତରଫରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳି ସଫଳ ହୋଇଛନ୍ତି। ଆଇପିଏଲ ମୋତେ ବହୁତ ସାହାଯ୍ୟ କରିଛି। ତେବେ ଦିନିକିଆରେ ପ୍ରଥମେ ବ୍ୟୟବହୁଳ ସାବ୍ୟସ୍ତ ହେବା ପରେ ପ୍ରତ୍ୟାବର୍ତ୍ତନ କରି ଉଇକେଟ ହାସଲ କରିବା ବଡ଼ କଥା ବୋଲି ସେ ମ୍ୟାଚ୍ ପରେ କହିଛନ୍ତି। ଗୁଡ୍ ଲେନ୍ଥ ଏରିଆରେ ବୋଲିଂ କରି ଟ୍ରାକ୍‌ରୁ ଅତିରିକ୍ତ ବାଉନ୍ସର ସୁବିଧା ମିଳିଥିଲା। ଆଗକୁ ବଡ଼ ବଡ଼ ପାର୍ଟନରଶିପ୍ ଭାଙ୍ଗିବାକୁ ସକ୍ଷମ ହୋଇପାରିବି ବୋଲି ଆଶାକରୁଛି। ଦଳ ମଧ ଏହା ଆବଶ୍ୟକ କରୁଛି ବୋଲି ୬ ଫୁଟ ଉଚ୍ଚତା ବିଶିଷ୍ଟ କ୍ରିଷ୍ଣା କହିଛନ୍ତି। ସେ ପଦାର୍ପଣ କରିବା ପୂର୍ବରୁ ଅଧିନାୟକ ବିରାଟ କୋହଲିଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ। କ୍ରିଷ୍ଣାଙ୍କ ପାଖରେ ସ୍ୱତନ୍ତ୍ର ପ୍ରତିଭା ରହିଛି ବୋଲି କୋହଲି କହିଥିଲେ।

# ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ସେମିରେ

**ଜାତୀୟ ଏକାଡେମୀ ମହିଳା ହକି**

**ଭୁବନେଶ୍ୱର, ୨୩।୩(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଏନ୍‌ଟିଏଚ୍) ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ହକି ଇଣ୍ଡିଆ ଜାତୀୟ ଏକାଡେମୀ ମହିଳା ହକି ଟୁର୍ନାମେଣ୍ଟର ଜୁନିୟର ବିଭାଗ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଏନ୍‌ଟିଏଚ୍ ୨-୧ ଗୋଲରେ ହର୍ ହକି ଏକାଡେମୀକୁ ହରାଇ ଦେଇଛି। ଓଡ଼ିଶା ଦଳ ପକ୍ଷରୁ ନିକିତା ଟପ୍ପୋ ୧ମ ଏବଂ କମଳା ସିଂ ୨୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ହର୍ ଏକାଡେମୀ ପକ୍ଷରୁ ତନୁ ୧୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏନଟିଏଚ୍ ସେମିଫାଇନାଲରେ ସାଇ ଏକାଡେମୀକୁ ଭେଟିବ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ସାଇ ୬-୨ ଗୋଲରେ ସାଲ୍ୟୁଟ ହକି ଏକାଡେମୀକୁ ପରାସ୍ତ କରିଥିଲା। ୨୫ ତାରିଖରେ ଏହି ସେମିଫାଇନାଲ ଅନୁଷ୍ଠିତ ହେବ। ଅନ୍ୟ ୨ଟି କ୍ୱାର୍ଟର ଫାଇନାଲରେ ଯଥାକ୍ରମେ ମଧ୍ୟପ୍ରଦେଶ ହକି ଏକାଡେମୀ ୧୫-୦ ଗୋଲରେ ଭାଇ ବେହଲୋ ହକି ଏକାଡେମୀ ଭାଗ୍‌ଲା ଏବଂ ଖାଲସା ହକି ଏକାଡେମୀ ୪-୧ ଗୋଲରେ ଜୟଭାରତ ହକି ଏକାଡେମୀକୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ତେଣୁ ମଧ୍ୟପ୍ରଦେଶ ଓ ଖାଲ୍‌ସା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ସେହି ୨୫ ତାରିଖରେ ଖେଳାଯିବ। ପ୍ରତିଯୋଗିତାର ଫାଇନାଲ ଓ ତୃତୀୟ ସ୍ଥାନ ପାଇଁ ମ୍ୟାଚ ୨୬ ତାରିଖରେ ଅନୁଷ୍ଠିତ ହେବ।

ପ୍ରକାଶ ଯୋଗ୍ୟ ଯେ, ଲିଗ୍ ପର୍ଯ୍ୟାୟରେ ଏନଟିଏଚ୍ ଓ ସାଇ ଏକାଡେମୀ ଚମତ୍କାର ପ୍ରଦର୍ଶନ କରିଛନ୍ତି। ୩ ଦଳ ବିଶିଷ୍ଟ ପୁଲ୍ 'ଏ'ରେ ଏନଟିଏଚ୍ ଖେଳିଥିବା ୨ଟି ଯାକ ମ୍ୟାଚ ଜିତି ୬ ପଏଣ୍ଟ ପାଇଥିଲା। ଦଳ ୨୮ଟି ଗୋଲ ଦେଇଥିବାବେଳେ ଗୋଟିଏ ହେଲେ ବରଣ କରି ନ ଥିଲା। ସେହିପରି ୪ ଦଳ ବିଶିଷ୍ଟ ପୁଲ୍ 'ଡି'ରେ ସାଇ ଏକାଡେମୀ ଖେଳିଥିବା ୩ଟି ଯାକ ମ୍ୟାଚ ଜିତି ୯ ପଏଣ୍ଟ ପାଇଥିଲା। ଏହି ଦଳ ୨୨ଟି ଗୋଲ ଦେଇଥିବାବେଳେ ଗୋଟିଏ ହେଲେ ବରଣ କରିନାହିଁ। ତେଣୁ ଏନଟିଏଚ୍ ଓ ସାଇ ମଧ୍ୟରେ ସେମିଫାଇନାଲ ତୀବ୍ର ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ମଧ୍ୟପ୍ରଦେଶ ଓ ଖାଲ୍‌ସା ହକି ଏକାଡେମୀ ମଧ ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହିଥିଲେ। ପ୍ରତିଯୋଗିତାର ସବ୍‌ଜୁନିୟର ବିଭାଗରେ ମଧ ଏନଟିଏଚ୍ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଦଳ ଦ୍ୱିତୀୟ ସେମିଫାଇନାଲରେ ରାଉଣ୍ଡଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀକୁ ଭେଟିବ। ପୁଲ୍ 'ବି'ରେ ଏନଟିଏଚ୍ ଖେଳିଥିବା ୪ଟି ଯାକ ମ୍ୟାଚ ଜିତି ୧୨ ପଏଣ୍ଟ ପାଇଥିଲା। ଏଥିରେ ମଧ ଦଳ ୨୯ଟି ଗୋଲ ଦେଇଥିବାବେଳେ ଗୋଟିଏ ହେଲେ ବରଣ କରି ନ ଥିଲା। ଅନ୍ୟପକ୍ଷରେ ରାଉଣ୍ଡଗ୍ଲାସ ୪ ମ୍ୟାଚରୁ ୩ ବିଜୟ ଓ ୧ ପରାଜୟ ସହ ୯ ପଏଣ୍ଟ ପାଇଥିଲା। ଏହି ବିଭାଗରେ ପ୍ରଥମ ସେମିଫାଇନାଲ ସାଇ ଏକାଡେମୀ ଓ ମଧ୍ୟପ୍ରଦେଶ ହକି ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେବ। ଏହାର ଫାଇନାଲ ୨୫ ତାରିଖରେ ଖେଳାଯିବ।

## ରାଜ୍ୟ ଖବର

### ଜଙ୍ଗଲରୁ ନିଖୋଜ ଯୁବତୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

**ଲକ୍ଷ୍ମୀପୁର, ୨୩।୩(ଡି.ଏନ.ଏ.):** କୋରାପୁଟ ଜିଲା କାକିରିଗୁମା ଥାନା ଗୌଡ଼ଗୁଡାର ନିଖୋଜ ଥିବା ଜଣେ ଯୁବତୀଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ମଙ୍ଗଳବାର ପୋଲିସ ଉଦ୍ଧାର କରିଛି। ଯୁବତୀ ଜଣକ ହେଲେ ଗ୍ରାମର କୁର୍ଭୁଜାନିଙ୍କ ଝିଅ ରଙ୍ଗ ଜାନି (୩୦)। ଜାନୁଆରୀ ୧୮ରେ ଜଣେ ଅଜଣା ବ୍ୟକ୍ତିଙ୍କ ନମ୍ବରରୁ ଫୋନ ଆସିଥିଲା। କିଛି ସମୟ ପରେ ଝିଅ ଘରୁ ବାହାରି କୁଆଡେ ଚାଲିଯାଇ ଆଉ ଫେରି ନ ଥିଲା। ପରିବାର ଲୋକେ ଖୋଜା ଖୋଜି କରି ପାଇ ନ ଥିଲେ। ନିଖୋଜର ତିନିମାସ ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ମଧ କରିନ ଥିଲେ। ମଙ୍ଗଳବାର ଗ୍ରାମର ଜଣେ ବ୍ୟକ୍ତି ଜଙ୍ଗଲରେ ଗାଈ ଚରାଉଥିବା ବେଳେ ଯୁବତୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥିବା ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। କାକିରିଗୁମା ପୋଲିସ ଏହା ଜାଣିବା ପରେ ମୃତଦେହ ଜବତ କରି ଏକ ମାମଲା(୩/୨୧) ରୁଜୁ କରିଛି। ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଉଲ୍ଲାସ କୁମାର ରାଉତ କହିଛନ୍ତି।

### ଝାମ୍ପିନେଲେ ଅଢ଼େଇଲକ୍ଷ ଟଙ୍କା

**ମୁନିଗୁଡ଼ା, ୨୩।୩ (ଡି.ଏନ୍.ଏ.):** ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ୍ ନିକଟରୁ ଦୁଇଜଣ ଅଜଣା ବ୍ୟକ୍ତି ଟଙ୍କା ବ୍ୟାଗ୍ ଝାମ୍ପି ନେଇଛନ୍ତି। ଦୁର୍ବୃତ୍ତଙ୍କ ପିଛା କରିବା ବେଳେ ଦୁର୍ଘଟଣା ଘଟିବାରୁ ମୁନିଗୁଡ଼ାର କ୍ଷେତ୍ର କୁମାର ଆହତ ହୋଇଛନ୍ତି। ପୋଲିସ ଏହାର ତଦନ୍ତ ଚଳାଇଛି। କ୍ଷେତ୍ର କୁମାର ପୁଅ ଦେବେନ୍ଦ୍ରଙ୍କ ସହ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ଥିବା ତାଙ୍କ ଜମାଖାତାରୁ ଅଢ଼େଇ ଲକ୍ଷ ଟଙ୍କା ଉଠାଇଥିଲେ। ଉକ୍ତ ଟଙ୍କାକୁ ଆଇସିଆଇସିଆଇ ବ୍ୟାଙ୍କରେ ଜମା କରିବା ପାଇଁ ଯାଉଥିବା ବେଳେ ପଛପଟୁ ଏକ କଳା ରଙ୍ଗର ପଲ୍‌ସର ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଆସି ତାଙ୍କ ହାତରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇଥିଲେ। କ୍ଷେତ୍ର ଓ ତାଙ୍କ ପୁଅ ନିଜ ବାଇକରେ ଦୁର୍ବୃତ୍ତଙ୍କ ପିଛା କରିଥିଲେ। ଏହି ସମୟରେ ହଠାତ୍ ଏକ ବୁଲା ଗୋରୁ ସାମ୍‌ନାକୁ ଆସିଯିବାରୁ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଉଭୟ ବାପା ପୁଅ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ଭିଜିଲାନ୍ସ ଜାଲରେ

### ଜଗତ୍‌ସିଂହପୁର ସଦର ଥାନା ଏସ୍‌ଆଇ

**ଜଗତସିଂହପୁର ଅଫିସ, ୨୩।୩:** ଲାଞ୍ଚ ନେବାବେଳେ କଟକ ଜିଲା ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି ଜଗତ୍‌ସିଂହପୁର ସଦର ଥାନା ଏସ୍‌ଆଇ ବିଶ୍ୱଜିତ୍ ଗଡ଼ନାୟକ। ତାଙ୍କୁ ଗିରଫ କରାଯିବା ପରେ ଜଗତସିଂହପୁର ଥାନାରେ ତଦନ୍ତ କରାଯାଉଛି। ମିଳିଥିବା ସୂଚନା ଅନୁସାରେ, କଟକସ୍ଥିତ ପୁରୁଣା କଚେରୀମାଳ ସାହିର ପ୍ରୀତମ ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କ କଟକରେ ଥିବା ଏକ ଫର୍ଣ୍ଣିଚର ଦୋକାନରେ ଜଗତସିଂହପୁର ବଡ଼ ଲହଙ୍ଗା ଗାଁର ସୁରେନ୍ଦ୍ର ବାରିକ ସେଲ୍ସ ମ୍ୟାନ ଭାବେ କାମ କରୁଥିଲେ। ସୁରେନ୍ଦ୍ର ଦୋକାନରୁ ବିଭିନ୍ନ ଉପାୟରେ ୧୮ ଲକ୍ଷ ଟଙ୍କା ଠକେଇ କରି ଫେରାର ହୋଇଯାଇଥିଲେ। ପରେ ଜଗତ୍‌ସିଂହପୁର ପୋଲିସ ହସ୍ତକ୍ଷେପ କରିବାରୁ ସୁରେନ୍ଦ୍ର ୬ଲକ୍ଷ ଟଙ୍କା ଫେରସ୍ତ କରିଥିଲେ। ମାତ୍ର ଅବଶିଷ୍ଟ ଟଙ୍କା ନ ଦେଇ ପ୍ରୀତମ୍‌ଙ୍କୁ ସେ ମାଡ଼ ମାରିଥିଲେ। ଏନେଇ ପ୍ରୀତମ୍ ଜଗତସିଂହପୁର ପୋଲିସର ଆଶ୍ରୟ ନେବା ସହ ଥାନାରେ ଏତଲା ଦେଇଥିଲେ। ଅବଶିଷ୍ଟ ଟଙ୍କା ଆଦାୟ କରିଦେବା ପାଇଁ ଏସ୍‌ଆଇ ଗଡ଼ନାୟକ ପ୍ରତିଶ୍ରୁତି ଦେବା ସହ ଏ ବାବଦରେ ପ୍ରୀତମଙ୍କଠାରୁ ୩ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ବିଷୟରେ ପ୍ରୀତମ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଏହାପରେ ଯୋଜନା ମୁତାବକ ଗଡ଼ନାୟକ୍ କଟକ-ମାଛଗାଁ ରାସ୍ତା କନ୍ଦରପୁର ବଜାରରେ ପହଞ୍ଚି ତାଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

### ମୁକୁନ୍ଦପୁରପାଟଣା ଜିଆର୍‌ଏସ୍

**କେନ୍ଦୁଝର/ ଘଟଗାଁ, ୨୩।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଘଟଗାଁ ବ୍ଲକ ମୁକୁନ୍ଦପୁରପାଟଣା ପଞ୍ଚାୟତ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍)ଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯାଗରେ ମଙ୍ଗଳବାର ସକାଳୁ ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଜିଆର୍‌ଏସ୍ ସୌଭାଗ୍ୟଲକ୍ଷ୍ମୀ ତ୍ରିପାଠୀଙ୍କ ଘର ସମେତ ଏକକାଳୀନ ୪ଟି ସ୍ଥାନରେ ଚଢ଼ାଉ କରିଥିବା ସୂଚନା ମିଳିଛି। ତାଙ୍କ ବାସଭବନ, ନୂତନ ଲଜ୍, କାର୍ଯ୍ୟାଳୟ ଓ ସମ୍ପର୍କୀୟଙ୍କ ଘରେ କେନ୍ଦୁଝର ଓ ବାଲେଶ୍ୱର ଭିଜିଲାନ୍ସ ବିଭାଗର ୪ଟି ଟିମ ଚଢାଉ ଜାରି ରଖିଛନ୍ତି। ଚଢ଼ାଉ ବେଳେ ପୈତୃକ ଘର ବ୍ୟତୀତ ଦୁଇଟି ଘର, ବୀମା, ସୁନା ଗହଣା, କାର, ଜମି, ବ୍ୟାଙ୍କ ଜମା, କ୍ୟାସ, ଆଦି ମିଶାଇ ସମୁଦାୟ ୨,୬୭,୭୫,୬୩୪ ଟଙ୍କାର ସମ୍ପତ୍ତି ଆକଳନ କରାଯାଇଥିବା ଇନ୍ସପେକ୍ଟର ହେମାମାଳିନୀ ନାୟକ ସୂଚନା ଦେଇଛନ୍ତି।

### ଏସ୍‌ଡିଭିଓ ଅଫିସ ସିନିୟର ଆସିଷ୍ଟାଣ୍ଟ ଗିରଫ

**ଭଞ୍ଜନଗର, ୨୩।୩ (ଡି.ଏନ.ଏ):** ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟର ସିନିୟର ଆସିଷ୍ଟାଣ୍ଟ ମାନସ ରଞ୍ଜନ ଦାସ ମଙ୍ଗଳବାର ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଛନ୍ତି। କାର୍ଯ୍ୟାଳୟର ଅବସରପ୍ରାପ୍ତ ଟେକ୍ନିସିଆନ ଜଗବନ୍ଧୁ ସେଠୀଙ୍କ ପେନ୍‌ସନ କାଗଜପତ୍ର କରିଦେବା ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି।

### କନ୍ଧମାଳ ଜିଲାପାଳ ଅଫିସ କିରାଣି

**ଫୁଲବାଣୀ ଅଫିସ, ୨୩।୩:** କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ଅଶୋକ ପଟ୍ଟନାୟକ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ପୁରୁଣା ପଟ୍ଟା ଦେବା ପାଇଁ ପୂର୍ବତନ ସେନାଧିକାରୀ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବିଳାସପୁର ଗ୍ରାମର ଲଳିତ କୁମାର ସାହୁଙ୍କଠାରୁ ୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ ଗିରଫ କରିଛନ୍ତି।


**ପୌର ପରିଷଦ, କୋରାପୁଟ**
**KORAPUT MUNICIPALITY**

No. 1117/2021 Date: 22.03.2021

**TENDER CALL NOTICE**

No. C-766:- Bid documents consisting of Cost of Tender paper, EMD, the set of terms and conditions of Auction of Daily Market, Weekly Market and New Hatta and Collection of Bus stand Parking fees and other necessary document can be seen in Official website i.e. www.koraputmunicipality.in.

| | | |
|---|---|---|
| 1. | Name of Specificaton | Auction of Daily Market, Weekly Market and New Hatta and Collection of Bus stand Parking fees. |
| 2. | Date & time of selling of tender paper | From 22.03.2021 upto 1.00 P.M. 30.03.2021 |
| 3. | Last date & time for receipt | 3.30 PM Hours 31.03.2021 |
| 4. | Bids received shall be opened on | 4.30 PM Hours 31.03.2021 |
| 5. | Name and address of the Officer inviting | Executive Officer, Koraput Municipality |
| 6. | Further details can be seen from the procurement portal | www.koraputmunicipality.in |

Sd./- Executive Officer,
Koraput Municipality

OIPR-13074/11/0010/2021

**OFFICE OF THE NOTIFIED AREA COUNCIL, BANKI**

No. 1130 **E-PROCUREMENT NOTICE** dt.22.03.2021

**Bid Identification No.: NAC-BAN-01/2020-21**

No. C-756:- The Executive Officer, Banki NAC invites percentage wise rate bids for execution of civil works as detailed in the DTCN from Govt. Registered Contractors having valid license. The bidders should submit bids as per their eligibility. **1. Total No. of work for which tender invited - 14 Nos.; 2. Place of execution- In Bank NAC area; 3. Estimated cost of individual work- Rs.95,000/- to Rs.19,99,625/-; 4. Eligible class of contractor - Govt. registered contractors as per OPWD code. 5. The Bid documents will be available in the website - from 11.00 AM on dt:-25.03.2021 upto 5 PM 09.04.2021 for online bidding. 6. The bid documents will be opened at 11.00 AM on dt:- 12.04.2021 AM. 7. The bidder has to participate in online bidding only.** Further details can be seen from the e-procurement portal **http://www.tendersorissa.gov.in**.

OIPR-13153/11/0002/2021 Sd./- **Executive Officer, Banki NAC**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୦୦ **ବିଜ୍ଞାପନ** ତା: ୧୮।୩।୨୧

No. CAD-1623: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର, ୭ମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏମ୍.ଆଇ.ଜି.-୭୨ (MIG-72)ଟିକୁ ଶ୍ରୀ ବକୁଳ ଚନ୍ଦ୍ର ଚୌଧୁରୀ, ପି.- ୰ଯୋଗେନ୍ଦ୍ର ଚନ୍ଦ୍ର ଚୌଧୁରୀ, ଭୁବନେଶ୍ୱର, ପୋ: ବୁଦ୍ଧେଶ୍ୱରୀ କଲୋନୀ, ଥା: ଲକ୍ଷ୍ମୀସାଗର, ଜି: ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବକୁଳ ଚନ୍ଦ୍ର ଚୌଧୁରୀ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ପ୍ରମିଳାବାଳା ବେହେରା, ସ୍ୱା: ଅନ୍ତର୍ଯ୍ୟାମୀ ବେହେରା, ସା: ପ୍ଲଟ ନଂ.- ୩୬୦, ତମଣା ସ୍କୋୟାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜି: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର (୧୫) ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0102/2021

**ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି**

ପତ୍ର ସଂଖ୍ୟା: ୫୧୧ ତାରିଖ: ୨୨।୦୩।୨୦୨୧

**ବିଜ୍ଞାପନ**

No. C-759: ଏତଦ୍ୱାରା କଣ୍ଟାବାଞ୍ଜି ସହରର ସମସ୍ତ ଜନସାଧାରଣ, ଦୋକାନୀ, ବ୍ୟବସାୟୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସାପ୍ତାହିକ ବଜାରରେ ଶୌଚାଳୟର ବାମପଟେ ଏବଂ ଡାହାଣ ପଟେ ଦୋକାନ ଗୃହଗୁଡ଼ିକର ସିଲଡ ଟେଣ୍ଡର ନିମନ୍ତେ ନିମ୍ନମତେ ଓ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଦୋକାନ ଗୃହ ପାଇବା ପାଇଁ ଭାଗ ନେଇପାରିବେ ଓ ନିର୍ଦ୍ଧାରିତ ଧାର୍ଯ୍ୟ ରାଶି ଦେଇ ଆବେଦନ କରିପାରିବେ। ଟେଣ୍ଡର କାଗଜାତ ପତ୍ରଗୁଡ଼ିକ District websiteରେ ଥିବା **www.balangir.nic.in**ରେ ଉପଲବ୍ଧ ଅଟେ। ଟେଣ୍ଡର ଆବେଦନ ପତ୍ରଗୁଡ଼ିକ ଟ.୧୦୦୦/– ମୂଲ୍ୟ ପଇଠ କରି କିମ୍ବା ଉକ୍ତ ସମାନ ରାଶିର ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ପଇଠ କରିପାରିବେ ଏବଂ ଫର୍ମ ପାଇପାରିବେ, ଯାହା ଅଣଫେରସ୍ତ ଅଟେ। ନିର୍ଦ୍ଧାରିତ ଧାର୍ଯ୍ୟ ଓ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟରେ ପୃଥକ ଭାବେ କୌଣସି ଜାତୀୟକରଣ ବ୍ୟାଙ୍କ ମାଧ୍ୟମରେ ଯାହା Executive Officer, NAC Kantabanjiଙ୍କ ନାମ ଅନୁସାରେ ସମସ୍ତ କାଗଜାତ ପତ୍ରଗୁଡ଼ିକ ସ୍ପିଡ ପୋଷ୍ଟ/ରେଜିଷ୍ଟର୍ଡ ପୋଷ୍ଟ/କୋରିୟର ସେବା ମାଧ୍ୟମରେ ଆବେଦନ ଫର୍ମରେ ସମସ୍ତ ତଥ୍ୟ ଉଲ୍ଲେଖ କରି ତା୦୬।୦୪।୨୦୨୧ ସମୟ ଅପରାହ୍ନ ୫ଘଣ୍ଟା ମଧ୍ୟରେ ଆବେଦନ କରିପାରିବେ (ଛୁଟି ଦିନ ବ୍ୟତୀତ)। ଏହି ଆବେଦନ ପତ୍ର ଗୁଡ଼ିକ ଏକ ଦୋକାନ ଗୃହ ପାଇଁ ଏକାଧିକ ଆବେଦନ ଆସିଥିଲେ Lottery ମାଧ୍ୟମରେ ଆବଣ୍ଟନ ତା୦୭।୦୪।୨୦୨୧ ସମୟରେ ପୂର୍ବାହ୍ନ ୧୧ ଘଣ୍ଟାରେ ଖୋଲାଯିବ। ଉକ୍ତ ବିଜ୍ଞାପନକୁ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଟେଣ୍ଡର ଆବଶ୍ୟକ ସ୍ଥଳେ ରଦ୍ଦ କରିପାରିବେ।

| | |
|---|---|
| ଟେଣ୍ଡର କାଗଜାତ ପତ୍ରର ପ୍ରାପ୍ତ ସମୟ | Dt.23.03.2021 to 06.04.2021 upto 5.00 P.M. |
| ଟେଣ୍ଡର ଖୋଲିବାର ତାରିଖ ଓ ସମୟ | 07.04.2021 11 A.M. |

ସାପ୍ତାହିକ ବଜାରଠାରେ ଥିବା ଶୌଚାଳୟର ଡାହାଣ ପାର୍ଶ୍ୱ

| ଷ୍ଟଲ କ୍ର.ନ. | ଦୋକାନ ଗୃହର ଆକାର | ଦୋକାନ ଗୃହର ସଂଖ୍ୟା | ଟେଣ୍ଡର ସର୍ବନିମ୍ନ ରାଶି | ଅମାନତ ରାଶି | ମାସିକ ଭଡ଼ା |
|---|---|---|---|---|---|
| ୨ | ୦୯–୦' x ୧୨'–୦ ପ୍ରଥମ ମହଲା | ୧ରୁ ୦୭ | ୧.୫ ଲକ୍ଷ | ୨୦,୦୦୦ | ୧୦୦୦ |

ସାପ୍ତାହିକ ବଜାରଠାରେ ଥିବା ଶୌଚାଳୟର ବାମ ପାର୍ଶ୍ୱ

| ଷ୍ଟଲ କ୍ର.ନ. | ଦୋକାନ ଗୃହର ଆକାର | ଦୋକାନ ଗୃହର ସଂଖ୍ୟା | ଟେଣ୍ଡର ସର୍ବନିମ୍ନ ରାଶି | ଅମାନତ ରାଶି | ମାସିକ ଭଡ଼ା |
|---|---|---|---|---|---|
| ୧ | ୦୯'–୦' x ୧୦'–୦' ଉପର ମହଲା | ୧ରୁ ୬ | ୧.୫ ଲକ୍ଷ | ୨୫,୦୦୦ | ୧୦୦୦ |

**ସର୍ତ୍ତାବଳୀ:**

୧. ଆବେଦନକାରୀ କିମ୍ବା ତାଙ୍କ ପରିବାର ଉପରେ ପରିଷଦର କୌଣସି ପାଉଣା ବକେୟା ନଥିବ।
୨. ଆବେଦନକାରୀ ବ୍ୟବସାୟିକ (ଟ୍ରେଡ) ଲାଇସେନ୍ସ ପ୍ରାପ୍ତ ହୋଇଥିବା କିମ୍ବା ଆବେଦନକରି ପ୍ରାପ୍ତ ହେବେ ଓ ତାଙ୍କ ନାମରେ ପୂର୍ବରୁ ପରିଷଦର କୌଣସି ଦୋକାନ ଗୃହ ନଥିବ।
୩. ପ୍ରତି ଦୋକାନ ଗୃହ ମାସିକ ଭଡ଼ାର ଦୁଇ ବର୍ଷରେ ୧୦% ବୃଦ୍ଧି କରାଯିବ।
୪. ନିଲାମ କୃତକାର୍ଯ୍ୟ ପରେ ୪୮ଘଣ୍ଟା ମଧ୍ୟରେ ତାଙ୍କ ଟେଣ୍ଡର ରାଶିର ସମ୍ପୂର୍ଣ୍ଣ ଧାର୍ଯ୍ୟ ରାଶି ପୈଠ କରିବେ।
୫. ଦୋକାନ ଗୃହ ହିତାଧିକାରୀ ଉକ୍ତ ଦୋକାନକୁ ନିର୍ଦ୍ଦେଶକ, ସହରାଞ୍ଚଳ ଅଧିକାରୀଙ୍କ ବିନା ଅନୁମତିରେ କାହାକୁ ଭଡ଼ାରେ ଦେଇ ପାରିବେ ନାହିଁ, ବିକ୍ରି କରିପାରିବେ ନାହିଁ, କୌଣସି ଅଂଶ ପ୍ରଦାନ କରିପାରିବେ ନାହିଁ, ଭାଗୀଦାରି ପ୍ରବେଶ କରିପାରିବେ ନାହିଁ।
୬. ଯଦି ଦୋକାନ ହିତାଧିକାରୀ ତାଙ୍କର ମାସିକ ଭଡ଼ା ତିନି ମାସ ଧରି ପ୍ରଦାନ କରି ନଥିବେ ତେବେ ଆବଶ୍ୟକ ନିୟମ ଅନୁସାରେ ତାଙ୍କୁ ଦୋକାନ ଗୃହରୁ ବଞ୍ଚିତ କରାଯିବ।
୭. ଲୋକାଲ କର୍ତ୍ତୃପକ୍ଷଙ୍କ କିମ୍ବା ସରକାରଙ୍କ ଦ୍ୱାରା ଯେଉଁ ଟିକସ/ଫିଜ/ବିଦ୍ୟୁତ ଶୁଳ୍କ ଧାର୍ଯ୍ୟ କରାଯିବ ସେ ତାହା ନିର୍ଦ୍ଦିଷ୍ଟ ସମୟ ଅନୁସାରେ ପ୍ରଦାନ କରିବେ।
୮. ଦୋକାନର ମାଲିକାନା ସ୍ୱତ୍ୱ ଦୁଇ ବର୍ଷ ପାଇଁ ଧାର୍ଯ୍ୟ କରାଯିବ। ଆବଶ୍ୟକ ସମୟରେ ଏହା ଏକ ବର୍ଷକୁ ମଧ ବୃଦ୍ଧି ହୋଇପାରେ।
୯. ଚୁକ୍ତିପତ୍ର ସମ୍ପାଦନ ନିମନ୍ତେ ହିତାଧିକାରୀ ଏଥିପାଇଁ ସମସ୍ତ ଖର୍ଚ୍ଚ ବହନ କରିବେ।
୧୦. ହିତାଧିକାରୀ କେଉଁ ବ୍ୟବସାୟ କରିବେ ତାହା ଆବେଦନ ଫର୍ମରେ ଉଲ୍ଲେଖ କରିବେ।
୧୧. ଅନ୍ୟ ସମସ୍ତ ସର୍ତ୍ତାବଳୀ ଚୁକ୍ତିପତ୍ରରେ ସମ୍ପାଦନ ନିମନ୍ତେ ବ୍ୟବସ୍ଥା ଗ୍ରହଣ କରାଯିବ।

ସ୍ୱା./– ନିର୍ବାହୀ ଅଧିକାରୀ, ଏନଏସି, କଣ୍ଟାବାଞ୍ଜି
OIPR-13111/11/0005/2021

ମଧ୍ୟାହ୍ନ ଭୋଜନ ଯୋଜନା
Mid Day Meal Scheme

**DISTRICT PROJECT MANAGEMENT UNIT**
MID-DAY-MEAL SCHEME
O/O. THE DISTRICT EDUCATION OFFICER, KORAPUT

**TENDER CALL NOTICE**

**No. 75/MDM** **Date: 22.03.2021**

No. n-44: Sealed tenders are invited in the prescribed forms from the intending Individuals/Company/Firm/Corporation having valid agent licence for transportation of food-stuff under MDM Feeding Programme of Koraput District during the year 2021-22. The tender papers shall be submitted to the OFFICE OF THE DISTRICT EDUCATION OFFICER, DISTRICT PROJECT MANAGEMENT UNIT, MDM PROGRAMME, KORAPUT from **22.03.2021 to 22.04.2021 4.00 P.M.** through Registered Post or Speed Post only and the same will be opened in the presence of the bidders or their authorized agents on **23.04.2021 at 11.00 A.M.** at District Project Management Unit by the District Tender Committee. The tender document received beyond the date and time mentioned above shall not be taken into consideration.

Notwithstanding anything else contained to the contrary in this tender document, the undersigned reserves every right to cancel/withdraw/modify fully or partially the invitation of Bids, or to reject one or more of the bids or cancel the entire tender process without assigning any reason thereof and shall bear no liability whatsoever consequents upon such a decision. The detailed terms and conditions may be downloaded from the District website **www.koraput.nic.in**.

**Sd./- Collector, Koraput**
**OIPR-27048/11/0001/2021**



ବଲିଉଡ୍ ଅଭିନେତ୍ରୀ କରୀନା କପୁର ତଥା ବେବୋ ଦ୍ୱିତୀୟ ଥର ମା' ହେବାର ମାସକ ପରେ ପୁଣି କାମକୁ ଫେରିଛନ୍ତି। ସେ ୨୧ ଫେବୃୟାରୀରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ଏହା ପରେ ସେ ଘରେ ରହି ପୁଅ ସହ ସମୟ ବିତାଉଥିଲେ। ବର୍ତ୍ତମାନ ବେବୋ ପୁଣି ଥରେ କାମକୁ ଫେରିଥିବା ବେଳେ ତାଙ୍କୁ ନେଇ ଚର୍ଚ୍ଚା ହୋଇଛି। କରୀନା ଏକ ଶୁଟିଂରୁ ବାହାରକୁ ଆସୁଥିବା ଦେଖିବାକୁ ମିଳିଛି। କରୀନାଙ୍କ ଏହି ଫଟୋ ପ୍ରଶଂସକଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେ ପୁଣିଥରେ ତାଙ୍କ ପୂର୍ବ ଅବସ୍ଥାକୁ ଫେରିଛନ୍ତି।

# ମୂଷା ପାଇଁ ମୁଣ୍ଡବ୍ୟଥା

**ଅଷ୍ଟ୍ରେଲିଆର ନ୍ୟୁ ସାଉଥ ୱେଲ୍ସ ଏବଂ ୟୁରୋପୀୟ ରାଷ୍ଟ୍ର ଫିନ୍‌ଲାଣ୍ଡ ଭଳି ଅତ୍ୟାଧୁନିକ ସହରରେ ଅଚାନକ ମୂଷାଙ୍କ ପ୍ରାଦୁର୍ଭାବ ସ୍ଥାନୀୟ ବାସିନ୍ଦାଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ପରିସ୍ଥିତି ଏତେ ଗମ୍ଭୀର ହେଲାଣି ଯେ ବ୍ୟବସାୟୀମାନେ ଦୋକାନ, ରେଷ୍ଟୁରାଣ୍ଟ ବନ୍ଦ କରି ହାତବାନ୍ଧି ବସିଛନ୍ତି। ଅଧିକାଂଶ ପ୍ରତିଷ୍ଠାନର କର୍ମଚାରୀ କାମଧନ୍ଦା ଛାଡ଼ି ଦିନରାତି ମୂଷା ଧରିବାରେ ବ୍ୟସ୍ତ ରହୁଛନ୍ତି। ଏଭଳି ମୂଷା ଆତଙ୍କକୁ ନେଇ ସ୍ଥାନୀୟ ପ୍ରଶାସନ ଚିନ୍ତାରେ ପଡ଼ିଯାଇଛି।**



**ନୂଆଦିଲ୍ଲୀ:** ଦ୍ୱୀପ ମହାଦେଶ ଅଷ୍ଟ୍ରେଲିଆ ଉପରେ ଗୋଟିଏ ପରେ ଗୋଟିଏ ବିପତ୍ତି ଘନେଇବାରେ ଲାଗିଛି। କରୋନା ମହାମାରୀ, ବନାଗ୍ନି ମହାଦେଶର ଅର୍ଥନୀତିକୁ ଦୋହଲାଇ ଦେଇଥିବାବେଳେ ଏବେ ମୂଷାଙ୍କ ପାଇଁ ନୂଆ ସମସ୍ୟା ଆରମ୍ଭ ହୋଇଛି। କୌଣସି କାରଣରୁ ଏଠାରେ ମୂଷା ସଂଖ୍ୟା ହଠାତ୍ ବଢ଼ିଯାଇଛି। ରାସ୍ତାଘାଟ, ଦୋକାନବଜାର, ବ୍ୟବସାୟିକ ପ୍ରତିଷ୍ଠାନ ଏପରିକି ଜନଗହଳିପୂର୍ଣ୍ଣ ସ୍ଥାନରେ ମୂଷାଙ୍କ ଉପଦ୍ରବ ଚିନ୍ତାର କାରଣ ପାଲଟିଛି। କରୋନା ଭୟ ଦୂର ହୋଇ ନ ଥିବାବେଳେ ମୂଷାଙ୍କ ପାଇଁ ପ୍ଲେଗ୍ ମହାମାରୀ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି।

ଅଷ୍ଟ୍ରେଲୀୟ ରାଜ୍ୟ ନ୍ୟୁ ସାଉଥ୍ ୱେଲ୍ସରେ ଲକ୍ଷାଧିକ ସଂଖ୍ୟାରେ ମୂଷା ଚଳପ୍ରଚଳ କରୁଛନ୍ତି। ଖେତ, ଡମ୍ପିଂୟାର୍ଡ, ଖାଲି ସ୍ଥାନରୁ ବାହାରି ସେମାନେ ଏବେ ଘରେ ପଶିଲେଣି। ସେମାନଙ୍କ ଉପଦ୍ରବରୁ ହସ୍ପିଟାଲ ମଧ୍ୟ ବାଦ୍ ପଡ଼ିନାହିଁ। ଏପରି କି ସର୍ବସାଧାରଣ ଯାନବାହନରେ ମଧ୍ୟ ମୂଷା ଆତଙ୍କ ଲାଗି ରହିଛି। ଘର ସଦସ୍ୟମାନେ କାମଧନ୍ଦା ଛାଡ଼ି ମୂଷା ଧରିବାରେ ଦିନ କାଟୁଛନ୍ତି। ସୋସିଆଲ ମିଡିଆରେ ଏ ସମ୍ପର୍କିତ ଭିଡିଓ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି।

## ଚାଇନା ଉପରେ ଦୋଷାରୋପ

ଯେତେବେଳେ ମୂଷା ପ୍ରାଦୁର୍ଭାବ କଥା ଉଠେ, ସେତେବେଳେ ଅଧିକାଂଶ ଦେଶ ଚାଇନା ମୁଣ୍ଡରେ ଦୋଷ ଲଦିଥାନ୍ତି। ବିଶେଷ କରି ୟୁରୋପୀୟ ଦେଶସମୂହ ଏଭଳି ଅସ୍ୱାଭାବିକ ସଙ୍କଟକୁ ଚାଇନାର ଦାନ ବୋଲି ଅଭିହିତ କରିଥାନ୍ତି। ଐତିହାସିକଙ୍କ ମତରେ ହାରାହାରି ୨ ହଜାର ବର୍ଷ ପୂର୍ବେ ଚାଇନାରୁ ବିଭିନ୍ନ ଦେଶରେ ମୂଷା ପହଞ୍ଚିଥିଲେ। ବାଣିଜ୍ୟ ବ୍ୟବସାୟରେ ବ୍ୟବହୃତ ଜାହାଜ ଦ୍ୱାରା ମୂଷାମାନେ ସ୍ଥାନାନ୍ତର ହୋଇଥିଲେ। ୧୩୪୭ରେ ଏହାର ପ୍ରମାଣ ମିଳିଥିଲା। ସେହି ବର୍ଷ ଚାଇନାରୁ ମାଲ ନେଇ ଇଟାଲୀ ଆସିଥିବା ୧୨ଟି ଜାହାଜରେ ମୂଷାଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ଏହାର କିଛି ଦିନ ପରେ ଇଟାଲୀରେ ଭୟଙ୍କର ପ୍ଲେଗ୍ ବ୍ୟାପିଥିଲା। ଜାହାଜରେ ଆସିଥିବା ପ୍ଲେଗ୍ ସଂକ୍ରମିତ ମୂଷାଙ୍କ ଲାଗି ୫ ବର୍ଷ ଭିତରେ ୨୦ ମିଲିୟନରୁ ଅଧିକ ଜୀବନ ଯାଇଥିଲା। ଘଟଣା ପରେ ଉକ୍ତ ଜାହାଜକୁ 'ଡେଥ୍ ଶିପ୍' ନାମରେ ନାମିତ କରାଯାଇଥିଲା। ଏଭଳି ମହାମାରୀ ବ୍ୟାପିବା ସତ୍ତ୍ୱେ ସେହି ସମୟରେ ଚାଇନାରୁ ମାଲ ପରିବହନ ଉପରେ କୌଣସି କଟକଣା ଲଗାଯାଇ ନ ଥିଲା।

## ୧୯୯୩ରେ ଖାଦ୍ୟ ସଙ୍କଟ

୧୭୮୭ରେ ବ୍ରିଟେନର ପୋର୍ଟମାଉଥ୍‌ରୁ ଆସିଥିବା ଜାହାଜ ଅଷ୍ଟ୍ରେଲିଆର ଡକ୍‌ୟାର୍ଡରେ ଲାଗିଥିଲା। ଏଥିରେ ମାଲ୍ ସହିତ ଆସିଥିଲେ ବହୁ ମୂଷା। ଏହାପରେ ପ୍ରତି ଚାରିବର୍ଷରେ ଥରେ ମୂଷା ଆତଙ୍କ ଦେଖାଦେଉଛି। ବିଶେଷକରି ଫସଲ ଉତ୍ପାଦନ ଏବଂ ସଂରକ୍ଷଣ ସମୟରେ ମୂଷାବଂଶ ଅହେତୁକ ଭାବେ ବୃଦ୍ଧିପାଉଛି। ମୂଷାମାନଙ୍କ ଲାଗି ହୋଇଥିବା ଫସଲ କ୍ଷୟକ୍ଷତି ୧୯୯୩ରେ ସୀମା ପାର କରିଯାଇଥିଲା। ଅଷ୍ଟ୍ରେଲିଆର ବିଭିନ୍ନ ସ୍ଥାନରେ ୯୬ ମିଲିୟନ ଅଷ୍ଟ୍ରେଲିଆନ ଡଲାର ମୂଲ୍ୟର ଶସ୍ୟ ମୂଷାମାନେ ନଷ୍ଟ କରିଦେଇଥିଲେ। ଫଳରେ କେତେକ ସ୍ଥାନରେ ଖାଦ୍ୟ ସଙ୍କଟ ଦେଖାଦେଇଥିଲା।

## ପ୍ଲେଗ୍ ମହାମାରୀ ଆଶଙ୍କା

ମୂଷା ଯେ କେବଳ ଖାଦ୍ୟ ସଙ୍କଟର କାରଣ ପାଲଟିଛନ୍ତି ତାହା ନୁହେଁ, ଅଧିକନ୍ତୁ ସଂକ୍ରମିତ ମୂଷାଙ୍କ ସଂସ୍ପର୍ଶରେ ଆସି ଗୃହପାଳିତ ପ୍ରାଣୀ ମଧ୍ୟ ପ୍ରଭାବିତ ହେଉଛନ୍ତି। ପ୍ରାଣୀପାଳନ ଅଷ୍ଟ୍ରେଲିଆ ଅର୍ଥନୀତିର ପ୍ରମୁଖ ଅଙ୍ଗ। ତେବେ ମୂଷାଙ୍କ ଦ୍ୱାରା ସଂକ୍ରମିତ ହେବା ପରେ ଅନିଚ୍ଛାକୃତ ଭାବେ ଗୋରୁ, କୁକୁଡ଼ା, ଘୁଷୁରିମାନଙ୍କୁ ମାରିବାକୁ ପଡୁଛି। ମୂଷା ପାଇଁ ବିଦ୍ୟୁତ୍ କମ୍ପାନୀ, ରବର କମ୍ପାନୀ, ଗୋ-ଖାଦ୍ୟ ଗୋଦାମ ମାଲିକ ପ୍ରଭୂତ କ୍ଷତି ସହୁଛନ୍ତି। ସେମାନଙ୍କ ଅର୍ଥନୈତିକ ଅବସ୍ଥା ଦୋହଲିଗଲାଣି। କେବଳ ଏତିକି ନୁହେଁ, ଜଳ ଉତ୍ସରେ ମଲା ମୂଷା ମିଳିବା ଏବେ ଚିନ୍ତା ବଢ଼ାଇଛି। ଏହାଦ୍ୱାରା ପ୍ଲେଗ୍ ଭଳି ମହାମାରୀ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ବ୍ୟାପକ ଉଦ୍ୟମ ସତ୍ତ୍ୱେ ମୂଷା ଦୌରାତ୍ମ୍ୟ କମୁନାହିଁ, ଯାହା ଏବେ ଅଷ୍ଟ୍ରେଲିଆ ସରକାରଙ୍କ ମୁଣ୍ଡବ୍ୟଥା ବଢ଼ାଇଛି।

ସାରା ଅଲ୍ଲୀ ଖାନ



# ସୈଫଙ୍କ ଘରେ ସାରା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ସାରା ଅଲ୍ଲୀ ଖାନ ଅନେକ ସମୟରେ ଚର୍ଚ୍ଚାରେ ରହିଥାନ୍ତି। ସେ ସୋସିଆଲ ମିଡିଆରେ ବହୁତ ସକ୍ରିୟ। କିଛି ନା କିଛି ପୋଷ୍ଟ କରି ଫ୍ୟାନ୍‌ମାନଙ୍କ ସହ ଜଡିତ ରହିଥାନ୍ତି। ନିକଟରେ ସାରା ବାପା ସୈଫ ଅଲ୍ଲୀ ଖାନଙ୍କ ନୂଆ ଘର ନିକଟରେ ନଜର ଆସିଥିଲେ। ସୋସିଆଲ ମିଡିଆରେ ତାଙ୍କର ଏହି ଫଟୋ ଗୁଡ଼ିକ ଖୁବ୍ ଭାଇରାଲ ହେବାରେ ଲାଗିଛି। ତେବେ ସେ ସୈଫଙ୍କ ନୂଆ ଘରକୁ ଆସିବାର ଏକ କାରଣ ରହିଛି। ତାଙ୍କ ଦ୍ୱିତୀୟ ମା' କରୀନା କପୁର ଖାନ୍ ଫେବୃୟାରୀ ୨୧ରେ ତାଙ୍କର ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେଇଛନ୍ତି। ସେଥିପାଇଁ ସାରା ବହୁତ ଖୁସି। ବର୍ତ୍ତମାନ ସାରା ସାନ ଭାଇଙ୍କ ସହ ସମୟ ବିତାଇବା ପାଇଁ ବାପାଙ୍କ ଘରକୁ ଯାଇଥିବା ନଜର ଆସିଛନ୍ତି। ସେହି ସମୟର ତାଙ୍କର ଏହି ଫଟୋକୁ ପ୍ରଶଂସକମାନେ ବହୁତ ପସନ୍ଦ କରିଥିଲେ। ସୈଫ କରୀନା ଦ୍ୱିତୀୟ ସନ୍ତାନର ଜନ୍ମ ପୂର୍ବରୁ ବାନ୍ଦ୍ରାସ୍ଥିତ ନୂତନ ଘରକୁ ସିଫ୍ଟ ହୋଇଥିଲେ। ତେବେ ସାରା କରୀନାଙ୍କ ପ୍ରଥମ ପୁଅ ତୈମୁରକୁ ମଧ୍ୟ ବହୁତ ଭଲ ପାଆନ୍ତି।

# 'ପାଓ୍ୱରୀ ଗର୍ଲ' କାର୍ଟୁନରେ ସଚେତନତା

**ନୂଆଦିଲ୍ଲୀ:** କରୋନାକୁ ନେଇ ଏବେ ବି ଲୋକଙ୍କୁ ପୂର୍ବଭଳି ସଚେତନ ରହିବାକୁ ହେବ। ମାସ୍କ ପିନ୍ଧିବା ସହିତ ସାନିଟାଇଜ୍ କରିବା ଓ ଅନ୍ୟ ସମସ୍ତ ପ୍ରକାରର ସଚେତନତା ଅବଲମ୍ବନ କରିବାକୁ ପଡ଼ିବ। ଏନେଇ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଦିଲ୍ଲୀ ପୋଲିସ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା 'ପାଓ୍ୱରୀ' କାର୍ଟୁନର ସାହାରା ନେଇଛି, ଯାହା ଲୋକଙ୍କୁ ଖୁବ୍ ପସନ୍ଦ ଆସିଛି। ନିକଟରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା 'ପାଓ୍ୱରୀ ଗର୍ଲ' କାର୍ଟୁନ ସହାୟତାରେ ଦିଲ୍ଲୀ ପୋଲିସ ଟୁଇଟରରେ ଭିନ୍ନ ଢଙ୍ଗରେ ମାସ୍କ ପିନ୍ଧିବା ପାଇଁ ଲୋକଙ୍କୁ କହିଛି। ଏହି ମାଧ୍ୟମରେ ପୋଲିସ ଲୋକଙ୍କୁ ମାସ୍କ ପିନ୍ଧିବା ପାଇଁ କହିଛି। ଟୁଇଟରରେ ଏହି କାର୍ଟୁନରେ ସୁନ୍ଦରଭାବେ ଚିତ୍ର ମାଧ୍ୟମରେ ପ୍ରଦର୍ଶନ କରାଯାଇଛି। ସୋସିଆଲ ମିଡିଆରେ କିଛିଦିନ ହେବ 'ପାଓ୍ୱରୀ' ଭିଡିଓ ଭାଇରାଲ ହେବାରେ ଲାଗିଛି। ମୂଳ ଭିଡିଓରେ ଜଣେ ଯୁବତୀ ଏକ ସ୍ଥାନକୁ ସାଙ୍ଗମାନଙ୍କ ସହ ବୁଲିବାକୁ ଆସି ପାର୍ଟି କରୁଥିବାବେଳେ ଏକ ସେଲଫି ଭିଡିଓ କରିଥିଲେ; ଯାହା ଖୁବଶୀଘ୍ର ଭାଇରାଲ ହୋଇଥିଲା। ଯୁବତୀଜଣକ ପାର୍ଟିକୁ ଏକ ଭିନ୍ନ ଢଙ୍ଗରେ 'ପାଓ୍ୱରୀ' କହିଥିଲେ। ଏହାପରେ ତାଙ୍କ ଭଳି ଷ୍ଟାଇଲରେ ସମସ୍ତେ ବିଭିନ୍ନ ପ୍ରକାରର ଭିଡିଓ କରି ପୋଷ୍ଟ କରିଥିଲେ, ଯାହା ସୋସିଆଲ ମିଡିଆରେ ଲୋକଙ୍କୁ ବେଶ୍ ମଜାଦାର ମନେ ହୋଇଥିଲା। ତେଣୁ ସେହି ମୂଳ ଭିଜୁଆଲକୁ ଅନୁକରଣ କରି ପୋଲିସ ଏହି ଟୁଇଟ କରିଛି। ତିନିଦିନ ତଳେ ପୋଷ୍ଟ ହୋଇଥିବା ଏହି ଟୁଇଟକୁ ଏବେ ସୁଦ୍ଧା ପ୍ରାୟ ୩ହଜାର ଲାଇକ୍ ମିଳିବା ସହିତ ବିଭିନ୍ନ ପ୍ରକାରର କମେଣ୍ଟ ମିଳିଛି। ପୋଲିସର ଏଭଳି ଏକ ଭିନ୍ନ ତଥା କ୍ରିଏଟିଭ୍ ଷ୍ଟାଇଲରେ ଲୋକଙ୍କୁ ମାସ୍କ ପିନ୍ଧିବା ପାଇଁ ସଚେତନ କରାଇବାକୁ ସମସ୍ତେ ପ୍ରଶଂସା କରିଛନ୍ତି।




# କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର, ନୂଆପଡ଼ା, ବରଗଡ, ଝାରସୁଗୁଡା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କଟକ, ଦେଓଗଡ଼ ଜିଲାର କେତେକ ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ଆସିପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକାଳ ସମୟରେ କୁହୁଡ଼ି ହେବା ସହ ଆକାଶ ଆଂଶିକ ମେଘାଛନ୍ନ ରହିପାରେ। ବୁଧବାର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୦ | ୨୫.୦ |
| ଚାନ୍ଦବାଲି | ୩୬.୯ | ୨୪.୧ |
| କଟକ | ୩୬.୪ | ୨୪.୪ |
| ପାରାଦୀପ | ୩୨.୧ | ୨୬.୦ |
| ଭୁବନେଶ୍ୱର | ୩୯.୦ | ୨୫.୫ |
| ଗୋପାଳପୁର | ୩୨.୩ | ୨୪.୭ |
| ପୁରୀ | ୩୨.୮ | ୨୬.୬ |
| ଅନୁଗୋଳ | ୩୭.୧ | ୨୪.୬ |
| ବାରିପଦା | ୩୮.୬ | ୨୪.୫ |
| ଝାରସୁଗୁଡ଼ା | ୩୬.୪ | ୨୧.୬ |
| କେନ୍ଦୁଝର | ୩୭.୪ | ୨୧.୮ |
| ସମ୍ବଲପୁର | ୩୪.୪ | ୨୨.୫ |
| ସୁନ୍ଦରଗଡ଼ | ୩୬.୦ | ୨୦.୦ |
| ହୀରାକୁଦ | ୩୩.୩ | ୨୧.୫ |
| ତାଳଚେର | ୩୯.୧ | ୨୨.୬ |
| ଭବାନୀପାଟଣା | ୩୬.୫ | ୨୩.୯ |
| ବଲାଙ୍ଗୀର | ୩୯.୨ | ୨୨.୭ |
| କୋରାପୁଟ | ୩୫.୫ | ୧୮.୬ |
| ଫୁଲବାଣୀ | ୩୫.୦ | ୨୦.୪ |
| ଟିଟିଲାଗଡ଼ | ୩୮.୨ | ୨୪.୮ |
| ମାଲକାନଗିରି | ୪୦.୦ | ୨୨.୦ |
| ସୋନପୁର | ୩୬.୬ | ୨୧.୪ |
| ଦାରିଙ୍ଗିବାଡ଼ି | ୩୪.୫ | ୨୦.୫ |
| ନୟାଗଡ଼ | ୩୯.୦ | ୨୩.୮ |
| ବୌଦ୍ଧ | ୩୮.୦ | ୨୩.୫ |
| ଛତ୍ରପୁର | ୩୪.୪ | ୨୩.୩ |
| ପାରଳାଖେମୁଣ୍ଡି | ୩୪.୦ | ୨୬.୫ |
| ରାୟଗଡ଼ା | ୩୫.୬ | ୨୩.୫ |

ଡିଗ୍ରୀ ସେଲ୍‌ସିୟସ୍

# ଟ୍ରାଫିକ ପୋଷ୍ଟରେ କନଷ୍ଟେବଲଙ୍କ ନାଚ

**ନୂଆଦିଲ୍ଲୀ:** ଟ୍ରାଫିକ ପୋଷ୍ଟରେ ଆପଣ ଗାଡ଼ି ଧରି ଛିଡ଼ା ହୋଇଥିବେ, କିନ୍ତୁ ଟ୍ରାଫିକ ପୋଲିସ ସିଗନାଲ ଅନୁସାରେ ଗାଡ଼ି ଛାଡ଼ିବା ବଦଳରେ ଯଦି ହଠାତ୍ ନାଚ କରନ୍ତି ତେବେ ଯେ କେହି ଆଶ୍ଚର୍ଯ୍ୟ ହେବେ। ଠିକ୍ ଏମିତି ଏକ ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପ୍ରକୃତରେ ଏହି ଭିଡିଓରେ ଟ୍ରାଫିକ ପୋଷ୍ଟରେ ନାଚ କରୁଥିବା ଦୁଇଜଣ ଟ୍ରାଫିକ କନଷ୍ଟେବଲ ହେଉଛନ୍ତି କଳାକାର। ଦୁଇଜଣ ଟ୍ରାଫିକ ଯୋଡ଼ିଙ୍କ ମଧ୍ୟରୁ ମହିଳା ଜଣକ ହେଉଛନ୍ତି ଜିଲିଆ କ୍ରିଷ୍ଟୋଫର ଏବଂ ପୁରୁଷ ଜଣକ ହେଉଛନ୍ତି ଅନିଲ ଲାମ୍ବା। ଉଭୟ ହେଉଛନ୍ତି ପ୍ରଫେଶନାଲ ଡ୍ୟାନ୍ସର। ନୃତ୍ୟ ମାଧ୍ୟମରେ ସେମାନେ ବିଭିନ୍ନ ସ୍ଥାନରେ ଶୋ' କରିଥାନ୍ତି। ତେଣୁ ଉଭୟ କଳାକାର ଭିଡିଓ ଶୁଟ୍ କରିବା ପାଇଁ ଏଭଳି ଟ୍ରାଫିକ ପୋଷ୍ଟରେ ଅଚାନକ ନୃତ୍ୟ କରିଥିଲେ। ତାଙ୍କର ଏଭଳି ନାଚ ଦେଖି ଟ୍ରାଫିକ ପୋଷ୍ଟରେ ଥିବା ଲୋକେ ହଠାତ୍ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। କିନ୍ତୁ କିଛି ମିନିଟ ମଧ୍ୟରେ ସେମାନେ କଳାକାର ବୋଲି ଜାଣି ପାରିଥିଲେ ଏବଂ ପରେ ଗାଡ଼ି ଚଳାଚଳ ଆରମ୍ଭ ହୋଇଥିଲା। ଉଭୟ ଏହି ଭିଡିଓ ଶୁଟିଂ କରି ସେମାନଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହାପରେ ଭିଡିଓଟି ଭାଇରାଲ ହୋଇଥିଲା। ଲୋକେ ତାଙ୍କର ଏହି ଭିଡିଓ ଦେଖି ଖୁବ୍ ପସନ୍ଦ କରୁଛନ୍ତି ଏବଂ କମେଣ୍ଟ ମଧ୍ୟ ଦେଉଛନ୍ତି। ଜିଲିଆ ଏବଂ ଅନିଲ ପୂର୍ବରୁ ମଧ୍ୟ ଏଭଳି ଟ୍ରାଫିକ କନଷ୍ଟେବଲ ପୋଷାକରେ ଅନେକ ଥର ଭିଡିଓ କରିଛନ୍ତି। ଏଭଳି ଭିଡିଓ ମାଧ୍ୟମରେ ଲୋକପ୍ରିୟତା ହାସଲ କରିବା ହିଁ ସେମାନଙ୍କର ମୁଖ୍ୟ ଲକ୍ଷ୍ୟ।




CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହରଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

ରାହୁଲ କର୍ପୋରେଶନ
4G ଏବଂ 5G ମୋବାଇଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ଛାତ/କ୍ଷେତ ଆବଶ୍ୟକ, ଅଗ୍ରିମ-65 ଲକ୍ଷ, ଭଡ଼ା 45000/-
କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
#9451882120

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
ବାବା କମଲ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

SRIRAM FINANCE
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍ ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 2% ସୁଧ ଓ 20% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
8428798965


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଶଙ୍କର ବାରିକ
ଅବସରପ୍ରାପ୍ତ ବରିଷ୍ଠ ସହାୟକ, ବିଦ୍ୟୁତ୍ ବିଭାଗ, ନିମାପଡ଼ା, ପୁରୀ
ଆବିର୍ଭାବ: ୨୧।୦୭।୧୯୫୫
ତିରୋଧାନ: ୧୪।୦୩।୨୦୨୧
ଆପଣଙ୍କ ବିୟୋଗରେ ଆମେ ସମସ୍ତେ ମର୍ମାହତ। ସବୁବେଳେ ମନେପଡୁଛି ଆପଣଙ୍କର ସେଇ ସ୍ନେହଭରା କଥା, ହସହସ ମୁହଁ, ଅଯାଚିତ ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ବ୍ୟକ୍ତିତ୍ୱ ତଥା ସମସ୍ତଙ୍କ ପ୍ରିୟ "ଶଙ୍କର ବାବୁ" ଆପଣଙ୍କ ପରିଚୟ। ଏହି ଶୋକାକୁଳ ପରିବେଶ ମଧ୍ୟରେ ଆମ୍ଭେମାନେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସହଧର୍ମିଣୀ, ପୁତ୍ର, ଝିଅ ଓ ଜ୍ୱାଇଁ ବୃନ୍ଦ, ବନ୍ଧୁବାନ୍ଧବ, ଭାଇ-ଭଉଣୀ ଓ ସମସ୍ତ ପରିବାର ତଥା ଆତ୍ମୀୟ ସ୍ୱଜନମାନେ।
ଧ-୨୦୩୧୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦଶାହ ଉପଲକ୍ଷେ



୰ସତ୍ୟଭାମା ଦାଶ
ପୁରୁଣା ମକଦ୍ଦମସାହି, ବାଳକାଟି, ଖୋର୍ଦ୍ଧା
ଆବିର୍ଭାବ: ତା.୨୮।୦୪।୧୯୩୮
ତିରୋଧାନ: ତା.୧୫।୦୩।୨୦୨୧
ତମେ ଆମକୁ ଛାଡ଼ି ଯିବାର ୧୦ଦିନ ଆମକୁ ଦଶ ଯୁଗ ଭଳି ଲାଗୁଛି। ତମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମର ଚିରଦିନ ମନେ ରହିବ। ତମ ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ।
ତମର ହତଭାଗ୍ୟ ସ୍ୱାମୀ, ପୁଅ, ବୋହୂ, ନାତି, ନାତୁଣୀ, ଭଣଜା, ଭାଣିଜୀ, ନାତୁଣୀ ବୋହୂ, ଝିଅ, ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ।
ଧ-୭୦୪୩୯

ଦଶାହ ଉପଲକ୍ଷେ



ସ୍ୱର୍ଗତ କସ୍ତୁରୀ ଚରଣ ତ୍ରିପାଠୀ
ଆବିର୍ଭାବ: ୧୩।୦୪।୧୯୪୬
ତିରୋଧାନ: ୧୫।୦୩।୨୦୨୧
ଚାହୁଁ ଚାହୁଁ ଦଶଦିନ ବିତିଗଲା। ଆମକୁ ଛାଡ଼ି ଚାଲିଗଲ। ତମ କର୍ତ୍ତବ୍ୟନିଷ୍ଠା, ସ୍ନେହ, ଭଲପାଇବା ଆଉ ମଧୁର କଥା ସବୁ ଦିନପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୩୦୮

# କ୍ରିଷ୍ଣା, କୃନାଲଙ୍କ କମାଲ

**ପୁଣେ, ୨୩।୩**



ଦୃଢ଼ ବ୍ୟାଟିଂ ଅବସରରେ ଶିଖର ଧାୱନ୍।

ପୁଣି ଥରେ ଭ୍ରମଣକାରୀ ଇଂଲଣ୍ଡ ଭଲ ଆରମ୍ଭକୁ ବିଜୟରେ ପରିଣତ କରିବାରେ ବିଫଳ ହୋଇଛି। ଗତ ଟି୨୦ ସିରିଜରେ ମଧ୍ୟ ଇଂଲଣ୍ଡ ଏକାଧିକବାର ସମାନ ଦଶା ଭୋଗିଥିଲା। ଟେଷ୍ଟ ଓ ଟି୨୦ ସିରିଜ ବିଜୟ ପରେ ଭାରତ ଦିନିକିଆ ସିରିଜରେ ମଧ୍ୟ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଦିନିକିଆରେ ଭାରତ ୬୬ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ପ୍ରଥମ ଉଇକେଟରେ ଦୁଇ ଓପନର ଦ୍ରୁତ ୧୩୫ ରନ ସଂଗ୍ରହ କରିଥିଲେ ମଧ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଇଂଲଣ୍ଡ ଟାର୍ଗେଟର ବହୁ ଦୂରରେ ରହିଯାଇଥିଲା। ଟସ୍ ଜିତି ଇଂଲଣ୍ଡ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୧୭ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୪୨.୧ ଓଭରରେ ୨୫୧ ରନକରି ଅଲଆଉଟ ହେବା ସହ ଏକପ୍ରକାର ଆତ୍ମସମର୍ପଣ କରିଥିଲା। ପଦାର୍ପଣରେ କର୍ଣ୍ଣାଟକ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ମୁମ୍ବାଇ ଅଲରାଉଣ୍ଡର କୃନାଲ ପାଣ୍ଡ୍ୟା ପ୍ରଭାବୀ ପ୍ରଦର୍ଶନ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତେବେ ୯୮ ରନର ଉପଯୋଗୀ ଇନିଂସ ଖେଳିଥିବା ଅଭିଜ୍ଞ ଓପନର ଶିଖର ଧାୱନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଦ୍ୱିତୀୟ ଦିନିକିଆ ଏହି ଗ୍ରାଉଣ୍ଡରେ ୨୬ ତାରିଖ ଶୁକ୍ରବାର ଖେଳାଯିବ।

୩୧୮ ରନ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ଇଂଲଣ୍ଡ ଜବରଦସ୍ତ ଆରମ୍ଭ କରିଥିଲା। ପ୍ରଥମ ଉଇକେଟରେ ଦୁଇ ଓପନର ଜାସନ ରୟ ଓ ଜନି ବେୟାରଷ୍ଟୋ ମାତ୍ର ୮୯ ବଲରୁ ଦ୍ରୁତ ୧୩୫ ରନ ସଂଗ୍ରହ କରି ଘରୋଇ ବୋଲରଙ୍କୁ ନିରାଶ କରିଥିଲେ। ୩୫ ବଲରୁ ୭ ଚୌକା ଓ ୧ ଛକା ସହ ୪୬ ରନ କରିଥିବା ବେଳେ ରୟ ଯୁବ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲ୍‌ରେ ପଏଣ୍ଟରେ ବଦଳ ଖେଳାଳି ସୂର୍ଯ୍ୟକୁମାର ଯାଦବଙ୍କୁ କ୍ୟାଚ୍ ଦେଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ। ଏହାର ଠିକ୍ ଦୁଇ ଓଭର ପରେ ତାରକା ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ମାତ୍ର ୧ ରନ କରିଥିବା ବେଳେ ଏକ୍ସଟ୍ରା କଭରରେ ବଦଳ ଖେଳାଳି ଶୁବମନ ଗିଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଶିଖର ଧାୱନଙ୍କ ଭଳି ବେୟାରଷ୍ଟୋ ନର୍ଭସ-୯୦ର ଶିକାର ହୋଇ ୯୪ ରନ କରି ଆଉଟ ହୋଇଥିଲେ। ୬୬ ବଲରୁ ୬ ଚୌକା ଓ ୭ ଛକା ମାରିଥିବା ବେୟାରଷ୍ଟୋ ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ଡିପ୍ ମିଡ୍‌ଉଇକେଟରେ କୁଲଦୀପ ଯାଦବଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ ଓ ମାତ୍ର ୬ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଏହାପରେ ଅଧିନାୟକ ଇଅନ ମୋର୍ଗାନଙ୍କ ପାଳି ପଡ଼ିଥିଲା। ୨୨ ରନ କରିଥିବା ବେଳେ ମୋର୍ଗାନ ଉଇକେଟକିପର ଲୋକେଶ ରାହୁଲଙ୍କୁ କ୍ୟାଚ୍ ଦେଇ ଠାକୁରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାର ଠିକ୍ ଦୁଇଟି ବଲ୍ ପରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋଶ ବଟଲର ୨ ରନ କରିଥିବା ବେଳେ ଠାକୁରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ୨୫ତମ ଓଭରରେ ମାତ୍ର ୧ ରନ ବ୍ୟୟ କରି ଠାକୁର ମୋର୍ଗାନ ଓ ବଟଲରଙ୍କୁ ଆଉଟ କରି ଇଂଲଣ୍ଡକୁ ବ୍ୟାକ୍ ଫୁଟ୍‌କୁ ଠେଲି ଦେଇଥିଲେ। ଷଷ୍ଠ ଉଇକେଟରେ ସାମ ବିଲିଙ୍ଗ୍ସ ଓ ମୋଇନ ଅଲୀ ୪୭ ବଲରୁ ୪୧ ରନ ସଂଗ୍ରହ କରିଥିଲେ। ବିଲିଙ୍ଗ୍ସ ୧୮ ରନ କରିଥିବା ବେଳେ ଶର୍ଟ କଭରରେ କୋହଲିଙ୍କୁ କ୍ୟାଚ୍ ଦେଇ କ୍ରିଷ୍ଣାଙ୍କ ତୃତୀୟ ଶିକାର ହୋଇଥିଲେ ଓ ୨୧୭ ରନରେ ଇଂଲଣ୍ଡ ଷଷ୍ଠ ଉଇକେଟର ପତନ ହୋଇଥିଲା। ମୋଇନ ୩୭ ବଲରୁ ୨ ଚୌକା ଓ ୧ ଛକା ସହ ୩୦ରନ କରି ଭୁବନେଶ୍ୱର କୁମାରଙ୍କ ବଲରେ ରାହୁଲଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପରେ ସାମ କୁରାନ ୧୨ ରନକରି ଲଙ୍ଗ୍‌ଅଫ୍‌ରେ ଶୁବମନଙ୍କୁ କ୍ୟାଚ ଦେଇ କୃନାଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହା ଥିଲା ଦିନିକିଆ ଫର୍ମାଟ୍‌ରେ କୃନାଲଙ୍କ ପ୍ରଥମ ଉଇକେଟ। ଆଦିଲ ରସିଦ ଖାତା ଖୋଲିବା ପୂର୍ବରୁ ରାହୁଲଙ୍କୁ କ୍ୟାଚ୍ ଦେଇ ଭୁବନେଶ୍ୱରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଶେଷରେ ଟମ୍ କୁରାନ ବିନା ସ୍କୋରରେ ରାହୁଲଙ୍କୁ କ୍ୟାଚ୍ ଦେଇ ଭୁବନେଶ୍ୱରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ୨ ରନକରି ମାର୍କ ଉଡ୍ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ପଦାର୍ପଣରେ ୪ ଉଇକେଟ ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଠାକୁର ୩, ଭୁବନେଶ୍ୱର ୨ ଓ କୃନାଲ ଗୋଟିଏ ଉଇକେଟ ହାସଲ କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଘରୋଇ ପରିବେଶରୁ ଫାଇଦା ଉଠାଇ ଦ୍ରୁତ ଗତିରେ ରନ୍ ସଂଗ୍ରହ କରି ସ୍କୋରକୁ ୩୦୦ ରନ ପାର କରାଇଥିଲା। ଭାରତ ଧିମା ଆରମ୍ଭ କରିଥିଲେ ମଧ୍ୟ ପରେ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲା। ଦୁଇ ଓପନର ରୋହିତ ଶର୍ମା ଓ ଶିଖର ଧାୱନ ୯୨ ବଲରୁ ୬୪ ରନ ସଂଗ୍ରହ କରିଥିଲେ। ରୋହିତ ୪୨ ବଲରୁ ୨୮ ରନ ସଂଗ୍ରହ କରିଥିବା ବେଳେ

**ପ୍ରଥମ ଦିନିକିଆ**
- ଇଂଲଣ୍ଡକୁ ୬୬ ରନ୍‌ରେ ହରାଇଲା ଟିମ୍ଇଣ୍ଡିଆ
- ଧାୱନ ପ୍ଲେୟାର ଅଫ୍ ଦି ମ୍ୟାଚ୍

ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ଉଇକେଟକିପର ଜୋଶ ବଟଲରଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ସୁପରଫର୍ମରେ ଥିବା ଅଧିନାୟକ ବିରାଟ କୋହଲି ୬୦ ବଲରୁ ୬ ଚୌକା ସହ ୫୬ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ମାର୍କ ଉଡ୍‌ଙ୍କ ବଲ୍‌ରେ ସ୍କୋୟାର ଲେଗ୍‌ରେ ମୋଇନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏଥିସହି କୋହଲି କ୍ୟାରିୟରର ୬୧ତମ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଦ୍ୱିତୀୟ ଉଇକେଟରେ କୋହଲି ଓ ଧାୱନ ୧୦୨ ବଲରୁ ୧୦୫ ରନ ସଂଗ୍ରହ କରିଥିଲେ। ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଶ୍ରେୟାସ ଆୟାର ୬ ରନକରି ଆଉଟ ହେବା ପରେ ଧାୱନଙ୍କ ପାଳି ପଡ଼ିଥିଲା। ଧାୱନ ୯୮ ରନ କରିଥିବା ବେଳେ ନର୍ଭସ୍-୯୦ର ଶିକାର ହୋଇ ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ମିଡ୍ ଉଇକେଟରେ ଅଧିନାୟକ ମୋର୍ଗାନଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ସହ ମାତ୍ର ୨ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଧାୱନ ୧୦୬ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୨ଟି ଛକା ମାରିଥିଲେ। ୨୮ତମ ଓଭରରେ ଧାୱନ ୫୯ ରନ କରିଥିବା ବେଳେ ଏକ ଜୀବନଦାନ ପାଇଥିଲେ ଓ ସେ ଏହାର ଫାଇଦା ଉଠାଇଥିଲେ। ସ୍ପିନର ଆଦିଲ ରସିଦଙ୍କ ବଲ୍‌ରେ ମୋଇନ ଡିପ୍ ମିଡ୍ ଉଇକେଟରେ ତାଙ୍କ କ୍ୟାଚ୍ ହାତଛଡ଼ା କରିଥିଲେ। ଇନିଂସର ତୃତୀୟ ଓଭରରେ ବଲ୍ ଖରାପ ହୋଇଥିଲା। ଫଳରେ ବଲ୍‌ର ପରିବର୍ତ୍ତନ କରିବାକୁ ଅମ୍ପାୟରମାନେ ନିଷ୍ପତ୍ତି ନେଇଥିଲେ। ତାରକା ଅଲରାଉଣ୍ଡର ହାର୍ଦ୍ଦିକ ଏଥର ଫେଲ୍ ମାରିଥିଲେ। ହାର୍ଦ୍ଦିକ ମାତ୍ର ୧ ରନ କରିଥିବା ବେଳେ ଷ୍ଟୋକ୍ସଙ୍କ ବଲ୍‌ରେ ସ୍ଲିପ୍‌ରେ ବେୟାରଷ୍ଟୋଙ୍କ ହାତରେ ଧରା ପଡ଼ିଥିଲେ। ଏହପରେ କୃନାଲ ପାଣ୍ଡ୍ୟା ଓ ଲୋକେଶ ରାହୁଲଙ୍କ ଧୂଆଁଧାର ବ୍ୟାଟିଂ ଦେଖିବାକୁ ମିଳିଥିଲା। ଅସମାପ୍ତ ଷଷ୍ଠ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ମାତ୍ର ୬୧ ବଲରୁ ଅପରାଜିତ ୧୧୨ ରନ ସଂଗ୍ରହ କରି ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ। ରାହୁଲ ୪ଟି ଲେଖାଏ ଚୌକା ଓ ଛକା ସହ ୪୩ ବଲରୁ ୬୨ ରନକରି ଅପରାଜିତ ରହିଥିଲେ। ଟି୨୦ ସିରିଜରେ ବିଫଳ ହୋଇଥିଲେ ମଧ୍ୟ ରାହୁଲ ଦିନିକିଆରେ ପୁରୁଣା ଫର୍ମକୁ ଦୋହରାଇଛନ୍ତି। ସେହିପରି କୃନାଲ ୭ ଚୌକା ଓ ୨ ଛକା ସହ ୩୧ ବଲରୁ ୫୮ ରନର ଶତକୀୟ ଇନିଂସ ଖେଳି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଷ୍ଟୋକ୍ସ ୩ ଓ ମାର୍କ ଉଡ୍ ୨ ଉଇକେଟ ଅକ୍ତିଆର କରିଥିଲେ।

## ଦୁଇ ଖେଳାଳିଙ୍କ ପଦାର୍ପଣ

ଭାରତୀୟ ଦଳରେ ଦୁଇ ଖେଳାଳିଙ୍କୁ ପଦାର୍ପଣ ସୁଯୋଗ ମିଳିଥିଲା। କୃନାଲଙ୍କ ସମେତ ୨୫ ବର୍ଷୀୟ କର୍ଣ୍ଣାଟକ ଯୁବ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଡେବ୍ୟୁ କରିଥିଲେ। କ୍ରିଷ୍ଣାଙ୍କୁ ଲୋକେଶ ରାହୁଲ ଇଣ୍ଡିଆ କ୍ୟାପ୍ ପ୍ରଦାନ କରିଥିଲେ। ୨୦୧୯ ବିଶ୍ୱକପ୍‌ରେ ଭାରତ ଓ ଇଂଲଣ୍ଡ ପ୍ରଥମଥର ପାଇଁ ଦିନିକିଆ ଫର୍ମାଟରେ ପରସ୍ପରକୁ ଭେଟିଥିଲେ ଓ ଭାରତ ଏହି ମ୍ୟାଚ୍‌ରେ ୩୧ ରନରେ ପରାସ୍ତ ହୋଇଥିଲା। ଫିଲ୍ଡିଂ କରିବା ଅବସରରେ ସାମ ବିଲିଙ୍ଗ୍ସ ଏକ ବାଉଣ୍ଡାରି ଅଟକାଇବାକୁ ଯାଇ କାନ୍ଧରେ ଆଘାତ ପାଇଥିଲେ ଓ ପଡ଼ିଆ ବାହାରକୁ ଯାଇଥିଲେ। ସେହିପରି ଅଧିନାୟକ ମୋର୍ଗାନ ଆଙ୍ଗୁଠିରେ ଆଘାତ ପାଇଥିଲେ। ତେବେ ସେ ବ୍ୟାଟିଂ କରିବାକୁ ସକ୍ଷମ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ କୁହାଯାଇଥିଲା। ଏହି ମ୍ୟାଚ୍ ପୂର୍ବରୁ ଗତ ୫ଟି ଦିନିକିଆରେ ଇଂଲଣ୍ଡ ଭାରତକୁ ୪ଥର ପରାସ୍ତ କରିଛି।

## ଭାବପ୍ରବଣ ମୁହୂର୍ତ୍ତ



ପଦାର୍ପଣ ଏକଦିବସୀୟ କ୍ରିକେଟ ମ୍ୟାଚ୍‌ରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିବା ପରେ ପିତାଙ୍କୁ ମନେପକାଇ ସାନଭାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଆଲିଙ୍ଗନ କଲାବେଳେ କାନ୍ଦିପକାଉଛନ୍ତି କୃନାଲ ପାଣ୍ଡ୍ୟା।

# ଡେବ୍ୟୁରେ କୃନାଲଙ୍କ ଦ୍ରୁତତମ ଅର୍ଦ୍ଧଶତକ

ପଦାର୍ପଣରେ ୩୦ ବର୍ଷୀୟ ଭାରତୀୟ ଅଲରାଉଣ୍ଡର କୃନାଲ ପାଣ୍ଡ୍ୟା ଦ୍ରୁତତମ ଅର୍ଦ୍ଧଶତକ ହାସଲ କରି ରେକର୍ଡ କରିଛନ୍ତି। ୭ ନମ୍ବରରେ ବ୍ୟାଟିଂ କରିବାକୁ ଆସି କୃନାଲ ୨୬ଟି ବଲ୍ ଖେଳି ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଏହି କ୍ରମରେ ସେ ନ୍ୟୁଜିଲାଣ୍ଡର ଜନ ମୋରିସଙ୍କ ରେକର୍ଡ ଭାଙ୍ଗିଛନ୍ତି। ମୋରିସ ୩୫ ବଲରୁ ଅର୍ଦ୍ଧଶତକ ହାସଲ କରିଥିଲେ। କୃନାଲ ମୋଟ ଉପରେ ୩୧ଟି ବଲ୍ ଖେଳି ୭ ଚୌକା ଓ ୨ ଛକା ସହ ୫୮ ରନକରି ଅପରାଜିତ ରହିଥିଲେ। ଅର୍ଦ୍ଧଶତକ ହାସଲ ପରେ କୃନାଲ କାନ୍ଦି ପକାଇଥିଲେ। ସାନଭାଇ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କୁ ଇଣ୍ଡିଆ କ୍ୟାପ୍ ପ୍ରଦାନ କରିଥିଲେ। ଏହି ଅବସରରେ ଦୁଇ ଭାଇ ବେଶ୍ ଭାବପ୍ରବଣ ହୋଇଥିଲେ। ଏହି ସଫଳତାକୁ ସେ ସ୍ୱର୍ଗତ ପିତା ହିମାଂଶୁଙ୍କୁ ଉତ୍ସର୍ଗ କରିଛନ୍ତି। କମେଣ୍ଟେଟର ମୁରଲୀ କାର୍ତ୍ତିକ ତାଙ୍କର ସାକ୍ଷାତ୍କାର ନେଉଥିବା ବେଳେ କୃନାଲ ପିତାଙ୍କ କଥା ମନେପକାଇ ବେଶ୍ ଭାବବିହ୍ୱଳ ହୋଇଥିଲେ। ଗତ ଜାନୁୟାରୀରେ ଦୁଇ ଭାଇ ପିତାଙ୍କୁ ହରାଇଥିଲେ।

## ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ-କ-ବଟଲର-ବୋ-ଷ୍ଟୋକ୍ସ-୨୮
ଧାୱନ-କ-ମୋର୍ଗାନ-ବୋ-ଷ୍ଟୋକ୍ସ-୯୮
କୋହଲି-କ-ମୋଇନ-ବୋ-ଉଡ୍-୫୬
ଆୟାର-କ-ଲିଭଂଷ୍ଟୋନ୍-ବୋ- ଉଡ୍-୬
ରାହୁଲ-ନଟ ଆଉଟ-୬୨
ହାର୍ଦ୍ଦିକ-କ-ବେୟାରଷ୍ଟୋ-ବୋ-ଷ୍ଟୋକ୍ସ-୧
କୃନାଲ-ନଟ ଆଉଟ-୫୮
ଅତିରିକ୍ତ-୮
ମୋଟ: (୫୦ ଓଭର, ୫ ଉଇକେଟ) ୩୧୭।
**ଉଇକେଟ ପତନ:** ୧/୬୪, ୨/୧୬୯, ୩/୧୮୭, ୪/୧୯୭, ୫/୨୦୫।
**ବୋଲିଂ (ଇଂଲଣ୍ଡ)**
ମାର୍କ ଉଡ୍ ୧୦-୧-୭୫-୨
ସାମ୍ କୁରାନ ୧୦-୧-୪୮-୦
ଟମ୍ କୁରାନ ୧୦-୦-୬୩-୦
ବେନ୍ ଷ୍ଟୋକ୍ସ ୮-୧-୩୪-୩
ଆଦିଲ ରସିଦ ୯-୦-୬୬-୦
ମୋଇନ ଅଲି ୩-୦-୨୮-୦
**ଇଂଲଣ୍ଡ ଇନିଂସ**
ଜାସନ ରୟ-କ-ସୂର୍ଯ୍ୟକୁମାର-ବୋ-ପ୍ରସିଦ୍ଧ-୪୬
ବେୟାରଷ୍ଟୋ-କ-କୁଲଦୀପ-ବୋ-ଶାର୍ଦ୍ଦୂଳ-୯୪
ଷ୍ଟୋକ୍ସ-କ-ଶୁବମନ-ବୋ-ପ୍ରସିଦ୍ଧ-୧
ମୋର୍ଗାନ-କ-ରାହୁଲ-ବୋ-ଶାର୍ଦ୍ଦୂଳ-୨୨
ବଟଲର-ଏଲବିଡବ୍ଲ୍ୟୁ-ଶାର୍ଦ୍ଦୂଳ-୨
ବିଲିଙ୍ଗ୍ସ-କୋହଲି-ବୋ-ପ୍ରସିଦ୍ଧ-୧୮
ମୋଇନ ଅଲି-କ-ରାହୁଲ-ବୋ-ଭୁବନେଶ୍ୱର-୩୦
ସାମ୍-କ-ଶୁବମନ-ବୋ-କୃନାଲ-୧୨
ଟମ୍ କୁରାନ-କ-ଭୁବନେଶ୍ୱର-ବୋ-ପ୍ରସିଦ୍ଧ-୧୧
ଆଦିଲ ରସିଦ-କ-ରାହୁଲ-ବୋ-ଭୁବନେଶ୍ୱର-୦
ମାର୍କ ଉଡ୍- ନଟ ଆଉଟ-୨
ଅତିରିକ୍ତ- ୧୩
**ମୋଟ** (୪୨.୧ ଓଭର, ଅଲଆଉଟ) ୨୫୧
**ଉଇକେଟ ପତନ:** ୧/୧୩୫, ୨/୧୩୭, ୩/୧୬୯, ୪/୧୭୫, ୫/୧୭୬, ୬/୨୧୭, ୭/୨୩୭, ୮/୨୩୯, ୯/୨୪୧, ୧୦/୨୫୧।
**ବୋଲିଂ (ଭାରତ)**
ଭୁବନେଶ୍ୱର କୁମାର ୯-୦-୩୦-୨
ପ୍ରସିଦ୍ଧ କ୍ରିଷ୍ଣା ୮.୧-୧-୫୪-୪
ଶାର୍ଦ୍ଦୂଳ ଠାକୁର ୬-୦-୩୭-୩
କୃନାଲ ପାଣ୍ଡ୍ୟା ୧୦-୦-୫୯-୧
କୁଲଦୀପ ଯାଦବ ୯-୦-୬୮ -୦ ।



ଆହତ ଶ୍ରେୟାସ ଆୟାରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି ସାଥୀ ଖେଳାଳିମାନେ।

# ଶ୍ରେୟାସ ଆୟାର ଆହତ

**ପୁଣେ, ୨୩।୩:** ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ଫିଲ୍ଡିଂ କରୁଥିବା ବେଳେ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ବାମ କାନ୍ଧରେ ଆଘାତ ପାଇଥିଲେ। ତାଙ୍କୁ ପଡ଼ିଆ ବାହାରକୁ ନିଆଯାଇଥିଲା। ଇଂଲଣ୍ଡ ଇନିଂସର ଅଷ୍ଟମ ଓଭରରେ ଏହି ଘଟଣା ଘଟିଥିଲା। ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ଜନି ବେୟାରଷ୍ଟୋ ଶଟ୍ ଖେଳିବା ପରେ ଆୟାର ଡାଇଭ ମାରି ବଲ୍‌କୁ ଅଟକାଇବାକୁ ପ୍ରୟାସ କରିଥିଲେ। ଆହତ ହେବା ପରେ ଯନ୍ତ୍ରଣା କାରଣରୁ ଆୟାର କାନ୍ଧକୁ ଧରି ପଡ଼ିଆ ବାହାରକୁ ଯାଇଥିଲେ। ଫଳରେ ଏପ୍ରିଲ ୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପୂର୍ବରୁ ତାଙ୍କ ଫିଟ୍‌ନେସ୍ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆଇପିଏଲ୍‌ରେ ସେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ରହିଛନ୍ତି।

# ସୋଲାର ଏକାଡେମୀ କ୍ୱାର୍ଟର ଫାଇନାଲରେ

**ଭୁବନେଶ୍ୱର, ୨୩।୩(କ୍ରୀଡ଼ା ପ୍ରତିନିଧି)**

ନହରକଣ୍ଟାର ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଜେଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପ୍ରାଚୀ ଭୂଷଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚରେ ବିଜୟୀ ହୋଇ ସୋଲାର କ୍ରିକେଟ ଏକାଡେମୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରି-କ୍ୱାର୍ଟର ଫାଇନାଲରେ ଏହି ଦଳ ୬୧ ରନରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସୋଲାର ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୨୧୧ ରନ କରିଥିଲା। ଦଳ ପକ୍ଷରୁ ସାୱନ ପହରିଆ ୪୬ ବଲ୍‌ରୁ ବିସ୍ଫୋରକ ୭୩ ଏବଂ ଆଶିଷ ଚୌରାସିଆ ୬୮ ବଲ୍‌ରୁ ୫୧ ରନ କରିଥିଲେ। ବିପକ୍ଷ ଦଳର ଆଶୁତୋଷ ଦାସ ୩ଟି ଓ ବାସୁଦେବ ମଲ୍ଲ ୨ଟି ଉଇକେଟ ନେଇଥିଲେ। ୨୧୨ ରନ ବିଜୟ ଲକ୍ଷ୍ୟରେ ପ୍ରଗତି ୨୯.୨ ଓଭରରେ ୧୫୦ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବାସୁଦେବ ୩୨ ବଲ୍‌ରୁ ସର୍ବାଧିକ ୪୩ ଓ ଅମନ ଦାସ ୫୩ ବଲ୍‌ରୁ ୩୯ ରନ କରିଥିଲେ। ବିଜୟୀ ଦଳର ଦୁଷ୍ମନ୍ତ ଦାସ ଓ ଚିନ୍ତାଲା ରୁଥିକ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ସାୱନ ପହରିଆ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅସିତ କୁମାର ପାଲ ଓ ଦିଲୀପ କୁମାର ସାମଲ ମ୍ୟାଚ ପରିଚାଳନା କରିଥିଲେ। ପୂର୍ବତନ କ୍ରିକେଟର ପ୍ରଭାସ ସାହୁ, ଓସ୍କାର ସ୍ପୋର୍ଟିଂ କୋଚ୍ ମନୋଜ ମହାରଣା ଓ ସାମାଜିକ କର୍ମୀ ପ୍ରଦୀପ୍ତ ସ୍ୱାଇଁ ଅତିଥିଭାବେ ଯୋଗ ଦେଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସାୱନ ପହରିଆ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଦିନିକିଆ ସିରିଜ ଜିତିଲା ନ୍ୟୁଜିଲାଣ୍ଡ

**ଖ୍ରୀଷ୍ଟଚର୍ଚ୍ଚ, ୨୩।୩**

ଅଧିନାୟକ ତଥା ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ୍ ଲଥାମଙ୍କ ପଞ୍ଚମ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ବାଂଲାଦେଶକୁ ୫ ଉଇକେଟରେ ପରାସ୍ତ କରିଛି। ସ୍ଥାନୀୟ ହଗ୍‌ଲି ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ଅଧିନାୟକ ତଥା ଓପନର ତାମିମ ଇକବାଲଙ୍କ ଅର୍ଦ୍ଧଶତକ ସହ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୨୭୧ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୪୮.୨ ଓଭରରେ ୫ ଉଇକେଟ ହରାଇ ୨୭୫ ରନ କରି ସହଜରେ ବିଜୟ ହାସଲ କରିଛି। ଏଥିସହିତ ନ୍ୟୁଜିଲାଣ୍ଡ ୨-୦ରେ ଅଗ୍ରଣୀ ହେବା ସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜକୁ ଆଗୁଆ ହାତେଇ ନେଇଛି। ଅପରାଜିତ ୧୧୦ ରନର ଶତକୀୟ ଇନିଂସ ଖେଳିଥିବା ଲଥାମ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଶୁକ୍ରବାର ଖେଳାଯିବ।

୨୭୨ ରନ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ୫୩ ରନରେ ୩ ଉଇକେଟ ହରାଇଥିଲା। ଓପନର ମାର୍ଟିନ ଗୁପ୍ଟିଲ୍ ୨୦, ହେନେରୀ ନିକୋଲ୍ସ ୧୩, ୱିଲ ୟଙ୍ଗ୍ ମାତ୍ର ୧ ରନକରି ଆଉଟ ହୋଇଥିଲେ। ଏହାପରେ ଚତୁର୍ଥ ଉଇକେଟରେ ଲାଥମ ଓ ଡେଭନ କନୱେ ୧୧୩ ରନର ଶତକୀୟ ଭାଗୀଦାରି ସ୍ଥାପନ କରି ସ୍ଥିତି ସମ୍ଭାଳିଥିଲେ। କନ୍‌ୱେ ୭୨ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଆଉଟ ହୋଇଥିଲେ। ପଞ୍ଚମ ଉଇକେଟରେ ଜେମ୍ସ ନିଶାମ ଓ ଲଥାମ ୭୨ ବଲରୁ ୭୬ ରନ ସଂଗ୍ରହ କରିଥିଲେ। ନିଶାମ ୩୦ ରନକରି ଆଉଟ ହୋଇଥିଲେ। ଲଥାମ ୧୦୮ ବଲ୍ ଖେଳି ୧୦ ଚୌକା ସହ ୧୧୦ ରନ ଓ ଡାରିଲ ମିଚେଲ ୧୨ ରନକରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ବାଂଲାଦେଶ ତରଫରୁ ମୁସ୍ତାଫିଜୁର ରହମାନ ଓ ମାହେଦି ହାସନ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ତରଫରୁ ତାମିମ ସର୍ବାଧିକ ୭୮ ରନକରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟ ସରକାର ୩୨, ମୁସ୍‌ଫିକର ରହିମ ୩୪, ମହମୁଦୁଲ୍ଲା ୧୬ ରନକରି ଆଉଟ ହୋଇଥିବା ବେଳେ ମହମ୍ମଦ ମିଥୁନ ୭୩ ରନକରି ଅପରାଜିତ ରହିଥିଲେ। ଲିଟନ ଦାସ ଖାତା ଖୋଲିପାରି ନ ଥିବା ବେଳେ ମାହେଦି ହାସନ ୭ ରନକରି ଆଉଟ ହୋଇଥିଲେ ଓ ମହମ୍ମଦ ସୈଫୁଦ୍ଦିନ ୭ ରନକରି ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ତରଫରୁ ବୋଲିଂରେ ମିଚେଲ ସାଣ୍ଟନର ୨, ଟ୍ରେଣ୍ଟ ବୋଲ୍ଟ, ମ୍ୟାଟ ହେନେରି ଓ କାଏଲ ଜେମିସନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ଲାଥମଙ୍କ ଶତକ: ବାଂଲାଦେଶ ୫ ଉଇକେଟରେ ପରାସ୍ତ**



ଶତକ ହାସଲ ପରେ ଟମ୍ ଲଥାମ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୫୦ ଓଭରରେ ୨୭୧/୬ (ତାମିମ- ୭୮, ମିଥୁନ- ୭୩*, ମୁସ୍‌ଫିକର- ୩୪, ସୌମ୍ୟ- ୩୨, ମହମୁଦୁଲ୍ଲା- ୧୬, ସଣ୍ଟନର- ୨/୫୧, ବୋଲ୍ଟ- ୧/୪୯, ହେନରି- ୧/୪୮, ଜେମିସନ- ୧/୩୬)। ନ୍ୟୁଜିଲାଣ୍ଡ ୪୮.୨ ଓଭରରେ ୨୭୫/୫ (ଲଥାମ- ୧୧୦*, କନୱେ- ୭୨, ନିଶାମ-୩୦, ଗୁପ୍ଟିଲ-୨୦, ମୁସ୍ତାଫିଜୁର-୨/୬୨, ମାହେଦି ହାସନ- ୨/ ୪୨)।

# ଗନେମତ୍-ଅଙ୍ଗଦ ଯୋଡ଼ିଙ୍କୁ ମିକ୍ସଡ ସ୍କିଟ୍‌ରେ ସ୍ୱର୍ଣ୍ଣ



ଅଙ୍ଗଦ ବୀର ସିଂ ବାଜୱା ଓ ଗନେମତ୍ ସେଖୋଁ ।

**ନୂଆଦିଲ୍ଲୀ, ୨୩।୩ (ପି.ଟି.)**

ଚଳିତ ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍‌ରେ ଭାରତୀୟ ଶୁଟରମାନଙ୍କ ସ୍ୱର୍ଣ୍ଣ ଅଭିଯାନ ଜାରି ରହିଛି। ମଙ୍ଗଳବାର ଗନେମତ୍ ସେଖୋଁ ଓ ଅଙ୍ଗଦ ବୀର ସିଂ ବାଜୱା ସ୍କିଟ୍ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ୨୦ ବର୍ଷୀୟା ଗନେମତ ଏବଂ ୨୫ ବର୍ଷୀୟ ଅଙ୍ଗଦ କ୍ୱାଲିଫିକେଶନରେ ୧୪୧ ସ୍କୋର ସହ ଟପ୍‌ରେ ରହିଥିଲା। ସ୍ୱର୍ଣ୍ଣ ପଦକ ମୁକାବିଲାରେ ଏହି ଯୋଡ଼ି କାଜାଖସ୍ତାନର ଓଲ୍‌ଗା ପାନାରିନା ଓ ଆଲେକ୍‌ଜାଣ୍ଡର ୟେସେଙ୍କୋଙ୍କୁ ୩୩-୨୯ରେ ହରାଇ ଦେଇଥିଲେ। ମଙ୍ଗଳବାର ଫଳାଫଳ ସହ ଟେବୁଲ ଟପ୍ପର ଭାରତର ସ୍ୱର୍ଣ୍ଣ ସଂଖ୍ୟା ୭ରେ ପହଞ୍ଚିଛି। ଆୟୋଜକ ଦେଶ ୪ ରୌପ୍ୟ ଓ ସମାନ ସଂଖ୍ୟକ ବ୍ରୋଞ୍ଜ ମଧ୍ୟ ଜିତିଛି। ଫଳରେ ଟୁର୍ନାମେଣ୍ଟରେ ଦେଶର ପଦକ ସଂଖ୍ୟା ୧୫ରେ ପହଞ୍ଚିଛି। ଡକ୍ଟର କାର୍ନି ସିଂ ଶୁଟିଂ ରେଞ୍ଜ୍‌ରେ ଅନ୍ୟ ଭାରତୀୟ ଯୋଡ଼ି ପରିନାଜ୍ ଧାଲିୱାଲ ଏବଂ ମୈରାଜ ଅହମ୍ମଦ ଖାଁ ଅଳ୍ପକେ ବ୍ରୋଞ୍ଜରୁ ବଞ୍ଚିତ ହୋଇଛନ୍ତି। କାତାରର ରିମ୍ ଏ. ଶାରଶାନି ଓ ରସିଦ ହମାଦ ୩୨ ସ୍କୋର ସହ ବ୍ରୋଞ୍ଜ ଜିତିଥିବାବେଳେ ଭାରତୀୟ ଟିମ୍ ୩୧ ସ୍କୋର କରିଥିଲା।

# ଭାରତୀୟ ମହିଳା କ୍ରିକେଟ ଦଳ ବିଜୟୀ

**ଲକ୍ଷ୍ନୌ, ୨୩।୩**

ଭାରତୀୟ ମହିଳା କ୍ରିକେଟ ଦଳ ଚଳିତ ଟି୨୦ କ୍ରିକେଟ ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚରେ ମଙ୍ଗଳବାର ଦକ୍ଷିଣ ଆଫ୍ରିକା ଦଳକୁ ୯ ଉଇକେଟରେ ପରାସ୍ତ କରିଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୧୧୩ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୧ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଦୁଇ ଓପନର ଶେଫାଳି ବର୍ମା ଓ ଅଧିନାୟିକା ସ୍ମୃତି ମନ୍ଧାନା ବିସ୍ଫୋରକ ବ୍ୟାଟିଂ କରି ଓପନିଂ ଯୋଡ଼ିରେ ୫୧ ବଲ୍‌ରୁ ୯୬ ରନ ସଂଗ୍ରହ କରି ଦଳର ସହଜ ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଶେଫାଳି ୩୦ ବଲ୍‌ରୁ ୭ ଚୌକା ଓ ୫ ଛକା ସହାୟତାରେ ୬୦ ରନ କରି ଆଉଟ ହୋଇଥିଲେ। ସ୍ମୃତି ୨୮ ବଲ୍‌ରୁ ୯ ଚୌକା ସହ ୪୮ ଏବଂ ହରଲିନ ଦେଓଲ ୪ ରନରେ ଅପରାଜିତ ରହି ୯ ଓଭର ପୂର୍ବରୁ ଦଳକୁ ବିଜୟୀ କରାଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୧୬ ରନରେ ୩ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ମଧ୍ୟଭାଗରେ ଅଧିନାୟିକା ସୁନେ ଲୁସ୍ ୨୮ ରନ କରି ଆଉଟ ହୋଇଥିବାବେଳେ ଶେଷଭାଗରେ ଲାରା ଗୋଡାଲ ୨୫ ରନରେ ଅପରାଜିତ ରହିବାରୁ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୭ ଉଇକେଟ ହରାଇ ୧୧୨ ରନ କରିବାକୁ ସକ୍ଷମ ହୋଇଥିଲା। ଭାରତୀୟ ମହିଳାଙ୍କ ମଧ୍ୟରେ ରାଜେଶ୍ୱରୀ ଗାଏକ୍ୱାଡ ସର୍ବାଧିକ ୩ଟି ଏବଂ ଅରୁନ୍ଧତୀ ରେଡ୍ଡୀ, ରାଧା ଯାଦବ, ଦୀପ୍ତି ଶର୍ମା ଓ ଶିମରନ ବାହାଦୂର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ତେବେ ପ୍ରଥମ ୨ଟି ମ୍ୟାଚ ଜିତିଥିବାରୁ ଦକ୍ଷିଣ ଆଫ୍ରିକା ୨-୧ରେ ସିରିଜ ବିଜୟୀ ହୋଇଛି। ଭାରତର ରାଜେଶ୍ୱରୀ ଗାଏକ୍ୱାଡ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ଶେଫାଳି ବର୍ମା ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଛନ୍ତି।



ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଶେଫାଳି ବର୍ମା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ମହିଳା ଦଳ ୨୦ ଓଭରରେ ୧୧୨/୭(ସୁନେ ଲୁସ୍-୨୮, ଲାରା ଗୋଡାଲ-୨୫*, ରାଜେଶ୍ୱରୀ ଗାଏକ୍ୱାଡ ୪-୧-୯-୩, ଅରୁନ୍ଧତୀ-୧/୧୮, ରାଧା-୧/୨୪, ସିମରନ-୧/୨୯)। ଭାରତୀୟ ମହିଳା ଦଳ ୧୧ ଓଭରରେ ୧୧୪/୧(ଶେଫରଳି ବର୍ମା-୬୦, ସ୍ମୃତି ମନ୍ଧାନା-୪୮*।

# ଶୀର୍ଷକୁ ଫେରିଲେ ଶେଫାଳି

**ଦୁବାଇ, ୨୩।୩ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମହିଳା ଟି୨୦ ର୍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତର ସ୍ୱଳ୍ପ ବୟସ୍କା ବିସ୍ଫୋରକ ବ୍ୟାଟ୍ସମ୍ୟାନ ଶେଫାଳି ବର୍ମା ଶୀର୍ଷ ସ୍ଥାନକୁ ଫେରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଚଳିତ ଘରୋଇ ସିରିଜରେ ଚମତ୍କାର ପ୍ରଦର୍ଶନ ଯୋଗୁ ଶେଫାଳିଙ୍କ ପଦୋନ୍ନତି ଘଟିଛି। ଏହି ୧୭ ବର୍ଷୀୟା ବ୍ୟାଟର ଗତବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ଭାରତକୁ ନକ୍‌ଆଉଟ ପର୍ଯ୍ୟାୟରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ପରେ ପ୍ରଥମ ଥର ନମ୍ବର ୱାନ ସ୍ଥାନ ଅଧିକାର କରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨୩ ଓ ୪୭ ରନ ସଂଗ୍ରହ କରିବା ପରେ ସେ ଅଷ୍ଟ୍ରେଲିଆର ବେଥ ମୁନିଙ୍କୁ ହଟାଇ ପୁଣି ନମ୍ବର ୱାନକୁ ଫେରିଛନ୍ତି। ର୍ୟାଙ୍କିଙ୍ଗ ତାଲିକାରେ ପଦୋନ୍ନତି ପାଇଥିବା ଅନ୍ୟ ଜଣେ ଖେଳାଳି ହେଲେ ଦକ୍ଷିଣ ଆଫ୍ରିକା ଓପନର ଲିଜେଲି ଲି’। ଏହି ବିସ୍ଫୋରକ ଓପନର ଗତ ସପ୍ତାହରେ ଅନ୍ତର୍ଜାତୀୟ ଦିନିକିଆ ର୍ୟାଙ୍କିଙ୍ଗର ପ୍ରଥମ ସ୍ଥାନ ହରାଇଥିଲେ। ଇଂଲଣ୍ଡର ଟାମି ବିମଣ୍ଟ ଏହି ସ୍ଥାନ ଅଧିକାର କରିନେଇଥିଲେ। ଭାରତ ବିପକ୍ଷରେ ମ୍ୟାଚ ବିଜୟୀ ୭୦ ରନ ପାଇଁ ସେ ୩ ସ୍ଥାନ ଉପରକୁ ଉଠିପାରିଛନ୍ତି। ଅର୍ଥାତ ୧୧ତମ ସ୍ଥାନରେ ପହଞ୍ଚିଛନ୍ତି। ବ୍ୟାଟିଂ ତାଲିକାରେ ଉପରକୁ ଉଠିଥିବା ଦକ୍ଷିଣ ଆଫ୍ରିକାର ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ଲାଉରା ବଲଭାର୍ଡର୍ଟ। ସେ ୫ ସ୍ଥାନ ପଦୋନ୍ନତି ପାଇଁ ୨୪ତମ ସ୍ଥାନରେ ପହଞ୍ଚିଛନ୍ତି। ଭାରତୀୟ ଦଳର ଦୀପ୍ତି ଶର୍ମା ୪ ସ୍ଥାନ ଉପରକୁ ଉଠି ୪୦ତମ ସ୍ଥାନରେ ପହଞ୍ଚିଛନ୍ତି। ବାମହାତୀ ସ୍ପିନର ରାଜେଶ୍ୱରୀ ଗାଏକ୍ୱାଡ ୩୪ତମ ସ୍ଥାନରୁ ୨୫ତମ ସ୍ଥାନକୁ ପଦୋନ୍ନତି ପାଇଛନ୍ତି। ଅନ୍ତର୍ଜାତୀୟ ଦିନିକିଆ ର୍ୟାଙ୍କିଙ୍ଗରେ ମଧ୍ୟ କିଛି ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଯାଇଛି। ଅପରାଜିତ ୭୯ ରନ ପାଇଁ ଭାରତ ଅଧିନାୟିକା ତଥା ପୂର୍ବତନ ନମ୍ବର ୱାନ ବ୍ୟାଟର ମିଥାଲି ରାଜ ଗୋଟିଏ ସ୍ଥାନ ଉପରକୁ ଉଠି ୮ମ ସ୍ଥାନ ଅଧିକାର କରିଛନ୍ତି। ପ୍ରିୟା ପୁନିଆ ୫ ସ୍ଥାନ ପଦୋନ୍ନତି ପାଇ ୫୩ତମ ସ୍ଥାନରେ ରହିଛନ୍ତି। ବୋଲରଙ୍କ ମଧ୍ୟରେ ଗାଏକ୍ୱାଡ ୮ ସ୍ଥାନ ପଦୋନ୍ନତି ସହ ୩୮ତମ ସ୍ଥାନରେ ପହଞ୍ଚିଛନ୍ତି। ୪-୧ରେ ସିରିଜ ବିଜୟ ଦ୍ୱାରା ଦକ୍ଷିଣ ଆଫ୍ରିକା ଇଂଲଣ୍ଡକୁ ଅତିକ୍ରମ କରି ଅନ୍ତର୍ଜାତୀୟ ଦିନିକିଆ ଟିମ୍ ର୍ୟାଙ୍କିଙ୍ଗରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି। ଅନ୍ୟପକ୍ଷରେ ଭାରତ ପୂର୍ବଭଳି ଚତୁର୍ଥ ସ୍ଥାନ ବଜାୟ ରଖିଛି।

**ଆଇସିସି ଟି୨୦ ର୍ୟାଙ୍କିଙ୍ଗ**

# ନରୱାଲଙ୍କ ନୂଆ ବିଶ୍ୱ ରେକର୍ଡ

**ଅଲ୍ ଏନ୍ (ୟୁଏଇ), ୨୩।୩ (ପି.ଟି.)**

ଏଠାରେ ଚାଲିଥିବା ପାରା ଶୁଟିଂ ବିଶ୍ୱକପ୍‌ରେ ପି୪ ମିକ୍ସଡ ୫୦ମିଟର ପିସ୍ତଲ ଏସ୍ଏଚ୍୧ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ ସହ ନୂଆ ବିଶ୍ୱ ରେକର୍ଡ କରିଛନ୍ତି ଉଦୀୟମାନ ଶୁଟର ମନୀଷ ନରୱାଲ। ଇଭେଣ୍ଟରେ ଭାରତର ଏହା ହେଉଛି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ପୂର୍ବରୁ ସିଂଘରାଜ ପି-୧ ପୁରୁଷ ୧୦ ମିଟର ପିସ୍ତଲ ଏସ୍ଏଚ୍ ୧ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ୨୦୧୯ ବିଶ୍ୱଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ପ୍ରତିଯୋଗିତାରେ ଇରାନର ସାରେ ଜାଭାନମାର୍ଦ୍ଧି ଓ ୟୁକ୍ରେନର ଓଲେକ୍ସି ଡେନୁସୁଇକ୍‌ଙ୍କ ସମେତ ପାରାଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନମାନଙ୍କୁ ପଛରେ ପକାଇ ୨୨୯.୧ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିସହ ସେ ସର୍ବିୟାର ରାସ୍ତକୋ ଜୋକିକ (୨୨୮.୬)ଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ବିଶ୍ୱ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ୧୯ ବର୍ଷୀୟ ନରୱାଲ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜାଭାନମାର୍ଦ୍ଧିଙ୍କଠାରୁ ୫.୭ ପଏଣ୍ଟ ଆଗରେ ରହିଥିଲେ।

# ନଗ୍‌ମା, ଗୌତମ ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ




ପଦକ ବିଜୟୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

**ଭୁବନେଶ୍ୱର, ୨୩।୩(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ମଙ୍ଗଳବାର ୪୧ତମ ଅଲ୍ ଓଡ଼ିଶା ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଭିନ୍ନ ଜିଲାରୁ ଭିନ୍ନଭିନ୍ନ ବର୍ଗରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମହିଳା ବିଭାଗରେ ଖୋର୍ଦ୍ଧା ଜିଲାରୁ ନଗ୍‌ମା ଅରା ବେଗମ୍ ଏବଂ ପୁରୁଷରେ କଟକ ଜିଲାର ଗୌତମ କାହାଳି ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ ବିବେଚିତ ହୋଇଥିଲେ। ମହିଳା ବିଭାଗର ବିଭିନ୍ନ ଓଜନ ବର୍ଗରେ ଅନୁପମା ସ୍ୱାଇଁ, ସିମା ଦେ, ଶୁଭଦ୍ରା ବେହେରା ଓ ନଗ୍‌ମା ଆରା ବେଗମ୍ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେହିପର ପୁରୁଷ ବର୍ଗରେ ଚରଣ ନାୟକ, ବିକି ନାୟକ, ଗୌରବ କୁମାର ନାୟକ, ପ୍ରବୀର ଷଡ଼ଙ୍ଗୀ, ସମ୍ବିତ କୁମାର ନନ୍ଦ, ଏମ.ଡି. ରାଜ, ତାପସ କୁମାର ପ୍ରଧାନ, କୁନା ମହାନ୍ତି, ସୋମନାଥ ପାତ୍ର, ଗୌତମ କାହାଳି, ମୁକେଶ ମାହାର, ଈଶ୍ୱର ବେହେରା, ଯୋଗେଶ ମୁଖି, ସରୋଜକାନ୍ତ ମହାପାତ୍ର ଓ କୁନା ମୁଖି ପ୍ରମୁଖ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ‘ମୋ କଲେଜ’ ଅଧ୍ୟକ୍ଷ, ପୂର୍ବତନ ବିଧାୟକ ତଥା ସିନେ ଅଭିନେତା ଆକାଶ ଦାସ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜୟ ଶର୍ମା, ସାଗର ନାୟକ, ଗୌରାଙ୍ଗ ପାତ୍ର, ଶଶୀକାନ୍ତ ଜେନା, ବେଣୁଧର ସେଠୀ, ଦୀପକ ସାମନ୍ତରା, ପ୍ରତାପ ଦାସ, ସତ୍ୟ ମହାନ୍ତି, ହିମାଂଶୁ ଶେଖର ଦାସ, ଚିତ୍ତରଞ୍ଜନ ମିଶ୍ର ଏବଂ ରାଜ୍ୟ ବାହୁକୁସ୍ତି ଆସୋସିଏଶନ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

**ଅଲ୍ ଓଡ଼ିଶା ବାହୁକୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ**






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**୨ ଟ୍ରକରୁ ୨୫,୦୦୦ ଜରିମାନା ଆଦାୟ**

କଟକ ସଦର, (ଡି.ଏନ୍.ଏ.): କଟକ-ପାରାଦୀପ ରାସ୍ତାରେ ବେଆଇନ ଭାବେ ଲୁହାପଥର ବୋଝେଇ ଟ୍ରକ ଚାଲିବା ଆରମ୍ଭ ହୋଇଛି। ମଙ୍ଗଳବାର କନ୍ଦରପୁର ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇ ୨ଟି ଟ୍ରକରୁ ୨୫,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। କାରଣ ଉକ୍ତ ରାସ୍ତାରେ ଲୁହାପଥର ବୋଝେଇ ଟ୍ରକ ନ ଚାଲିବା ପାଇଁ ଗତ ଜାନୁୟାରୀରୁ ନିଷେଧାଦେଶ ଜାରି କରାଯାଇଛି।

## ସଂକ୍ଷେପରେ

### ଦନ୍ତାହାତୀ ଆକ୍ରମଣରେ ଜଣେ ଗୁରୁତର

**ଖୁଣ୍ଟୁଣୀ, ୨୩।୩ (ଡି.ଏନ.ଏ.):** ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଭାଗୁଆ ସଂରକ୍ଷିତ ଜଙ୍ଗଲରେ ଦନ୍ତାହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଡବାଗାଡ଼ିଆ ଗ୍ରାମର ଗୋବିନ୍ଦ ମେଲଗଜି। ଚିକିତ୍ସାଲାଗି ତାଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୋମବାର ରାତିରେ ଗୋବିନ୍ଦ କେତେଜଣ ସାଙ୍ଗଙ୍କ ସହିତ ଦେଶୀମଦ ରାନ୍ଧିବାକୁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। ଏହି ସମୟରେ ଅନ୍ୟ ସାଙ୍ଗମାନେ ଦୌଡି ଆସି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ ଜଙ୍ଗଲରୁ ଗୋବିନ୍ଦଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିବା ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର୍ କହିଛନ୍ତି।

### ଦାଦାବଟି ଆଦାୟ: ୪ ଗିରଫ

**କଟକ ଅଫିସ, ୨୩।୩:** ଦାଦାବଟି ଆଦାୟ ଅଭିଯୋଗରେ ବାଦାମବାଡି ପୋଲିସ ୪ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଶଙ୍କରପୁର ନୂଆସାହିର ମିଟୁଆ ବେହେରା, ଅଶୋକ କୁମାର ବେହେରା, ଶଙ୍କରପୁର ଉପରସାହିର ବିଶ୍ୱନାଥ ଘୋଷ ଓ କଟକ ସଦର ଥାନା ଅନ୍ତର୍ଗତ ୪୨ମୌଜା ଅଞ୍ଚଳର ସୁକାନ୍ତ ପଲେଇ। ସେମାନଙ୍କ ନିକଟରୁ ୧୨,୦୦୦ ଟଙ୍କା ଜବତ କରାଯାଇଛି। ସୋମବାର ଅଭିଯୁକ୍ତମାନେ ବାଦାମବାଡି ବସଷ୍ଟାଣ୍ଡକୁ ଆସୁଥିବା ଲାଇନ୍ ବସଗୁଡିକରୁ ଦାଦାବଟି ଆଦାୟ କରୁଥିବାବେଳେ ପୋଲିସ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲା।

### କଲେଜ ଛାତ୍ରୀଙ୍କୁ ଅପହରଣ ସନ୍ଦେହ: ୩ ଅଟକ

**କଣ୍ଟାପଡା, ୨୩।୩ (ଡି.ଏନ୍.ଏ.):** କଲେଜ ଛାତ୍ରୀଙ୍କୁ ଅପହରଣ ସନ୍ଦେହରେ ଗୋବିନ୍ଦପୁର ପୋଲିସ ୩ ଜଣ ଯୁବକଙ୍କୁ ଅଟକ ରଖିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୨୮/୨୧) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଏହି ଥାନା ଅଧୀନ ପୋହଲ ଗ୍ରାମର ଛାତ୍ରୀ ଜଣଙ୍କ କଲେଜ ଯାଉଥିବାବେଳେ ଏକ କାରରେ ସମ୍ପୃକ୍ତ ଯୁବକମାନେ ତାଙ୍କ ନିକଟରେ ପହଞ୍ଚିଥିଲେ। ଛାତ୍ରୀଜଣଙ୍କ କାରରେ ବସିବା ଦେଖି ସ୍ଥାନୀୟ ଲୋକ ଅପହରଣ ସନ୍ଦେହ କରି ସେମାନଙ୍କୁ ଅଟକ ରଖି ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ୩ଜଣ ଯୁବକ ଓ ଛାତ୍ରୀଙ୍କୁ ଥାନାକୁ ନେଇଥିଲା। ଏ ନେଇ ଥାନାଧିକାରୀ ମାନସ ମିଶ୍ର କହିଛନ୍ତି, ଅପହରଣ ମାମଲା ରୁଜୁ ହୋଇଛି। ବୁଧବାର ଛାତ୍ରୀଙ୍କ ବୟାନ ରେକର୍ଡ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ସ୍ୱପ୍ନେଶ୍ୱର ପାନୀୟ ଜଳ ପ୍ରକଳ୍ପ ବନ୍ଦ

**କଟକ ସଦର, ୨୩।୩ (ଡି.ଏନ୍.ଏ.):** ୪୨ମୌଜା ଅଧୀନ କୂଳସରିଚୁଆଁ ପଞ୍ଚାୟତ ସ୍ୱପ୍ନେଶ୍ୱର ପାନୀୟ ଜଳ ପ୍ରକଳ୍ପର ବିଦ୍ୟୁତ୍ ସଂଯୋଗ ମଙ୍ଗଳବାର ଅପରାହ୍ଣରେ ବିଚ୍ଛିନ୍ନ କରିଦିଆଯାଇଛି। ବିଦ୍ୟୁତ୍ ବିଲ୍ ବାକି ଥିବାରୁ ଏପରି କରାଯାଇଥିବା ପଞ୍ଚାୟତ ସୂତ୍ରରୁ ଜଣାପଡିଛି। ପ୍ରକଳ୍ପ ବନ୍ଦ ଯୋଗୁ ୩ଟି ୱାର୍ଡର ଲୋକମାନେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବ୍ଲକ ପ୍ରଶାସନର ମଞ୍ଜୁର ପରେ ବକେୟା ବିଲ୍ ଦିଆଯିବ ବୋଲି କାର୍ଯ୍ୟନିର୍ବାହୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି।

### ଶିଳ୍ପ ବିଭାଗ ଅତିରିକ୍ତ ସଚିବଙ୍କ ବିୟୋଗରେ ଶୋକସଭା

**କଟକ ଅଫିସ, ୨୩।୩:** ଭୁବନେଶ୍ୱର କୁଆଖାଇ ସେତୁ ନିକଟରେ ସୋମବାର ସଡ଼କ ଦୁର୍ଘଟଣାରେ ବରିଷ୍ଠ ଓଏଏସ୍ ଅଫିସର ତଥା ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ସଚିବ ବସନ୍ତ ଦାଶଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ କଟକସ୍ଥିତ ଶିଳ୍ପ ନିର୍ଦ୍ଦେଶାଳୟରେ ଏକ ଶୋକସଭା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଏମ୍ ଅମୂଲ୍ୟରତ୍ନ ପଣ୍ଡା, ଉପନିର୍ଦ୍ଦେଶକ(ପ୍ରଶାସନ) ହରପ୍ରିୟା ଦାଶ, ସହ ଉପବିଭାଗ ଅଧିକାରୀ ଅମ୍ବୁଜ ଦାସଙ୍କ ସମେତ ଶିଳ୍ପ ନିର୍ଦ୍ଦେଶାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ବସନ୍ତଙ୍କ ଆତ୍ମାର ସଦ୍‌ଗତି କାମନା ସହ ନୀରବ ପ୍ରାର୍ଥନା କରିଥିଲେ।

# ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

- ଶତବାର୍ଷିକୀ ପାଳନ ଅବସରରେ ବିଶାଳ ଶୋଭାଯାତ୍ରା
- ମୁଖ୍ୟ ଆକର୍ଷଣ ଲୋକନୃତ୍ୟ, ପ୍ରଜ୍ଞାପନ ମେଢ


ଶୋଭାଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

**କଟକ ଅଫିସ, ୨୩।୩**

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକ ପାଳନ ଅବସରରେ କଟକ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ସହରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ରେଳଷ୍ଟେଶନଠାରେ ବିଶିଷ୍ଟ ଅତିଥିମାନେ ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ସକାଳ ସାଢେ ୭ଟାରେ ଷ୍ଟେଶନଠାରୁ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏହାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଉଦ୍‌ଘାଟନ କରିଥିଲେ। କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ନେତୃତ୍ୱରେ ବାହାରିଥିବା ପଦଯାତ୍ରା କଲେଜଛକ, ରାଣୀହାଟ, ମଙ୍ଗଳାବାଗ, ନୂଆପାଟଣା, ମାଛୁଆବଜାର, ତିନିକୋଣିଆ ବଗିଚା, ଦରଘା ବଜାର, ଚୌଧୁରୀ ବଜାର, ନୟାସଡ଼କ, ବାଲୁବଜାର, ହାଇକୋର୍ଟ ଛକ, ଚାନ୍ଦିନୀ ଚୌକ୍ ଦେଇ ପୂର୍ବାହ୍ନ ୧୧ଟାରେ ବେଲଭ୍ୟୁ ଛକଠାରେ ପହଞ୍ଚିଥିଲା। ଏହି ପଦଯାତ୍ରାକୁ ସ୍ମରଣୀୟ କରିବା ପାଇଁ ବିଭିନ୍ନ ସଂଗଠନ ସ୍ୱତଃପ୍ରବୃତ୍ତ ଭାବେ ସାମିଲ ହୋଇଥିଲେ। ଗାନ୍ଧିଜୀଙ୍କ ବାର୍ତ୍ତା ବହନ କରୁଥିବା ବିଭିନ୍ନ ପ୍ରଜ୍ଞାପନ ମେଢକୁ ଏହି ଶୋଭାଯାତ୍ରାରେ ସାମିଲ କରାଯାଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦଣ୍ଡନୃତ୍ୟ, ଘୁମୁରା, ସଂକିର୍ତ୍ତନ ମଣ୍ଡଳୀ ସମେତ ଏନ୍‌ସିସି କ୍ୟାଡ୍‌ଟମାନେ ଏହି ଶୋଭାଯାତ୍ରାକୁ ଅଧିକ ଆକର୍ଷିତ କରିଥିଲେ। ସେହିଭଳି ପୋଲିସ ବାହିନୀ ଏଥିରେ ସାମିଲ ହୋଇ ବ୍ୟାଣ୍ଡପାର୍ଟି ସହ ବିଭିନ୍ନ ଧୁନ୍ ବଜାଇଥିଲେ। ଏହି ଅବସରରେ ବିଭିନ୍ନ ପୂଜା କମିଟି, ସାମାଜିକ ସଂଗଠନ, ସାହି କମିଟି ପକ୍ଷରୁ ପଦଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

ବେଲ୍‌ଭ୍ୟୁଠାରେ ଏମ୍‌ପି ମହତାବ ଶୋଭାଯାତ୍ରାକାରୀଙ୍କୁ ଗାନ୍ଧିଜୀଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସେହିପରି ବିଧାୟକ ଇଂ. ମହମ୍ମଦ ମୋକିମ୍ କହିଥିଲେ, ଗାନ୍ଧିଙ୍କ ବିଚାର ଧାରାକୁ ଆମେ ଯଦି ବଞ୍ଚାଇ ନ ରଖିବା ତେବେ ଅଖଣ୍ଡ ଭାରତ ବଞ୍ଚିବା କଷ୍ଟକର ହୋଇଯିବ। ଏହି ଶୋଭାଯାତ୍ରାରେ ମନ୍ତ୍ରୀ ଅଶୋକ ପଣ୍ଡା, ସମୀର ରଞ୍ଜନ ଦାଶ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ଦେବୀ ମିଶ୍ର, ଶଶୀଭୂଷଣ ବେହେରା, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପ୍ରଭାତ ରଞ୍ଜନ ବିଶ୍ୱାଳ, କଂଗ୍ରେସ ନେତା ସୁରେଶ ମହାପାତ୍ର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଭାଜପା ନେତା ନୟନ ମହାନ୍ତି, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକ, ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ଉପସଭାପତି ଶ୍ରୀନିବାସ ରେଡ୍ଡୀ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ସହସମ୍ପାଦକ ରତ୍ନାକର ପ୍ରଧାନ, ପ୍ରଶାନ୍ତ ସାହୁ, ସନ୍ତୋଷ ମହାନ୍ତି, ହିମାଂଶୁ ମହାପାତ୍ରଙ୍କ ସମେତ ସହରର ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।


ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପାଳନ ଅବସରରେ କଟକ କଳାବିକାଶ କେନ୍ଦ୍ରରେ ଥିଏଟର ମାରାଥନ କଟକ ପକ୍ଷରୁ ମଙ୍ଗଳବାର ପରିବେଷିତ ନାଟକ 'ଗାନ୍ଧୀଙ୍କ ଓଡ଼ିଶା'ର ଏକ ଦୃଶ୍ୟ।

# ଗାଡ଼ି ଚୋର ଗ୍ୟାଙ୍ଗ ଠାବ: ୪ ଗିରଫ

## ୬ ବାଇକ୍, ୫ ମୋବାଇଲ ଜବତ

**କଟକ ଅଫିସ, ୨୩।୩**

ମଙ୍ଗଳାବାଗ ପୋଲିସ ଏକ ଗାଡ଼ି ଚୋରି ଗ୍ୟାଙ୍ଗକୁ ଠାବ କରିଛି। ଏଥିସହ ଗ୍ୟାଙ୍ଗର ସଦସ୍ୟ ମଙ୍ଗଳାବାଗ ଥାନା ଅନ୍ତର୍ଗତ କେଶରପୁର ଅଖାପଟିଗଳିର ଏସ. କେ. ନଦିମ୍, କେଶରପୁର ଛୋଟି ମସଜିଦ୍ ନିକଟରେ ରହୁଥିବା ସେକ୍ ଆସ୍‌ପାକ୍, ଗମାଣ୍ଡିଆ ଅଞ୍ଚଳର ଏସ୍.କେ. ସୋନୁ ଓ ପୁରୀଘାଟ ଥାନା ଅନ୍ତର୍ଗତ କେଶରପୁର ଅଞ୍ଚଳର ସେକ୍ ୱାସିଫ୍‌ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ୬ଟି ବାଇକ୍ ଓ ୫ଟି ମୋବାଇଲ ଜବତ କରାଯାଇଛି। ଏ ନେଇ ଦରଘାବଜାର ଥାନାଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସିପି ଏସ.କେ. ସରିଫଉଦ୍ଦିନ୍ କହିଛନ୍ତି, ଗତ ୧୦ ତାରିଖରେ ମଙ୍ଗଳାବାଗ ଥାନା ମଲାସାହି ଅଞ୍ଚଳରୁ ଏକ ବାଇକ୍ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରିଥିଲା। ପରେ ତଦନ୍ତ କରି ଅଭିଯୁକ୍ତମାନେ ଉକ୍ତ ଗାଡ଼ି ଚୋରି କରିଥିବା ଜାଣିବାକୁ ପାଇଥିଲା। ସେମାନଙ୍କୁ ପଚରାଉଚରା ପରେ ଆଉ ୫ଟି ଗାଡ଼ି ଚୋରି ହୋଇଥିବା ଜାଣିବାକୁ ପାଇଥିଲା। ଅଭିଯୁକ୍ତମାନେ ଚୋରି ଗାଡିକୁ ବ୍ୟବହାର କରି ସହରର ବିଭିନ୍ନ ସ୍ଥାନରେ ସୁନାଚେନ୍ ଓ ମୋବାଇଲ ଫୋନ୍ ଲୁଟ୍ କରୁଥିଲେ। ତେବେ ଏହି ଗ୍ୟାଙ୍ଗରେ ଥିବା ଆଉ ୩ ଜଣ ସଦସ୍ୟଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଥିବା ଏସିପି ସୂଚନା ଦେଇଛନ୍ତି।

# ୫ ବୋମା ଜବତ, ୩ ଗିରଫ

**ଚୌଦ୍ୱାର, ୨୩।୩(ଡି.ଏନ୍.ଏ.)**



ବୋମାମାଡ଼ ପାଇଁ ଯୋଜନା କରୁଥିବା ୩ ଜଣ ଯୁବକଙ୍କୁ ଚୌଦ୍ୱାର ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଆଗ୍ରାହାଟ ପରିଡାସାହିର ନୀହାର ରଞ୍ଜନ ବେଉରା, ଯାଜଭୈରବ ନୂଆଗାଁର ତ୍ରିଲୋଚନ ସାମଲ ଓ କେଦାରେଶ୍ୱରର ଦୀପକ ରାଉତ। ସେମାନଙ୍କ ନିକଟରୁ ୫ଟି ବୋମା ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୨୨/୨୧) ରୁଜୁ ହୋଇଛି। ଚୌଦ୍ୱାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି, ଚୌଦ୍ୱାର ହାଉସିଂ ବୋର୍ଡ କଲୋନୀ ମାଉସୀ ମା' ମନ୍ଦିର ନିକଟରେ ଅଭିଯୁକ୍ତମାନେ ବୋମା ରଖିଥିବା ଏସ୍‌ଆଇ ତପସ୍ୱିନୀ କାନୁନ୍‌ଗୋ ସୋମବାର ରାତିରେ କୌଣସି ସୂତ୍ରରୁ ଖବର ପାଇଥିଲେ। ତୁରନ୍ତ ସେଠାରେ ପୋଲିସ ଟିମ୍ ଚଢାଉ କରିବାବେଳେ ଅଭିଯୁକ୍ତମାନଙ୍କ ମଧ୍ୟରୁ ୨ଜଣ ଖସି ପଳାଇଥିଲେ। ପରେ ପୋଲିସ ୩ଜଣଙ୍କୁ କାବୁ କରି ଥାନାକୁ ଆଣିଥିଲା। ବାଲି ଯୋଗାଣରେ ଅର୍ଥ କାରବାରକୁ ନେଇ ସ୍ଥାନୀୟ ଲେବରଟେନାମେଣ୍ଟ କଲୋନୀରେ ରହୁଥିବା ମନୋଜ ସାହୁ ଓ ଅନ୍ୟଜଣେ ବ୍ୟକ୍ତିଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଫଳରେ ସମ୍ପୃକ୍ତ ବ୍ୟକ୍ତି ଜଣକ ମନୋଜଙ୍କ ଘର ଉପରକୁ ବୋମାମାଡ଼ କରିବା ପାଇଁ ଅଭିଯୁକ୍ତମାନଙ୍କ ସହାୟତା ନେଇଥିଲେ। ଫଳରେ ଅଭିଯୁକ୍ତମାନେ ମନୋଜଙ୍କ ଘର ଉପରକୁ ବୋମାମାଡ଼ ପାଇଁ ଯୋଜନା କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଛି।

## ଅପେରା ବନ୍ଦ କଲା ପ୍ରଶାସନ

**କଟକ ସଦର, ୨୩।୩ (ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ସୋମପୁର ଠାରେ ମଙ୍ଗଳବାର ଅପେରା ପରିବେଷଣ ହେବାର ଥିଲା। ମାତ୍ର କୋଭିଡ୍ ଗାଇଡ୍‌ଲାଇନ୍‌ରେ ବ୍ୟତିକ୍ରମ ହେବା ଆଶଙ୍କା କରି କଟକ ସଦର ଉପଜିଲାପାଳ ପ୍ରତାପ ବେଉରା ଏଥିପାଇଁ ଅନୁମତି ଦେଇନାହାନ୍ତି। ଅପେରା ପୂର୍ବ ପ୍ରସ୍ତୁତିରେ ଲକ୍ଷାଧିକ ଟଙ୍କା ପାଣିରେ ପଡିଲା ବୋଲି ଆୟୋଜକମାନେ କହିଛନ୍ତି।

## ଆଠଗଡ଼ରୁ ୨ କରୋନା ପଜିଟିଭ ଚିହ୍ନଟ

**ଆଠଗଡ଼, ୨୩।୩**

ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ୩୧ ଓ ଏହା ଅଧୀନରେ ଥିବା ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୮ ଜଣଙ୍କ ଆଣ୍ଟିଜେନ୍ ଟେଷ୍ଟ କରାଯାଇ ଥିଲା। ସେମାନଙ୍କ ମଧ୍ୟରୁ ୨ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରୁ ହୋଇଥିବା ପରୀକ୍ଷାରୁ କନ୍ଦରପୁର ଅଞ୍ଚଳର ଯୁବତୀ ଓ ବ୍ରହ୍ମପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ହୋଇଥିବା ପରୀକ୍ଷାରୁ ବ୍ରାହ୍ମଣ ବସ୍ତିର ଜଣେ ପୁରୁଷ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ହୋମ ଆଇସୋଲେଶନରେ ରଖାଯାଇଛି ବୋଲି ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଅଧିକାରୀ ଡ. ବିଜୟ ମିଶ୍ର କହିଛନ୍ତି। ଏଥିସହ ଆଣ୍ଟିଜେନ୍ ଟେଷ୍ଟ କରିଥିବା ଅନ୍ୟ ୪୭ ଜଣଙ୍କ ସ୍ୱାବ୍ର ଆରଟିପିସିଆର ଟେଷ୍ଟ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି।

# ଶହୀଦ ଭଗତ୍ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

## ଶହୀଦ ଦିବସ ଉପଲକ୍ଷେ ଶୋଭାଯାତ୍ରା

**କଟକ ଅଫିସ, ୨୩।୩**

ଶହୀଦ୍ ଭଗତ୍ ସିଂ, ସୁଖଦେବ ଓ ରାଜଗୁରୁଙ୍କ ଶହୀଦ ଦିବସ ଉପଲକ୍ଷେ ଏଆଇଡିଏସ୍‌ଓ, ଏଆଇଏମ୍‌ଏସ୍‌ଏସ୍, ଏଆଇଡିୱାଇଓ ଏବଂ କିଶୋର ବାହିନୀ କମ୍‌ସୋମୋଲ୍ ପକ୍ଷରୁ ମଙ୍ଗଳବାର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଟକ କଲେଜ ଛକଠାରୁ ଏହି ଶୋଭାଯାତ୍ରା ବାହାରି ଶହୀଦ ପାର୍କରେ ପହଞ୍ଚିଥିଲା। ସେଠାରେ ଭଗତ୍ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏଆଇଡିଏସ୍‌ଓ କଟକ ଜିଲା କମିଟି ସମ୍ପାଦକ ବିନୋଦ ସେଠୀ ଯୋଗଦେଇ କହିଥିଲେ, ବ୍ରିଟିଶ ସାମ୍ରାଜ୍ୟବାଦର ଅବସାନ ପରେ ଏବେ ଦେଶରେ ପୁଞ୍ଜିପତି ଶ୍ରେଣୀର ସରକାର କ୍ଷମତାସୀନ ହୋଇଛନ୍ତି। ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାମ୍ପ୍ରଦାୟୀକରଣ, କେନ୍ଦ୍ରୀକରଣ ଓ ଧନ୍ଦାମୁଖୀକରଣ ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ବିଭିନ୍ନ ଶିକ୍ଷାମାରଣ ନୀତି ପ୍ରଣୟନ କରିଛନ୍ତି। ଏହାଦ୍ୱାରା ସାଧାରଣ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ପାଇବାରୁ ବଞ୍ଚିତ କରିବା ସହ ସେମାନଙ୍କ ବିଜ୍ଞାନ ସମ୍ମତ ଦୃଷ୍ଟିଭଙ୍ଗୀ, ମାନବିକ ଗୁଣାବଳୀ ଓ ବିବେକକୁ ଧ୍ୱଂସ କରିଦେବ। ଅନ୍ୟପକ୍ଷରେ ଅପରାଧ, ଛାତ୍ରୀ ଓ ମହିଳାମାନଙ୍କ ଉପରେ ନିର୍ଯାତନା ବଢି ଚାଲିଛି। ଦରଦାମ ବୃଦ୍ଧି ଯୋଗୁ ସାଧାରଣ ମଣିଷର ବଞ୍ଚିବା ଦୁର୍ବିସହ ହୋଇପଡିଛି। ସ୍ୱାଧୀନୋତ୍ତର ଭାରତବର୍ଷର କୌଣସି ସରକାର ଭଗତ ସିଂଙ୍କ ଜୀବନ ସଂଗ୍ରାମକୁ ଜନସାଧାରଣଙ୍କ ନିକଟକୁ ନେଇ ଯିବା ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ଏହିଭଳି ପରିସ୍ଥିତିରେ ଶହୀଦ ଭଗତ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନକୁ ଗଢିପାରିଲେ, ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରାଯାଇପାରିବ। ଏହି ଶୋଭାଯାତ୍ରାରେ ସଂଗଠନ ସମ୍ପାଦକ ମଣ୍ଡଳୀ ସଦସ୍ୟ ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ, ଜ୍ୟୋତ୍ସ୍ନାରାଣୀ ଦାସ, ଛାତ୍ରନେତା ସରୋଜ ମାନସିଂ, ସସ୍ମିତା ମହାନ୍ତି, ଦୀପକ ରଞ୍ଜନ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ଔଷଧୀୟ ଫସଲ ଚାଷ ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର, ୨୩।୩ (ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ସ୍ଥିତ ବିଜୁପଟ୍ଟନାୟକ ହଲ୍‌ରେ 'ଔଷଧୀୟ ଓ ସୁଗନ୍ଧିତ ଫସଲ ଚାଷ ଦ୍ୱାରା କୃଷକଙ୍କ ଆୟ ଦୁଇଗୁଣ କରିବା' ସମ୍ପର୍କିତ ଏକ ଦୁଇଦିନିଆ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଓୟୁଏଟିସ୍ଥିତ କେନ୍ଦ୍ରୀୟ ଅନୁଦାନ ଯୋଜନା ସମନ୍ୱିତ ଉଦ୍ୟାନ କୃଷି ବିକାଶ ମିଶନ, ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓୟୁଏଟିର କୁଳପତି ଡ. ପଥ୍ୱନ କୁମାର ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଔଷଧୀୟ ଓ ସୁଗନ୍ଧିତ ଫସଲ ଚାଷ ଓ ଏହାର ଗୁଣବତ୍ତା କିପରି ବଜାୟ ରହିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଫୁଲ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଶଶୀକଳା ବେଉରା ସ୍ୱାଗତ ଭାଷଣ ଦେଇଥିବାବେଳେ କୃଷି ଗବେଷଣା ଅଧ୍ୟକ୍ଷ କସ୍ତୁରୀ ଚରଣ ବାରିକ ଓ ରାଜ୍ୟ ଔଷଧୀୟ ବୃକ୍ଷ ପରିଷଦ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଆଇଏଫ୍‌ଏସ୍ ପି.କେ. ଝା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ୬୦ରୁ ଉର୍ଦ୍ଧ୍ୱ ଅଗ୍ରଣୀ ଚାଷୀଙ୍କ ସମେତ ୩୦ଜଣ ବିଭାଗୀୟ ଛାତ୍ରୀଛାତ୍ର ଓ ୫୦ରୁ ଉର୍ଦ୍ଧ୍ୱ ବୈଜ୍ଞାନିକ ଅଂଶ ଗ୍ରହଣ କରିଥିଲେ।

## କରୋନା କଟକଣାରେ ବେଲେଶ୍ୱରୀଙ୍କ ବିମାନ ଯାତ୍ରା

**ନିଶ୍ଚିନ୍ତକୋଇଲି, ୨୩।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା'ବେଲେଶ୍ୱରୀ ପୀଠରୁ ଦୋଳ ପାଇଁ ୨ ବିମାନ ବାହାରିଛି। ମଙ୍ଗଳବାର ସନ୍ଧ୍ୟାରେ ମା'ଙ୍କ ପୂଜାର୍ଚ୍ଚନା ପରେ ରାଧାକୃଷ୍ଣ ଓ ଗୋପାଳଙ୍କୁ ରତ୍ନବେଦୀରୁ ଆଣି ବିମାନରେ ସ୍ଥାପନ କରାଯାଇଥିଲା। ପରେ ମହାପାତ୍ର ସାହିକୁ ଯାଇ ପ୍ରଥମ ଭୋଗ ଖାଇଥିଲେ। କୋଭିଡ୍‌ଗାଇଡ ଲାଇନ ଅନୁଯାୟୀ ସମସ୍ତ ସେବାୟତ ମାସ୍କ ଓ ସାନିଟାଇଜର ବ୍ୟବହାର କରିଛନ୍ତି ବୋଲି ଠାକୁର ମାଲିକ କ୍ଷୀରୋଦ ପଣ୍ଡା କହିଛନ୍ତି।

## ୨ ଟ୍ରକ୍ ମୁହାଁମୁହିଁ: ୨ ଗୁରୁତର

**ଚୌଦ୍ୱାର, ୨୩।୩(ଡି.ଏନ.ଏ.)**

ଚୌଦ୍ୱାର ନିକଟସ୍ଥ ଏକ ସିମେଣ୍ଟ କାରଖାନା ସମ୍ମୁଖରେ ମଙ୍ଗଳବାର ଅପରାହ୍ନରେ ଦୁଇଟି ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଦୁଇଟି ଟ୍ରକ୍‌ର ଡ୍ରାଇଭର ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏକ ଟ୍ରକ ଅନୁଗୋଳରୁ କଟକ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ସିମେଣ୍ଟ ବୋଝେଇ ଟ୍ରକ ସହ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ରାସ୍ତାରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଟିପିଏମ୍ ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ ଦୁଇଟିକୁ ରାସ୍ତାରୁ ହଟାଇଥିଲା।

## ଟ୍ରକ ଡ୍ରାଇଭର୍ କୋର୍ଟଚାଲାଣ

### ଦୁର୍ଘଟଣାରେ ଶିଳ୍ପ ବିଭାଗ ଅତିରିକ୍ତ ସଚିବଙ୍କ ମୃତ୍ୟୁ ଘଟଣା

**ଭୁବନେଶ୍ୱର, ୨୩।୩(ବ୍ୟୁରୋ)**

ହଂସପାଳ ଛକରେ ସୋମବାର ଦୁର୍ଘଟଣାରେ ଶିଳ୍ପ ବିଭାଗର ଅତିରିକ୍ତ ସଚିବ ବସନ୍ତ କୁମାର ଦାସଙ୍କ ମୃତ୍ୟୁ ଘଟଣାରେ ମଙ୍ଗଳବାର ମଞ୍ଚେଶ୍ୱର ପୋଲିସ ଅଭିଯୁକ୍ତ ଟ୍ରକ୍ ଡ୍ରାଇଭରଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ତେଲେଙ୍ଗାନା କେଭିରଙ୍ଗା ରେଡ୍ଡୀ ଜିଲା ଅଧୀନ କରମ୍‌ନଗର ଥାନା ଧୁଡୁଥାଲାର କ୍ରୀଷ୍ଟୋୟା ଗୌଡ଼। ବସନ୍ତ ନିଜ କାର୍ (ଓଡି୦୨ଇ-୦୮୮୮)ରେ କଟକରୁ ଭୁବନେଶ୍ୱର ଫେରୁଥିଲେ। ସେ କୁଆଖାଇ ପୋଲ ଉପରେ ଗାଡ଼ି ରଖି ନଈରେ ପୂଜା ଜିନିଷ ଫିଙ୍ଗିବାକୁ ଯାଉଥିବା ସମୟରେ ପଛପଟୁ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ମଞ୍ଚେଶ୍ୱର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଟ୍ରକ ଡ୍ରାଇଭରକୁ ଗିରଫ୍ କରିଥିଲା । ପରେ ମୃତକଙ୍କ ଦାଦା ଅମେୟ କମାର ଦାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ରବୀନ୍ଦ୍ର ନାରାୟଣ ମିଶ୍ର ପାଇଲେ ଟେଳିତୋଳ ପୁରସ୍କାର

## ଟେଳିତୋଳ କଲଚ୍ରାଲ ଏକାଡେମୀର ବାର୍ଷିକ ଉତ୍ସବ

**କଟକ ଅଫିସ, ୨୩।୩**


ଉତ୍ସବରେ ଗାଳ୍ପିକ ରବୀନ୍ଦ୍ର ନାରାୟଣ ମିଶ୍ରଙ୍କୁ ଟେଳିତୋଳ ପୁରସ୍କାର ପ୍ରଦାନ କରାଯାଉଛି।

କଟକ ସାରଳା ଭବନରେ ଟେଳିତୋଳ କଲ୍‌ଚରାଲ ଏକାଡେମୀର ୩୦ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟର ପୂର୍ବତନ ବିଚାରପତି ଅକ୍ଷୟ କୁମାର ରଥ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଟେଳିତୋଳ ଅତୀତ ଐତିହ୍ୟର ପ୍ରତୀକ। ଆମ ନୌବାଣିଜ୍ୟ ପରମ୍ପରା ଅତୀବ ପ୍ରାଚୀନ। ଟେଳିତୋଳ ବା ଆଧୁନିକ ତିର୍ତ୍ତୋଲ ପୂର୍ବ ଉପକୂଳର ଏକ ସମୃଦ୍ଧ ବନ୍ଦର ଥିଲା। ଅତୀତର ସେହି ଗୌରବୋଜ୍ଜ୍ୱଳ ଗାଥାକୁ ସ୍ମରଣ କରିବାର ଉଦ୍ୟମ ଅଭିନନ୍ଦନୀୟ ବୋଲି ସେ କହିଥିଲେ। ଏଥିରେ ପଦ୍ମଶ୍ରୀ ଡ. ରଜତ କୁମାର କର ମୁଖ୍ୟବକ୍ତା, ଦେବୋତ୍ତର କମିଶନର ଚିତ୍ତରଞ୍ଜନ ମହାପାତ୍ର ଓ ଏକାଡେମୀର ପ୍ରତିଷ୍ଠାତା ସଭାପତି ଇଂ. ପ୍ରଭାକର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗାଳ୍ପିକ ରବୀନ୍ଦ୍ର ନାରାୟଣ ମିଶ୍ରଙ୍କୁ ଟେଳିତୋଳ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ପ୍ରଫେସର ନୀଳମାଧବ ରଥଙ୍କୁ ନାରାୟଣ ବୀରବର ସାମନ୍ତ ସେବା ସମ୍ମାନ, ଭାଷାବିତ୍ ପ୍ରଫେସର ଉପେନ୍ଦ୍ରନାଥ ଦଳାଇଙ୍କୁ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶିକ୍ଷାବିତ୍ ସମ୍ମାନ, ସାରସ୍ୱତ ସାଧକ ପ୍ରବୋଧ କୁମାର ରାଉତଙ୍କୁ ଶରତ ଚନ୍ଦ୍ର ପ୍ରଶାସନିକ ସେବା ଓ ସାରସ୍ୱତ ସମ୍ମାନ ଏବଂ ସାମାଜିକ କର୍ମୀ ବାବାଜୀ ଚରଣ ବେହେରାଙ୍କୁ ଟେଳିତୋଳ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏକାଡେମୀର ସଭାପତି ପ୍ରଫେସର ନିମାଇଁ ଚରଣ ପରିଜା ସ୍ୱାଗତ ଭାଷଣ, ନିରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ଓ ସମ୍ପାଦକ ଇଂ. ସୁଶୀଲ କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ, ବିଜୟଲକ୍ଷ୍ମୀ ନାୟକ, କ୍ଷୀରାବ୍ଧିତନୟା ମହାନ୍ତି, ରୀତା ରାୟ ମାନପତ୍ର ପାଠ କରିଥିଲେ। ଏକାଡେମୀର କାର୍ଯ୍ୟକାରୀ ସଭାପତି ପ୍ରଫେସର ଡା. ନୀରଦ କୁମାର ଗଚ୍ଛାୟତ ଧନ୍ୟବାଦ ଦେଇଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ବନଶ୍ରୀ ମହାପାତ୍ର, ସଂଗୀତା ପ୍ରଧାନ, ବିଭୁ ପ୍ରସାଦ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।